# ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୭/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, August 27/2025 Page 14 ₹ 7.00

୫୧ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 272 ମୂଲ୍ୟ ₹୭/-


# ଆଜିଠୁ ଆଉ ୨୫% ଟାରିଫ୍

## ଭାରତର ୮୬.୫ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହେବ

**ଆମେରିକାରେ ବୁଧବାରଠାରୁ ପ୍ରବେଶ କରିବାକୁ ଥିବା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ ହେବାକୁ ଯାଉଛି। ୱାଶିଂଟନ ପକ୍ଷରୁ ଅତିରିକ୍ତ ଶୁଳ୍କ କାର୍ଯ୍ୟକାରିତାର ସବିଶେଷ ଯୋଜନା ସହ ଚିଠା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ଫଳରେ ଆମେରିକାକୁ ଭାରତର ୮୬.୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ରପ୍ତାନି ପ୍ରଭାବିତ ହେବା ଆକଳନ କରାଯାଉଛି। ଅଧିକ ଟାରିଫ୍ ଲାଗୁ ହେଲେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ମହଙ୍ଗା ହେବା ସହ ବଜାର ଶେୟାର ହ୍ରାସ ପାଇବ। ଫଳରେ ଭାରତର ଉତ୍ପାଦନ ଏବଂ ରପ୍ତାନି ସେକ୍ଟର କ୍ଷତିଗ୍ରସ୍ତ ହେବ। ବ୍ୟବସାୟ ଉପରେ ଏହାର କିଭଳି ପ୍ରଭାବ ପଡ଼ିବାକୁ ଯାଉଛି ଓ ପ୍ରତିକାର ଦିଗରେ ସରକାର ଆଗକୁ କ'ଣ ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅତିରିକ୍ତ ୨୫% ଟାରିଫ୍ ଲାଗୁ ହେବା ନେଇ ଆମେରିକା ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସର ୮୪୯.୩୭ ପଏଣ୍ଟ ହ୍ରାସ ପାଇ କାରବାର ଶେଷବେଳକୁ ଏହା ୮୦,୭୮୬.୫୪ରେ ପହଞ୍ଚିଥିଲା। ସେହିପରି ନିଫ୍ଟି୫୦ ୨୫୫.୭୦ ପଏଣ୍ଟ ନିମ୍ନଗାମୀ ହୋଇ ୨୪,୭୧୨.୦୫କୁ ଖସିଛି। ଏଥିଯୋଗୁ ନିବେଶକମାନେ ଦିନକରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।**



ଡୋନାଲ୍ଡ ଟ୍ରମ୍ପ

**୮୪୯ ପଏଣ୍ଟ ଖସିଲା ସେନ୍‌ସେକ୍ସ**

**୬ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ**

ୱାଶିଂଟନ/ନୂଆଦିଲ୍ଲୀ,୨୬।୮ (ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୭ରେ ୨୫% ଟାରିଫ୍ ଲଗାଇଥିବାବେଳେ ରୁଷିଆରୁ ଅଶୋଧିତ ତୈଳ ଏବଂ ସାମରିକ ସରଞ୍ଜାମ କିଣା ବନ୍ଦ ନ କଲେ ଅଗଷ୍ଟ ୨୭ରୁ ଅତିରିକ୍ତ ୨୫% ଶୁଳ୍କ ଲଗାଇବ ବୋଲି ଘୋଷଣା କରିଥିଲା। ଏହି ସମୟସୀମା ଶେଷ ହୋଇ ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲାଗୁ ହେବାକୁ ଯାଉଛି। ଆମେରିକା ସୀମାଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପୋଷାକ, ରତ୍ନ ଓ ଅଳଙ୍କାର, ଚମଡ଼ା, ମେସିନ୍ ଯନ୍ତ୍ରପାତି, ଆସବାବପତ୍ର, ସାମୁଦ୍ରିକ ସାମଗ୍ରୀକୁ ଅତିରିକ୍ତ ଟାରିଫ୍ ପରିସରଭୁକ୍ତ କରାଯାଇଛି। ଫଳରେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ପୋଷାକ, ଚମଡ଼ା ସାମଗ୍ରୀ, ରତ୍ନ ଓ ଅଳଙ୍କାର ତଥା ଚିଙ୍ଗୁଡ଼ି ଆଦି ଶ୍ରମଭିତ୍ତିକ ରପ୍ତାନି ସେକ୍ଟର ସର୍ବାଧିକ ପ୍ରଭାବିତ ହେବ। ଏହି ସେକ୍ଟରର ରପ୍ତାନି ୭୦% ହ୍ରାସ ପାଇବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଇସ୍ପାତ, ତମ୍ବା, ଆଲୁମିନିୟମ, ଔଷଧ, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଏସ୍‌ୟୁଭି, ସେଡାନ ଭଳି ଗାଡ଼ିକୁ ଟାରିଫ୍‌ରୁ ବାଦ୍ ଦିଆଯାଇଛି। ସ୍ଥାନୀୟ ସମୟ ଅଗଷ୍ଟ ୨୭ ତାରିଖ ୧୨.ଟା ୧ ମିନିଟ୍‌ରେ ବିଜ୍ଞପ୍ତି ଜାରି ହୋଇଥିବାବେଳେ ଏହା ପୂର୍ବରୁ ସାମଗ୍ରୀ ଜାହାଜରେ ଲୋଡ୍ ହୋଇ ଆମେରିକା ଅଭିମୁଖେ ବାହାରିଥିଲେ, ଏହା ଉପରେ ୫୦% ଟାରିଫ ଲାଗୁ ହେବ ନାହିଁ। ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଅତିରିକ୍ତ ଟାରିଫ୍ ଯୋଗୁ ୨୦୨୪ ବାଣିଜ୍ୟ ମୂଲ୍ୟ ଆଧାରରେ ଆମେରିକାକୁ ଭାରତର ୪୮.୨ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ☞ପୃଷ୍ଠା-୪

# ନୂଆଁଖାଇ ପରଦିନ ସରକାରୀ ଛୁଟି

ଭୁବନେଶ୍ୱର,୨୬।୮ (ସୁଚିସ୍ମିତା ସାହୁ)

ପ୍ରତିବର୍ଷ ପରି ଚଳିତବର୍ଷ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଦିନକୁ ସରକାରୀ ଛୁଟି ଘୋଷଣା କରାଯାଇଛି। ତେବେ ଚଳିତବର୍ଷ ପ୍ରଥମ ଥର ପାଇଁ ନୂଆଁଖାଇ ପରଦିନ ଅର୍ଥାତ୍ ଅଗଷ୍ଟ ୨୯ ତାରିଖକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ନୂଆଁଖାଇ ପରଦିନ ମଧ୍ୟ ପଶ୍ଚିମ ଓଡ଼ିଶାବାସୀ ନିଜ ଆତ୍ମୀୟସ୍ୱଜନଙ୍କୁ ଭେଟି 'ନୂଆଁଖାଇ ଜୁହାର' କରନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ଏହାକୁ ଦୃଷ୍ଟିରେ ରଖି ନୂଆଁଖାଇ ପରଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ରାଜସ୍ୱ ଏବଂ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ)ଛୁଟି ଘୋଷଣା କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପୁନର୍ବାର ଚିଲିକା










## ସଂକ୍ଷେପରେ

### ୪ ଥର ଟ୍ରମ୍ପଙ୍କ ଫୋନ୍ କଲ୍: କଥା ହେଲେନି ମୋଦି

**ନୂଆଦିଲ୍ଲୀ, ୨୬।୮**

ଭାରତୀୟ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଟାରିଫ୍ ଲଗାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ସମ୍ପର୍କ ଠିକ୍ ନ ଥିବା ନେଇ ଆଲୋଚନା ହୋଇଆସୁଛି। ଏହାରି ମଧ୍ୟରେ ଜର୍ମାନୀର ପ୍ରତିଷ୍ଠିତ ଖବରକାଗଜ ଫ୍ରାଙ୍କ୍‌ଫର୍ଟର ଆଲ୍‌ଗେମେଇନ୍ ଜେଇଟୁଙ୍ଗ (ଏଫ୍‌ଏଜେଡ୍) ପକ୍ଷରୁ ଏକ ବଡ଼ ଦାବି କରାଯାଇଛି। ଗତ କିଛି ସପ୍ତାହ ମଧ୍ୟରେ ମୋଦିଙ୍କ ସହ କଥା ହେବା ପାଇଁ ଟ୍ରମ୍ପ ୪ ଥର ଫୋନ୍ କଲ୍ କରିଥିବା ବେଳେ ପ୍ରତ୍ୟେକ ଥର ମୋଦି କଥା ହେବାକୁ ମନା କରିଦେଇଥିଲେ। ଆମେରିକାର ଟାରିଫ୍‌କୁ ନେଇ ଏହା ମୋଦିଙ୍କର କ୍ରୋଧକୁ ଦର୍ଶାଉଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ଟ୍ରମ୍ପ କେଉଁ କେଉଁ ତାରିଖରେ ମୋଦିଙ୍କୁ କଲ୍ କରିଥିଲେ ସେ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ନାହିଁ।

### ବନ୍ୟାପାଣିରେ ବୁଡ଼ି ପରିବାରର ୪ ମୃତ

**ବିଳାସପୁର, ୨୬।୮**


ଛତିଶଗଡ଼ର ବିଳାସପୁର ଜିଲାରେ ପ୍ରବଳ ବର୍ଷା ଯୋଗୁ ବନ୍ୟାଜଳରେ ବୁଡ଼ିଯାଇ ଗୋଟିଏ ପରିବାରର ୩ ପିଲାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଭଓ୍ୱାଁରଟଙ୍କର ମାର୍ହି ମାତା ମନ୍ଦିରକୁ ଦର୍ଶନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରାୟ ୪୦ ଜଣ ଲୋକ ଏକ ବସ୍‌ରେ ଯାଇଥିଲେ। ଦର୍ଶନ ସାରି ସେମାନେ ବସ୍ ନିକଟକୁ ଯିବା ଲାଗି ଏକ ଛୋଟ ନଦୀକୁ ପାର ହେଉଥିବାବେଳେ ପ୍ରବଳ ବର୍ଷା ଯୋଗୁ ହଠାତ୍ ବନ୍ୟା ଆସିଥିଲା। ଫଳରେ ପ୍ରଖର ସ୍ରୋତରେ ୪ ଜଣ ଭାସିଯାଇଥିଲେ ବୋଲି ପୋଲିସ କହିଛି। ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ(ଏସ୍‌ଡିଆର୍‌ଏଫ୍) ଏବଂ ପୋଲିସ୍ ସାମିଲ ହୋଇଥିବାବେଳେ ବିଳମ୍ବିତ ରାତିରେ ୩ ପିଲାଙ୍କ ମୃତଦେହ ମିଳିଥିଲା। ମଙ୍ଗଳବାର ସକାଳେ ଅନ୍ୟଜଣକ ମୃତଦେହ ଠାବ କରାଯାଇଛି।

### ଶାହରୁଖ, ଦୀପିକାଙ୍କ ନାଁରେ ମାମଲା

**ଭରତପୁର, ୨୬।୮**

ରାଜସ୍ଥାନର ଭରତପୁରରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍, ଅଭିନେତ୍ରୀ ଦୀପିକା ପାଦୁକୋନ ଏବଂ ହ୍ୟୁଣ୍ଡାଇ କମ୍ପାନୀର ୬ ଜଣଙ୍କ ବିରୋଧରେ ଠକେଇ ମାମଲା ରୁଜୁ ହୋଇଛି। ସ୍ଥାନୀୟ ନିବାସୀ କୀର୍ତ୍ତି ସିଂଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ମାମଲା ରୁଜୁ କରିଛି। ହ୍ୟୁଣ୍ଡାଇ ପକ୍ଷରୁ ଏକ ନିର୍ମାଣଜନିତ ତ୍ରୁଟି ଥିବା କାର୍ ତାଙ୍କୁ ବିକ୍ରି କରାଯାଇଥିବା କୀର୍ତ୍ତି ଅଭିଯୋଗ କରିଛନ୍ତି। ତାଙ୍କ କାର୍‌ରେ ପ୍ରଥମ ଦିନରୁ ହିଁ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ବାରମ୍ବାର ଜଣାଇବା ସତ୍ତ୍ୱେ କମ୍ପାନୀ ତାଙ୍କ ଅଭିଯୋଗକୁ ଶୁଣି ନ ଥିଲା ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଉଭୟ ଶାହରୁଖ୍ ଏବଂ ଦୀପିକା ହ୍ୟୁଣ୍ଡାଇ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ହ୍ୟୁଣ୍ଡାଇ କାର୍ କିଣିବା ପାଇଁ ଉଭୟେ କରିଥିବା ବିଜ୍ଞାପନରୁ ପ୍ରଭାବିତ ହୋଇ ସେ କାର୍ କିଣିଥିଲେ ବୋଲି କୀର୍ତ୍ତି କହିଛନ୍ତି।

## ଦିଲ୍ଲୀରେ ଆଜି



ତାମିଲନାଡୁ ଅଲ୍ ଫାର୍ମର୍ସ ଆସୋସିଏଶନ କୋ-ଅର୍ଡିନେଶନ କମିଟି ବ୍ୟାନରରେ ଅନେକ ଚାଷୀ ସେମାନଙ୍କର ବିଭିନ୍ନ ଦୀର୍ଘକାଳୀନ ଦାବିକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି। (ଫଟୋ-ଚମନ ଗୌତମ)

# ଜମ୍ମୁରେ ପ୍ରବଳ ବର୍ଷା, ଭୂସ୍ଖଳନ: ୧୦ ମୃତ

**ଜମ୍ମୁ, ୨୬।୮**

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ପ୍ରବଳ ବର୍ଷା ଯୋଗୁ ବୈଷ୍ଣୋଦେବୀ ମନ୍ଦିରକୁ ଯିବା ରାସ୍ତାରେ ଭୂସ୍ଖଳନ ଘଟି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ମୋଟ ୧୦ ଜଣଙ୍କ ଜୀବନ ଯାଇଛି। ଏଥିସହିତ ଅନେକେ ଆହତ ହୋଇଛନ୍ତି। ଭୂସ୍ଖଳନ ଯୋଗୁ ବୈଷ୍ଣୋଦେବୀ ଯାତ୍ରା ବନ୍ଦ ରହିଛି। ଅଧକ୍ୱାରିର ଇନ୍ଦ୍ରପ୍ରସ୍ଥ ଭୋଜନାଳୟ ନିକଟରେ ଆଉ ଏକ ଭୂସ୍ଖଳନ ଯୋଗୁ କେତେଜଣ ଆହତ ହୋଇଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ବହୁ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଘର ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହଠାତ୍ ବନ୍ୟାଜଳ ମାଡ଼ିଆସିବାରୁ ଅନ୍ୟ ୨ ଜଣଙ୍କ ମୃତ୍ୟୁ ଘଟିଛି। ଲୋକମାନଙ୍କୁ ନଦୀକୂଳଠାରୁ ଦୂରରେ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି।

ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ପଥର ଖସିବା ଯୋଗୁ ଡୋଡା ଓ କିସ୍ତୱାରକୁ ସଂଯୋଗ କରୁଥିବା ୨୪୪ ନମ୍ବର ରାଜପଥ ଅବରୋଧ ହୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ମଙ୍ଗଳବାର କଟ୍ରା, ଉଧାମପୁର ଏବଂ ଜମ୍ମୁ ରେଳଷ୍ଟେଶନରୁ ୧୮ଟି ଟ୍ରେନ୍‌କୁ

**ରାଜପଥ ଅବରୋଧ, ୧୮ ଟ୍ରେନ୍ ବାତିଲ, ଇଣ୍ଟରନେଟ୍ ସେବା ବନ୍ଦ**

ବାତିଲ କରିଦିଆଯାଇଛି। ସୋମବାର ରାତିରେ ଜମ୍ମୁ ଅଞ୍ଚଳରେ ବହୁ ଦଶନ୍ଧି ମଧ୍ୟରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷାରୁ ଅନେକ ବ୍ରିଜ୍ ଧୋଇଯିବା ସହ ସଡ଼କ ସଂଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ବହୁ ଅଞ୍ଚଳ ବାହ୍ୟଜଗତରୁ ଅଲଗା ହୋଇଯାଇଛି। ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଅନେକ ପାହାଡ଼ିଆ ରାସ୍ତା ଅବରୋଧ ହୋଇଛି। ପ୍ରବଳ ବର୍ଷାରେ ଅପ୍ଟିକାଲ ଫାଇବର କ୍ଷତିଗ୍ରସ୍ତ ହୋଇଥିବାରୁ ମଙ୍ଗଳବାର ଜମ୍ମୁ-କଶ୍ମୀର ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଛି। ତ୍ରୁଟି ଠାବକରି ସୁଧାରିବାକୁ ଟେକ୍‌ନିକାଲ ଟିମ୍ ପଠାଯାଇଛି।

ତୱି ଏବଂ ରାବି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। କଠୁଆର ବିଭିନ୍ନ ସ୍ଥାନରେ ରାବି ନଦୀ ଉଚ୍ଛୁଳି ଖାଲୁଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। କଶ୍ମୀର ଉପତ୍ୟକାକୁ କିସ୍ତୱାର ଜିଲା ସହ ସଂଯୋଗ କରୁଥିବା ସିନ୍ଥନ ଟପ୍ ଗିରିପଥ ବନ୍ଦ ହୋଇଯାଇଛି। ରମ୍ବାନ ଜିଲାରେ ପଥର ଖଣ୍ଡ ଖସି ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥ ଅବରୋଧ ରହିଛି। ସେହିପରି ଜୋଜିଲା ପାସ୍‌ରେ ପ୍ରବଳ ତୁଷାରପାତ ଯୋଗୁ ଶ୍ରୀନଗର-ଲେହ ଜାତୀୟ ରାଜପଥ ବନ୍ଦ ରହିଛି। ପ୍ରଭାବିତ ଜିଲାଗୁଡ଼ିକ ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯିବା ସହ ପ୍ରଶାସନକୁ ହାଇ ଆଲର୍ଟରେ ରଖାଯାଇଛି। ଜମ୍ମୁର ଅନେକ ଅଞ୍ଚଳରେ ସ୍ଥିତି ସଙ୍ଗିନ୍ ରହିଥିବା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି।

### ହିମାଚଳରେ ପୋଲ ଭାଙ୍ଗିଲା, ରେଷ୍ଟୁରାଣ୍ଟ ଭାସିଗଲା



**ଶିମ୍ଳା, ୨୬।୮**

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ବିଭିନ୍ନ ନଦୀରେ ବନ୍ୟା ଆସିଛି। ଫଳରେ ବହୁ ସ୍ଥାନରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କିରଟପୁର-ମନାଲି ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବାବେଳେ କେତେକ ରାସ୍ତା ଧୋଇଯାଇଛି। ମନାଲିରେ ଏକ ରେଷ୍ଟୁରାଣ୍ଟ ବନ୍ୟାପାଣିରେ ଭାସିଯାଇଥିବାବେଳେ ମଣ୍ଡି ଅଞ୍ଚଳରେ ଲୋକଙ୍କୁ ପାଣିଘେରରୁ ଉଦ୍ଧାର କରାଯାଇଛି। ଲହଉଲ୍ ଏବଂ ସ୍ପିଟିକୁ ବାଦ୍ ଦେଲେ ହିମାଚଳପ୍ରଦେଶର ଅନ୍ୟ ସବୁ ଜିଲାରେ ରବିବାର ରାତିରୁ ବର୍ଷା ଲାଗିରହିଛି। ଫଳରେ ଚାମ୍ବା, କାଙ୍ଗ୍ରା, ଉନା, ଲହଉଲ୍ ଏବଂ ସ୍ପିଟିରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ମଣ୍ଡି ଜିଲାର ଦ୍ୱାଡା ଏବଂ ଝଲୋଗିରେ ଭୂସ୍ଖଳନ ପରେ କିରଟପୁର-ମନାଲି ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ ଅବରୋଧ ହୋଇଛି। ବ୍ୟାସ ନଦୀରେ ବନ୍ୟା ଯୋଗୁ ମନାଲି ନିକଟ ବିନ୍ଦୁ ଧାଙ୍କଠାରେ ରାଜପଥର ଏକ ବଡ଼ ଭାଗ ଧୋଇଯାଇଛି। ଫଳରେ ମଣ୍ଡି ଏବଂ ମନାଲି ମଧ୍ୟରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

### ଆମେରିକାରେ ୬ ଲକ୍ଷ ଚାଇନା ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଅନୁମତି

**ୱାଶିଂଟନ, ୨୬।୮**

ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉପରେ ଆମେରିକା ପ୍ରଶାସନର କଟକଣା ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୬ ଲକ୍ଷ ଚାଇନା ଛାତ୍ରୀଛାତ୍ରଙ୍କ ପାଇଁ ତାଙ୍କ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକର ଦ୍ୱାର ଖୋଲିଦେଇଛନ୍ତି। ୱାଶିଂଟନ ଏବଂ ବେଜିଂ ମଧ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିବା ଟ୍ରମ୍ପ କହିଥିବାବେଳେ ତାଙ୍କ ପ୍ରଶାସନର 'ଆମେରିକା ଫାଷ୍ଟ' ନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ଚାଇନା ଛାତ୍ରୀଛାତ୍ରଙ୍କ ସମେତ ଚାଇନା କମ୍ୟୁନିଷ୍ଟ ପାର୍ଟି ସହ ସମ୍ପୃକ୍ତ ସମସ୍ତଙ୍କ ଭିଜା ରଦ୍ଦ କରିବାକୁ ପୂର୍ବରୁ ଟ୍ରମ୍ପ ପ୍ରଶାସନ ଦୃଢ଼ୋକ୍ତି କରିଥିଲା। ଆମେ ସେମାନଙ୍କ ଛାତ୍ରୀଛାତ୍ରଙ୍କୁ ଅନୁମତି ଦେବାକୁ ଯାଉଛୁ, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଚାଇନା ସହ ରହିବାକୁ ଚାହୁଁଛୁ ବୋଲି ଟ୍ରମ୍ପ ଖବରଦାତାମାନଙ୍କୁ କହିଛନ୍ତି। ତେବେ ବେଜିଂ ୱାଶିଂଟନକୁ ଯଦି ରେଆର ଆର୍ଥ ମ୍ୟାଗ୍ନେଟ ନ ଦିଏ, ତେବେ ୨୦୦ ପ୍ରତିଶତ ଟାରିଫ୍‌ର ସମ୍ମୁଖୀନ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

### ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘରେ ଇଡି ରେଡ୍




**ନୂଆଦିଲ୍ଲୀ, ୨୬।୮**

ଏକ ହସ୍ପିଟାଲ ନିର୍ମାଣ ଦୁର୍ନୀତି ମାମଲାରେ ଅର୍ଥ ହେର୍‌ଫେର ଅଭିଯୋଗରେ ଆମ୍ ଆଦମୀ ପାର୍ଟି(ଆପ୍) ନେତା ସୌରଭ ଭରଦ୍ୱାଜଙ୍କ ଘରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ଇଡି ପକ୍ଷରୁ ସୌରଭଙ୍କ ୧୩ ଠିକଣାରେ ଏକକାଳୀନ ସର୍ଚ୍ଚ ଅପରେଶନ କରାଯାଇଛି। ପ୍ରକାଶ ଯେ, ୨୦୧୮-୧୯ରେ ୨୪ ହସ୍ପିଟାଲ ନିର୍ମାଣ ପାଇଁ ତତ୍କାଳୀନ ଦିଲ୍ଲୀ ସରକାର ୫,୫୯୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ତେବେ ଏହି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ୨୦୨୪ ଅଗଷ୍ଟରେ ଭାଜପା ନେତା ବିଜେନ୍ଦର ଗୁପ୍ତା ଅଭିଯୋଗ କରିଥିଲେ।

## ସ୍ୱଦେଶୀ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

**ଅହମଦାବାଦ, ୨୬।୮(ପି.ଟି.)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଦିନକ ପୂର୍ବରୁ ସ୍ୱଦେଶୀ ଏବଂ ମେକ୍ ଇନ୍ ଇଣ୍ଡିଆ ଉପରେ ଜୋର୍ ଦେଇଛନ୍ତି। ଏହା ଦେଶରେ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଛନ୍ତି। ସ୍ୱଦେଶୀ ପ୍ରତ୍ୟେକଙ୍କ ଜୀବନର ମନ୍ତ୍ରୀ ହେବା ଆବଶ୍ୟକ। ଜାପାନର ସୁଜୁକି ମୋଟର କର୍ପୋରେଶନ ଆଗାମୀ ୫ରୁ ୬ ବର୍ଷ ମଧ୍ୟରେ ଭାରତରେ ୭୦,୦୦୦ କୋଟି ଟଙ୍କା ନିବେଶ କରିବା ପାଇଁ ମଙ୍ଗଳବାର ପ୍ରତିଶ୍ରୁତି ଦେଇଥିବାବେଳେ ଘରୋଇ ଉତ୍ପାଦନରେ ପୁଞ୍ଜିନିବେଶକୁ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଗୁଜରାଟର ହଂସଲପୁର କାରଖାନାରୁ ମାରୁତି ସୁଜୁକିର ପ୍ରଥମ ବିଦ୍ୟୁତ୍‌ଚାଳିତ କାର୍ ଇ-ଭିଟାରାର ରପ୍ତାନିକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ସେଠାରୁ ଶତାଧିକ ଦେଶକୁ ଏହି ଯାନ ରପ୍ତାନି ହେବାକୁ ଯାଉଛି। ଏହା ବ୍ୟତୀତ ହାଇବ୍ରିଡ୍ ଇଲେକ୍ଟ୍ରିକ୍ କାର୍ ପାଇଁ ଲିଥିୟମ୍-ଆୟନ ବ୍ୟାଟେରି, ସେଲ୍ ଓ ଇଲେକ୍ଟ୍ରୋଡ୍ ଉତ୍ପାଦନ ୟୁନିଟ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

## ନୌସେନାରେ ୨ ଯୁଦ୍ଧଜାହାଜ ସାମିଲ

**ବିଶାଖାପାଟଣା, ୨୬।୮**



ଭାରତୀୟ ନୌସେନାରେ ମଙ୍ଗଳବାର ଏକସଙ୍ଗେ ୨ଟି ଯୁଦ୍ଧଜାହାଜ ସାମିଲ ହୋଇଛି। ଦେଶର ସାମୁଦ୍ରିକ ଆକ୍ରମଣ କ୍ଷମତା ବଢ଼ାଇବାରେ ଏହା ସହାୟକ ହେବ। ୮ଟି ବ୍ରହ୍ମୋସ ମିଶାଇଲ୍‌ରେ ସଜ୍ଜିତ ଆଇଏନ୍‌ଏସ୍ ଉଦୟଗିରି ଏବଂ ଆଇଏନ୍‌ଏସ୍ ହିମଗିରିକୁ ନୌସେନାରେ ସାମିଲ କରାଯାଇଛି। ସ୍ୱଦେଶରେ ନିର୍ମିତ ଉଭୟ ଯୁଦ୍ଧଜାହାଜରେ ଅତ୍ୟାଧୁନିକ ଅସ୍ତ୍ର ଓ ସେନ୍ସର ସମେତ ବିଭିନ୍ନ ବୈଶିଷ୍ଟ୍ୟ ରହିଛି। ନୌସେନାର ଇଷ୍ଟର୍ନ ନାଭାଲ କମାଣ୍ଡଠାରେ ଅନୁଷ୍ଠିତ କମିଶନିଂ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। ଦେଶର ଦୁଇଟି ଅଲଗା ଶିପ୍‌ୟାର୍ଡରେ ନିର୍ମିତ ୨ ଯୁଦ୍ଧଜାହାଜକୁ ଏକସଙ୍ଗେ ନୌସେନାରେ ସାମିଲ କରାଯିବା ପ୍ରଥମ ଘଟଣା। ଏଗୁଡ଼ିକ ଅତ୍ୟାଧୁନିକ ଯୁଦ୍ଧଜାହାଜ ଯାହା ସମୁଦ୍ରରେ ଅନେକ ଜଟିଳ ତଥା ବିପଦପୂର୍ଣ୍ଣ ଅଭିଯାନରେ ଗେମ୍ ଚେଞ୍ଜର ପ୍ରମାଣିତ ହେବ ବୋଲି ରାଜନାଥ କହିଛନ୍ତି। ଆଇଏନ୍‌ଏସ୍ ଉଦୟଗିରି ନୌସେନାର ୱାରଶିପ୍ ଡିଜାଇନ୍ ବ୍ୟୁରୋ(ଡବ୍ଲ୍ୟୁଡିବି) ଦ୍ୱାରା ଡିଜାଇନ୍ ହୋଇଥିବା ୧୦୦ତମ ଜାହାଜ। ସ୍ୱଦେଶୀ ଯୁଦ୍ଧଜାହାଜ ଡିଜାଇନର ୫ ଦଶନ୍ଧି ମଧ୍ୟରେ ଏହା ଏକ ବଡ଼ ସଫଳତା। ପ୍ରୋଜେକ୍ଟ ୧୭ଏ ଷ୍ଟିଲ୍‌ଥ ଫ୍ରିଗେଟରେ ଉଦୟଗିରି ଦ୍ୱିତୀୟ ଜାହାଜ। ମୁମ୍ବାଇର ମାଜାଗାଁଓ ଡକ୍ ଶିପ୍‌ବିଲ୍ଡର୍ସ ଲିଃ (ଏମ୍‌ଡିଏଲ୍) ଏହାକୁ ନିର୍ମାଣ କରିଛି। ସେହିପରି ହିମଗିରି କୋଲକାତାର ଗାର୍ଡେନ ରିଚ୍ ଶିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିର୍ସ ଦ୍ୱାରା ନିର୍ମିତ ପି୧୭ଏ'ର ପ୍ରଥମ ଜାହାଜ।

## ଫୁର୍‌ସତ୍

## ସେଲ୍‌ଫି ପାଇଁ ଭାରତ ସବୁଠୁ ବିପଦପୂର୍ଣ୍ଣ

**ୱାଶିଂଟନ୍**



ସେଲ୍‌ଫି ନେବା ଅନେକବାର ଘାତକ ସାବ୍ୟସ୍ତ ହୋଇଥାଏ। ସାମ୍ପ୍ରତିକ ସ୍ଥିତିରେ ସେଲ୍‌ଫି ଦୁର୍ଘଟଣା ଏବଂ ଏହା ଜନିତ ମୃତ୍ୟୁ ମାମଲା ବଢ଼ିବାରେ ଲାଗିଛି। 'ଦି ବାର୍ବର ଲ' ନାମକ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ସେଲ୍‌ଫିଜନିତ ସର୍ବାଧିକ ଦୁର୍ଘଟଣା ଘଟୁଛି। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ରିପୋର୍ଟରେ ଗବେଷକମାନେ ୨୦୧୪ ମାର୍ଚ୍ଚରୁ ୨୦୨୫ ମେ' ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ବିଭିନ୍ନ ସେଲ୍‌ଫି ସମ୍ବନ୍ଧୀୟ ଦୁର୍ଘଟଣାକୁ ନେଇ ଅଧ୍ୟୟନ କରିଛନ୍ତି। ସେଲ୍‌ଫି ନେଉଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ଆହତ ମାମଲାଗୁଡ଼ିକୁ ଗବେଷକମାନେ ବିଚାରକୁ ନେଇଥିଲେ। ଅଧ୍ୟୟନ ଅନୁଯାୟୀ, ସେଲ୍‌ଫି ପାଇଁ ଭାରତ ସବୁଠାରୁ ବିପଦପୂର୍ଣ୍ଣ ଦେଶ। ବିଶ୍ୱବ୍ୟାପୀ ଘଟିଥିବା ସେଲ୍‌ଫି ସମ୍ବନ୍ଧୀୟ ସମୁଦାୟ ଦୁର୍ଘଟଣା ମଧ୍ୟରୁ କେବଳ ୪୨.୧% ଭାରତରେ ହୋଇଥିବା ରିପୋର୍ଟରେ କୁହାଯାଇଛି। ଭାରତରେ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୨୭୧ଟି ସେଲ୍‌ଫି ସମ୍ବନ୍ଧୀୟ ଦୁର୍ଘଟଣା ଘଟି ୨୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୭ ଆହତ ହୋଇଛନ୍ତି। ୪୫ଟି ସେଲ୍‌ଫି ସମ୍ବନ୍ଧୀୟ ଦୁର୍ଘଟଣା ସହ ଆମେରିକା ଦ୍ୱିତୀୟ ସବୁଠାରୁ ବିପଦପୂର୍ଣ୍ଣ ଦେଶ। ସେଠାରେ ସେଲ୍‌ଫି ନେବାବେଳେ ୩୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଆହତ ହୋଇଛନ୍ତି। ତାଲିକାର ତୃତୀୟ ସ୍ଥାନରେ ରୁଷିଆ, ଚତୁର୍ଥ ସ୍ଥାନରେ ପାକିସ୍ତାନ ଏବଂ ପଞ୍ଚମ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି। ସେହିପରି ଇଣ୍ଡୋନେସିଆ, କେନିଆ, ବ୍ରିଟେନ୍, ସ୍ପେନ୍ ଏବଂ ବ୍ରାଜିଲ ମଧ୍ୟ ସେଲ୍‌ଫି ପାଇଁ ବିଶ୍ୱର ୧୦ ବିପଦପୂର୍ଣ୍ଣ ଦେଶ ମଧ୍ୟରେ ରହିଛନ୍ତି। ସୋସିଆଲ ମିଡିଆରେ ପ୍ରସିଦ୍ଧି ଲାଭ କରିବା ଉଦ୍ଦେଶ୍ୟରେ ଯୁବପିଢ଼ି ନିଜ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ନେଉଛନ୍ତି। ଏହା ଏକ ଚିନ୍ତାଜନକ ଧାରାକୁ ଦର୍ଶାଉଥିବା ନେଇ 'ଦି ବାର୍ବର ଲ'ର ପ୍ରତିଷ୍ଠାତା କ୍ରିଷ୍ଟୋଫର ବାର୍ବର କହିଛନ୍ତି।

## ଝିଅକୁ ବଲିଉଡ୍‌ରୁ ଦୂରେଇ ରଖିବେ କାଜୋଲ

**ମୁମ୍ବାଇ**

ବଲିଉଡ୍‌ର ତାରକା ଦମ୍ପତି ଅଭିନେତ୍ରୀ କାଜୋଲ ଓ ଅଭିନେତା ଅଜୟ ଦେବଗନ୍‌ଙ୍କ ଝିଅ ନ୍ୟାସା ଦେବଗନ (୨୨) ବଲିଉଡ୍‌ରେ କ୍ୟାରିୟର କରିବେ ନାହିଁ। ସୋମବାର ଏକ ସାକ୍ଷାତ୍କାର ଦେଇ କାଜୋଲ କହିଛନ୍ତି, ଝିଅ ନ୍ୟାସା ବଲିଉଡ୍‌ରୁ ଦୂରେଇ ରହିବେ। ଯେତେବେଳେ କୌଣସି ନବାଗତ କଳାକାର ଫିଲ୍ମ ଜଗତରେ ପ୍ରବେଶ କରନ୍ତି, ତାଙ୍କୁ ଅନେକ ପରୀକ୍ଷାର ସାମ୍ନା କରିବାକୁ ପଡ଼ିଥାଏ। ନବାଗତ କୌଣସି ଲୋକପ୍ରିୟ ଅଭିନେତ୍ରୀ କିମ୍ବା ଅଭିନେତାଙ୍କ ସନ୍ତାନ ହୋଇଥିଲେ ପରୀକ୍ଷା ଆହୁରି କଷ୍ଟସାଧ ହୋଇଥାଏ। ବଲିଉଡ୍‌ରେ ପ୍ରବେଶ କଲେ ନ୍ୟାସାଙ୍କ ପ୍ରଦର୍ଶନକୁ ତାଙ୍କ ମା'ବାପାଙ୍କ ପ୍ରଦର୍ଶନ ସହ ତୁଳନା କରାଯିବ। ପ୍ରଦର୍ଶନ ସନ୍ତୋଷଜନକ ନ ହେଲେ ନେପୋ କିଡ୍, ନେପୋ ବେବି ନାମରେ ଟ୍ରୋଲ୍‌ର ଶିକାର ହେବାକୁ ପଡ଼ିବ। ଜଣେ ମା' ଭାବେ ସେ ଏସବୁକୁ ପ୍ରଶ୍ରୟ ଦେବେ ନାହିଁ ବୋଲି କାଜୋଲ କହିଛନ୍ତି।


ଝିଅ ନ୍ୟାସାଙ୍କ ସହ କାଜୋଲ।

# ଏବେ 'ଆମ ଶାସନ'

## ରାଜ୍ୟବାସୀଙ୍କ ମତାମତରେ ନୀତି ନିର୍ଦ୍ଧାରଣ: ମୁଖ୍ୟମନ୍ତ୍ରୀ

**ଓଡ଼ିଶାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି 'ଆମ ଶାସନ'। ପ୍ରତ୍ୟେକ ନାଗରିକଙ୍କ ହାତପାହାନ୍ତାରେ ସରକାରୀ ସୁବିଧା, ଯୋଜନାଗୁଡ଼ିକର ଲାଭ ଓ ସେବା ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଲୋକାର୍ପଣ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାମାଜିକ ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସରକାରୀ ଯୋଜନା ଓ ସେଗୁଡ଼ିକର ଲାଭ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ www.amashasana.odisha.gov.in ପୋର୍ଟାଲର ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ରାଜ୍ୟବାସୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ରୂପାୟନ ଉପରେ ମତାମତ ଦେବେ। ସରକାର ଓ ନାଗରିକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ ସକାଶେ ଉକ୍ତ ଯୋଜନାରେ ଟୋଲ୍‌ଫ୍ରି ହେଲ୍‌ପଲାଇନ୍ ନଂ.୧୪୪୭୧ ଓ ହ୍ୱାଟ୍ସଆପ୍ ନଂ.+୯୧-୭୪୦୦୨୨୧୯୦୩ ଭଳି ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯୋଜନାର ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ଜଣେ ଛାତ୍ରୀଙ୍କ ସମେତ ୩ ଜଣ ବ୍ୟକ୍ତିଙ୍କ ସହ ଫୋନ୍‌ରେ ଭାବବିନିମୟ କରି ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ମତାମତ ଲୋଡ଼ିଥିଲେ। ଏହି ଅବସରରେ 'ମୁଁ ରାଜ୍ୟର ମୁଖ୍ୟ ସେବକ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**




ଭୁବନେଶ୍ୱର,୨୬।୮ (ରବିନାରାୟଣ ଜେନା)

ସରକାରରେ ଲୋକେ ସର୍ବେସର୍ବା। ତାଙ୍କୁ ଆଉ କେହି ଠକି, ଭଣ୍ଡିପାରିବେ ନାହିଁ। ସରକାର ଓ ଲୋକଙ୍କ ମଧ୍ୟରେ ଯେଭଳି କେହି ପ୍ରାଚୀର ନ ହେବେ ସେଥିପାଇଁ 'ଆମ ଶାସନ' ପ୍ରଣୟନ କରାଯାଉଛି। ଏହା ମାଧ୍ୟମରେ ଲୋକେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସିଧାସଳଖ ତାଙ୍କର ମତାମତ ଦେଇପାରିବେ। ଆବଶ୍ୟକସ୍ଥଳେ ତାଙ୍କର ମତାମତକୁ ଗୁରୁତ୍ୱ ଦେଇ ସରକାର ଯୋଜନାରେ ସୁଧାର ଆଣିବେ, ଯଦ୍ୱାରା ଲୋକେ ଏବଂ ସରକାରଙ୍କ ମଧ୍ୟରେ ବ୍ୟବଧାନ କମିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ଲୋକସେବା ଭବନର ତୃତୀୟ ମହଲା ସଭାକକ୍ଷରେ 'ଆମ ଶାସନ'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ, ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କେନ୍ଦ୍ରିକ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ, 'ଆମ ଶାସନ' ହେଉଛି ଆଧୁନିକ ଟେକ୍ନୋଲୋଜି ଉପଯୋଗରେ ପ୍ରସ୍ତୁତ ହୋଇଥିବା ଏକ ଅତ୍ୟାଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ। ୱେବ୍‌ସାଇଟ୍ ଚାଟ୍ ବଟ୍, ହ୍ୱାଟ୍ସଆପ୍ ଚାଟ୍ ଓ ନିଃଶୁଳ୍କ ନମ୍ବରରେ ଜନସାଧାରଣ ସେମାନଙ୍କ ମତାମତ ବା ପରାମର୍ଶ ଦେଇପାରିବେ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ କହିଥିଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣ ନୁହେଁ ଗଣ ମାନଙ୍କ ସେବାକୁ ନିଶ୍ଚିତ କରିବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେକ୍ନୋଲୋଜିର ବ୍ୟବହାର କରି ଦେଶରେ ଦୁର୍ନୀତିର ପ୍ରଭାବ କମ୍ କରିପାରିଛନ୍ତି। ଜନଧନ, ଆଧାର ଓ ମୋବାଇଲ (ଜିଏମ୍)ର ଉପଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଖକୁ ଟଙ୍କାଟିଏ ଗଲେ, ଲୋକେ ପୂରା ଟଙ୍କାଟିଏ ହିଁ ପାଉଛନ୍ତି। ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ନିଜକୁ 'ବସ୍' ବୋଲି ନ ଭାବି ଲୋକଙ୍କ ସେବକ ଭାବରେ କାମ କରୁଛୁ। ପ୍ରଧାନମନ୍ତ୍ରୀ ସବୁବେଳେ ନିଜକୁ ପ୍ରଧାନସେବକ ଭାବେ କାର୍ଯ୍ୟକରି ଆସୁଥିବାବେଳେ ମୁଁ ନିଜକୁ ମୁଖ୍ୟସେବକ ଭାବେ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଉଛି।

ସେ କହିଥିଲେ, ବର୍ତ୍ତମାନ ଅନ୍‌ଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। 'ଆମ ଶାସନ' କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସେଥିମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ଏଫ୍‌ଆଇଆର୍, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିଶନ ରହିଛି।

ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ମୁଙ୍ଗେ ଧାରୁଆ, ଜଗତ୍‌ସିଂହପୁରର ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଫକୀର ଦାସ, କନ୍ଧମାଳର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାର ହିତାଧିକାରୀ ଦଶମ ଶ୍ରେଣୀ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ଦେହୁରୀ ଏବଂ ବଲାଙ୍ଗୀରର ଆୟୁଷ୍ମାନ ବୟୋବନ୍ଦନା ହିତାଧିକାରୀ ଗିରୀଶ କୁମାର ସିଂଦେଓଙ୍କ ସହିତ ମୁଖ୍ୟମନ୍ତ୍ରୀ ଭାବବିନିମୟ କରି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ମତାମତ ନେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଲେ, ଲୋକଙ୍କୁ ସୁଶାସନ ଦେବା ପାଇଁ ସରକାର ଅହରହ ଉଦ୍ୟମ କରୁଛନ୍ତି। ସୁଶାସନ ଦିଗରେ ଲୋକଙ୍କ ସରକାରଙ୍କ ଏହା ଏକ ନୂଆ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଏବଂ ଓକାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରର ନୂଆ ପରିଚାଳନା କମିଟି ଗଠିତ

## ଗିରୀଶ ମୁର୍ମୁଙ୍କ ସମେତ ୧୦ ସଦସ୍ୟ

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ବର୍ଷକ ପରେ ନୂଆ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇଛି। ଚଳିତଥର ରାଜ୍ୟ ସରକାର ପରିଚାଳନା କମିଟି ଗଠନକରି ଅନେକ ନୂଆ ମୁହଁକୁ ସ୍ଥାନ ଦେଇଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନୂଆ କମିଟିରେ ୧୦ ଜଣ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ୧୦ ଜଣ ସଦସ୍ୟ ମଧ୍ୟରେ ୫ଜଣ ଭିନ୍ନ ଭିନ୍ନ ନିଯୋଗର ସେବାୟତ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇଛି। ଗଠନ ହୋଇଥିବା ପରିଚାଳନା କମିଟିରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ କମିଟିରେ ରାଜ୍ୟ ସରକାର ସ୍ଥାନ ଦେଇଛନ୍ତି। ଡ. ମହାପାତ୍ର ହେଉଛନ୍ତି ଶ୍ରୀମନ୍ଦିର ପୁରୋହିତ। ମହାପାତ୍ର ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ଏକ୍ଷେତ୍ରରେ ତାଙ୍କର ବେଶ୍ ଅଭିଜ୍ଞତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ସିଂହାରୀ ନିଯୋଗର ମଧୁସୂଦନ ସିଂହାରୀ, ପୂଜାପଣ୍ଡା ନିଯୋଗର ଜଗନ୍ନାଥ ପୂଜାପଣ୍ଡା, ଦଇତାପତି ନିଯୋଗର ଗଣେଶ ଦାସ ମହାପାତ୍ର, ପ୍ରତିହାରୀ ନିଯୋଗର ରାମନାରାୟଣ ଗୋଚ୍ଛିକାର, ସୁଆର ମହାସୁଆର ନିଯୋଗର କୃଷ୍ଣଚନ୍ଦ୍ର ସାମନ୍ତରାୟ ଓରଫ୍ ଟୁକୁ ନୂତନ ପରିଚାଳନା କମିଟିରେ ସ୍ଥାନ ପାଇଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ଭରସା କରି କମିଟିରେ ସ୍ଥାନ ଦେଇଥିବାରୁ



ନୂତନ ସଦସ୍ୟମାନେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ କମିଟିରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ହେଲେ ମଠ ତରଫରୁ ରଘୁବର ଦାସ ମହାରାଜ, ପୂର୍ବତନ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ଏବଂ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପ୍ରାନ୍ତର ଅଧ୍ୟକ୍ଷ ମହେଶ କୁମାର ସାହୁଙ୍କୁ ସ୍ଥାନ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ମାସରେ ପୂର୍ବ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା। ମାତ୍ର କିଛି କାରଣକୁ ନେଇ ପରିଚାଳନା କମିଟି ଗଠନରେ ବିଳମ୍ବ ହୋଇଥିଲା। ଅନେକଦିନର ଅପେକ୍ଷା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟିରେ ୧୦ ଜଣ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ପରିଚାଳନା କମିଟି ନ ଥିବାରୁ ଶ୍ରୀମନ୍ଦିର ସମ୍ପର୍କିତ ଅନେକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁ ନ ଥିବାବେଳେ ସମସ୍ୟା ମଧ୍ୟ ଦେଖାଯାଉଥିଲା। ନୂତନ ପରିଚାଳନା କମିଟି ଗଠନ ହେବା ପରେ ମହାପ୍ରଭୁଙ୍କ ନୀତିକାନ୍ତି ଠାରୁ ଆରମ୍ଭ କରି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ପର୍ଯ୍ୟନ୍ତ ପ୍ରକ୍ରିୟାଗୁଡ଼ିକୁ ସୁପରିଚାଳନାରେ ସହାୟକ ହେବ ବୋଲି ଆଶା କରାଯାଉଛି। ବିଶେଷକରି ରତ୍ନଭଣ୍ଡାରର ଆଗକୁ ଯେଉଁ କାମ ଅଛି, ସେ ସବୁକୁ ତ୍ୱରାନ୍ୱିତ କରାଯିବ। ଏଥିସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ଆଗାମୀ ଦିନରେ ହେବାକୁ ଥିବା ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା, ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସମାଧାନ, ସେବକଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ ଯୋଜନାର କ୍ରିୟାନ୍ୱୟନ, ମହାପ୍ରଭୁଙ୍କ ଜମିର ୟୁନିଫର୍ମ ପଲିସି, ଆର୍ଥିକ ସ୍ଥିତି ଖରାପ ଥିବା ସେବକଙ୍କ ପାଇଁ ବାସଗୃହ ଏଭଳି ଅନେକ କିଛି ପ୍ରସ୍ତାବ ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ଥାନ ପାଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ଅପରପକ୍ଷରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ବାରଣ, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ କଟକଣା, ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ପ୍ରବେଶ ଉପରେ କଟକଣା ପାଇଁ ପୂର୍ବ ନିଷ୍ପତ୍ତି ମୁତାବକ ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ପରିଚାଳନା କମିଟିରେ ଆଲୋଚନା କରାଯିବ ବୋଲି ନୂତନ ପରିଚାଳନା କମିଟିର ସଦସ୍ୟମାନେ କହିଛନ୍ତି। ପରିଚାଳନା କମିଟି ଗଠନ ପରେ ସେବାୟତଙ୍କ ଠାରୁ ଆରମ୍ଭକରି ଭକ୍ତଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି।

# ବନ୍ୟାରେ ଭାସିଗଲେ ରାଜମିସ୍ତ୍ରି

ଭୋଗରାଇ, ୨୬।୮ (ପ୍ରଦୀପ ଦାସ)

ସୁବର୍ଣ୍ଣରେଖା ବନ୍ୟାସ୍ରୋତରେ ଭାସିଯାଇ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଡଙ୍ଗ ପନ୍ଥେଇ ଗ୍ରାମର ରାଜମିସ୍ତ୍ରି ଅଚିନ୍ତ କୁମାର ପାତ୍ର(୪୪)ଙ୍କ ମୃତ୍ୟୁ ହୋଇଛି। ସୋମବାର ମଧ୍ୟାହ୍ନରେ ସେ ଘରକୁ ଫେରୁଥିବା ବେଳେ ବନ୍ୟାର ପ୍ରଖରସ୍ରୋତରେ ଭାସିଯାଇ ନିଖୋଜ ଥିଲେ। ମଙ୍ଗଳବାର ସକାଳେ ବନ୍ୟାପାଣି ପଶିଥିବା ଏକ ବିଲରେ ରାଜମିସ୍ତ୍ରିଙ୍କୁ ଭାସମାନ ଅବସ୍ଥାରେ ଓଡ୍ରାଫ ଟିମ୍ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

# ବଜ୍ରପାତରେ ନଣନ୍ଦ, ଭାଉଜ ସମେତ ୩ ମୃତ

ଛତ୍ରପୁର,୨୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଞ୍ଚଳରେ ମଙ୍ଗଳବାର ବଜ୍ରପାତରେ ନଣନ୍ଦ, ଭାଉଜଙ୍କ ସମେତ ୩ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ବିଲରେ କାମ କରୁଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ସରଭୀମପୁର ଗ୍ରାମ ନିକଟ ଚାଷଜମିରେ ଧାନତଳି ରୁଆ ଚାଲିଥିବା ବେଳେ ହଠାତ୍ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେଠାରେ କାମ କରୁଥିବା ମର୍ଦ୍ଦରାଜ ଗୌଡ଼ଙ୍କ ସ୍ତ୍ରୀ ପୁନି ଗୌଡ଼ (୫୧) ଓ ଭଉଣୀ ନିରୁପମା ଗୌଡ଼ (୪୬) ଟଳି ପଡ଼ିଥିଲେ। ଉଭୟଙ୍କୁ ବିପୁଲିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଛତ୍ରପୁର ପୋଲିସ ଓ ସ୍ଥାନୀୟ ଆର୍‌ଆଇ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ଗଞ୍ଜାମ ବ୍ଲକ ରାଉଳିବନ୍ଧ ଗାଁରେ ଚାଷଜମିରେ ବଜ୍ରପାତ ହେବାରୁ ମିନି ଗୌଡ଼ (୪୭)ଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଥାନା ପୋଲିସ ଏବଂ ମଲାଡ଼ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ୩ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ଖବର ଶୁଣି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ହସ୍ପିଟାଲରେ ପହଞ୍ଚି ମୃତା ମହିଳାମାନଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗଣେଶ ପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ସକାଳ ୭ଟା ୩୦ ।
- ଗଡ଼େଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ବୀର ସୁରେନ୍ଦ୍ରସାଏ ନଗର, ଗାଡ଼କଣ, ସମୟ: ସକାଳ ୭ଟା ୩୦ ।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗଣେଶ ପୂଜା, ସ୍ଥାନ: ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର ୧୮, ସମୟ: ସକାଳ ୭ଟା ୩୦ ।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗଣେଶ ପୂଜା, ସ୍ଥାନ: ଜୟଦେବ ବିହାର ଭୁବନେଶ୍ୱର ୧୫, ସମୟ: ସକାଳ ୮ଟା ।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗଣେଶ ପୂଜା , ସ୍ଥାନ: ନିଳାଦ୍ରି ବିହାର, ସମୟ: ସକାଳ ୯ଟା ।
- ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ଓମ୍ ପ୍ଲାଜା, ନନ୍ଦନ ବିହାର, ସମୟ: ସକାଳ ୯ ଟା ।
- ରବି ୨୦୨୫–୨୬ର ସିଏମ୍ ସହାୟତା ରାଶି ପ୍ରଦାନ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପ୍ୟାସନ୍ କ୍ଲବ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ପ୍ୟାସନ୍ କ୍ଲବ, ଏମ୍ଏଲ୍ଏ କଲୋନୀ, ୟୁନିଟ୍ ୪, ସମୟ: ଅପରାହ୍ନ, ୧ ଟା ।
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା ।

## କଟକ

- ମହାନଦୀ ବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଗଣେଶ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ପକ୍ଷରୁ ସିଏମ୍ କିଷାନ ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜଗତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ଖୋର୍ଦ୍ଧା

- ଶ୍ରୀ ଗଣେଶ ପୂଜା, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ଗୁରୁଜଙ୍ଗ ; ମା ତାରିଣୀ କ୍ଲବ, କୋଣାର୍କ ନଗର ; ଜିଲା ପ୍ରେସ୍ କ୍ଲବ, ଟିଏଲ୍ସି ରୋଡ, ସମୟ: ସକାଳ ୯ଟା ।
- ଶ୍ରୀ ଗଣେଶ ପୂଜା, ସ୍ଥାନ: ଶହୀଦ ଜୟୀରାଜଗୁରୁ କ୍ଲବ, ଗୁରୁଜଙ୍ଗ ହାଉସିଂବୋର୍ଡ ଛକ, ସମୟ: ପୂର୍ବାହ୍ନ ୧୧ଟା ।

## ବାଲେଶ୍ୱର

- ଗଣପତି ଦେବଙ୍କ ପୂଜା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦ ।
- ଶ୍ରୀଗଣେଶଙ୍କ ପୂଜୋତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହରିହର କଳା ବିକାଶ କେନ୍ଦ୍ର, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।

## ଭଦ୍ରକ

- ମୁଫତି ଆଜମଙ୍କ ୩୧ତମ ବାର୍ଷିକ ଉର୍ସ ଉତ୍ସବ, ସ୍ଥାନ: ମୀର୍ଜାପୁର ଖାନକା ହବିବିୟା କୁଦୁସିୟା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- କାଞ୍ଚନ, ଛୁଆ ଓ ପିଲା ଗଣେଶ ପୂଜା, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୧ଟା ।
- ବୁଢ଼ା, ଟୋକା ଗଣେଶ ପୂଜା, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୨ଟା ।

## କେନ୍ଦୁଝର

- ଗଣେଶ ପୂଜା, ସ୍ଥାନ: ବଡ଼ବିଲ ; କୋର୍ଟ ପରିସର, ସମୟ: ସକାଳ୯ ଟା ୧୫ । ସ୍ଥାନ: ଦ୍ରୌପଦୀ ଦେବୀ ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୯ ଟା ୩୦ । ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ ଟା ୩୦ । ସ୍ଥାନ: ସହିଦ ରତନ ପ୍ରଧାନ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୪୫ ।।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି ପ୍ରଥମ ପର୍ଯ୍ୟାୟ ଶାରିରୀକ ଫିଟନେସ ପରୀକ୍ଷା, ସ୍ଥାନ:ଷ୍ଟିଲ ଗୋଲେଇ, ବାରିପଦା,ସମୟ: ସକାଳ ୬ଟା ।
- ଶ୍ରୀ ଗଣେଶ ଦେବଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଉଦଳା ତୁଳସୀ ମାର୍କେଟ କମ୍ପ୍ଲେକ୍ସ, ସମୟ:ସକାଳ ୭ଟା ।
- ବାଲ୍ ଗଣେଶଙ୍କ ପୂଜା, ସ୍ଥାନ: ସ୍ୱରୂପ ନଗର, ବାରିପଦା,ସମୟ: ସକାଳ ୮ଟା ।
- ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଗଣେଶ ପୂଜା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ଟା ।
- ଗଣପତିଙ୍କ ପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୯ଟା ।
- ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା, ସ୍ଥାନ:ଚନ୍ଦନପୁର(ନୂତନ)ଆଶ୍ରମ ବିଦ୍ୟାଳୟ, ବଡ଼ସାହି, ସମୟ:ସକାଳ ୯ଟା ।
- ବିଘ୍ନନାଶକ ଗଣେଶଙ୍କ ପୂଜା, ସ୍ଥାନ: ବାଗୁଲି ଆଶ୍ରମ ବିଦ୍ୟାଳୟ, ବଡ଼ସାହି, ସମୟ: ସକାଳ ୯ଟା ।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ

- ସିଏମ୍ କିଷାନ ସହାୟତା ବଣ୍ଟନ, ସ୍ଥାନ: ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ ଗୃହ,ସମୟ: ପୂର୍ବାହ୍ନ ୧୧ଟା ।

## ଗଜପତି

- ରବି ଫସଲ ପାଇଁ କୃଷକ ସହାୟତା ବଣ୍ଟନ, ସ୍ଥାନ: ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଢେଙ୍କାନାଳ

- ଶ୍ରୀଶ୍ରୀ ଗଣେଶ ଚତୁର୍ଥୀ, ସ୍ଥାନ: ରାଇଜିଂଷ୍ଟାର କ୍ଲବ ପୂଜା ମଣ୍ଡପ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ସିଏମ୍ କିଶାନ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଶ୍ରୀଗଜାନନଙ୍କ ପୂଜା ଉତ୍ସବ, ସ୍ଥାନ: ବିକାଶ ୟୁଥ୍ କ୍ଲବ, ଖମାରସାହି, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା ।
- ୧୦ମ ନୃତ୍ୟାଙ୍ଗନା ସମ୍ମାନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା ।

## ଅନୁଗୋଳ

- ସିଏମ୍ କିଷାନ ସହାୟତା ବଣ୍ଟନ, ସ୍ଥାନ: ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗଣେଶ ପୂଜା, ସ୍ଥାନ: ବାଲିଝରା, ପାରାଦୀପ ସମୟ: ସକାଳ ୯ଟା ।
- ସି ଆଣ୍ଡ ଏଫ୍ ଭୀମଭୋଇ କଲୋନୀ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।
- ଦାରୁବ୍ରହ୍ମ କ୍ଲବ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ସିଏମ୍ କିଷାନ ସହାୟତା ବଣ୍ଟନ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନୀଳକଣ୍ଠପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀଗଣେଶ ପୂଜାସୋବ, ସ୍ଥାନ: ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ନୟାଗଡ଼

- ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୨ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଓ ଆଲୋଚନା ଚକ୍ର, ସ୍ଥାନ: ଶରଣକୁଳ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ , ସମୟ: ପୂର୍ବାହ୍ନ ୧୦ଟା ।
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ବ୍ଲକର ମଙ୍ଗରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୫ମ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ; ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ସପ୍ତମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା, ସ୍ଥାନ: ନୟାଗଡ଼ ବଜାର ଓଡ଼ଗାଁ ରୋଡ, ସମୟ: ପୂର୍ବାହ୍ନ ୧୦ଟା । ପାଲାର ପ୍ରଥମ ଥାକ, ସମୟ: ଅପରାହ୍ନ ୩ଟା ୩୦ । ପାଲାର ୨ୟ ଥାକ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ସିଦ୍ଧି ବିନାୟକ ମନ୍ଦିର, ଗୁଣପୁର, ସମୟ: ସକାଳ ୮ଟା ।
- ଗଣେଶ ଚତୁର୍ଥୀ ପାଳନ, ସ୍ଥାନ: ରାୟଗଡ଼ା ସହରର ବିଭିନ୍ନ କମିଟି ଏବଂ ଶିକ୍ଷାନୁଷ୍ଠାନ, ସମୟ: ସକାଳ ୯ ଟା ।
- ରବି ଫସଲ ୨୦୨୫–୨୬, ମୁଖ୍ୟମନ୍ତ୍ରୀ କିସାନ ସହାୟତା ବଣ୍ଟନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଘୁଙ୍ଗୁର କଳା ବିକାଶ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ସୌଣ୍ଡିକ ମଙ୍ଗଳ ଭବନ, ମୁନିଗୁଡା, ସମୟ: ଅପରାହ୍ନ ୪ଟା ।

## ନବରଙ୍ଗପୁର

- ଇଂଲିଶ ଭାଷାରେ ଦକ୍ଷତା ହାସଲ ପାଇଁ କର୍ମଶାଳା, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ଶିକ୍ଷା ସଦନ, ଓୟୁଏଟିରୁ କିଷାନ ସହାୟତା ବଣ୍ଟନର ସିଧା ପ୍ରସାରଣ, ସ୍ଥାନ : ମିଶନ ଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଚକାଛପର, ନବରଙ୍ଗପୁର, ସମୟ: ମଧ୍ୟାହ୍ନ ୧୨ ଟା ।

## କୋରାପୁଟ

- ଗଣେଶ ଚତୁର୍ଥୀ ପାଳନ, ସ୍ଥାନ: ଐତିହାସିକ ଗଣେଶ ମନ୍ଦିର, ନନ୍ଦପୁର, ସମୟ: ସକାଳ ୬ଟା ।
- ଗଣେଷ ଚତୁର୍ଥୀ ନେଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗଣେଶ ମନ୍ଦିର, ସୁନାରିସାହି, କୋରାପୁଟ, ସମୟ: ସକାଳ ୮ଟା ।
- ଗଣେଶ ପୂଜା ପାଳନ, ସ୍ଥାନ: ସୁନାବେଡା ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର, ଠିକା ସଂସ୍ଥା କାର୍ଯ୍ୟାଳୟ, ସେମିଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ଗଣେଶ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ମେଡିକାଲ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା ।
- ସିଏମ୍ କିଷାନ ଅର୍ଥ ପ୍ରଦାନ ସମାରୋହ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ।
- ବିଏସ୍‌ସି ନର୍ସିଂ କଲେଜରେ ଗଣେଶ ପୂଜା, ସ୍ଥାନ: ଅରବିନ୍ଦ ନଗରସ୍ଥିତ କଲେଜ ପରିସର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା ।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ସିଏମ କିଷାନ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ନୂଆଁଖାଇ ଉପଲକ୍ଷେ ସମଲେଇଙ୍କ ଆଭୂଷଣ ସଫେଇ ନୀତି, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା ।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ସଫେଇ ନୀତି, ସ୍ଥାନ : ଦାନିପାଲି ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଅନ୍ତିମ ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଗଣେଶ ପୂଜନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ୭ଟା ।
- ଗଣେଶ ପୂଜା ସ୍ଥାନ: ବଲାଙ୍ଗୀର ପବ୍ଲିକ ସ୍କୁଲ, ବଲାଙ୍ଗୀର, ସମୟ: ୯ଟା

## ରାଉରକେଲା

- ଗଜାନନ ପୂଜା, ସ୍ଥାନ: ବିଦ୍ୟାଷ୍ଟଡି ପଏଣ୍ଟ, ସମୟ: ପୂର୍ବାହ୍ନ ୧୦ଟା ।
- କରମା ପୂର୍ବସନ୍ଧ୍ୟା ଓ ସର୍ବଭାରତୀୟ ଆଦିବାସୀ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ସେକ୍ଟର–୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଗଜାନନ ପୂଜା, ସ୍ଥାନ: ଶକ୍ତିନଗର, ସମୟ: ପୂର୍ବାହ୍ନ ୧୧ଟା ।

## ସୁନ୍ଦରଗଡ଼

- ମୁଖ୍ୟମନ୍ତ୍ରୀ ସହାୟତା ରାଶି ବିତରଣ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀଗଣେଶଙ୍କ ପୂଜନୋତ୍ସବ, ସ୍ଥାନ: ହସ୍‌ପିଟାଲ ରୋଡ ପୂଜା କମିଟି ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା, ଆଳତୀ, ପ୍ରସାଦ ବଣ୍ଟନ ସନ୍ଧ୍ୟା ୭ଟା ।

## ବରଗଡ଼

- ଗଣେଶ ପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼,ସମୟ:ସକାଳ ୭ଟା ।
- ଗଣେଶ ପୂଜନ ଉତ୍ସବ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାଇସିଲେଟ,ସମୟ: ସକାଳ ୮ଟା ।
- ନୂଆଖାଇ ଜୋଟଜାଟ,ସ୍ଥାନ: ବଗେଇବିରା ତନ୍ତଶାଳା, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ସି. ଏମ୍ କିଷାନ ସହାୟତା ବଣ୍ଟନ ସମାରୋହ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା ୩୦ ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗ୍ରୀଞ୍ଜାଲ, ସୋହେଲା,ସମୟ: ଅପରାହ୍ନ ୩ଟା ।

## କଳାହାଣ୍ଡି

- ଭାଜପା ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ, ସ୍ଥାନ: ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଭାଜପାର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଧର୍ମଗଡ଼ କାଶିବାହାଲ, ସମୟ: ମଧ୍ୟାହ୍ନ ୧୨ଟା ।

## ବୌଦ୍ଧ

- ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ସହାୟତା ବଣ୍ଟନ,ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଏନ୍ଏସିସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡ଼ିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା ।

## ସୁବର୍ଣ୍ଣପୁର

- ତରଭାରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଞ୍ଚଳିକ କଳାକେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଭରୁଆମୁଣ୍ଡା ଗାଁ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଡିପିଆର୍‌ସି ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ପ୍ରତିପ୍ରଦ ଯାତ୍ରା କରିବାର ଅପୂର୍ବ ସୁଯୋଗ ଲାଭ କରିପାରନ୍ତି । କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାର ନିଷ୍ପତ୍ତି ନେବେ । ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଖୁସି ମିଜାଜ୍‌ରେ ସମୟ ଅତିବାହିତ ହେବ । ରବି କେତୁ ଯୁକ୍ତ ପ୍ରଭାବରେ ସନ୍ତାନ ହେତୁକ କୌଣସି ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ ।

**ବୃଷ** ଶନି କର୍ମସ୍ଥାନରେ ରାଶିକୁ ଅବଲୋକନ କରୁଥିବାରୁ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ନ ହୋଇପାରେ । ପରିବାରରେ ଖର୍ଚ୍ଚ ବୃଦ୍ଧିପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହେବ । ସାହିତ୍ୟ, ସଙ୍ଗୀତ, ଲେଖାପଢ଼ା, ଗବେଷଣା କ୍ଷେତ୍ରରେ ଆଦୃତ ହେବେ । ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଥିବାରୁ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନ ବଳାଇପାରନ୍ତି ।

**ମିଥୁନ** ସ୍ୱନକ୍ଷତ୍ରସ୍ଥ ବୁଧ ଧନସ୍ଥାନରେ ଶୁକ୍ର ଯୁକ୍ତ ହେତୁ ବନ୍ଧୁଙ୍କ ପ୍ରେରଣା ଓ ପରାମର୍ଶ ପାଇବେ । କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମଗୁଡ଼ିକୁ ପୂର୍ଣ୍ଣ କରିବା ସକାଶେ ଦୃଢ ପଦକ୍ଷେପ ନେଇପାରନ୍ତି । ସମ୍ପର୍କୀୟମାନଙ୍କ ସାହାଯ୍ୟ ନେଇ ବିବାଦୀୟ ଘଟଣାର ଅବସାନ ଘଟିବ । ନୂତନ ଗୃହ, ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି ।

**କର୍କଟ** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ଲାଭକରି ଅଭିଳାଷ ପୂରଣ କରିବେ । ଆଜିର ସଭାସମିତି, ଆନୁଷ୍ଠାନିକ କାମ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବ । ଶିଳ୍ପ, ହୋଟେଲ ବ୍ୟବସାୟ, ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ । ଚତୁର୍ଥାଧିପତିଙ୍କ ବୁଧ ସଂଯୋଗରୁ ପାରିବାରିକ ସୁଖ, ଶାନ୍ତି ଅବ୍ୟାହତ ରହିବାର ଆଶା ରହିଛି ।

**ସିଂହ** ରାଶ୍ୟାଧିପ ରବି ସ୍ୱଗୃହସ୍ଥ ହେଲେ ମଧ୍ୟ ପାପଗ୍ରହ କେତୁଯୁକ୍ତ କାରଣରୁ କାମ ଗୋଳମାଳିଆ ରହିବ । ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ କଳହର ଆଶଙ୍କା ରହିଛି । ପ୍ରତ୍ୟେକ କ୍ଷେତ୍ରରେ ଆତ୍ମୀୟଙ୍କ ସାହାଯ୍ୟ ଆଶାକରି ନିରାଶ ହେବାକୁ ପଡ଼ିପାରେ । ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିବ ।

**କନ୍ୟା** କର୍ମାଧିପ ବୁଧ ଲାଭଭାବସ୍ଥ ଯୋଗୁ ଆଜିର ପ୍ରତ୍ୟେକ କାମ ସହଜ ଓ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ । ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ । କୁଟୀରଶିଳ୍ପ,ଆମଦାନୀ କାରବାର ପ୍ରାୟତଃ ଭଲରେ ଚାଲିବ । ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ମୂଲ୍ୟବାନ୍ ଜିନିଷ କିଣିବା ପୂର୍ବରୁ ଆଉଥରେ ବିଚାର କରିବା ଭଲ ହେବ ।

**ତୁଳା** ଶୁକ୍ର ଶତ୍ରୁ ଭାବରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିଜନିତ ମାନସିକ ସ୍ଥିରତା ରହି ନ ପାରେ । ଈର୍ଷାପରାୟଣ ବନ୍ଧୁ ସାଧାରଣ କଥାକୁ ଅତିରଞ୍ଜିତ କରି ଅପପ୍ରଚାର ଚଳାଇ ପାରନ୍ତି । ପିଲାଙ୍କ ସମସ୍ୟା ପଡ଼ୋଶୀଙ୍କ ମାଧ୍ୟମରେ ସମାଧାନ ହୋଇପାରିବ । କଳା,ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ପ୍ରଭୃତିରେ ସଫଳତା ପାଇବେ ।

**ବିଛା** ଚନ୍ଦ୍ରଙ୍କ ଉପରେ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ଶାରୀରିକ ଓ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ । ବ୍ୟବସାୟ ଦିଗଟି ମନ୍ଦ ହେବନି, ମାତ୍ର ଋଣ ପରିଶୋଧ ଦିଗରେ ସଫଳତା ପାଇବେ ନାହିଁ । ପିଲାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ । ଶିକ୍ଷା, ସରକାରୀ କାମ, ବିଶିଷ୍ଟବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର ଦିଗରେ ଉପକୃତ ହେବେ ।

**ଧନୁ** ବୃହସ୍ପତିଙ୍କ ଶୁଭସଂସ୍ଥିତିରୁ ଜଣେ ବନ୍ଧୁ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ବନ୍ଧୁମିଳନ, ସଭାସମିତି, ଆଲୋଚନା, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ । କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି । ସ୍ୱାସ୍ଥ୍ୟ ସଚେତନତା ହେତୁ ପୁରାତନ ରୋଗପୀଡ଼ାରୁ ସାମୟିକ ଉପଶମ ପାଇବେ ।

**ମକର** ଭାଗ୍ୟସ୍ଥାନରେ ଚତୁର୍ଥାଧିପତି ରହିଥିବାରୁ ଯାନ, ଗୃହ, ମୂଲ୍ୟବାନ୍ ଜିନିଷ କ୍ରୟ କରିବେ । ଶୁଭେଚ୍ଛୁଙ୍କ ନିମନ୍ତ୍ରଣ ପାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । କର୍ମକ୍ଷେତ୍ରରେ ଫାଇଲ୍ କାମ ସଜାଡିବାରେ ଅପେକ୍ଷାକୃତ ଅସୁବିଧା ଭୋଗିପାରନ୍ତି । ସପ୍ତମାଧିପତିଙ୍କ ପ୍ରତି ଶନିଦୃଷ୍ଟି ଜନିତ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦରେ ଅପଦସ୍ଥ ହେବାକୁ ପଡ଼ିପାରେ ।

**କୁମ୍ଭ** ଷଷ୍ଠାଧିପ ଯୁକ୍ତ ତୃତୀୟାଧିପ ହେତୁ ସମ୍ପର୍କୀୟ ମୁହଁରେ ବନ୍ଧୁତ୍ୱର ଓ ପଛରେ ବିରୁଦ୍ଧାତ୍ମକ କଥା କହିବେ । ଶନିଙ୍କ ଦୃଷ୍ଟିଜନିତ ଭୁଲ୍ ବୁଝାମଣାଜନିତ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି । ବାଣିଜ୍ୟ, ପରିବହନ, ମକଦ୍ଦମା, ଦୂରଯାତ୍ରା ଓ ପ୍ରତିଯୋଗିତାରେ ସଫଳତା ମିଳି ନ ପାରେ । ସାହିତ୍ୟ, ସଙ୍ଗୀତ, ଗବେଷଣା, ବିଦେଶଯାତ୍ରାରେ ସଫଳତା ମିଳିବ ।

**ମୀନ** ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀଙ୍କ ପରାମର୍ଶ ନିଅନ୍ତୁ । ଗୁରୁକୃପାରୁ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଲକ୍ଷ୍ୟହାସଲ ଦିଗରେ ଅନୁଧାବନ କରିପାରନ୍ତି । ବନ୍ଧୁଙ୍କ ସହ ଆଲୋଚନା ଓ ସଭାସମିତିରେ ଆଶା ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ । ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅବଲମ୍ବନ କରିବା ଭଲ ହେବ ।

ଆଜି ଶ୍ରୀଗଣେଶ ଚତୁର୍ଥୀ, ଉଦିତ ଚନ୍ଦ୍ରଦର୍ଶନ ନିଷେଧ, ଅଗଷ୍ଟ ୨୭ ତାରିଖ, ଭାଦ୍ରବ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର । ବୁଧବାମନ ଓଷା ତୃତୀୟ ପାଳି, ରାଶିନକ୍ଷତ୍ର–ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫.୩୩ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୧.୪୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସାହସେ ମରି, ସାହସେ ତରି,
ସାହସେ ଘର ଦୁଆର କରି ।**

ସାହସ ବ୍ୟକ୍ତିକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇଥାଏ । ଯାହାର ବ୍ୟକ୍ତିତ୍ୱରେ ସାହସ ତଥା ପୁରୁଷାର୍ଥ ଭଳି ସୁଗୁଣ ଥାଏ ତା' ପାଇଁ କୌଣସି କାର୍ଯ୍ୟ କଷ୍ଟକର ହୋଇ ନ ଥାଏ । ଏପରି ବ୍ୟକ୍ତି ତାଙ୍କ ଜୀବନକାଳରେ ସଫଳତାର ଶୀର୍ଷ ଦେଶରେ ପହଞ୍ଚୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ସିନିଅ ନ ଥାଇ ରାଣ
ପାଣି ନ ଥାଇ ଧାନ।**

ସାଧାରଣତଃ ନିଜ ଜୀବନ ତଥା ଦେବଦେବୀଙ୍କ ନାମ ଧରି ଅନେକ ରାଣ ପକାଯାଇଥାଏ । ଅତି ଆପଣାର ଲୋକଙ୍କ ପାଇଁ ଏହି ରାଣ ପକାଯାଉଥିବା ବେଳେ ଏଥିରେ ଆନ୍ତରିକ ସ୍ନେହ ଭାବ ଭରି ରହିଥାଏ । ସେହିପରି ଧାନ ଫସଲ ପାଇଁ ପାଣି ଆବଶ୍ୟକ ହେଉଥିବାବେଳେ ବିନା ପାଣିରେ ଧାନ ଗଛଟି ବଞ୍ଚିପାରି ନ ଥାଏ । ତେଣୁ ଧାନ ଚାଷ ପାଇଁ ପାଣିର ଆବଶ୍ୟକତା ଯେପରି ଜରୁରୀ ହୋଇଥାଏ ରାଣ ପକାଉଥିବା ବ୍ୟକ୍ତିର ସ୍ନେହ ମଧ୍ୟ ସେପରି ଗଭୀର ହେବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କମୁଛି ଜଳସ୍ତର, ବଢୁଛି ଦୁର୍ଦ୍ଦଶା

ବାଲିଆପାଳ/କାଳିପଦା,୨୬।୮
(ଗୋପାଳ ଚନ୍ଦ୍ର ସାହୁ/ରାଜଶ୍ରୀ ପାଣିଗ୍ରାହୀ)



ବନ୍ୟା ପାଣି ଘେରରେ ଥିବା ନୟାବାଲି ଗାଁର ଏକ ପରିବାର ।

- ବିପଦସଙ୍କେତ ତଳେ ସୁବର୍ଣ୍ଣରେଖା
- ୧୦ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ

ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ଷଷ୍ଠଥର ବନ୍ୟା ଆସିଛି । ସୋମବାର ବିପଦସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ମଙ୍ଗଳବାର ଏହା ହ୍ରାସ ପାଇ ବିପଦସଙ୍କେତ ତଳେ ପ୍ରବାହିତ ହେଉଛି । ହେଲେ ବନ୍ୟା ସ୍ଥିତିରେ ସୁଧାର ଆସିନି । ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ରାଜଘାଟଠାରେ ବିପଦ ସଙ୍କେତ ୧୦.୩୬ମିଟର ଥିବାବେଳେ ଜଳସ୍ତର ହ୍ରାସ ପାଇ ମଙ୍ଗଳବାର ରାତି ୭ଟା ସୁଦ୍ଧା ୧୦.୨୮ମିଟରରେ ପ୍ରବାହିତ ହେଉଛି । ବାଲିଆପାଳ ବ୍ଲକ ଅଞ୍ଚଳରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି । ୧୦ଟି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁ ଏବେ ମଧ୍ୟ ପାଣିଘେରରେ ରହିଛି । ବହୁ ତଳିଆ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି । ଏପରିକି ବିଭିନ୍ନ ମୁଖ୍ୟ ଓ ଗାଁ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ବ୍ଲକର ବନ୍ୟା ପ୍ରଭାବିତ ୧୦ଟି ପଞ୍ଚାୟତର ଲୋକଙ୍କ ପାଇଁ କେବଳ ଚୁଡ଼ା ଏବଂ ଗୁଡ଼ ବ୍ୟବସ୍ଥା କରାଯାଇଛି । ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି । ବିଭିନ୍ନ ସ୍ଥାନରେ ବନ୍ୟା ପୀଡ଼ିତ ଲୋକମାନେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି ବୋଲି ବିଷ୍ଣୁପୁର ପଞ୍ଚାୟତର ଇକଡ଼ପାଳ ଏବଂ ରାଉତୁରାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସୋମବାର ରାତିରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରେ ତାଳପଦା ଗାଁରେ ୬୭୦ଜଣ, କୁହ୍ଲାଚଡ଼ରେ ୬୩୦, ନୟାବାଲିରେ ୪୫୦, ଚୌଧୁରୀକୁଦରେ ୬୭୦ ଏବଂ ଚଡ଼ବସ୍ତକାଳରୁଇ ଗ୍ରାମରେ ୪୫୦ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି । ସେହିପରି ଲୋକମାନଙ୍କ ଯାତାୟତ ପାଇଁ ବିଭିନ୍ନ ସ୍ଥାନରେ ୭ଟି ଦେଶୀ ଡଙ୍ଗା, ଏସ୍ଆର୍‌ସିର ୯ଟି ପାୱାର ବୋଟ୍ ସହ ଓଡ୍ରାଫ୍ ଟିମ୍ ଓ ଫାୟାର ବ୍ରିଗେଡ୍‌ର ପାୱାର ବୋଟ୍ ଯୋଗାଇ ଦିଆଯାଇଛି । ଲଗାତାର ବନ୍ୟା ଯୋଗୁ ଖରିଫ୍ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି । ଏହି ନଦୀରେ ୫ ଥର ବନ୍ୟା ପରେ ଚାଷୀମାନେ ବହୁ କଷ୍ଟରେ ଜମିରେ ଧାନ ତଳି ରୋଇଥିଲେ । ମାତ୍ର ଏହି ବନ୍ୟା ଫଳରେ ସମସ୍ତ ରୁଆ ହୋଇଥିବା ଧାନ ଜମି ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି । ପୂର୍ବ ବନ୍ୟାରେ ବାଲିଆପାଳ ବ୍ଲକର ପରିବା ଚାଷ ଏବଂ ନଳିତା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ଚଳିତ ବନ୍ୟାରେ ବ୍ଲକର ୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଧାନଚାଷ ଜଳମଗ୍ନ ହୋଇରହିଛି । ତେବେ ବନ୍ୟା ସମ୍ପୂର୍ଣ୍ଣ ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ ଆଉ ୨୫%...

ହେବାକୁ ଯାଉଛି । ଭାରତୀୟ ଅର୍ଥନୀତି ପାଇଁ ଏହା ବ୍ୟାପକ ବାଣିଜ୍ୟିକ ଚ୍ୟାଲେଞ୍ଜ ହେବାକୁ ଯାଉଥିବା ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ପକ୍ଷରୁ କୁହାଯାଇଛି । ନୂଆ ଟାରିଫ୍ ଯୋଗୁ ଆମେରିକାକୁ ଭାରତର ମୋଟ ରପ୍ତାନି ପ୍ରାୟ ୬୬ ପ୍ରତିଶତ ବା ୮୬.୫ ବିଲିୟନ ଡଲାର ପ୍ରଭାବିତ ହେବ ବୋଲି ଉକ୍ତ ସଂସ୍ଥା ଆକଳନ କରିଛି ।

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦ କରାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇଥିବା ପୂର୍ବରୁ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ଟ କହିଥିଲେ । ଭାରତ ରୁଷିଆରୁ ତେଲ କିଣି ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରି ଫାଇଦା ଉଠାଉଥିବା ଆମେରିକା ଟେଜେରି ସଚିବ ସ୍କଟ୍ ବେସେଣ୍ଟ ଅଭିଯୋଗ ଆଣିଥିଲେ । ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଅତିରିକ୍ତ ୨୫% ଟାରିଫ ଲାଗୁ ହେବାକୁ ଯାଉଥିବାବେଳେ ଭାରତ ରୁଷିଆରୁ ତେଲ କିଣା ବନ୍ଦ କରିବ ନାହିଁ ବୋଲି ସ୍ପଷ୍ଟ ସଙ୍କେତ ଦେଇଛି । ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ରୁଷିଆରୁ ତେଲ କିଣା ଅବ୍ୟାହତ ରହିବ ବୋଲି ନୂଆଦିଲ୍ଲୀ କହିଛି । ତେବେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଆଗାମୀ ସପ୍ତାହରେ ମସ୍କୋରୁ ତେଲ କିଣା ହ୍ରାସ କରିପାରନ୍ତି ବୋଲି ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି ।

## ନୂଆଁଖାଇ ପରଦିନ...

ଏଥିସହ ସେପ୍ଟେମ୍ବର ୧୩ ତାରିଖ (ଦ୍ୱିତୀୟ ଶନିବାର)କୁ କାର୍ଯ୍ୟଦିବସ ଭାବେ ମଧ୍ୟ ଘୋଷଣା କରାଯାଇଛି । ସେହିପରି ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟ ଶୁକ୍ରବାର ଛୁଟି ରହିବ ବୋଲି ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଉଚ୍ଚଶିକ୍ଷା ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ଘୋଷଣା ହୋଇଛି ।

# ଚିନ୍ମୟଙ୍କୁ ଯୁବ, ଇପ୍‌ସିତାଙ୍କୁ ଛାତ୍ର ସଭାପତି କଲା ବିଜେଡି


ଚିନ୍ମୟ ସାହୁ


ଇପ୍‌ସିତା ସାହୁ

ଭୁବନେଶ୍ୱର,୨୬।୮ (ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ମଙ୍ଗଳବାର ଯୁବ ଓ ଛାତ୍ର ସଂଗଠନର ନେତୃତ୍ୱ ଘୋଷଣା କରାଯାଇଛି। ଗତ ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ଦଳର ସବୁ କମିଟିକୁ ଭଙ୍ଗ କରି ଦିଆଯାଇଥିଲା। ହେଲେ ଯୁବ ଓ ଛାତ୍ର ସଭାପତି ଭାବେ ଦୁଇ ନୂଆ ଚେହେରାକୁ ଦଳ ଆଗକୁ ଆଣିଛି। ବିଜୁ ଯୁବ ଜନତା ଦଳ ସଭାପତି ଭାବେ ଚିନ୍ମୟ ସାହୁଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଇପ୍‌ସିତା ସାହୁଙ୍କୁ ଦଳ ନିଯୁକ୍ତ କରିଛି। ସେହିପରି ଦଳ ଯୁବ ଛାତ୍ର ବ୍ୟାପାର ଦାୟିତ୍ୱ କେତେଜଣ ନେତାଙ୍କ ମଧ୍ୟରେ ଆବଣ୍ଟିତ କରିଛି। ଯୁବ ବ୍ୟାପାରର ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ବ୍ୟୋମକେଶ ରାୟଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୩ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରୀ ଓ ସଞ୍ଜିତ୍ ମହାନ୍ତିଙ୍କୁ ଦଳ ଦାୟିତ୍ୱ ଦେଇଛି। ସେହିପରି ଛାତ୍ର ବ୍ୟାପାର ଦାୟିତ୍ୱ ଏବେ ଦଳର ୪ ଜଣ ତୁଲାଇବେ। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଛାତ୍ର ବ୍ୟାପାର କମିଟିର ବରିଷ୍ଠ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଥିବା ବେଳେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ ଏବଂ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ନିଯୁକ୍ତି ପରେ ଦଳର ଗୋଟିଏ ଗୋଷ୍ଠୀ ଯେଉଁମାନେ ଭି. କେ. ପାଣ୍ଡିଆନ୍‌ଙ୍କ ସପକ୍ଷବାଦୀ ନେତା ଭାବେ ଜଣାଶୁଣା, ସେମାନଙ୍କ ମତ ଏଭଳି ନିଯୁକ୍ତି ପରିପ୍ରେକ୍ଷୀରେ ଲୋଡ଼ା ଯାଇ ନ ଥିବା ଚର୍ଚ୍ଚା ହେଉଛି। ପୂର୍ବରୁ କେତେଜଣ ବରିଷ୍ଠ ନେତା ବିଧାୟକ ବ୍ୟୋମକେଶ ରାୟଙ୍କୁ ଯୁବ ଓ ବିଧାୟକ ଦେବୀରଞ୍ଜନଙ୍କୁ ଛାତ୍ର ସଭାପତି ଭାବେ ଦାୟିତ୍ୱ ଦେଇ ଦଳକୁ ଚଲାଇବେ ବୋଲି ଚର୍ଚ୍ଚା କରୁଥିଲେ। ହେଲେ ପୂର୍ବରୁ ହିଁ ଯୁବ ସଭାପତି ଭାବେ ଦାୟିତ୍ୱ ଦିଆଯିବା ନେଇ ଚିନ୍ମୟଙ୍କୁ ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳିଥିଲା, ଯାହା ଏବେ ବାସ୍ତବ ରୂପ ନେଇଛି।

- ଛାତ୍ର ଓ ଯୁବ ବ୍ୟାପାର କମିଟି ଗଢ଼ିଲା ଦଳ
- ପାଣ୍ଡିଆନ୍‌ଙ୍କ ସହଯୋଗୀ ଗୋଷ୍ଠୀଙ୍କ ଅଜାଣତରେ ନିଯୁକ୍ତିକୁ ନେଇ ଚର୍ଚ୍ଚା

# ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର,୨୬।୮ (ସୁଚିସ୍ମିତା ସାହୁ)

ରାଜ୍ୟର ବିଭିନ୍ନ ଜିଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଏବଂ ଶୂନ୍ୟ ଜୀବନହାନିକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ଉପୁଜିଥିବା ବନ୍ୟା ପରିସ୍ଥିତି, ପ୍ରଭାବିତ ଜିଲାଗୁଡ଼ିକରେ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ସମୀକ୍ଷା କରି ବନ୍ୟା ମୁକାବିଲା ଏବଂ ଜୀବନ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କ ଜୀବନକୁ ସୁରକ୍ଷା ଦେବା ଆମର ସର୍ବୋତ୍ତମ କାର୍ଯ୍ୟ। ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିଛନ୍ତି।


ବନ୍ୟା ପରିସ୍ଥିତି ସମ୍ପର୍କରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମୀକ୍ଷା କରୁଛନ୍ତି।

## ସତର୍କତା ଓ ଶୂନ୍ୟ ଜୀବନହାନି ଉପରେ ଗୁରୁତ୍ୱ

ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ-ତଥା-ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ ଏବଂ ମୁଖ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାର ସ୍ଥିତି ଓ ସଂପୃକ୍ତ ଜିଲା ପ୍ରଶାସନକୁ ଜାରି କରାଯାଇଥିବା ତଦାରଖ ବ୍ୟବସ୍ଥା ଓ ପରାମର୍ଶ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବ୍ୟାରେଜ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା, ଏଦିଗରେ ଦୀର୍ଘକାଳୀନ କାର୍ଯ୍ୟନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ରାଜ୍ୟରେ ଜଳ ଅବବାହିକାର ଆନ୍ତଃ-ସଂଯୋଗୀକରଣ ସଂକ୍ରାନ୍ତରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରସ୍ତୁତ ଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି।

# ଓଏଏସ୍ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ

ଭୁବନେଶ୍ୱର,୨୬।୮ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକଙ୍କୁ ଓଡ଼ିଶା ଅର୍ବାନ ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଏବଂ ଓଡ଼ିଶା ରୁରାଲ ହାଉସିଂ ଆଣ୍ଡ ଡେଭଲପମେଣ୍ଟ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ବରିଷ୍ଠ ଓଏଏସ୍ ଅଧିକାରୀ ଶୁଭାନନ୍ଦ ମହାପାତ୍ରଙ୍କୁ ସହରାଞ୍ଚଳ ନିର୍ଦ୍ଦେଶକ ସହିତ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବା ବେଳେ ରଜନୀ କାନ୍ତ ସ୍ୱାଇଁଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ, ବିଷ୍ଣୁପ୍ରିୟା ସାହୁଙ୍କୁ ସମବାୟ ବିଭାଗ ଅତିରିକ୍ତ ସଚିବ, ଅଶୋକ କୁମାର ବେହୁରିଆଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ସଚିବ, ଗାୟତ୍ରୀ ଦତ୍ତ ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଯୁଗ୍ମସଚିବ, ଦୁର୍ଯ୍ୟୋଧନ ଭୋଇଙ୍କୁ କଳାହାଣ୍ଡି ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଓକାକ୍‌ର ଓଏସ୍‌ଡି ଭାବେ ବଦଳି କରାଯାଇଥିବାବେଳେ ରାଜ୍ୟ ପଛୁଆବର୍ଗ ଉପନିର୍ଦ୍ଦେଶକ ସରୋଜ କୁମାର ପଣ୍ଡାଙ୍କୁ ଜଳସମ୍ପଦ ବିଭାଗର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଦାୟିତ୍ୱ ପ୍ରଦାନ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ସରକାର ଆଣିବେ ଐତିହ୍ୟ ନୀତି


ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୬।୮ (ବନ୍ଦନା ସେଠୀ)

ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ଅନେକ ଐତିହ୍ୟସ୍ଥଳ ଆମ ରାଜ୍ୟରେ ଲୁକ୍କାୟିତ ହୋଇ ପଡ଼ିଛି। ଏସବୁକୁ ହିସାବ କଲେ ଓଡ଼ିଶାରେ ଏହାର ସଂଖ୍ୟା ୩ହଜାରରୁ ଅଧିକ ହେବ। ସେଥିମଧ୍ୟରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ହାତରେ ରହିଛି। ତେବେ ବାକି ଥିବା ଐତିହ୍ୟସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି। ତେଣୁ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଐତିହ୍ୟ ନୀତି ଅଧୀନରେ ଏହି କାର୍ଯ୍ୟକୁ ଆଗେଇନେବା ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟରେ ଥିବା ଐତିହ୍ୟ ସ୍ମାରକଗୁଡ଼ିକର ସଂରକ୍ଷଣ ଓ ଉନ୍ନତୀକରଣ ନେଇ ସମୀକ୍ଷା କରାଯାଇଛି। ଲୋକଲୋଚନ ଆଢୁଆଳରେ ରହିଥିବା ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା, ସେ ସବୁର ଡାଟାବେସ୍ ପ୍ରସ୍ତୁତ ସହ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ପୁରାତନ ଐତିହ୍ୟସ୍ଥଳର ଗଣନାରେ ଓଡ଼ିଶା ଆଗରେ ରହିଛି। ପର୍ଯ୍ୟଟନ ସମ୍ଭାବନାକୁ ବୃଦ୍ଧି କରିବାକୁ ହେଲେ ସବୁ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରେ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ରାଜ୍ୟର ୭୫ଟି ଐତିହ୍ୟ ସ୍ମାରକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ। ଭାରତ ଶ୍ରୀଜଗନ୍ନାଥଙ୍କ ଦେଶ ଭାବେ ପରିଚିତ ଓ ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର। ସମସ୍ତ କୀର୍ତ୍ତିରାଜିର ସୁରକ୍ଷା ସହିତ ପାରିପାର୍ଶ୍ୱିକ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଜରୁରୀ। ଫଳରେ ଲୋକଲୋଚନ ଆଢୁଆଳରେ ଥିବା ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକ ଆସିବାର ସମ୍ଭାବନା ସୃଷ୍ଟି ହୋଇପାରିବ। ସେହିପରି ସବୁ ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତୀକରଣ ହେବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଥିସହିତ ତାରା-ତାରିଣୀ ମନ୍ଦିରଠାରୁ ଆରମ୍ଭ କରି ବିରଜାକ୍ଷେତ୍ର ପର୍ଯ୍ୟନ୍ତ ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡର ନିର୍ମାଣ କରାଯିବ। ଏଥିପାଇଁ ସବୁ ପୁରାତନ ଐତିହ୍ୟସ୍ଥଳର ପ୍ରୋଫାଇଲ ପ୍ରସ୍ତୁତି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

- ୭୫ ଐତିହ୍ୟସ୍ଥଳର ବିକାଶ କରାଯିବ
- ସ୍ମାରକ ସଂରକ୍ଷଣ ପାଇଁ ଗଠନ ହେବ ଟାସ୍କଫୋର୍ସ

# ମିସ୍ ଟିନ୍ ଇଣ୍ଡିଆ ଫାଇନାଲରେ କୋରାପୁଟର ମୁଗ୍ଧଶ୍ରୀ ମିଳନିକା

କୋରାପୁଟ,୨୬।୮ (ଅମିତାଭ ବେହେରା)

ଜାତୀୟ ସ୍ତରର ମିସ୍ ଆଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ଫାଇନାଲ ରାଉଣ୍ଡରେ କୋରାପୁଟର ମୁଗ୍ଧଶ୍ରୀ ମିଳନିକା ପ୍ରତିଦ୍ୱନ୍ଦ୍ୱିତା କରିବେ। ମୁଗ୍ଧଶ୍ରୀ କୋରାପୁଟ ଜିଲା ପରିଷଦରେ କାର୍ଯ୍ୟରତ ରଶ୍ମିତା ଦାସଙ୍କ ଝିଅ। ସେ ଭୁବନେଶ୍ୱର ଗାନ୍ଧୀ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଛାତ୍ରୀ। ଏଲି କ୍ଲବ୍ ପକ୍ଷରୁ ଭୁବନେଶ୍ୱର ଆୟୋଜିତ ଟିନ୍ ମିସ୍ ଇଣ୍ଡିଆ ଅଡିସନରେ ମୁଗ୍ଧଶ୍ରୀ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ ୧୮ଜଣ ଝିଅଙ୍କ ମଧ୍ୟରେ ମୁଗ୍ଧଶ୍ରୀ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ସ୍ଥାନ ପାଇଛନ୍ତି। ଫାଇନାଲରେ ସଫଳତା ପାଇବା ଆଶାରେ ମୁଗ୍ଧଶ୍ରୀ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସମର୍ଥନ ଲୋଡ଼ିଛନ୍ତି। ଏସ୍‌ଏମ୍‌ଏସ୍ ମାଧ୍ୟମରେ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରିବାକୁ ସେ ନିବେଦନ କରିଛନ୍ତି।



# ନିଖୋଜ ଶିଶୁ ଜଙ୍ଗଲରୁ ଉଦ୍ଧାର

ଯୋଡ଼ା,୨୬।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ନୂଆଗାଁ ଦଲକୋ ସାହିରୁ ନିଖୋଜ ଶିଶୁ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ସେ ହେଲେ ସାହିର ସୁବାସ ମୁଣ୍ଡାଙ୍କ ପୁଅ ବିକାଶ ମୁଣ୍ଡା(୩)। ଶରୀରରେ କ୍ଷତଚିହ୍ନ ଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିକାଶ ଗତ ୨୧ରେ ଘର ପାଖରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିବା ସୁବାସ ରୁଗୁଡ଼ି ଥାନାରେ ଅଭିଯୋଗ କରିଥିଲେ। ପାଖ ରେଙ୍ଗାଲବେଡ଼ା ଜଙ୍ଗଲ ନିକଟରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ମଙ୍ଗଳବାର ଲୋକେ ଦେଖିଥିଲେ। ଶରୀରର ବହୁ ସ୍ଥାନରେ କ୍ଷତ ରହିଥିଲା। ଲୋକେ ପରିବାର ଲୋକେ ଓ ପୋଲିସ ପହଞ୍ଚି ତାଙ୍କୁ ଯୋଡ଼ା ଟାଟା ହସ୍ପିଟାଲରେ ଭର୍ତ୍ତି କରିଥିଲା। କୌଣସି ବନ୍ୟପ୍ରାଣୀ ନଖ ଶରୀରରେ ବାଜି କ୍ଷତ ହୋଇଥିବା ଡାକ୍ତର କହିଛନ୍ତି।

DSPL - 224


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଚକ୍ଷୁଦାନ ପକ୍ଷ
୨୫ ଅଗଷ୍ଟ - ୮ ସେପ୍ଟେମ୍ବର ୨୦୨୫

ଚକ୍ଷୁଦାନ ସମ୍ବନ୍ଧୀୟ କେତୋଟି ଜାଣିବା କଥା

- ଜଣକର ଚକ୍ଷୁଦାନରେ ଦୁଇ ଜଣ ଦୃଷ୍ଟିହୀନ ଉପକୃତ ହୋଇପାରିବେ।
- ଚକ୍ଷୁର ସ୍ୱଚ୍ଛପଟଳ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ସଂଗ୍ରହ କରାଯାଏ।
- ଜୀବିତ କାଳ ମଧ୍ୟରେ ଚକ୍ଷୁଦାନ ପାଇଁ ସମ୍ମତି ପ୍ରଦାନ କରିନଥିଲେ ମଧ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ପରେ ସମ୍ପର୍କୀୟଙ୍କ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇ ପାରିବ।

ଅଧିକ ଜାଣିବା ପାଇଁ -
www.npcbvi.mohfw.gov.inକୁ ଯାଆନ୍ତୁ

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍ : ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0250/2526

URGENT REQUIREMENT
ANM / GNM NURSES
We are hiring ANM / GNM Qualified Staff Nurses for immediate joining
Experience: Freshers & Experienced both can apply
Location: Bhubaneswar, Odisha
CONTACT/WHATSAPP: 8339966999
SEND YOUR UPDATED RESUME ON WHATSAPP

WANTED
DATA ENTRY OPERATOR
(MALE / FEMALE)
REQUIRED FOR A CONSTRUCTION OFFICE, BHUBANESWAR
Mob : 7381207777

RECRUITMENT OF VOCATIONAL TRAINERS IN GOVT. SCHOOLS, KALAHANDI, ODISHA
Safeducate Learning Pvt. Ltd.
Invites applications for the post of Vocational Trainers under Samagra Shiksha in Govt. Schools of Kalahandi District, Odisha.
Sectors: Electronics & Retail — Total Positions: 68
Eligibility:
Electronics : BE/B.Tech/Diploma in Electricals/Electronics/Telecomm.
Retails : Graduate or Diploma in Retail Management/Marketing
Pre-requisite : 2-3 years of work experience in same sector
Age : 18-45 years (As on 01.01.2025)
Note: Eligible candidates will be called for Interview. Date & Venue will be shared later on e-mail.
Salary: Rs.20,000/- per month (Gross)
How to Apply: Submit application by 05.09.2025 through
Google Form: https://forms.gle/8v4pN81Sv6TUYNmB8 OR
Email at: safeducate.samagra.shiksha@gmail.com OR by scanning QR Code.
Note: Recruitment process will be transparent. Do not indulge in any unfair practices

Valvoline. Cummins
ସର୍ବସାଧାରଣ ବିଜ୍ଞପ୍ତି
ଭାଲ୍ଭୋଲିନ୍ କମିନ୍ସ ପ୍ରାଇଭେଟ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: 315, ତୃତୀୟ ମହଲା, ବିଶ୍ୱ ବାଣିଜ୍ୟ କେନ୍ଦ୍ର ବାରଖମ୍ବା ରୋଡ୍, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ, ଭାରତ, 110001
କର୍ପୋରେଟ୍ ଆଇଡେଣ୍ଟିଫିକେସନ୍ ନମ୍ବର : U74899DL1994PTC062425, ଗ୍ରାହକ ସେବା ନମ୍ବର: 1800 266 2555
ଭାଲ୍ଭୋଲିନ୍ କମିନ୍ସ ପ୍ରାଇଭେଟ୍ ଲିମିଟେଡ୍ ("କମ୍ପାନୀ") ଘୋଷଣା କରି ଆନନ୍ଦିତ ଯେ, ଏହା ଆମର ଖୁଚୁରା ଗ୍ରାହକମାନଙ୍କୁ ଲୁବ୍ରିକେଣ୍ଟ, ଅଏଲ୍, ଗ୍ରୀସ୍, ଗିଅର୍ ଅଏଲ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ଇତ୍ୟାଦି (ସଂଗ୍ରହକ "ଭାଲ୍ଭୋଲିନ୍ ଉତ୍ପାଦ") ସହିତ ସେବା ପ୍ରଦାନ କରିବା ପାଇଁ ଏକ ନୂତନ ବଣ୍ଟନକାରୀ ନିଯୁକ୍ତ କରିଛି ଯାହା 30/05/2025 ରୁ ପିପିଲି ଓଡିଶା ରେ ଉପଲବ୍ଧ ହେବ। ଆମର ଖୁଚୁରା ଗ୍ରାହକଙ୍କ ପାଇଁ ନୂତନ ବଣ୍ଟନକାରୀ ଙ୍କ ବିବରଣୀ ନିମ୍ନଲିଖିତ:
ନାମ : ଆର୍. ବି. ଏଣ୍ଟରପ୍ରାଇଜ୍
ଫୋନ୍ ନମ୍ବର: 9556908313
ଠିକଣା: ପ୍ଲଟ୍ ନମ୍ବର 255/2062, ପିପିଲି ଶାସନ, ବାଇ ପାସ୍, ପିପିଲି, ପୁରୀ - 752104, ଓଡ଼ିଶା, ଭାରତ
ଇମେଲ୍ ଆଇଡି: r.benterprise@yahoo.in
ଯଦି କୌଣସି ଗ୍ରାହକ କିମ୍ବା ବ୍ୟକ୍ତିଙ୍କର ଏହି ବିଜ୍ଞପ୍ତି ସମ୍ପର୍କରେ କୌଣସି ପ୍ରଶ୍ନ ଥାଏ, ତେବେ ଦୟାକରି ଉପରୋକ୍ତ ବିବରଣୀରେ କମ୍ପାନୀ / ବଣ୍ଟନକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ। ଏହି ଯୋଗାଯୋଗଟି ବିଶେଷ କରି ସୂଚନା, ଜ୍ଞାନ ଏବଂ ସମ୍ମାନିତ ଗ୍ରାହକ ଏବଂ ଜନସାଧାରଣଙ୍କ ହିତରେ ଜାରି କରାଯାଇଛି।






ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ଶ୍ରୀଗଣେଶ ଚତୁର୍ଥୀ ବ୍ରତ

# ପୁନର୍ବାର ଚିଲିକା

ଦକ୍ଷିଣ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଅବସ୍ଥିତ ଦି ନ୍ୟୁ କାଲିଡୋନିଆନ୍ ବାରିଅର ରିଫ୍ ପରେ ଚିଲିକା ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଉପକୂଳ ହ୍ରଦ। କ୍ଷାରୀୟ ଜଳର ଏହି ହ୍ରଦ ଜୈବ ବିବିଧତା ବଜାୟ ରଖିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଏହି ହ୍ରଦକୁ ଆସିଥାଆନ୍ତି। ଏହାର ମନୋରମ ଦୃଶ୍ୟ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ହେଲେ କିଛି ବର୍ଷ ହେବ ବିଭିନ୍ନ କାରଣ ଯୋଗୁ ଏହାର ଜୈବ ବିବିଧତା ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଚିଲିକା ପରିବେଶଗତ ଅବକ୍ଷୟକୁ ସାମ୍ନା କରୁଥିବା ବେଳେ ଏବେ ସେଠାରେ ସିପ୍ଲେନ୍ ଉଡ଼ାଣ କଥା ପୁନର୍ବାର ଉଠିଲାଣି। ୨୫ ଅଗଷ୍ଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ପୂର୍ବାଞ୍ଚଳ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ କହିଛନ୍ତି, ଅକ୍ଟୋବର ସୁଦ୍ଧା ଦେଶରେ ଦୁଇଟି ସିପ୍ଲେନ୍ ରୁଟ୍ ରହିବ। ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, କେରଳ କିମ୍ବା ଆନ୍ଧ୍ରପ୍ରଦେଶ ନେଟୱାର୍କରେ ଚାଲିବ। ଏଥିସହିତ ସିପ୍ଲେନ୍ ସେବା ଓଡ଼ିଶାର ଚିଲିକା ହ୍ରଦ ଓ ସମଗ୍ର ପୂର୍ବ ଉପକୂଳକୁ ବିସ୍ତାର କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଶ୍ନ କରାଯାଇପାରେ ଯେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କେନ୍ଦ୍ରରେ ଅଛି। ସେହି ମନ୍ତ୍ରଣାଳୟର ପୂର୍ବାଞ୍ଚଳ କିମ୍ବା ପଶ୍ଚିମାଞ୍ଚଳ ସମ୍ମିଳନୀର ଅର୍ଥ କ'ଣ ବୁଝିହେଉ ନାହିଁ। ଭାରତୀୟ ରେଳର ଯେମିତି ବିଭିନ୍ନ ଡିଭିଜନ ବା ଭାଗ ଅଛି, ବେସାମରିକ ବିମାନ ଉଡ଼ାଣ ମନ୍ତ୍ରଣାଳୟର ସେଭଳି ଭାଗ ବିଷୟରେ କେହି ଜାଣି ନ ଥିବେ।

ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୧୮ ଅଗଷ୍ଟରେ ବିଜୁ ଜନତା ଦଳ (ବିଜେଡି) ସରକାର ଥିବା ବେଳେ ଚିଲିକାରେ ୱାଟର ଏରୋଡ୍ରମ୍ କରାଯିବା ନେଇ ତନାଘନା ଚାଲିଥିଲା। ଏହା ହେଲେ ଜୈବମଣ୍ଡଳର ବ୍ୟାପକ କ୍ଷତି ହେବ ବୋଲି ଧରିତ୍ରୀ ପକ୍ଷରୁ ଉକ୍ତ ପ୍ରସଙ୍ଗ ଉଠାଯାଇଥିଲା। ୧୪ ଅଗଷ୍ଟ ୨୦୧୮ରେ 'ଚିଲିକା ବଞ୍ଚାଅ' ଶୀର୍ଷକରେ ଏକ ସମ୍ପାଦକୀୟ ଲେଖିବା ପରେ ଏହି ବିଷୟ କେନ୍ଦ୍ରଯାଏ ପହଞ୍ଚିଥିଲା। ଫଳରେ କେତେକ ପରିବେଶବିତ୍ କେନ୍ଦ୍ରର ଏଭଳି ଚିନ୍ତାଧାରାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ)ର ହସ୍ତକ୍ଷେପ ପରେ ଏହି ପ୍ରସ୍ତାବ ଆଗେଇପାରି ନ ଥିଲା। ପୁନଶ୍ଚ ଚିଲିକାରେ ସିପ୍ଲେନ୍ ଉଡ଼ିବା ନେଇ ଏବେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି।

> **ଯେକୌଣସି କାର୍ଯ୍ୟ କରାଯିବା ପୂର୍ବରୁ ତା'ର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ନିତାନ୍ତ ଆବଶ୍ୟକ। ଯେଉଁ ଭିତ୍ତିଭୂମି ଗୋଟିଏ ପ୍ରକଳ୍ପ ପାଇଁ ଅନୁକୂଳ ହୋଇପାରେ, ତାହା ଅନ୍ୟ ସ୍ଥାନ ପାଇଁ ଉପଯୋଗୀ ହୋଇ ନ ପାରେ। ତେଣୁ ବିକାଶ ନାମରେ ହୁଣ୍ଡା ବୁଦ୍ଧିରେ କାର୍ଯ୍ୟ କରାଗଲେ ତାହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡ଼ିବା ଥୟ। ମନେହେଉଛି ଯେପରି ଲୋକଦେଖାଣିଆ ବଡ଼ କାମ କରାଯାଉଛି ବୋଲି ପ୍ରମାଣ କରିବାକୁ ଏଭଳି ବ୍ୟାକୁଳତା ପ୍ରକାଶ ପାଉଛି।**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଦେଖିଲେ ପରିସଂସ୍ଥାନ ଯନ୍ତ୍ରୀ କୁହାଯାଉଥିବା 'ସି ଗ୍ରାସ୍ ବା ୱିଡ୍' ପରିବେଶ ସମନ୍ୱୟ ରକ୍ଷା କରି ପ୍ରଦୂଷଣ ହ୍ରାସ କରିଥାଏ। ବିଶେଷକରି ଓଡ଼ିଶାର ଚିଲିକା ହ୍ରଦରେ ଏଭଳି ଘାସ ରହିଥିବା ନିକଟରେ 'ଇଣ୍ଡିଆନ୍ ଜର୍ନାଲ ଅଫ୍ ଜିଓମେରାଇନ୍ ସାଇନ୍ସ'ରେ ପ୍ରକାଶିତ ପ୍ରବନ୍ଧରୁ ଜଣାପଡ଼ିଛି। ଏଥିରେ କୁହାଯାଇଛି ଯେ ପ୍ରାକୃତିକ ବିପର୍ଯ୍ୟୟ ସହିତ ବୋଟ୍ ଚଳାଚଳ ଓ ପ୍ରଦୂଷଣ ଭଳି ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଏହି ଘାସ ନଷ୍ଟ ହୋଇଯାଉଛି। ଏହି ତଥ୍ୟରୁ ଖିଅଟାଣି ବିଚାର କରାଗଲେ ସିପ୍ଲେନ୍ ସେବା ଲାଗି ଯଦି ବୃହତ୍ ଭିତ୍ତିଭୂମି ନିର୍ମାଣ କରାଯିବ, ତାହା ହେଲେ ଏହି ସମୁଦ୍ର ଘାସ ସହ ଜୈବ ବିବିଧତା ବ୍ୟାପକ ଭାବେ କ୍ଷୟ ହେବ। ସେହିପରି ପକ୍ଷୀମାନଙ୍କ ବିଚରଣ ଅତ୍ୟନ୍ତ ବାଧାପ୍ରାପ୍ତ ହେବାର ସବୁ ଆଶଙ୍କା ରହିଛି। ଏମିତି ଦେଖିଲେ ସାଧାରଣ ଉଡ଼ାଜାହାଜ ପଡ଼ିଆ ନିକଟରେ ପକ୍ଷୀ ବସା ଥିଲେ ତାହାକୁ ଭାଙ୍ଗି ଦିଆଯାଇଥାଏ। ତେବେ ଅସଂଖ୍ୟ ପକ୍ଷୀଙ୍କ ଗନ୍ତାଘର ଚିଲିକାରେ ସିପ୍ଲେନ୍ ଉଡ଼ାଣ କେତେ ସୁରକ୍ଷିତ ହେବ, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିସହିତ କେବଳ ଚିଲିକାରେ ଇରାୱାଡି ଡଲଫିନ୍ ମାଛ ଦେଖାଯାଆନ୍ତି। ଏହି ପ୍ରଜାତିକୁ ଏଭଳି ଉଡ଼ାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଲୋପ କରିଦେଇପାରେ।

ଯେକୌଣସି କାର୍ଯ୍ୟ କରାଯିବା ପୂର୍ବରୁ ତା'ର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ନିତାନ୍ତ ଆବଶ୍ୟକ। ଯେଉଁ ଭିତ୍ତିଭୂମି ଗୋଟିଏ ପ୍ରକଳ୍ପ ପାଇଁ ଅନୁକୂଳ ହୋଇପାରେ, ତାହା ଅନ୍ୟ ସ୍ଥାନ ପାଇଁ ଉପଯୋଗୀ ହୋଇ ନ ପାରେ। ତେଣୁ ବିକାଶ ନାମରେ ହୁଣ୍ଡା ବୁଦ୍ଧିରେ କାର୍ଯ୍ୟ କରାଗଲେ ତାହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡ଼ିବା ଥୟ। ମନେହେଉଛି ଯେପରି ଲୋକଦେଖାଣିଆ ବଡ଼ କାମ କରାଯାଉଛି ବୋଲି ପ୍ରମାଣ କରିବାକୁ ଏଭଳି ବ୍ୟାକୁଳତା ପ୍ରକାଶ ପାଉଛି। ଏଠାରେ ପ୍ରଶ୍ନ କେବଳ ଓଡ଼ିଶାରେ ସୀମିତ ରହୁନାହିଁ। ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପୃଥିବୀରେ ଜୈବ ବିବିଧତା ପାଇଁ ଅନେକ ଗୁରୁତ୍ୱ ରଖୁଛି। ସେଠାରେ ମଧ୍ୟ ଅନ୍ଧାଧୁନିଆ ଭାବେ ତଥାକଥିତ ବିକାଶ କରିବାକୁ ଯାଇ ଉଭୟ ଭୂମି ଓ ସମୁଦ୍ରକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଯାଉଛି। 'ବିକଶିତ' ଆଳରେ ଭାରତର କ୍ଷତି କରାଯିବା ଉଚିତ ନୁହେଁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 2 | | | | | | | |
| | | | | | 6 | | | |
| | | | 3 | 8 | 7 | 9 | | |
| | | | | 6 | 3 | | | |
| | | 1 | 5 | | | | 4 | |
| | 6 | | | | | 2 | 5 | |
| | 8 | 9 | | | 2 | 4 | | 3 |
| | 1 | | | | | | | |
| | | 3 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 3 | 6 | 1 | 7 | 8 | 4 |
| 6 | 8 | 4 | 5 | 7 | 9 | 2 | 3 | 1 |
| 3 | 1 | 7 | 4 | 8 | 2 | 6 | 5 | 9 |
| 2 | 4 | 9 | 6 | 3 | 8 | 1 | 7 | 5 |
| 8 | 5 | 6 | 7 | 1 | 4 | 3 | 9 | 2 |
| 1 | 7 | 3 | 2 | 9 | 5 | 8 | 4 | 6 |
| 5 | 9 | 8 | 1 | 2 | 7 | 4 | 6 | 3 |
| 4 | 6 | 2 | 8 | 5 | 3 | 9 | 1 | 7 |
| 7 | 3 | 1 | 9 | 4 | 6 | 5 | 2 | 8 |

ଗତକାଲିର ଉତ୍ତର

# ଫାସିଜମ୍ କ'ଣ



ଜନାର୍ଦ୍ଦନ ପତି

ଫାସିଜମ୍ ବା ଫାସିବାଦ ଏକ ଅତ୍ୟନ୍ତ ପ୍ରତିକ୍ରିୟାବାଦୀ ମତାଦର୍ଶ ତଥା ଚରମ ଦକ୍ଷିଣପନ୍ଥୀ, ଏକଛତ୍ରବାଦୀ ଓ ଉଗ୍ରଜାତୀୟତାବାଦୀ ରାଜନୈତିକ ଚିନ୍ତାଧାରା। ଫାସିଜମ୍ ସମ୍ପର୍କରେ ରାଜନୈତିକ ବିଶାରଦ, ଐତିହାସିକ ଓ ସମାଜ ବିଜ୍ଞାନୀମାନେ ଅନେକ ଗବେଷଣା କରିଛନ୍ତି, ଏହାର ମୂଳ ଭିତ୍ତିଭୂମି ଓ ଚରିତ୍ର ଜାଣିବା ପାଇଁ। ଅବଶ୍ୟ ଫାସିଜମ୍‌ର ଚରିତ୍ର ଗୋଟିଏ ପ୍ରକାର ବୋଲି ପ୍ରମାଣିତ ହୋଇନାହିଁ। ଫାସିଜମ୍ ଯେପରି ଗଣତନ୍ତ୍ରର ତୀବ୍ର ବିରୋଧୀ ସେହିପରି ଉଦାରବାଦୀ ଚିନ୍ତାଧାରା, ସମାଜବାଦୀ ବ୍ୟବସ୍ଥା ଓ କମ୍ୟୁନିଷ୍ଟ ମତବାଦର କ୍ରୂରତମ ଶତ୍ରୁ। ସେମାନେ କେଉଁଠି ପାର୍ଲାମେଣ୍ଟାରୀ ବ୍ୟବସ୍ଥାକୁ ଭାଙ୍ଗି ଦିଅନ୍ତି ତ କେତେବେଳେ ପାର୍ଲାମେଣ୍ଟକୁ ନିଜର କ୍ଷମତା ଆରୋହଣ ପାଇଁ ବ୍ୟବହାର କରିଥାନ୍ତି। ପ୍ରତ୍ୟେକ ଦେଶରେ ଫାସିଜମ୍ ସର୍ବଦା ନିଜକୁ ଶ୍ରେଷ୍ଠ ଦେଶପ୍ରେମୀ ଗୋଷ୍ଠୀ ବୋଲି ପ୍ରଚାର କରିଥାଏ ଓ ଏଥିପାଇଁ ଅନ୍ୟ ଦେଶ ତଥା ଜାତି ଉପରେ ଯୁଦ୍ଧ ଓ ଧ୍ୱଂସଲୀଳା ଲଦି ଦେଇଥାଏ। ଫାସିଜମ୍ ଉଗ୍ର ଜାତୀୟତାବାଦକୁ ବ୍ୟାପକ ଭାବେ ଉସୁକାଇ ଦେଇ ନିଜକୁ ଏକ ଅତି ଉନ୍ନତ ଜାତିର ବଂଶଧର ବୋଲି ପ୍ରଚାର କରି ନିଜର ଆତ୍ମବଡ଼ିମାକୁ ବଢ଼ାଇଥାଏ।

ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ପର୍ଯ୍ୟନ୍ତ ଫାସିଜମ୍ ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଫାସିଷ୍ଟମାନେ ମାର୍କ୍ସବାଦ ଓ ସମାଜବାଦ ବିରୋଧରେ ଅନ୍ତିମ ଅଭିଯାନ ଆରମ୍ଭ କରିଥିଲେ। କେତେଜଣ ବିଦ୍ୱାନୀ ଯୁକ୍ତି କରିଥାଆନ୍ତି ଯେ, ଫାସିଜମ୍ ଓ କମ୍ୟୁନିଷ୍ଟମାନେ ଏକାଧରଣର ଆଦର୍ଶର ଅନୁଗାମୀ। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍। ଫାସିଜମ୍ ହେଉଛି ଲଗ୍ନିପୁଞ୍ଜି (Finance Capital)ର ସବୁଠାରୁ ହିଂସ୍ର ଓ ଦାନବୀୟ ରୂପ। ଫାସିଜମ୍ ବୃହତ୍ ପୁଞ୍ଜିର ଏକଦଳୀୟ ସୈରତନ୍ତ୍ର ପ୍ରତିଷ୍ଠା କଲାବେଳେ କମ୍ୟୁନିଷ୍ଟମାନେ ପୁଞ୍ଜିବାଦ ବିରୋଧୀ ମେହନତି ଶ୍ରମିକଶ୍ରେଣୀର ଶାସନ ପ୍ରତିଷ୍ଠା ପାଇଁ ଉଦ୍ୟମ ନେଇଥାନ୍ତି। ଫାସିଷ୍ଟମାନେ ସବୁ ଦେଶର ରକ୍ଷଣଶୀଳ ବ୍ୟବସ୍ଥାକୁ ସମର୍ଥନ କରିବା ସହ ଧର୍ମୀୟ ମୌଳବାଦୀ ପ୍ରତିଷ୍ଠାନ ଓ ରାଜତନ୍ତ୍ରକୁ ସୁରକ୍ଷା ଦେଇଥାନ୍ତି। ଉନ୍ନତ ପରିବାର ବ୍ୟବସ୍ଥାର ଦ୍ୱାହିଦେଇ ମହିଳାମାନଙ୍କୁ ଉତ୍ପାଦନ କର୍ମକ୍ଷେତ୍ରରୁ ହଟାଇ ଗୃହ କର୍ମରେ ବ୍ୟସ୍ତ ରହିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ସାମାଜିକ କ୍ଷେତ୍ର, କର୍ମକ୍ଷେତ୍ର ଓ ରାଜନୀତିରୁ ମହିଳାମାନଙ୍କୁ ହଟାଇ ସେମାନଙ୍କୁ ଉତ୍ତମ ମାତୃତ୍ୱର ଭୂମିକା ଗ୍ରହଣ କରିବାକୁ ବାଧ୍ୟକରନ୍ତି। ଜନ୍ମ ନିୟନ୍ତ୍ରଣକୁ ବିରୋଧ କରିବା ସହ ଗର୍ଭନିରୋଧ କଲେ ଦଣ୍ଡ ଦେବା ପାଇଁ ସୁପାରିସ କରନ୍ତି।

ଫାସିଜମ୍‌ର ଦୁର୍ଦ୍ଦାନ୍ତ ସଂଗଠନ ପ୍ରଥମେ ଇଟାଲୀରେ ଆରମ୍ଭ ହୋଇଥିଲା ୧୯୨୦ ଦଶକରେ। ସେତେବେଳେ ଲିବିୟା ଇଟାଲୀର ଏକ ଉପନିବେଶ ଥିଲା। ଫାସିଷ୍ଟମାନେ ଆଫ୍ରିକା ଲୋକଙ୍କ ପ୍ରତି ଉଦାର ମନୋଭାବ ତ୍ୟାଗ କରି, ନିଜକୁ ଏକ ଉଚ୍ଚ ସମ୍ଭ୍ରାନ୍ତ ଜାତି ବୋଲି ଦାବି କରିବା ସହିତ ଆଫ୍ରିକାର ଲୋକମାନେ ନୀଚ ସ୍ତରର ବୋଲି ଘୋଷଣା କରି



ଆଫ୍ରିକା ଉପରେ ଇଟାଲୀର ଶାସନ ଜାହିର କଲେ। ଇଟାଲୀୟ ଫାସିଷ୍ଟବାହିନୀ ଲିବିୟାରେ ଗଣହତ୍ୟା ଘଟାଇବା ସହିତ ଲୋକଙ୍କୁ ଅନାହାରରେ ମୃତ୍ୟୁବରଣ କରାଇବାକୁ ବାଧ୍ୟ କରିଥିଲା ଓ ଲିବିୟାର ଲକ୍ଷାଧିକ ବେଦୁଇନଙ୍କୁ ଲିବିୟାରୁ ବହିଷ୍କାର କରିଥିଲା।

ମୁସୋଲିନ ରୋମ ନଗରୀରେ ଫାସିଷ୍ଟ କଳାକୁର୍ତ୍ତା ବାହିନୀର ସଶସ୍ତ୍ର ପଟୁଆର କରାଇ କ୍ଷମତା ଦଖଲ କଲାପରେ, ଏହା ସାରା ବିଶ୍ୱରେ ଚହଳ ପକାଇଥିଲା। ହିଟଲର ଅନୁରୂପ ଭାବେ ସଶସ୍ତ୍ର ପଟୁଆର କରାଇ ବର୍ଲିନରେ ବିଦ୍ରୋହ ଆରମ୍ଭ କଲେ। ଏହା ଘଟିଥିଲା ୧୯୨୩ରେ। ଯଦିଓ ହିଟଲରଙ୍କ କ୍ଷମତା ଦଖଲ ଉଦ୍ୟମ ବିଫଳ ହେଲା ଓ ସେ ଗିରଫ ହୋଇ ଜେଲଗଲେ। ପୁଣି ୧୯୩୩ରେ ରାଷ୍ଟ୍ରକ୍ଷମତା ଦଖଲ କଲେ।

ଏହି ସବୁ ଘଟଣା ଇଟାଲୀରେ ଓ ଜର୍ମାନରେ ଘଟୁଥିବାବେଳେ ସମଗ୍ର ୟୁରୋପରେ ଅର୍ଥନୈତିକ ସଙ୍କଟ ଚରମ ଅବସ୍ଥାରେ ପହଞ୍ଚିଥାଏ। ଦରବୃଦ୍ଧି ଓ ବେକାରିରେ ସମଗ୍ର ୟୁରୋପ ଛଟପଟ ହେଉଥାଏ। ଏହି ସଙ୍କଟର ମୂଳ କାରଣ ଭାବେ ଶ୍ରମିକଶ୍ରେଣୀର ଆନ୍ଦୋଳନ ଓ ବଲସେଭିକ୍‌ମାନଙ୍କ ବିପ୍ଳବକୁ ଦାୟୀ କରି ଫାସିଷ୍ଟମାନେ ପ୍ରଚାର କଲେ। ଦେଶାନ୍ତରୀ ଶ୍ରମିକ ଓ କମ୍ୟୁନିଷ୍ଟମାନଙ୍କୁ ଦାୟୀକରି ଫାସିଷ୍ଟମାନେ ପଟୁଆର ବାହାର କଲେ ଓ ସେମାନେ ହିଁ ଏ ସଙ୍କଟରୁ ଲୋକଙ୍କୁ ମୁକ୍ତି ଦେଇପାରିବେ ବୋଲି ଫାସିଷ୍ଟମାନେ ମୁହୁର୍ମୁହୁଃ ପ୍ରଚାର କରିଥିଲେ।

ବିଂଶ ଶତାବ୍ଦୀର ତିରିଶ ଦଶକରେ ବିଶ୍ୱ ଅର୍ଥନୀତି ଘୋର ସଙ୍କଟମୟ ପରିସ୍ଥିତିରେ ଫାସିଜମ୍ କେବଳ ଇଟାଲୀରେ ଗଢିଉଠିଥିଲା ତା' ନୁହେଁ, ଜର୍ମାନରେ ଏହା ନିଜ ପାର୍ଟିକୁ ଜନ୍ମ ଦେଇଥିଲା। ଯାହାର ପରିଣାମ ହୋଇଥିଲା ଯେ (Third Reich-୧୯୩୩-୪୫) ୱିମାର ରିପବ୍ଲିକ୍‌କୁ ଶେଷ କରି ଦେଇଥିଲା ଓ ଫାସିଷ୍ଟ ଶାସନ ସେଠାରେ ପ୍ରତିଷ୍ଠିତ ହୋଇଥିଲା। ହିଟଲରଙ୍କ ନେତୃତ୍ୱରେ ନାଜି ଜର୍ମାନ ବିଶ୍ୱରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭିଆଇବାରେ ସକ୍ଷମ ହୋଇଥିଲା।

ହଙ୍ଗେରୀର ଫାସିଷ୍ଟ ନେତା ଗିଉଲା ଗୋମ୍ବସ ସେଠାରେ ପ୍ରଧାନମନ୍ତ୍ରୀ ହେଲେ। ରୋମାନିଆରେ ଫାସିଷ୍ଟମାନେ ସେ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବା ପରେ ଫାସିଷ୍ଟ ଲୌହପ୍ରହରୀମାନେ କ୍ଷମତା ଦଖଲ କଲେ। ପଞ୍ଚାରିସରେ ଫ୍ରାନ୍ସ ସରକାର ବିରୋଧରେ ଦକ୍ଷିଣପନ୍ଥୀ ପ୍ରତିକ୍ରିୟାବାଦୀମାନେ ଓ ଫାସିଷ୍ଟମାନେ ଆତଙ୍କ ଖେଳାଇ ଦେଇଥିଲେ। ସେହିପରି ଗ୍ରୀସ, ଲିଥୁଆନିଆ, ପୋଲାଣ୍ଡ ଓ ଯୁଗୋସ୍ଲୋଭିଆରେ ଫାସିଷ୍ଟ ଶକ୍ତିମାନଙ୍କର ଅଭ୍ୟୁଦୟ ଘଟିଥିଲା।

ଫାସିଜମ୍‌ର ଚରିତ୍ର ଓ ଏହାର ବୀଭତ୍ସ ଚିନ୍ତାଧାରା ସମ୍ପର୍କରେ ହଙ୍ଗେରୀର ବିଖ୍ୟାତ ଦାର୍ଶନିକ ଜର୍ଜ ଲୁକାସଙ୍କ ଡେଷ୍ଟ୍ରକ୍‌ଶନ ଅଫ୍ ରିଜନ୍ସ, ଇଟାଲୀ କମ୍ୟୁନିଷ୍ଟ ନେତା ଆଣ୍ଟୋନିଓ ଗ୍ରାମସ୍କିଙ୍କ ପ୍ରିଜନ ନୋଟବୁକ୍ସ ଓ ଇଟାଲୀର ଫାସିବାଦୀ ବିରୋଧୀ ଜନନେତା ଓ ଉପରାଷ୍ଟ୍ରପତି ପାଲସିରୋ ଟୋଗଲିଆଟି ପ୍ରମୁଖ ଫାସିଜମ୍‌ର ଅସଲ ଚରିତ୍ର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବିଶ୍ଳେଷଣ କରିଛନ୍ତି। ତେବେ ବୁଲଗେରିଆର କମ୍ୟୁନିଷ୍ଟ ନେତା ତଥା କମ୍ୟୁନିଷ୍ଟ ଇଣ୍ଟରନ୍ୟାଶନାଲର ସେକ୍ରେଟାରୀ ଜେନେରାଲ ଜର୍ଜ ଡିମିଟ୍ରଭଙ୍କ ଫାସିବାଦ ସମ୍ପର୍କରେ ଦଲିଲ ସବୁଠାରୁ ଆକର୍ଷଣୀୟ ଓ ତଥ୍ୟଭିତ୍ତିକ।

ଜର୍ଜ ଡିମିଟ୍ରଭଙ୍କ ମତାନୁସାରେ, ବିଶ୍ୱରେ ଦେଖାଦେଇଥିବା ଗଭୀର ଅର୍ଥନୈତିକ ସଙ୍କଟର ବିସ୍ଫୋରଣ, ପୁଞ୍ଜିବାଦୀ ସଙ୍କଟର ଅସାଧାରଣ ତୀବ୍ରତା ଓ ମେହନତି ଜନଗଣଙ୍କ ମଧ୍ୟରେ ପ୍ରତିବାଦ ଆନ୍ଦୋଳନର ବ୍ୟାପକତା ଯୋଗୁ ଫାସିବାଦ ଏକ ଆକ୍ରମଣାତ୍ମକ ଅଭିଯାନରେ ମାତିଉଠିଥିଲା।

ଫାସିବାଦର ଯେଉଁ ଚରିତ୍ର ୧୯୩୦ ଦଶକରେ ପ୍ରକଟିତ ହୋଇଥିଲା ସେ ସମ୍ପର୍କରେ ଡିମିଟ୍ରଭ କହିଛନ୍ତି ଯେ, ''କ୍ଷମତାପ୍ରାପ୍ତ ଫାସିଜମ୍ ହେଉଛି- ଲଗ୍ନିପୁଞ୍ଜିର ସବୁଠାରୁ ପ୍ରତିକ୍ରିୟାଶୀଳ, ସବୁଠାରୁ ସଙ୍କୀର୍ଣ୍ଣ ଜାତୀୟତାବାଦୀ ଏବଂ ସାମ୍ରାଜ୍ୟବାଦୀଙ୍କର ଜଘନ୍ୟ ପ୍ରକାଶ୍ୟ ସନ୍ତ୍ରାସବାଦୀ ଏକଛତ୍ରବାଦ।''

'ଫାସିବାଦ ହେଉଛି ପାଶବିକ ସଙ୍କୀର୍ଣ୍ଣ ଓ ଅତିଉଗ୍ର ଜାତୀୟତାବାଦ। ବୁଦ୍ଧିଜୀବୀ ସମାଜର ବିପ୍ଳବୀ ଗୋଷ୍ଠୀ ଉପରେ ସନ୍ତ୍ରାସବାଦୀ ପ୍ରତିହିଂସା ଚରିତାର୍ଥ କରିବାର ସଂଗଠନ ହେଉଛି ଫାସିବାଦ।''

'ଶ୍ରମିକ, କୃଷକ, ମଧ୍ୟବିତ୍ତ ଶ୍ରେଣୀଙ୍କ ଅର୍ଥନୈତିକ ଓ ସାମ୍ବିଧାନିକ ଅଧିକାର ହରଣ କରି ସେମାନଙ୍କୁ ଗୋଲାମି ଅବସ୍ଥାକୁ ଠେଲିଦେବାର ସଂଗଠନ ହେଉଛି ଫାସିବାଦ। ବୈଦେଶିକ ନୀତି କ୍ଷେତ୍ରରେ ସବୁଠାରୁ ହୀନ ଓ ସଂକୀର୍ଣ୍ଣ ଜାତୀୟତାବାଦ ହେଉଛି ଫାସିବାଦ, ଅନ୍ୟ ଜାତି ଓ ଧର୍ମ ବିରୋଧରେ ପାଶବିକ ବିଦ୍ୱେଷ ସୃଷ୍ଟି ହେଉଛି ଏହାର କାମ।''

ଫାସିବାଦ ସବୁ ଦେଶରେ ଏକ ପ୍ରକାର କୌଶଳ ଅବଲମ୍ବନ କରି ନ ଥାଏ। ବେକାର ଶ୍ରମିକ ତଥା ପଛୁଆ ବର୍ଗ ଲୋକଙ୍କ ମଧ୍ୟରେ ମୋହଜାଲ ସୃଷ୍ଟି କରିବାରେ ଫାସିବାଦ ସଫଳ ହୋଇଥାଏ, କାରଣ ତୀବ୍ର ବେକାରି ସଙ୍କଟ ଯୋଗୁ ବିଭ୍ରାନ୍ତ ଯୁବ ସମ୍ପ୍ରଦାୟକୁ ନିଜର ଅନୁଗାମୀରେ ପରିଣତ କରିଥାଏ।

ଯେଉଁ ଦେଶରେ ଫାସିଷ୍ଟ ଶକ୍ତି ସହ ବୁର୍ଜୁଆ ଶ୍ରେଣୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଉତ୍କଟ, ଫାସିଜମ୍ ସେଠାରେ ହଠାତ୍ ପାର୍ଲାମେଣ୍ଟକୁ ଭାଙ୍ଗିଦେବାକୁ ସାହସ କରେ ନାହିଁ। କିନ୍ତୁ ଯେଉଁ ଦେଶରେ ବୁର୍ଜୁଆ ଶ୍ରେଣୀ ଆସନ୍ନ ବିପ୍ଳବ ଭୟରେ ଆତଙ୍କିତ ହୋଇଥାଏ, ସେଠାରେ ସେମାନେ ଫାସିଷ୍ଟମାନଙ୍କ ସହ ମିଶିଯିବା ଯୋଗୁ ଫାସିଷ୍ଟମାନେ ପାର୍ଲାମେଣ୍ଟକୁ ଭାଙ୍ଗି ଦେଇଥାନ୍ତି। କିନ୍ତୁ ପରିସ୍ଥିତି ଉପୁଜିଲେ ଫାସିଷ୍ଟମାନେ ସନ୍ତ୍ରାସବାଦୀ ଏକଛତ୍ରବାଦ ସହିତ ପାର୍ଲାମେଣ୍ଟାରୀ କାର୍ଯ୍ୟକୁ ଚଳାଇ ରଖି, ଧପାବାଜି ଉପାୟରେ ନିଜର ଗଣଭିତ୍ତି ପ୍ରସାରିତ କରିବେ, ଏଥିରେ ସନ୍ଦେହ ନାହିଁ।

ଫାସିବାଦ ଲଗ୍ନିପୁଞ୍ଜିର ସବୁଠାରୁ ପ୍ରତିହିଂସା ପରାୟଣ ଶକ୍ତି, ତେଣୁ ଏହାକୁ ଗୋଟିଏ ବୁର୍ଜୁଆ ସରକାର ପରିବର୍ତ୍ତେ ଆଉ ଏକ ବୁର୍ଜୁଆ ସରକାରର ବିକଳ୍ପ ଭାବେ ବିଚାର କଲେ ଭୁଲ୍ ହେବ।

ମୋ:୯୪୩୭୦୦୭୭୭୦

# ଗଣାନାଂ ତ୍ୱାଂ ଗଣପତି...



ଡ. ଅରୁନ୍ଧତୀ ଦେବୀ

ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ। ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ। ମହାପ୍ରଭୁ ଶ୍ରୀଗଣେଶ କେବଳ ବିଦ୍ୟାଦାତା ନୁହନ୍ତି, ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ। ଓଡ଼ିଶାର ଶରତ ଋତୁରେ ଶ୍ରୀଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ। ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ। ସେଦିନ ଛାତ୍ରୀଛାତ୍ରଙ୍କ ଠାରୁ ଅନେକେ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି। ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। 'ଶ୍ରୀଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା। ଗଣପତି ସମୂହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନେଶ୍ୱର। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ''।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ତ୍ୱ ରଖିଛି। ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିରମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ। ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି। ଇତିହାସ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି। ସେହିପରି ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି। ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ। ସମସ୍ତେ ଭକ୍ତିଭାବ ପ୍ରଣୋଦିତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି। ଆମ ସାମାଜିକ



ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ୍ ବ୍ରତ ଭାବେ ପାଳିତ। ଏହି ବ୍ରତରେ ସାଧାରଣ ପୂଜାପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୂତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍ଥ, ଜାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖର୍ଜୁର, କଦଳୀ, ନାରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ। ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀଗଣେଶଙ୍କ ପୂଜା ହୋଇଥାଏ। କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି। ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି।

ଶ୍ରୀଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ। ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ, ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ। ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ୍ୟ ଅତ୍ୟନ୍ତ କୌତୂହଳପୂର୍ଣ୍ଣ। ପୁରାଣ କାହାଣୀ ଅନୁଯାୟୀ କୈଳାସପତି ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ। ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀଗଣେଶ ତାଙ୍କ ବାଟ ଛାଡ଼ି ନ ଥିଲେ। ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ। କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା। ପରିଶେଷରେ ତାହା ନ ମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜୀବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ। ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରାଧନା କରାଯିବ। ଶ୍ରୀଗଣେଶଙ୍କ ସ୍ତୁତିଟି ହେଉଛି -''ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ। ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀଗଣେଶଙ୍କ ପୂଜା ସାତଦିନ ବା ନଅଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ। ଶ୍ରୀଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ରାଞ୍ଚିର ଏକ ରାସ୍ତାକଡ଼ରେ ଯେଉଁଠି ଅଳିଆ ଗଦା ହେଉଥିଲା ତାହା ଏବେ ଫୁଲର ସୁବାସରେ ମହକି ଉଠୁଛି। ଏଭଳି କାର୍ଯ୍ୟ ସମ୍ଭବ ହୋଇଛି ମନୋଜ ରଞ୍ଜନଙ୍କ ଦ୍ୱାରା। ମନୋଜ ଜଣେ ଶିକ୍ଷକ। ସେ ଶିକ୍ଷାଦାନ ମଧ୍ୟରୁ ସମୟ ବାହାର କରି ରାସ୍ତାକଡ଼ର ଅଳିଆ ଗଦା ହେଉଥିବା ସ୍ଥାନକୁ ସଫା କରି ୨୦୦ ପ୍ରକାର ଗଛ ଲଗାଇଛନ୍ତି। ଏଥିରେ ଅଧିକାଂଶ ହେଉଛି ଫୁଲଗଛ। ଔଷଧୀୟ ଗଛ ମଧ୍ୟ ସେ ଲଗାଇଛନ୍ତି। ଏହି ଜାଗାଟି ତାଙ୍କ ଘର ନିକଟରେ ଥିବାରୁ ଗଛଗୁଡ଼ିକର ଯତ୍ନ ନେବାରେ କୌଣସି ଅସୁବିଧା ହେଉନାହିଁ। ମନୋଜଙ୍କୁ ଏହି କାମରେ ତାଙ୍କ ପରିବାର ସହଯୋଗ କରୁଛି। ସବୁଠୁ ବଡ଼ କଥା ହେଉଛି, ସେ ବଗିଚାରେ ବର୍ଜ୍ୟର ପୁନଃ ଉପଯୋଗ କରିଛନ୍ତି, ଅର୍ଥାତ୍ ପୁରୁଣା ଡବା, ଟାୟାର ଓ ହେଲ୍‌ମେଟ ଆଦି ସଂଗ୍ରହ କରି ସେଥିରେ ଗଛଗୁଡ଼ିକୁ ଲଗାଇଛନ୍ତି। ସେଗୁଡ଼ିକରେ ବିଭିନ୍ନ ରଙ୍ଗ ଦେଇ ତାହାକୁ ଆକର୍ଷଣୀୟ କରିପାରିଛନ୍ତି। ଏବେ ଏହି ବଗିଚାକୁ ଦେଖିବାକୁ ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଛନ୍ତି। ରାଞ୍ଚିର ବିଭିନ୍ନ କଲୋନିରେ ଏଭଳି ବଗିଚା କରିବାକୁ ସେ ଅନ୍ୟମାନଙ୍କୁ ଉତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୭୬

- ଢେଙ୍କାନାଳର ପୂର୍ବତନ ରାଜମାତା କୃଷ୍ଣଚନ୍ଦ୍ର ପ୍ରିୟା ଦେବୀଙ୍କ ୯୧ ବର୍ଷରେ ପରଲୋକ।
- ଭୂ-ସଂସ୍କାର ଆଇନ ସମ୍ପର୍କରେ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମ୍‌କୋର୍ଟଙ୍କ ରହିତାଦେଶ ଜାରି।

## ଚିରନ୍ତନୀ

ଜାଣିନି କାହାକୁ ସେ ଆଗ ଆସି ଯିବ ଘେନି
ଜଣକୁ ଛାଡ଼ି ଜଣେ
କେବେ କ୍ଷଣେ ରହୁଁ ବେନି ?
କିଏ ସେ ଯିବ ଆଗ ନ ପାରଇଁ ବୁଝି ଟିକେ
ଛାଡ଼ି ଏ ସୁଖ ଘର
ମରଣର ଚିର ନୀଡ଼େ।
-(ମରଣ ପାଲି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉପଯୁକ୍ତ ବିଚାରକୁ ସମ୍ମାନ ଦିଆଯାଉ

ମହାଶୟ,

ଭାରତବର୍ଷର ବିଭିନ୍ନ ସମ୍ବାଦପତ୍ରରେ ବିଚାରପତି ବର୍ମାଙ୍କ ସମ୍ପର୍କରେ ଖବର ପ୍ରକାଶିତ ହେଉଛି। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସମସ୍ତଙ୍କୁ ଚକିତ କରୁଛି। ଏତେ ପରେ ବି କେମିତି ପଦବୀକୁ ଜାବୁଡ଼ି ଧରିଛନ୍ତି, ଏହା ପରିତାପର ବିଷୟ। ଐତିହ୍ୟ, ସଂସ୍କୃତି ଆଧ୍ୟାତ୍ମିକ, ଧର୍ମ ରକ୍ଷିତଂ ଭାରତବର୍ଷ ପୁଣ୍ୟଭୂମିରେ ଏଭଳି ଦୁର୍ନୀତି ବିଚାରପତିମାନଙ୍କ ପାଇଁ ଅତ୍ୟନ୍ତ ଅଶୋଭନୀୟ। ସୁତରାଂ କୌଣସି ଭାରତୀୟ ଦୁର୍ନୀତି କଳାପରେ ବି ଏତେ ବିଳମ୍ବ ଘଣ୍ଟାଚକଟାରେ ଦେଶବାସୀ ଏବଂ ସୁପ୍ରିମକୋର୍ଟର ଲାଭ କ'ଣ ? ମୁଖ୍ୟତଃ ଦେଶର ଜନତା ବିଚାରପତିଙ୍କୁ ସମ୍ପୂର୍ଣ୍ଣ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ବିଚାରପତି ଏଭଳି ଜଘନ୍ୟ ଦୁର୍ନୀତି କରିଛନ୍ତି, ଯାହାଫଳରେ ସେ ଆଉ କୌଣସି ବିଚାରାଳୟ ଭିତରକୁ ଯିବା ଉଚିତ ନୁହେଁ। ଦେଶବାସୀ ଆଉ ଗ୍ରହଣ କରିବାକୁ ଚାହୁଁନାହାନ୍ତି। ଏବେ ବି ସମୟ ଅଛି, ବିଚାରପତି ନିଜେ ଗଭୀର ଚିନ୍ତା କରନ୍ତୁ କେଉଁଟା ଉପଯୁକ୍ତ କେଉଁଟା ଅନୁପଯୁକ୍ତ।

-ଆଦିକନ୍ଦ ସାହୁ, ଆଳି ବ୍ଲକ୍, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅବିନାଶ



@ ଦୀପକ



@ ଗୋବର୍ଦ୍ଧନ



@ ସୁକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ୍ୟାରେ ଯାଜପୁର ଜିଲା ସର୍ବାଧିକ କ୍ଷତିଗ୍ରସ୍ତ

**ଦଶରଥପୁର/ଝୁମ୍ପୁରୀ,୨୬।୮(ସୁଶାନ୍ତ କୁମାର ବେହୁରିଆ/ସରୋଜ ନାୟକ):**

ଚଳିତ ବନ୍ୟାରେ ଯାଜପୁର ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ପାଣି କମିଲେ ଘାଇର ସ୍ଥାୟୀ ମରାମତି କରାଯିବ। ଏଥିସହିତ ଅଞ୍ଚଳରେ ବନ୍ୟାଦ୍ୱାରା ହୋଇଥିବା କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମଙ୍ଗଳବାର ଅପରାହ୍ନରେ ମନ୍ତ୍ରୀ ପୂଜାରୀ ଯାଜପୁର ଜିଲା ଗସ୍ତରେ ଆସି ଦଶରଥପୁର ବ୍ଲକର କାଣୀ ନଦୀ ବନ୍ଧରେ ହୋଇଥିବା ୮୦ ଫୁଟ୍ ଘାଇ ବୁଲି ଦେଖିବା ସହ ବନ୍ୟା

### ସ୍ଥିତି ପରଖିଲେ ରାଜସ୍ୱ ମନ୍ତ୍ରୀ

■ ପାଣି କମିଲେ ଘାଇର ସ୍ଥାୟୀ ମରାମତି, କ୍ଷୟକ୍ଷତି ଆକଳନ କରାଯିବ

ବିପନ୍ନ ଲୋକଙ୍କ ସ୍ଥିତି ପରଖିଛନ୍ତି। ପରେ ମନ୍ତ୍ରୀ କାଣୀ ନଦୀର ଉପନ୍ନସ୍ଥଳ ପରିଦର୍ଶନ କରିବା ସହ ବୈତରଣୀ ନଦୀର ଦୁର୍ବଳ ବନ୍ଧଗୁଡ଼ିକୁ ବୁଲି ଦେଖିଛନ୍ତି। ବନ୍ୟା ପାଣିରେ ଉବୁଟୁବୁ କୟାଁ ପଞ୍ଚାୟତର ଧରମପୁର, କୟାଁ, ଗହିରାପୁର ଓ ଗୁଣ୍ଡୁଣିପଡ଼ା ଆଦି ଗ୍ରାମକୁ ଯାଇ ବିପନ୍ନଙ୍କ ଅବସ୍ଥା ବୁଝିଛନ୍ତି। ଏବେବି ଦଶରଥପୁର ବ୍ଲକର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ପାଣି ଘେରରେ ରହିଛି। ହଜାର ହଜାର ହେକ୍ଟର ଧାନ ଫସଲ ବୁଡ଼ି ରହିଛି। ପ୍ରଶାସନ ପକ୍ଷରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟ ସ୍ଥଳରେ ରଖାଯାଇଛି। ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଉଛି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଅମ୍ବର କୁମାର କର, ଭାଜପା ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଭାଜପା ନେତା ଗୌତମ ରାୟ, ବବିତା ମଲ୍ଲିକ, ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଦଶରଥପୁର ବିଡିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ୟାଞ୍ଚଳ ପରିଦର୍ଶନରେ ଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# ୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ବନ୍ୟା ପାଣି ଘେରରେ ଗାଁ।

**ରାଜକନିକା,୨୬।୮(ରବୀନ୍ଦ୍ର କୁମାର ଦାସ)**

### ରାଜକନିକାର ୯ ପଞ୍ଚାୟତରେ ବନ୍ୟା ଜଳ

ରାଜକନିକା ବ୍ଲକରେ ବନ୍ୟା ପାଣିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ବୈତରଣୀ ଓ ଖରସ୍ରୋତା ନଦୀରେ ୩ୟ ଥର ବନ୍ୟା ଆସିବା ଫଳରେ ୨ଦିନ ଦିନ ହେବ ଭରିଗଦା, ବରୁଣାଡ଼ିଆ, ସିକୋ, କୋରନ୍ଦ, ପଧାନପଡା, ହାଟସାହି, ପଣସଗଣ୍ଡ, ବାହାରା ଦୋମଣ୍ଡା ଓ ନହୁଣୀ ପଞ୍ଚାୟତର ବହୁ ହେକ୍ଟର ଚାଷ ଜମି ଜଳମଗ୍ନ ହେବା ସହ ଲୋକ ପାଣି ଘେରରେ ରହିଛନ୍ତି। ବନ୍ୟା ବିପନ୍ନଙ୍କ ନିକଟରେ ଏଯାଏ ସ୍ଥାନୀୟ ପ୍ରଶାସନ ପହଞ୍ଚି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ଏଯାଏ ରିଲିଫ୍ କିମ୍ବା ଗୋଖାଦ୍ୟ ସାମଗ୍ରୀ କି ମେଡିକାଲ ଟିମର ଦେଖାନାହିଁ। ବ୍ଲକର ୪ ଗାଁ ଯଥା ବାରାହା ଦୋମାଣ୍ଡା ପଞ୍ଚାୟତର କନପୁର, ମାନପୁର, ଗୁଣ୍ଡଳ ଓ ପଧାନପଡା ପଞ୍ଚାୟତର ଗହମପାଳ, ବାଲିସହି, ହଲୁପଡା ଗାଁର ଲୋକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ବୈତରଣୀ ନଦୀରେ କୁମ୍ଭୀର ଥିବାରୁ ଭୟରେ ଗାଁ ଲୋକ କାଳାତିପାତ କରୁଛନ୍ତି। ଗାଁ ଦାଣ୍ଡରେ କେଉଁଠି ୩ ଫୁଟର ପାଣି ଥିବାବେଳେ ଗହମପାଳ ଗାଁ ସ୍କୁଲରେ ପାଣି ପଶିଯିବରୁ ୨ ଦିନ ହେବ ସ୍କୁଲ ବନ୍ଦ ରହିଛି। ଆଉ କେଉଁଠି ଅଣ୍ଟାଏ ପାଣି ଥିବାରୁ ରାତ୍ରିରେ ବିଷଧର ସାପଙ୍କର ଭୟ ସାଙ୍ଗକୁ ପିଇବା ପାଣି ଟୋପେ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଲୋକେ ଦୂଷିତ ପାଣି ପିଉଥିବାରୁ ରୋଗରେ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଚଳିତ ବର୍ଷ ଲଗାତାର ଭାବେ ବନ୍ୟା ଆସିବାରୁ ଚାଷ ବାସ ଉଜାଡ଼ିବା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷୀ ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ଆଣି ଚାଷ କରିଥିବାବେଳେ ଚାଷ ଉଜୁଡି ଯିବା ଚିନ୍ତା ଘାରିଛି। କିଭଳି ଋଣ ଶୁଝିବେ, ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ମୁଣ୍ଡରେ ହାତ ଦେଇ ଚାଷୀ ବସିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ବନ୍ୟା ବିପନ୍ନଙ୍କୁ ରିଲିଫ, ଶୁଖିଲା ଖାଦ୍ୟ ଓ ଗୋ ଖାଦ୍ୟ ଯୋଗାଇ ଦେବାକୁ ଭାଜପାର ବରିଷ୍ଠ ନେତା ପ୍ରଫେସର ବୈକୁଣ୍ଠ ନାଥ ପରିଡା, ବିଜେଡି ଯୁବ ସଙ୍ଗଠକ ପବିତ୍ର ରାଉତଙ୍କ ସମେତ ରାଜକନିକା ଅଞ୍ଚଳବାସୀ ଦାବିକରିଛନ୍ତି।

### ଛାତ୍ରୀଙ୍କୁ ଟିଉଶନ ଶିକ୍ଷକଙ୍କ ଅଶ୍ଳୀଳ ମେସେଜ୍ ପୋଷ୍ଟ ମାମଲା

# ଆତ୍ମାହୁତି ଧମକ

## କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା

**କେନ୍ଦ୍ରାପଡ଼ା,୨୬।୮ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଗତ ୧୮ ତାରିଖରେ ଛାତ୍ରୀଙ୍କୁ ଟିଉଶନ ଶିକ୍ଷକଙ୍କ ଅଶ୍ଳୀଳ ମେସେଜ୍ ପୋଷ୍ଟ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ଏହାକୁ ୮ ଦିନ ବିତିଗଲାଣି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରିକି ଅଭିଯୁକ୍ତଙ୍କୁ ଥାନାକୁ ଡକାଯାଇ ପଚରାଉଚରା ମଧ୍ୟ କରାଯାଉନାହିଁ। ଦିନକୁଦିନ ମନ ଭାରାକ୍ରାନ୍ତ ହେଉଛି। ଆଗକୁ ଆତ୍ମଦାହ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହାପୂର୍ବରୁ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ପୀଡ଼ିତା ଛାତ୍ରୀ ଗଣମାଧ୍ୟମକୁ ମଙ୍ଗଳବାର ବୟାନ ଦେଇଛନ୍ତି। ପୀଡ଼ିତାଙ୍କ ସହ ମା', ଗ୍ରାମର କେତେଜଣ ବ୍ୟକ୍ତି ଓ ପୂର୍ବତନ ସରପଞ୍ଚ ପୂର୍ବାହ୍ନରେ ଏସ୍‌ପିଙ୍କୁ ଭେଟିଥିଲେ। ଏ ନେଇ ପୀଡ଼ିତା କହିଛନ୍ତି, ୨୦୧୮ରେ ସେ ନବମ ଶ୍ରେଣୀରେ ପଢୁଥିବା ବେଳେ ଶିକ୍ଷକ ତାପସ ବେରାଙ୍କ ନିକଟରେ ଟିଉଶନ ହେଉଥିଲେ। ଶିକ୍ଷକ ବେରା ଅନେକ ସମୟରେ ପୀଡ଼ିତାଙ୍କ ନିକଟକୁ ଅଶ୍ଳୀଳ ମେସେଜ୍ ପଠାଇଥା'ନ୍ତି। ଏପରିକି ଘରେ କେହି ନ ଥିବା ସମୟରେ ପୀଡ଼ିତାଙ୍କ ନିକଟରେ ପହଞ୍ଚି ଅସଦାଚରଣ କରି ଫଟୋ ଉଠାଇଥିଲେ। ଏହାକୁ ଭାଇରାଲ କରିବା ପାଇଁ ଧମକ ଦେଉଥିଲେ। ଏ ନେଇ ପରିବାର ସଦସ୍ୟ ଜାଣିବା ପରେ ଟିଉଶନ ବନ୍ଦ କରାଗଲା। ଏବେ ସେ ଜିଲା ବାହାରେ ଏକ କଲେଜରେ ପଢୁଛନ୍ତି। କିନ୍ତୁ ଗତ ୧୫ ତାରିଖରେ ସମ୍ପୃକ୍ତ ଶିକ୍ଷକ ତାଙ୍କୁ ଅପହରଣ କରିନେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୦୩/୨୫ରେ ମାମଲା ରୁଜୁ କରି ଚୁପ୍ ହୋଇ ବସିଛନ୍ତି। କାର୍ଯ୍ୟାନୁଷ୍ଠାନ ନ ହେଲେ ପରିସ୍ଥିତି ଭଲ ହେବ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଏସ୍‌ପି ଦେବାଶିଷ ଧଳଙ୍କୁ ପଚାରିବାରେ ଏହି ଘଟଣାରେ ତଦନ୍ତକୁ ତ୍ୱରାନ୍ୱିତ ପାଇଁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

### ଗହୀରମଥାରୁ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨୬।୮(ଭାସ୍କର ରାଉତରାୟ):**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଏସିଏଫ୍ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ଧରିତ୍ରୀ-୩ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୧୦.୫୦ କୁଇଣ୍ଟାଲ ମାଛ, ୧ଟି ଜିପିଏସ୍,୨ଟି ଭିଏଚ୍‌ଏଫ୍, ୧ଟି ଫିସ୍ ଫାଇଣ୍ଡର, ୯ଟି ଜାଲ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି।


**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।**

**लापताः आवश्यक सूचना**



गुमशुदा अर्पिता सिंह

सर्व साधारण को सूचित किया जाता है कि आवेदिका मनोरमा सिंह के द्वारा अपनी बेटी **अर्पिता सिंह की गुमशुदगी** के संबंध में संबंधित थाना गालुडीह में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा अर्पिता सिंह, पिता–जगदीश सिंह, सा0–बाराज कॉलोनी गालुडीह, क्वाटर नं0–एफ/12, थाना–गालुडीह, जिला–पूर्वी सिंहभूम, जमशेदपुर** जो दिनांक–12.08.2025 को समय 11:00 बजे दिन में घर से कपड़ा सिलाई कराने के नाम पर घर से निकली एवं आजतक वापस नहीं आई है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :– कद–05 फीट 07 इंच, रंग–गोरा, भाषा–बंगाली, हिन्दी, पहनावा–गुलाबी रंग की कुर्ती एवं पैर में सेन्डल।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक (घाटशिला) : 9431706485
थाना प्रभारी, गालुडीह : 9430774620

PR 360494 (Police) 25-26 (D)

वरीय पुलिस अधीक्षक,
पूर्वी सिंहभूम, जमशेदपुर।



**ୟୁନିୟନ ବ୍ୟାଙ୍କ Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ବିଷ୍ଣୁ ନଗର ସ୍କୋୟାର, ଆସ୍କା ରୋଡ, ଗେଟ୍ ବଜାର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୭୮୯୪୫୨୯୨୭୨** | | |
| ୧. | **ବସନ୍ତ କୁମାର ମହାନ୍ତି,** ପିତା: ୰ ରାମହରି ମହାନ୍ତି, ସା: ୧ମ ମିଲିଟାରୀ ଲାଇନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **୨୯୩୧୧୬୫୪୦୦୦୦୨୬୫** | ୧୯.୦୦ | ୨୨.୩୦ |
| ୨. | **ଲିସା ପାତ୍ର,** ସ୍ୱାମୀ: ଶ୍ରୀତମ ପତି, ସା: ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ, ଜିଲ୍ଲା: ଗଞ୍ଜାମ / **୨୯୩୧୧୬୫୪୦୦୦୦୦୮୭** | ୪.୫୦ | ୫.୩୦ |
| ୩. | **ରାଜା ସାହୁ,** ସା: ମଠ ଷ୍ଟ୍ରିଟ୍, ବୋରିଗାଁ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **୨୯୩୧୧୬୫୪୦୦୦୦୧୦୩** | ୨.୨୫ | ୩.୦୪ |
| | **ଭାବିନିପୁର ଶାଖା, ସିଦ୍ଧାର୍ଥ ନଗର ସ୍କୋୟାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୪, ମୋ.: ୭୨୦୫୨୨୭୫୭୦** | | |
| ୧. | **ଗୌତମ ବାରିକ,** ସା: ଶେରଓ୍ୱାଲି ବିହାର, ୫ମ ଲେନ୍, ସା/ପୋ.: ଭାବିନିପୁର, ଭାୟା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **୨୧୭୧୧୬୫୩୦୦୦୧୦୮୬** | ୩୦.୧୭ | ୩୬.୩୩ |
| ୨. | **ହରିବନ୍ଧୁ ସାହୁ,** ପିତା: ଦୁର୍ଯ୍ୟୋଧନ ସାହୁ, ସା: ଭାବିନିପୁର ବିଗ୍ ଷ୍ଟ୍ରିଟ୍, ଭାୟା: ନିମଖଣ୍ଡି, ଜିଲ୍ଲା: ଗଞ୍ଜାମ / **୨୧୭୧୧୬୫୩୦୦୦୧୦୩୨** | ୩୩.୦୦ | ୪୨.୮୦ |
| | **ବୌଦ୍ଧ ଶାଖା, ଖଲିଆ ବଗିଚା, ଓଲ୍ଡ ଏନ୍‌ଏସି ଅଫିସ୍ ସମ୍ମୁଖ, ଲେନ୍-୧, ଜିଲ୍ଲା: ବୌଦ୍ଧ-୭୬୨୦୧୪, ମୋ: ୯୪୩୭୩୦୫୩୯୫** | | |
| ୧. | **ସୀତାରାମ ମେହେର,** ପିତା: ମହେଶ୍ୱର ମେହେର, ସା: ଚମ୍ପାପୁର, ପୋ.: ମଥୁରା, ଜିଲ୍ଲା: ବୌଦ୍ଧ / **୬୪୫୭୦୬୫୪୦୦୦୦୧୬୮** | ୧୪.୯୦ | ୧୬.୪୦ |
| | **କୋର୍ଟପେଟା ଶାଖା, ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ମୋ.: ୯୯୦୩୮୨୦୧୦୨** | | |
| ୧. | **ଗନ୍ଧର୍ବ ପ୍ରଧାନ,** ପିତା: ମଧୁସୂଦନ ପ୍ରଧାନ, ସା: ମା ତାରାତାରିଣୀ ପୁଷ୍ପାଳୟ, ଟାଟା ବେଞ୍ଜ ସ୍କୋୟାର, ବ୍ରହ୍ମପୁର, ଗଞ୍ଜାମ / **୦୦୮୫୧୬୫୪୦୦୦୦୭୨୦** | ୪୨.୧୦ | ୫୨.୭୬ |
| | **ହଳଦିଆପଦର ଶାଖା, ରାଳଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧** | | |
| ୧. | **ସଞ୍ଜୟ ପ୍ରଧାନ,** ପିତା: ଖଲିଆ ପ୍ରଧାନ, ସା: କିର୍ତ୍ତୀପୁର, ପୋ.: ଲଉଡିଗାଁ, ୨ୟ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **୧୯୮୮୧୬୫୩୦୦୦୦୭୩୦** | ୨୧.୫୦ | ୩୧.୭୭ |
| | **ମେନ୍ ରୋଡ୍ ଛତ୍ରପୁର ଶାଖା, ମେନ୍ ରୋଡ୍, ଛତ୍ରପୁର, ଗଞ୍ଜାମ-୭୬୧୦୨୦, ମୋ: ୯୯୦୧୪୭୭୨୦୦** | | |
| ୧. | **ଆର୍ ପୁନମ୍ମା ରେଡ୍ଡୀ,** ସ୍ୱାମୀ: ଆର୍ ମାଙ୍ଗେୟା ରେଡ୍ଡୀ, ସା: ଘଡଘଡାପଲ୍ଲୀ, ବଣବୁଲାପଲ୍ଲୀ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୦୭୭୪୧୬୫୪୦୦୦୨୩୫୧** | ୬.୦୦ | ୮.୦୦ |
| ୨. | **ଆର୍ ପୁନମ୍ମା ରେଡ୍ଡୀ,** ସ୍ୱାମୀ: ଆର୍ ମାଙ୍ଗେୟା ରେଡ୍ଡୀ, ସା: ଘଡଘଡାପଲ୍ଲୀ, ବଣବୁଲାପଲ୍ଲୀ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୦୭୭୪୧୬୫୪୦୦୦୩୭୫୪** | ୧୭.୨୦ | ୨୨.୮୦ |
| | **ୟୁଏମ୍‌ଏଫ୍‌ବି ବ୍ରହ୍ମପୁର ଶାଖା, ଗିରି ରୋଡ୍, ଗୀତା ଭବନ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୦୦୦୫, ମୋ: ୭୮୭୩୫୮୧୯୪୫** | | |
| ୧. | **ପ୍ରମୋଦ ମହାକୁଡ,** ପିତା: ମୋହନ ମହାକୁଡ, ସା: ରାଘବ ନଗର, ୧ମ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **୦୮୩୯୨୬୬୩୦୦୦୦୧୭୫** | ୧୧୩.୦୦ | ୧୪୪.୮୭ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେଓ୍ୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୬.୦୮.୨୦୨୫** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**HI-TECH MEDICAL COLLEGE & HOSPITAL**
Health Park, Pandara, Rasulgarh, Bhubaneswar-751025

**ନୋଟିସ୍**

ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଛି କି, ଆପଣମାନେ ଉପରିସ୍ଥ କର୍ମଚାରୀଙ୍କୁ କିଛି ନ ଜଣାଇ ଆପଣଙ୍କ କାର୍ଯ୍ୟରେ ଅନଧିକୃତ ଅନୁପସ୍ଥିତ ଅଛନ୍ତି ଏବଂ କାର୍ଯ୍ୟରେ ବହୁତ ଅବହେଳା କରି ଅଛନ୍ତି । ଆପଣଙ୍କୁ ବାରମ୍ବାର ନୋଟିସ୍ ଦେଲା ପରେ କୌଣସି କୈଫତ ଦେଇ ନାହାଁନ୍ତି ।

ଅତଏବ, ଆପଣଙ୍କ ଏପରି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟରୁ ଆଜିଠାରୁ ବହିଷ୍କାର କରାଗଲା ଏବଂ ଉକ୍ତ ଅନୁଷ୍ଠାନର ନାମକୁ ଅସଦୁପଯୋଗ କଲେ ଆପଣ ସମ୍ପୂର୍ଣ୍ଣ ଦାୟୀ ରହିବେ ।

| SL NO | NAME OF THE STAFF | DESIGNATION | DATE OF ABSENT | ADRESS |
|---|---|---|---|---|
| 1 | SASMITA KHATEI | Staff Nurse | 06.07.2025 | AT-CHODA,PO-DABARADHUAPATNA,DIST-KHORDHA, Odisha,Pincode-752066 |
| 2 | SUCHITRA PATRI | Staff Nurse | 06.07.2025 | AT-MARKONA,PO/PS-SIMULIA,DIST-BALASORE,Odisha,756126 |
| 3 | SOJALI SATHUA | Pharmacist | 06.07.2025 | AT-RAJNAGAR,PO-RAJSUNAKHALA,PS-BOLAGARH,DIST-KHORDHA,Odisha,752065 |
| 4 | RASHMI RANI MAHANTA | Staff Nurse | 05.07.2025 | AT-KUDAPI,PO-NAYAKRISHNAPUR,PS-JODA,DIST-KEONJHAR,Odisha,758047 |
| 5 | SOUMYADIP MAITY | Staff Nurse | 06.07.2025 | AT/PO-DAKSHIN MOYNA,PS-MOYNA,DIST-PURBA MEDINIPUR,West Bengal,721629 |
| 6 | RITIKA DAS | Staff Nurse | 06.07.2025 | AT-UTTAMPUR,PO-KOTHAPATNA,PS-CUTTACK SADAR,DIST-CUTTACK,Odisha,754001 |
| 7 | SWATI PRAVA ROUT | Staff Nurse Trainee | 07.06.2025 | AT: PATIA, PS: CHANDRASEKHARPUR, BHUBANESWAR,Odisha,751024 |
| 8 | DIPANJALI MALIK | Staff Nurse | 06.07.2025 | AT: KORO, PO: KORO,DIST : KENDRAPARA,Odisha,754222 |
| 9 | PURNIMA JENA | Staff Nurse Trainee | 06.07.2025 | AT-BIRAPADA,PO-R.N.BETARA,DIST-BHADRAK,Odisha,756112 |
| 10 | MANJUSREE JANA | Staff Nurse Trainee | 06.07.2025 | AT/PO-HALUDBARI,PS-KHEJURI,DIST-PURBA MEDINIPUR,West Bengal,721432 |
| 11 | SUCHISMITA DAS | ANM | 06.07.2025 | AT-SANABETARA,PO/PS-KUDANAGARI,VIA-TYENDAKURA, DIST-KENDRAPARA,Odisha,754134 |
| 12 | BARSHA MAITY | Staff Nurse | 06.07.2025 | AT/PO-KUMIDRA,PS-MARISHDA,DIST-PURBA MEDINIPUR, West Bengal,721444 |
| 13 | SAYANDEEP DEY | Staff Nurse Trainee | 06.07.2025 | 4, DEY STREET,PO/PS-SERAMPORE, HOOGHLU,DIST- HOOGLY,Odisha,712201 |
| 14 | DIPANKAR DEY | Staff Nurse Trainee | 06.07.2025 | VILL-GOPALPUR,PO-EKTARPUR,PS-BHAGWANPUR,DIST-EAST MIDNAPORE,West Bengal,721633 |
| 15 | MANISHA JENA | Staff Nurse Trainee | 08.07.2025 | AT: TIKIRA, PO: BTPUR, VIA: AGARPADA,DIST : BHADRAK,Odisha,756115 |
| 16 | SMRUTI REKHA KAMILA | Staff Nurse Trainee | 06.07.2025 | AT/PO- NAMPO,PS-TALESWAR, BALESHWAR,Odisha,756034 |
| 17 | PUSPAPRIYA PRADHAN | Staff Nurse Trainee | 06.07.2025 | AT - GUDUPAILO, PO - GUALIPADA, BLOCK - DELANG, 752015 ,DIST - PURI, |
| 18 | APARAJITA PENTHOI | Staff Nurse | 05.07.2025 | AT-BUDHAPADA,PO-HARIRAJPUR,PS-JATANI, DIST-KHORDHA,Odisha,752050 |
| 19 | JYOTSNAMAYEE DASH | Staff Nurse Trainee | 05.07.2025 | AT-ARILO,PO-ANGALO,PS-BINJHARPUR,TAHASIL-BARI, DIST-JAJPUR,Odisha,755004 |
| 20 | SWAPNARANI MALLICK | Staff Nurse | 05.07.2025 | AT-URUNIA,PO-LUNGA,DIST-BHADRAK,Odisha,756124 |
| 21 | PRAGATI RANI SAHOO | Staff Nurse Trainee | 06.07.2025 | AT-GOPINATHAPUR, PO-DIGIDA,PS-SAGADA,BALESWAR,Odisha,756027 |
| 22 | ROJALIN OJHA | ANM | 07.07.2025 | AT: KUMARTANKA, PO: MALAPATANA, BLOCK: AUL, VIA: PATTAMUNDAI,DIST: KENDRAPARA,Odisha,754215 |
| 23 | RIYANKA JANA | Staff Nurse | 04.07.2025 | VILL-SANTOSHPUR,PO-JANKAPUR,PS-DANTON, DIST-PASCHIM MEDINIPUR, West Bengal,721435 |
| 24 | LAXMIPRIYA PARIDA | Staff Nurse | 07.07.2025 | AT-MANIKUNDA,PO-MANATIR,PS-MARSHAGHAI, DIST-KENDRAPARA,Odisha,754212 |
| 25 | BHAGYASHREE MOHANTA | Staff Nurse | 08.07.2025 | AT/PO-CHITRADA,PS-MORADA,DIST-MAYURBHANJ,Odisha,757018 |
| 26 | SATHI BISHAI | Staff Nurse | 07.07.2025 | VILL-BARABHAGIA,PO-BALIAGOBINDPUR,PS-PATASHPUR,DIST- PURBA MEDINIPUR,West Bengal,721440 |
| 27 | TUHINA BISWAS | Staff Nurse Trainee | 07.07.2025 | VILL- PANCHBERIYA,PO-KAJLI,SUB DIST-CONTAI-III, DIST-PURBA MEDINIPUR, West Bengal,721422 |
| 28 | SWAPNA JILLAKARA | Staff Nurse | 07.07.2025 | AT-BADA SIGURU,PO-KARUBAI,PS-HATASESIKHAL,DIST-RAYAGADA,765017 |
| 29 | MAMATA SAHOO | Staff Nurse Trainee | 06.07.2025 | AT-KHETANDI,PO-KUSUBENTI,PS-BRAHMAGIRI, DIST-PURI,Odisha,752011 |
| 30 | SASMITA NAYAK | ANM | 07.07.2025 | AT: JAYADEV KASABA PAHI, PO: BARDHANPUR, PS: CHANDIPUR,DIST : BALASORE,Odisha,756021 |
| 31 | DAMAYANTI MAJHI | Staff Nurse | 07.07.2025 | AT-KHADUPANI,PO-BOIRGAON,NUAPADA,Odisha,766111 |
| 32 | PUJA DE | Staff Nurse | 13.07.2025 | VILL- SAURI URF KOTBAR,PO-SAURI,PS-BELDA,DIST-PASCHIM MEDINIPUR,West Bengal,721466 |
| 33 | HEMANTA KUMAR MOHANTA | Staff Nurse | 08.07.2025 | AT-KHADISOLE,PO-KANCHISOLE,PS-BETNOTI,DIST-MAYURBHANJ,Odisha,757025 |
| 34 | RUPALI SAHOO | Staff Nurse Trainee | 08.07.2025 | AT: BALISAHI, B/O: SATYABADI, PO: PATTANAIKIA,DIST : PURI,Odisha,752014 |
| 35 | ANNAPURNA NAIK | ANM | 13.07.2025 | AT- ARJUNABANIA, PO- KANTO, PS- GHASIPURA,DIST- KEONJHAR,Odisha,758015 |
| 36 | MADHUSMITA BEHERA | ANM | 08.07.2025 | AT-CHHAKANA,PO-INDALO,PS-KENDRAPARA SADAR,DIST-KENDRAPARA,Odisha,754210 |
| 37 | EPSHITA DAS | Staff Nurse | 07.07.2025 | AT - BARKANDAPASHARA, PO - NANDIGRAM, PS - NANDIGRAM, DIST - PURBAMEDINIPUR, PIN - 721631 |
| 38 | SUMAN MAJHI | Staff Nurse | 07.07.2025 | AT - SIRKABAD, PO - SIRKABAD, PS - ARSHA, PIN - 723154, DIST- PURULIA, WEST BENGAL |
| 39 | PRAGYAN PARAMITA BEHERA | Staff Nurse | 11.07.2025 | AT-KUNDPUR,PO-HALADIAPADA,PS-BASTA,DIST-BALESWAR,Odisha,756029 |
| 40 | SUNITA JANA | Staff Nurse | 11.07.2025 | AT-DAHADAYA,PO-ALANKARPUR,PS-DIGHA MOHANA, DIST-PURBA MEDINIPUR, West Bengal,721441 |
| 41 | RIYA DEY | Staff Nurse | 06.07.2025 | AT/PO-GOBRAPOTA,PS-BHIMPUR,DIST-NADIA, West Bengal,741103 |
| 42 | PRABIN PRAKASH BEHERA | Staff Nurse | 10.07.2025 | AT/PO: NALAGAJA, PS: RASOGOBINDPUR, DIST : MAYURBHANJ,Odisha,757073 |
| 43 | SUBHADIP JANA | Staff Nurse | 09.07.2025 | AT-PIRIJPUR,PO-BANKIPUT,PS-JUNPUT COASTAL,DIST- PURBA MEDINIPUR,West Bengal,721442 |
| 44 | TRISUL DAS | Staff Nurse Trainee | 07.07.2025 | AT-MALHASAHI,PO/PS-MANGALABAG,DIST-CUTTACK,Odisha,753001 |
| 45 | LAXMIRANI DIGAL | Staff Nurse | 06.07.2025 | AT: KELLAPADA, PO/PS: KELLAPADA, PHIRINGIA,DIST : KANDHAMAL,Odisha |
| 46 | POULAMI MAHANTA | Staff Nurse | 06.07.2025 | KALAPANA BHAWAN AT - RAMBANDH CHESHIRE HOMES, PO - BURNPUR, PS - HIRAPUR, DIST - PASCHIM BARDHAMAN. STATE - WEST BENGAL, PIN - 713325 |
| 47 | KADAMBINEE DAS | Staff Nurse | 07.07.2025 | AT-RAIGAN,PO-RAHAMA,DIST-JAGATSINGHPUR,Odisha,754140 |
| 48 | MANJULATA BEHERA | Staff Nurse Trainee | 07.07.2025 | AT/PO-KUAMARA,PS-KHUNTA,DIST-MAYURBHANJ,Odisha,757027 |
| 49 | SASMITA BEHERA | Staff Nurse | 07.07.2025 | AT-KUDAPATNA,PO- NUAPALANHAT,PS-NIALI,DIST-CUTTACK,Odisha,752120 |
| 50 | JEEBAN KUMAR PRADHAN | Data Entry Operator | 17.07.2025 | AT/PO: JHAJIA, PO: BADAMBA,DIST : CUTTACK,Odisha,754031 |
| 51 | SASMITA SADANGI | Staff Nurse Trainee | 16.07.2025 | VILL/PO-HATIOTA, PS-KABISURYA NAGAR,DIST-GANJAM,Odisha,761117 |
| 52 | PRIYANKA MONDAL | Staff Nurse | 16.07.2025 | BRAHMANGRAM, PS: JOYPUR,DIST : BANKURA,West Bengal,722122 |
| 53 | ANKITA DASH | Staff Nurse | 11.07.2025 | AT-KARADA,PS-ANGEIPAL,PS-DHAMNAGAR,DIST-BHADRAK,Odisha,756117 |
| 54 | ALIPSHA BEHERA | Staff Nurse | 11.07.2025 | AT-KUJANGI,PO-POKNAGAAD,PS-SADAR,DIST-KANDHAMAL,Odisha,762029 |
| 55 | SEKHAR SARKAR | Staff Nurse Trainee | 07.07.2025 | AT/PO/PS-UMERKOTE, DIST-NABARANGAPUR,Odisha,764073 |
| 56 | CHANDANA PRADHAN | ANM | 14.07.2025 | AT-SISUA, PS-OLATPUR, PO-BAIROI, DIST-CUTTACK,Odisha,754010 |
| 57 | ALIVA ROUT | Staff Nurse Trainee | 05.07.2025 | AT-ADADEULI,PO-SANDEULI,PS-KARANJIA,DIST-MAYURBHANJ,Odisha,757037 |
| 58 | ABHISEK DAS | Patient Relationship Executive | 11.07.2025 | AT/PO: KANKADAPAL,DHENKANAL,Odisha,759013 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର



**झारखण्ड सरकार**
**जिला अभियंता कार्यालय, जिला परिषद, देवघर**

**अति अल्पकालीन ई0 निविदा आमंत्रण सूचना–06/2025-26**
**पुनः निविदा सूचना**

| | | |
|---|---|---|
| 1 | बेवसाईट पर निविदा प्रकाशन की तिथि एवं समय | दिनांक :–02.09.2025 समय :– 11:00 पूर्वाह्न |
| 2 | परिमाण विपत्र प्राप्त करने एवं अपलोड करने की अवधि एवं समय | दिनांक :–02.09.2025 समय :– 11:00 पूर्वाह्न से दिनांक :– 09.09.2025 समय :– 5:00 अपराह्न तक |
| 3 | निविदा खोलने की तिथि | दिनांक :–11.09.2025 समय :– 11:00 पूर्वाह्न |
| 4 | विज्ञापनदाता का नाम एवं पता | जिला अभियंता, जिला परिषद, देवघर। |
| 5 | निविदा आमंत्रित करने वाले पदाधिकारी का सपर्क नंबर | 8709864300 |
| 6 | निविदा सेल का सहायता संपर्क नंबर | 8051066861, 7979033663 |

**कार्य की विविरणी : वित्तीय वर्ष 2025–26**

| क्र० | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिलान्तर्गत मधुपुर प्रखण्ड के प्रखण्ड स्तरीय स्टेडियम में आवासीय कबड्डी खेल छात्रावास (बालक) में 25 शैय्यावाले खेल छात्रावास निर्माण कार्य। | 1,60,76,200.00 | 3,21,524.00 | 10,000.00 | 18 माह |

नोट :– 1. सिर्फ ई–निविदा ही मान्य होगा।
2. अधिक जानकारी के http://jharkhandtenders.gov.in पर लॉग ऑन करें।
3. जिला परिषद, देवघर के दिनांक 13.11.2021 की बैठक में लिये गये निर्णय के अनुसार वैसे संवेदक जिनको जिला परिषद में कार्य आवंटित है तथा कार्य लम्बित है एवं कार्य पूर्ण करने की तिथि समाप्त हो चुकी है वैसे संवेदकों को निविदा में भाग लेने का अधिकार नहीं होगा।
4. वैसे संवेदक जिन्हें जिला परिषद, देवघर द्वारा कार्य आवंटित किया गया है परन्तु उनके द्वारा एकरारनामा नहीं किया गया है वे निविदा में भाग नहीं ले सकते हैं।
5. निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।
6. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेवी आपकी होगी।

जिला अभियंता
जिला परिषद, देवघर

PR 360540 Deoghar(25-26)#D



**झारखण्ड सरकार**
**योजना एवं विकास विभाग**
**अर्थ एवं सांख्यिकी निदेशालय**
**योजना भवन, द्वितीय तल, झारखण्ड मंत्रालय नेपाल हाऊस,परिसर डोरण्डा, राँची–834002, झारखण्ड,**
E-Mail- dsejharkhand@gmail.com & Website-desjharkhand.nic.in

पत्रांक .................... दिनांक....................

संचिका सं0 –कृषि 05/10/01/विविध –2025–26

**अल्पकालीन खुला निविदा आमंत्रण**

निदेशानुसार अर्थ एवं सांख्यिकी निदेशालय, योजना एवं विकास विभाग, योजना भवन, नेपाल हाऊस डोरण्डा, राँची के द्वारा ''कृषि सांख्यिकी हस्त पुस्तिका : 2023–24'' का प्रकाशन वित्तीय वर्ष 2025–26 में किया जाना है। उक्त पुस्तक के मुद्रण हेतु निम्न मापदण्ड को निर्धारित किया गया है:– T&C Apply

| Sl.No. | | |
|---|---|---|
| 1. | Size | ¼ Dimy |
| 2. | Book cover Page, 350GSM Multicolor Aqua coating with UV | 04 Pages |
| 3. | Multicolor Text 130 GSM With Matt Finish | 70 Pages |
| 4. | Chapter Partition 250 GSM\ | 20 Pages |
| 5. | Preface 170 GSM With Art paper | 08 pages |
| 6. | Quantity | 500 |

इच्छुक मुद्रणकर्त्ता उपरोक्त विवरण के अनुरूप दिनांक 01.09.2025 के अपराहण 02.00 बजे तक सील बन्द लिफाफे में निविदा, अर्थ एवं सांख्यिकी निदेशालय, योजना भवन, द्वितीय तल, कमरा न0– 219 में जमा कर सकते हैं। दिनांक 02.09.2025 के अपराहण 2.00 बजे कक्ष न0 219 में इच्छुक प्रतिश्ठान के प्रोपराइटर या उनके अधिकृत प्रतिनिधि की उपस्थिति में कोटेशन को निविदा निस्तारण समिति के समक्ष खोला जायेगा।

PR 360461 Planning and Development(25-26)#D — निदेशक

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅବିନାଶ



@ ଦୀପକ



@ ଗୋବର୍ଦ୍ଧନ



@ ସୁକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁ ଥାନାକୁ ବୋମା ପକାଇ ଉଡ଼ାଇଦେବାକୁ ଧମକ, ୪ ଗିରଫ

**ଓଡ଼ଗାଁ,୨୬।୮ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନାକୁ ବୋମା ପକାଇ ଉଡାଇବାକୁ ଧମକ ଦେବା ଅଭିଯୋଗରେ ପୋଲିସ ୪ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଏନ୍ଏସି ବିଜୟମଣ୍ଡପ ସାହିର ଦେବାଶିଷ ବେହେରା(୨୯), କୁରାଳ ଗ୍ରାମର ଶିବ ପ୍ରସାଦ ସାହୁ (୨୮), ଗଞ୍ଜାମ ଜିଲା ଧରାକୋଟ ଥାନା କୁଶଗୁମାର ସୂର୍ଯ୍ୟ ପାଳ (୨୧) ଏବଂ ଭଞ୍ଜନଗରର ଅଜିତ କୁମାର ପାଢ଼ୀ (୨୯)। ଅଭିଯୁକ୍ତମାନେ ରବିବାର ରାତିରେ କଲେଜ ରୋଡ଼ରେ ଶଟର ପଡ଼ିଥିବା ଏକ ଦୋକାନ ଘରେ ବସି ନିଶା ସେବନ କରୁଥିବା ବେଳେ ପୋଲିସ ପାଟ୍ରୋଲିଂ ଭ୍ୟାନ ସେଠାରେ ପହଞ୍ଚିଥିଲା। ପୋଲିସ ଶଟର ଟେକି ଦେଖିବା ସହିତ ସେମାନଙ୍କ ଭିଡିଓ ଉତ୍ତୋଳନ କରିଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିବା ସହିତ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରି କି ସୋମବାର ସକାଳେ ସେମାନେ ଥାନାରେ ପହଞ୍ଚି ପାଟ୍ରୋଲିଂ କରୁଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ । ହେଲେ ପୋଲିସ ସହିତ ସେହି ଯୁବକମାନଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେହି ଯୁବକମାନେ ବୋମା ପକାଇ ଥାନାକୁ ଉଡାଇଦେବୁ ବୋଲି ଧମକ ଦେଇଥିଲେ । କେବଳ ଏତିକିରେ କଥା ସରି ନ ଥିଲା । ସେହି ଯୁବକମାନେ କର୍ତ୍ତବ୍ୟରତ ପୋଲିସ ଅଧିକାରୀମାନଙ୍କୁ ଧମକ ଦେଇ ସରକାରୀ କାମରେ ବାଧା ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ ଜଣେ ପୋଲିସ କର୍ମଚାରୀଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ. ୨୬୩/୨୫) ରୁଜୁ ହେବା ସହିତ ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା ।

# ରାସ୍ତା ଉପରେ ଗାଡ଼ି ପାର୍କିଂ




**ନୟାଗଡ଼,୨୬।୮ (ଲୋକନାଥ ମିଶ୍ର)**


ନୟାଗଡ଼ ଭଞ୍ଜନଗର ୨୧ନଂ. ରାଜ୍ୟ ରାଜପଥର ନୟାଗଡ଼ ସହର ଓଡ଼ଗାଁ ଛକରେ ପ୍ରତିଦିନ ସନ୍ଧ୍ୟାରେ ରାସ୍ତା ଜାମ ହେଉଛି। ପୁଣି ଗଣେଶ ପୂଜା, ସରସ୍ୱତୀ ପୂଜା ପରି ବିଭିନ୍ନ ପାର୍ବଣରେ ସେହି ରାସ୍ତାରେ ବହୁ ଗାଡ଼ି ମୋଟର ଯୋଗୁ ଯାତାୟତ ବାଧାପ୍ରାପ୍ତ ହେଉଛି। ଗୋଟିଏ ପଟେ ମଲ୍, ଅନ୍ୟପଟେ ପୂଜା ସାମଗ୍ରୀ ଦୋକାନ ଓ ଜଳଖିଆ ଦୋକାନ ଥିବାରୁ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ସେହି ଦୋକାନକୁ ଆସୁଥିବା ଗ୍ରହକମାନେ ରାସ୍ତା ଉପରେ ଯାନବାହାନ ରଖୁଛନ୍ତି। ହେଲେ କୌଣସି ଦୋକାନୀ ପାର୍କିଂ ବ୍ୟବସ୍ଥା କରି ନାହାନ୍ତି। ନୟାଗଡ ମ୍ୟୁନିସିପାଲିଟି ଓ ଟାଉନ ଥାନା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏପରିକି ବିଭିନ୍ନ ସମୟରେ ସେହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ବି ଘଟୁଛି। ପୋଲିସ ଓ ପୌର ସଂସ୍ଥାର ଅନୁକମ୍ପା ଯୋଗୁ ଟ୍ରାଫିକ ସେବା ବିଗିଡିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି ।

# ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ଥିତି ଅନୁଧ୍ୟାନକଲେ ଜାତୀୟସ୍ତରୀୟ ଟିମ୍

**ଖଣ୍ଡପଡ଼ା,୨୬।୮ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ାର ବ୍ଲକ ଅଧୀନ ରାଣୀଛେଲି ପଞ୍ଚାୟତ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ପରିଦର୍ଶନ କରିଛନ୍ତି ଜାତୀୟସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ । ଏହି ଟିମ୍‌ରେ ଝାନସୀ ଦୂର୍ଗାରାଣୀ ଏବଂ ଅନିତା ରାଣୀଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ । ଏହି ଟିମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସେବା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଜନସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକମାନ ବୃଦ୍ଧି ସହ ରୋଗୀଙ୍କ ଅଧିକାର, କ୍ଲିନିକାଲ ସେବା, ସଂକ୍ରମଣ ନିୟନ୍ତ୍ରଣ ଭଳି ମାନଦଣ୍ଡ ଆଧାରରେ ଟିମ୍ ସ୍ୱାସ୍ଥ୍ୟ ଉପକେନ୍ଦ୍ର ବୁଲି ଦେଖିଥିଲେ । ଏଥିସହିତ ସ୍ୱାସ୍ଥ୍ୟସେବା ବାବଦରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଏବଂ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରିଥିଲେ । ଜାତୀୟସ୍ତରୀୟ ଏହି ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବିଷୟରେ ଦେଖି ସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଗୋଷ୍ଠୀ ଚିକିତ୍ସାଧିକାରୀ ଅଭିସାର ପଣ୍ଡା, ବିପିଏମ୍ ବିଶ୍ୱରଞ୍ଜନ ସୁବୁଦ୍ଧି, ସନତ ମହାପାତ୍ର, ପିଏଚ୍‌ଓ ରେଣୁବାଳା ମହାପାତ୍ର, ମମତା ସାମଲ, ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଦର୍ଶନରେ ଆସିଥିବା ଟିମକୁ ସହଯୋଗ କରିଥିଲେ।

# ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍



ସିସିଟିଭିରେ କଏଦ ହୋଇଥିବା ୩ ଲୁଟେରା ବାଇକ୍‌ରେ ଫେରାର ହୋଇଯାଉଥିବା ଦୃଶ୍ୟ।

## ଶିକ୍ଷୟିତ୍ରୀଙ୍କ ସ୍କୁଟି ଅଟକାଇ ଲୁଟିନେଲେ ୩ ଯୁବକ

**ନୟାଗଡ଼,୨୬।୮ (ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନା ଅଧୀନ କଇଥଗାଡିଆ ବନ୍ଧ ପାଖରେ ଧବଳେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଖୁଣ୍ଟିଆଙ୍କ ସ୍କୁଟିକୁ ଅଟକାଇ ୩ ଲୁଟେରା ସୁନା ଅଳଙ୍କାର, ଟଙ୍କା, କାଗଜପତ୍ର ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୪୫/୨୫) ରୁଜୁ କରି ତଦନ୍ତ କରୁଛି। ତେବେ ସିସିଟିଭି ଫୁଟେଜରେ ଲୁଟେରାଙ୍କ ଲୁଟ୍ କଏଦ ହୋଇଛି। ସେହି ଫୁଟେଜ୍‌କୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଧବଳେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ନିଜ ସ୍କୁଟିରେ ମଧୁସୂଦନ ନଗର ରାସ୍ତାରେ ଗତ ୨୪ ତାରିଖ ଦିନ ନିଜ ଘର ଯଦୁମଣିନଗରକୁ ଫେରୁଥିଲେ। ଫେରୁଥିବା ବେଳେ ସ୍କୁଟିରୁ ୧୨ ହଜାର ଟଙ୍କା, ଗୋଟିଏ ମଙ୍ଗଳସୁତ୍ର, କାନ ଫୁଲ, ଏଟିଏମ୍ କାର୍ଡ, ସ୍କୁଲ ଚେକ୍ ବହି, ଆଧାରକାର୍ଡ ପରି ସରକାରୀ ଓ ବ୍ୟକ୍ତିଗତ ଅନେକ କାଗଜପତ୍ର ଥିଲା। ହେଲେ ଲୁଟେରାମାନେ ସବୁ ଲୁଟି ନେଇ ଫେରାର ହୋଇଯାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ବିଷ ପିଇ ନାବାଳିକାଙ୍କ ଆତ୍ମହତ୍ୟା

**ଓଡ଼ଗାଁ,୨୬।୮ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କେନାଲ ଛକ ଘଷାଦେଇପୁର ଗୋଡ଼ିସାହିର ଜଣେ ନାବାଳିକା ମଙ୍ଗଳବାର ବିଷପିଇ ଆତ୍ମହତ୍ୟା କରିଛନ୍ତି । ସେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ବେଳେ ଘରପାଖ ଦୋକାନରୁ ଥଣ୍ଡାପାନୀୟ ସହିତ ଗୋଟିଏ ବିସ୍କୁଟ ପ୍ୟାକେଟ ନେଇ ଘରକୁ ଫେରିଥିଲେ । ହେଲେ ଘରେ ପହଞ୍ଚି ଚାଉଳ ପୋକମରା ଔଷଧ ସହିତ ଥଣ୍ଡା ପାନୀୟ ପିଇଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଏଠାରେ ଚର୍ଚ୍ଚା ଜୋର ଧରିଛି।

HI-TECH MEDICAL COLLEGE & HOSPITAL
Health Park, Pandara, Rasulgarh, Bhubaneswar-751025

ନୋଟିସ୍

ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଛି କି, ଆପଣମାନେ ଉପରିସ୍ଥ କର୍ମଚାରୀଙ୍କୁ କିଛି ନ ଜଣାଇ ଆପଣଙ୍କ କାର୍ଯ୍ୟରେ ଅନଧିକୃତ ଅନୁପସ୍ଥିତ ଅଛନ୍ତି ଏବଂ କାର୍ଯ୍ୟରେ ବହୁତ ଅବହେଳା କରି ଅଛନ୍ତି । ଆପଣଙ୍କୁ ବାରମ୍ବାର ନୋଟିସ୍ ଦେଲା ପରେ କୌଣସି କୈଫତ ଦେଇ ନାହାଁନ୍ତି । ଅତଏବ୍, ଆପଣଙ୍କ ଏପରି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟରୁ ଆଜିଠାରୁ ବହିଷ୍କାର କରାଗଲା ଏବଂ ଉକ୍ତ ଅନୁଷ୍ଠାନର ନାମକୁ ଅସଦୁପଯୋଗ କଲେ ଆପଣ ସମ୍ପୂର୍ଣ୍ଣ ଦାୟୀ ରହିବେ ।

| SL NO | NAME OF THE STAFF | DESIGNATION | DATE OF ABSENT | ADRESS |
|---|---|---|---|---|
| 1 | SASMITA KHATEI | Staff Nurse | 06.07.2025 | AT-CHODA,PO-DABARADHUAPATNA,DIST-KHORDHA, Odisha,Pincode-752066 |
| 2 | SUCHITRA PATRI | Staff Nurse | 06.07.2025 | AT-MARKONA,PO/PS-SIMULIA,DIST-BALASORE,Odisha,756126 |
| 3 | SOJALI SATHUA | Pharmacist | 06.07.2025 | AT-RAJNAGAR,PO-RAJSUNAKHALA,PS-BOLAGARH,DIST-KHORDHA,Odisha,752065 |
| 4 | RASHMI RANI MAHANTA | Staff Nurse | 05.07.2025 | AT-KUDAPI,PO-NAYAKRISHNAPUR,PS-JODA,DIST-KEONJHAR,Odisha,758047 |
| 5 | SOUMYADIP MAITY | Staff Nurse | 06.07.2025 | AT/PO-DAKSHIN MOYNA,PS-MOYNA,DIST-PURBA MEDINIPUR,West Bengal,721629 |
| 6 | RITIKA DAS | Staff Nurse | 06.07.2025 | AT-UTTAMPUR,PO-KOTHAPATNA,PS-CUTTACK SADAR,DIST-CUTTACK,Odisha,754001 |
| 7 | SWATI PRAVA ROUT | Staff Nurse Trainee | 07.06.2025 | AT: PATIA, PS: CHANDRASEKHARPUR, BHUBANESWAR,Odisha,751024 |
| 8 | DIPANJALI MALIK | Staff Nurse | 06.07.2025 | AT: KORO, PO: KORO,DIST : KENDRAPARA,Odisha,754222 |
| 9 | PURNIMA JENA | Staff Nurse Trainee | 06.07.2025 | AT-BIRAPADA,PO-R.N.BETARA,DIST-BHADRAK,Odisha,756112 |
| 10 | MANJUSREE JANA | Staff Nurse Trainee | 06.07.2025 | AT/PO-HALUDBARI,PS-KHEJURI,DIST-PURBA MEDINIPUR,West Bengal,721432 |
| 11 | SUCHISMITA DAS | ANM | 06.07.2025 | AT-SANABETARA,PO/PS-KUDANAGARI,VIA-TYENDAKURA, DIST-KENDRAPARA,Odisha,754134 |
| 12–53 | [illegible] | [illegible] | [illegible] | [illegible] |
| 54 | ALIPSHA BEHERA | Staff Nurse | 11.07.2025 | AT-RUANGI,PO-POKNAGAAS,PS-SAGAR,DIST-KANDHAMAL,Odisha,762028 |
| 55 | SEKHAR SARKAR | Staff Nurse Trainee | 07.07.2025 | AT/PO/PS-UMERKOTE, DIST-NABARANGAPUR,Odisha,764073 |
| 56 | CHANDANA PRADHAN | ANM | 14.07.2025 | AT-SISUA, PS-OLATPUR, PO-BAIROI, DIST-CUTTACK,Odisha,754010 |
| 57 | ALIVA ROUT | Staff Nurse Trainee | 05.07.2025 | AT-ADADEULI,PO-SANDEULI,PS-KARANJIA,DIST-MAYURBHANJ,Odisha,757037 |
| 58 | ABHISEK DAS | Patient Relationship Executive | 11.07.2025 | AT/PO: KANKADAPAL,DHENKANAL,Odisha,759013 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର

# ଫଟୋଗ୍ରାଫରଙ୍କ ତାଲିମ କର୍ମଶାଳା

**ନୟାଗଡ଼,୨୬।୮ (ଲୋକନାଥ ମିଶ୍ର)**

ନୂଆ ଟେକ୍ନୋଲୋଜି ବିଷୟରେ ଜଣାଇବା ପାଇଁ କ୍ୟାନନ କମ୍ପାନୀ ତରଫରୁ ଫଟୋଗ୍ରାଫରଙ୍କୁ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ପରିଷଦର ସୃଜନ ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପୁରୁଣା ଅନୁଭୂତି ବଖାଣିଥିଲେ। ବରିଷ୍ଠ ଫଟୋଗ୍ରାଫରମାନଙ୍କୁ ସମ୍ମାନିତ କରାଯାଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଜିଲାର ପ୍ରାୟ ୭୦ ଜଣ ଫଟୋଗ୍ରାଫର ଯୋଗ ଦେଇଥିଲେ। ପାଣ୍ଡୁ ଚରଣ ଖଟେଇ ମଞ୍ଚ ପରିଚାଳନା କରିଥିଲେ। ବଳଭଦ୍ର ସ୍ୱାଇଁ, ନାରାୟଣ ବେହେରା, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।
लापता: आवश्यक सूचना



गुमशुदा अर्पिता सिंह

सर्व साधारण को सूचित किया जाता है कि आवेदिका मनोरमा सिंह के द्वारा अपनी बेटी **अर्पिता सिंह की गुमशुदगी** के संबंध में संबंधित थाना गालुडीह में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा अर्पिता सिंह, पिता–जगदीश सिंह, सा0–बाराज कॉलोनी गालुडीह, क्वाटर नं0–एफ/12, थाना–गालुडीह, जिला–पूर्वी सिंहभूम, जमशेदपुर** जो दिनांक–12.08.2025 को समय 11:00 बजे दिन में घर से कपड़ा सिलाई कराने के नाम पर घर से निकली एवं आजतक वापस नहीं आई है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :– कद–05 फीट 07 इंच, रंग–गोरा, भाषा–बंगाली, हिन्दी, पहनावा–गुलाबी रंग की कुर्ती एवं पैर में सेन्डल।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक (घाटशिला) : 9431706485
थाना प्रभारी, गालुडीह : 9430774620

वरीय पुलिस अधीक्षक,
पूर्वी सिंहभूम, जमशेदपुर।

PR 360494 (Police) 25-26 (D)

यूनियन बैंक ऑफ इंडिया Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨
ସୁନା ନିଲାମ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ବିଷ୍ଣୁ ନଗର ସ୍କୋୟାର, ଆସ୍କା ରୋଡ, ଗେଟ୍ ବଜାର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୭୮୯୪୫୨୯୨୭୨** | | |
| ୧. | **ବସନ୍ତ କୁମାର ମହାନ୍ତି,** ପିତା: ୰ ରାମହରି ମହାନ୍ତି, ସା: ୧ମ ମିଲିଟାରୀ ଲାଇନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **୨୯୩୧୧୬୫୪୦୦୦୦୨୬୫** | ୧୯.୦୦ | ୨୨.୩୦ |
| ୨. | **ଲିପ୍ସା ପାତ୍ର,** ସ୍ୱାମୀ: ଶ୍ରୀତମ ପତି, ସା: ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ, ଜିଲ୍ଲା: ଗଞ୍ଜାମ / **୨୯୩୧୧୬୫୪୦୦୦୦୦୮୭** | ୪.୫୦ | ୫.୩୦ |
| ୩. | **ରାଜା ସାହୁ,** ସା: ମଠ ଷ୍ଟ୍ରିଟ୍, ବୋରିଗାଁ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **୨୯୩୧୧୬୫୪୦୦୦୦୧୦୩** | ୨.୨୫ | ୩.୦୪ |
| | **ଭାବିନିପୁର ଶାଖା, ସିଦ୍ଧାର୍ଥ ନଗର ସ୍କୋୟାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୪, ମୋ.: ୭୨୦୫୨୨୭୫୭୦** | | |
| ୧. | **ଗୌତମ ବାରିକ,** ସା: ଶେରଓ୍ୱାଲି ବିହାର, ୫ମ ଲେନ୍, ସା/ପୋ.: ଭାବିନିପୁର, ଭାୟା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **୨୧୭୧୧୬୫୩୦୦୦୧୦୮୬** | ୩୦.୧୭ | ୩୬.୩୩ |
| ୨. | **ହରିବନ୍ଧୁ ସାହୁ,** ପିତା: ଦୁର୍ଯ୍ୟୋଧନ ସାହୁ, ସା: ଭାବିନିପୁର ବିଗ୍ ଷ୍ଟ୍ରିଟ୍, ଭାୟା: ନିମଖଣ୍ଡି, ଜିଲ୍ଲା: ଗଞ୍ଜାମ / **୨୧୭୧୧୬୫୩୦୦୦୧୦୩୨** | ୩୩.୦୦ | ୪୨.୮୦ |
| | **ବୌଦ୍ଧ ଶାଖା, ଖଲିଆ ବଗିଚା, ଓଲ୍ଡ ଏନ୍ଏସି ଅଫିସ୍ ସମ୍ମୁଖ, ଲେନ୍-୧, ଜିଲ୍ଲା: ବୌଦ୍ଧ-୭୬୨୦୧୪, ମୋ: ୯୪୩୭୩୦୫୩୯୫** | | |
| ୧. | **ସୀତାରାମ ମେହେର,** ପିତା: ମହେଶ୍ୱର ମେହେର, ସା: ଚମ୍ପାପୁର, ପୋ.: ମଥୁରା, ଜିଲ୍ଲା: ବୌଦ୍ଧ / **୬୪୫୭୦୬୫୪୦୦୦୦୧୬୮** | ୧୪.୯୦ | ୧୬.୪୦ |
| | **କୋର୍ଟପେଟା ଶାଖା, ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ମୋ.: ୯୯୦୩୮୨୦୧୦୨** | | |
| ୧. | **ଗନ୍ଧର୍ବ ପ୍ରଧାନ,** ପିତା: ମଧୁସୂଦନ ପ୍ରଧାନ, ସା: ମା ତାରାତାରିଣୀ ପୁସ୍ତକାଳୟ, ଟାଟା ବେଞ୍ଜ ସ୍କୋୟାର, ବ୍ରହ୍ମପୁର, ଗଞ୍ଜାମ / **୦୦୮୫୧୬୫୪୦୦୦୦୭୨୦** | ୪୨.୧୦ | ୫୨.୭୬ |
| | **ହଳଦିଆପଦର ଶାଖା, ରାଳଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧** | | |
| ୧. | **ସଞ୍ଜୟ ପ୍ରଧାନ,** ପିତା: ଖଲିଆ ପ୍ରଧାନ, ସା: କିର୍ତ୍ତିପୁର, ପୋ.: ଲଉଡିଗାଁ, ୨ୟ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **୧୯୮୮୧୬୫୩୦୦୦୦୭୩୦** | ୨୧.୫୦ | ୩୧.୭୭ |
| | **ମେନ୍ ରୋଡ୍ ଛତ୍ରପୁର ଶାଖା, ମେନ୍ ରୋଡ୍, ଛତ୍ରପୁର, ଗଞ୍ଜାମ-୭୬୧୦୨୦, ମୋ: ୯୯୦୧୪୭୭୨୦୦** | | |
| ୧. | **ଆର୍ ପୁନମ୍ମା ରେଡ୍ଡୀ,** ସ୍ୱାମୀ: ଆର୍ ମାଙ୍ଗେୟା ରେଡ୍ଡୀ, ସା: ଘଡଘଡାପଲ୍ଲୀ, ବଣବୁଲାପଲ୍ଲୀ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୦୭୭୪୧୬୫୪୦୦୦୨୩୫୧** | ୬.୦୦ | ୮.୦୦ |
| ୨. | **ଆର୍ ପୁନମ୍ମା ରେଡ୍ଡୀ,** ସ୍ୱାମୀ: ଆର୍ ମାଙ୍ଗେୟା ରେଡ୍ଡୀ, ସା: ଘଡଘଡାପଲ୍ଲୀ, ବଣବୁଲାପଲ୍ଲୀ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୦୭୭୪୧୬୫୪୦୦୦୩୭୫୪** | ୧୭.୨୦ | ୨୨.୮୦ |
| | **ୟୁଏମ୍ଏଫ୍‌ବି ବ୍ରହ୍ମପୁର ଶାଖା, ଗିରି ରୋଡ୍, ଗୀତା ଭବନ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୦୦୦୫, ମୋ: ୭୮୭୩୫୮୧୯୪୫** | | |
| ୧. | **ପ୍ରମୋଦ ମହାଙ୍କୁଡ,** ପିତା: ମୋହନ ମହାଙ୍କୁଡ, ସା: ରାଘବ ନଗର, ୧ମ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **୦୮୩୯୨୬୬୩୦୦୦୦୧୭୫** | ୧୧୩.୦୦ | ୧୪୪.୮୭ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୬.୦୮.୨୦୨୫ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

झारखण्ड सरकार
जिला अभियंता कार्यालय, जिला परिषद, देवघर

अति अल्पकालीन ई0 निविदा आमंत्रण सूचना–06/2025-26
पुनः निविदा सूचना

| | | |
|---|---|---|
| 1 | बेवसाईट पर निविदा प्रकाशन की तिथि एवं समय | दिनांक :–02.09.2025 समय :– 11:00 पूर्वाह्न |
| 2 | परिमाण विपत्र प्राप्त करने एवं अपलोड करने की अवधि एवं समय | दिनांक :–02.09.2025 समय :– 11:00 पूर्वाह्न से दिनांक :– 09.09.2025 समय :– 5:00 अपराह्न तक |
| 3 | निविदा खोलने की तिथि | दिनांक :–11.09.2025 समय :– 11:00 पूर्वाह्न |
| 4 | विज्ञापनदाता का नाम एवं पता | जिला अभियंता, जिला परिषद, देवघर। |
| 5 | निविदा आमंत्रित करने वाले पदाधिकारी का सपर्क नंबर | 8709864300 |
| 6 | निविदा सेल का सहायता संपर्क नंबर | 8051066861, 7979033663 |

कार्य की विविरणी : वित्तीय वर्ष 2025–26

| क्र0 | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिलान्तर्गत मधुपुर प्रखण्ड के प्रखण्ड स्तरीय स्टेडियम में आवासीय कबड्डी खेल छात्रावास (बालक) में 25 शैय्यावाले खेल छात्रावास निर्माण कार्य। | 1,60,76,200.00 | 3,21,524.00 | 10,000.00 | 18 माह |

नोट :– 1. सिर्फ ई–निविदा ही मान्य होगा।
2. अधिक जानकारी के http://jharkhandtenders.gov.in पर लॉग ऑन करें।
3. जिला परिषद, देवघर के दिनांक 13.11.2021 की बैठक में लिये गये निर्णय के अनुसार वैसे संवेदक जिनको जिला परिषद में कार्य आवंटित है तथा कार्य लम्बित है एवं कार्य पूर्ण करने की तिथि समाप्त हो चुकी है वैसे संवेदकों को निविदा में भाग लेने का अधिकार नहीं होगा।
4. वैसे संवेदक जिन्हें जिला परिषद, देवघर द्वारा कार्य आवंटित किया गया है परन्तु उनके द्वारा एकरारनामा नहीं किया गया है वे निविदा में भाग नहीं ले सकते हैं।
5. निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।
6. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेवी आपकी होगी।

जिला अभियंता
जिला परिषद, देवघर

PR 360540 Deoghar(25-26)#D

झारखण्ड सरकार
योजना एवं विकास विभाग
अर्थ एवं सांख्यिकी निदेशालय
योजना भवन, द्वितीय तल, झारखण्ड मंत्रालय नेपाल हाऊस, परिसर डोरण्डा, राँची–834002, झारखण्ड,
E-Mail- dsejharkhand@gmail.com & Website-desjharkhand.nic.in

पत्रांक .................. दिनांक..................
संचिका सं0 –कृषि 05/10/01/विविध –2025–26

अल्पकालीन खुला निविदा आमंत्रण

निदेशानुसार अर्थ एवं सांख्यिकी निदेशालय, योजना एवं विकास विभाग, योजना भवन, नेपाल हाऊस डोरण्डा, राँची के द्वारा "कृषि सांख्यिकी हस्त पुस्तिका : 2023–24" का प्रकाशन वित्तीय वर्ष 2025–26 में किया जाना है। उक्त पुस्तक के मुद्रण हेतु निम्न मापदण्ड को निर्धारित किया गया है:– T&C Apply

| Sl.No. | | |
|---|---|---|
| 1. | Size | ¼ Dimy |
| 2. | Book cover Page, 350GSM Multicolor Aqua coating with UV | 04 Pages |
| 3. | Multicolor Text 130 GSM With Matt Finish | 70 Pages |
| 4. | Chapter Partition 250 GSM\ | 20 Pages |
| 5. | Preface 170 GSM With Art paper | 08 pages |
| 6. | Quantity | 500 |

इच्छुक मुद्रणकर्त्ता उपरोक्त विवरण के अनुरूप दिनांक 01.09.2025 के अपराहण 02.00 बजे तक सील बन्द लिफाफे में निविदा, अर्थ एवं सांख्यिकी निदेशालय, योजना भवन, द्वितीय तल, कमरा न0– 219 में जमा कर सकते हैं। दिनांक 02.09.2025 के अपराहण 2.00 बजे कक्ष न0 219 में इच्छुक प्रतिश्ठान के प्रोपराइटर या उनके अधिकृत प्रतिनिधि की उपस्थिति में कोटेशन को निविदा निस्तारण समिति के समक्ष खोला जायेगा।

PR 360461 Planning and Development(25-26)#D — निदेशक

# ତ୍ରୁଟିଶୂନ୍ୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

## ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ

ଯାଜପୁରରୋଡ୍,୨୬।୮ (ପବିତ୍ର ରଞ୍ଜନ ମହାନ୍ତି)


ବୈଠକରେ ଉପସ୍ଥିତ ଜିଲାପାଳ, ବିଧାୟକ ଏବଂ ଅନ୍ୟ ଅଧିକାରୀମାନେ।

ବ୍ୟାସନଗର ସହରର ବ୍ୟାସଦେବ ଟାଉନ ହଲ ପରିସରରେ ମଙ୍ଗଳବାର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆକାଶ ଦାସନାୟକ ଯୋଗଦେଇ କୋରେଇ ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କୋରେଇ ବ୍ଲକ୍ ଏବଂ ବ୍ୟାସନଗର ପୌରପରିଷଦ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋରେଇ ବ୍ଲକ୍‌ରେ ବିଭିନ୍ନ ସବସେଣ୍ଟର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ହେଉଥିବାନେଇ ବିଧାୟକ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ତାଗିଦ କରିଛନ୍ତି। ତୁରନ୍ତ ଉକ୍ତ ଗୃହ କାର୍ଯ୍ୟ ଶେଷ କରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟରେ ବିଳମ୍ବ କରୁଥିବା ଏଜେନ୍ସି ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ସରକାରୀ ଭାବେ କୌଣସି ଅସୁବିଧା ଥିଲେ ତାହାର ତୁରନ୍ତ ସମାଧାନ କରିବାକୁ ବ୍ୟାସନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଥିବାରୁ ଉକ୍ତ ରାସ୍ତାରେ ଯାତାୟାତ ସୁଗମ କରିବାକୁ କହିଛନ୍ତି। ଆର୍‌ଆଇ ଅଫିସ, ମେଡିକାଲ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିକୋଇଲିରେ ନିର୍ମିତ ଆଶୁ ଚିକିତ୍ସା କେନ୍ଦ୍ର ଖୁବ୍‌ଶୀଘ୍ର ଲୋକାର୍ପଣ ହେବାକୁ ଥିବାବେଳେ ଏହା ପରିସରରେ କର୍ମଚାରୀ ଗୃହ ନିର୍ମାଣ ପାଇଁ ଟେଣ୍ଡର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କୋରେଇ ଭବନ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୫୦ ଲକ୍ଷ ଏବଂ ପୂର୍ବ କାର୍ଯ୍ୟ ବକେୟାରୁ ୨୪ ଲକ୍ଷ ମୋଟ ୭୪ ଲକ୍ଷ ବ୍ୟୟରେ ନୂତନ ଟେଣ୍ଡର କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଧାୟକ ବ୍ୟାସନଗର ଏବଂ କୋରେଇରେ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ବ୍ୟାସନଗର ସହରର ରାସ୍ତା ଏବଂ ଡ୍ରେନ ସମସ୍ୟା ସମାଧାନ ଦିଗରେ ପୌରାଧ୍ୟକ୍ଷ ସୁବାସ ବଳ ଜିଲାପାଳ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି କାର୍ଯ୍ୟ ଦୁର୍ଗାପୂଜା ପୂର୍ବରୁ ସାରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି।

ମଧୁବାବୁ ପେନସନ ଯୋଜନା, ବସ୍ତି ବାସିନ୍ଦାଙ୍କୁ ଗୃହ ପ୍ରଦାନ, ବିଦ୍ୟୁତ୍ ଯୋଗାଣ ଉପରେ ବିଧାୟକ ଆଲୋଚନା କରିଛନ୍ତି। ଫାୟାର ଷ୍ଟେଶନ ମିଲିଟାରି ଛକ ଏବଂ ମିଲିଟାରିଛକରୁ ଧବଳଗିରି ରାସ୍ତାରେ ଲାଇଟ ଜଳୁ ନ ଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ଏହାକୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୋରେଇ ଏବଂ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଗୃହ ନିମନ୍ତେ ଟେଣ୍ଡର ସରିଥିବାରୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ବିଧାୟକ ସ୍କୁଲ, କଲେଜ ଏବଂ ମେଡିକାଲ ସ୍ଥାନକୁ ଅବରୋଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅବଗତ କରିଛନ୍ତି। ବ୍ୟାସନଗର ସହରରେ ବିଭିନ୍ନ ବିଦ୍ୟାଳୟର ଗୃହ ନିମନ୍ତେ ଟେଣ୍ଡର ସରିଥିବାରୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ତହସିଲଦାର ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ମିଶ୍ର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲା, ପୌର ପରିଷଦ ଏବଂ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲାପାଳ, ବିଧାୟକ ଏବଂ ଅନ୍ୟ ଅଧିକାରୀ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦାବିପତ୍ର


ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଟାଉନ,୨୬।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ବନ୍ୟାର ସ୍ଥାୟୀ ପ୍ରତିକାର ଓ ରାସ୍ତା ସୁଦୃଢ଼ୀକରଣ ପାଇଁ ସିମିଳିଆବାସୀଙ୍କ ପକ୍ଷରୁ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ଯାଜପୁର ଗସ୍ତରେ ଆସିଥିବାବେଳେ ଏହି ଦାବିପତ୍ର ଦିଆଯାଇଛି। ବୈତରଣୀ ନଦୀର ଶାଖା ବୁଢ଼ା ଓ ଖରସ୍ରୋତାରେ ବନ୍ୟା ଆସିଲେ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ବୁଢ଼ା ଘାଟରୁ ସିମିଳିଆକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବନ୍ୟାଜଳରେ ବୁଡ଼ିଯିବା ଦ୍ୱାରା ପଞ୍ଚାୟତବାସୀ ଜଳବନ୍ଦୀ ଜୀବନ ବିତାନ୍ତି। ନଦୀରେ ସାମାନ୍ୟ ବନ୍ୟା ଆସିଲେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଚାଷଜମିରେ ବନ୍ୟା ଜଳ ମାଡ଼ିଯିବାରୁ ଧାନ ଓ ପରିବା ସମ୍ପୂର୍ଣ୍ଣ ଉଜୁଡ଼ି ଯାଏ। ତେଣୁ ସିମିଳିଆ ପଞ୍ଚାୟତବାସୀ ବନ୍ୟା ଦାଉରୁ କିପରି ରକ୍ଷା ପାଇବେ ଓ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ସୁଦୃଢ଼ୀକରଣ ହୋଇପାରିବ ସେ ନେଇ ପୂର୍ବତନ ଜିଲା ଭାଜପା ସଭାପତି ଗୌତମ ରାୟ ମନ୍ତ୍ରୀ ପୂଜାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ନାୟକ ଉପସ୍ଥିତ ଥିଲେ। ପରେ ଭାଜପା କର୍ମକର୍ତ୍ତା ମହେନ୍ଦ୍ର କୁମାର ରାଉତ, ହୃଷୀକେଶ ମେକାପ, ବିରଞ୍ଚି ନାରାୟଣ ପୃଷ୍ଟି ଓ ଶଙ୍କର୍ଷଣ ବେହେରା ପ୍ରମୁଖ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨୬।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ଜଣେ ବୃଦ୍ଧଙ୍କ ମଙ୍ଗଳବାର କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ଭିକାରି ମହାରଣା(୮୪)। ସକାଳେ ଭିକାରି ନିଜ ଘର ପାଖ ପଚ୍ଚାମୁଣ୍ଡାଇ କେନାଲକୁ ଶୌଚହେବାକୁ ଯାଇଥିଲେ। ଅସାବଧାନତାବଶତ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ସେ ଗଭୀର ଜଳ ମଧ୍ୟକୁ ପଶି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବାହାଦୁର ନଗର ଗୋପୀନାଥ ବିଦ୍ୟାପୀଠ ନିକଟରେ ସେ ଭାସୁଥିବା ଖବର ତାଙ୍କ ୩ ପୁଅ ଜୟନ୍ତ, ଦୁଷ୍ମନ୍ତ ଓ ଅନନ୍ତ ପହଞ୍ଚି ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ଯାଜପୁରଟାଉନ,୨୬।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)



ଯାଜପୁର ବୈଷ୍ଣବ ଦତ୍ତ ହାଇସ୍କୁଲର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୁରୁଚରଣ ପୃଷ୍ଟି (୭୦)ଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ଓ ମେଳାପୀ ବ୍ୟକ୍ତି ଥିଲେ। ମୃତ୍ୟୁ ଖବର ପାଇ ଅବସରପ୍ରାପ୍ତ ଶିକ୍ଷକ ସଂଘ କର୍ମକର୍ତ୍ତା, ରାଜନୈତିକ ବ୍ୟକ୍ତି ବିଶେଷ, ପୂର୍ବତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ରାମେଶ୍ୱରପୁର ସ୍ଥିତ ବାସଭବନରେ ପହଞ୍ଚି ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ମରଶରୀରକୁ ବାରୁଣୀ ପଡ଼ିଆସ୍ଥିତ ମହାଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ବଡ଼ପୁଅ ଲଲାଟେନ୍ଦୁ ପୃଷ୍ଟି ମୁଖାଗ୍ନି ଦେଇଥିଲେ।

### ବୈତରଣୀରେ କମୁଛି, ଖରସ୍ରୋତାରେ ବଢୁଛି

ପାଣିକୋଇଲି,୨୬।୮ (ବିକାଶ ମଲ୍ଲିକ)

ବୈତରଣୀ ନଦୀରେ ବନ୍ୟାଜଳ ହ୍ରାସ ପାଉଥିବା ବେଳେ ଖରସ୍ରୋତାରେ ବଢ଼ିବାରେ ଲାଗିଛି। କୋରେଇ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ଜଣାଶୁଣା। ଏହାର ଉତ୍ତରରେ ବୈତରଣୀ ଓ ଦକ୍ଷିଣରେ ଖରସ୍ରୋତା ପ୍ରବାହିତ ହେଉଛି। ଏବେ ଖରସ୍ରୋତା ନଦୀ ବଢୁଛି। ଫଳରେ ରସୁଲପୁର ଓ କୋରେଇ ଦୁଇଟି ବ୍ଲକର ୬ଟି ପଞ୍ଚାୟତ ତଣ୍ଡରା, ବଡବିରୁହା, ଗୋଳେଇପୁର ପ୍ରଭାବିତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଲଘୁଚାପ ଜନିତବର୍ଷା କମିଥିବାରୁ ପ୍ରଭାବ ନ ପଡିପାରେ ବୋଲି ଆଶା କରାଯାଉଛି।

# ଧବଳଗିରି-ଫେରୋକ୍ରୋମ ପ୍ଲାଣ୍ଟ ରାସ୍ତା ମରଣଯନ୍ତା


ରାସ୍ତାରେ ସୃଷ୍ଟିହୋଇଥିବା ଖାଲଖମା।

ଯାଜପୁରରୋଡ୍,୨୬।୮ (ପବିତ୍ର ରଞ୍ଜନ ମହାନ୍ତି)

## ମରାମତି ପାଇଁ କାଉନସିଲରଙ୍କ ଦାବିପତ୍ର

ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ଧବଳଗିରିରୁ ଫେରୋକ୍ରୋମ କାରଖାନା ପର୍ଯ୍ୟନ୍ତ ଯାଇଥିବା ୨ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ଓଏମ୍‌ସି ପରିଚାଳିତ ଫେରୋକ୍ରୋମ କାରଖାନାକୁ ପ୍ରତିଦିନ ଶତାଧିକ ମାଲ୍ ବୋଝେଇ ଗାଡ଼ି ଆସୁଥିବାରୁ ରାସ୍ତା ଏଭଳି ହୋଇପଡ଼ିଛି। ଏହି ଦୁଇ କିଲୋମିଟର ରାସ୍ତାରେ ଶତାଧିକ ଖାଲ ହୋଇଛି। ଫଳରେ ବର୍ଷା ପାଣି ଜମି ରହି ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ଉପରେ ନିର୍ଭର କରୁଥିବା ୫ଟି ୱାର୍ଡର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗତ ଶୁକ୍ରବାର ସକାଳେ ଜଣେ ବୃଦ୍ଧ ଏହି ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି ହୋଇଥିଲା। ଗତ ଶନିବାର ପୌର ପରିଷଦର ୫ କାଉନସିଲର କାରଖାନା କର୍ତ୍ତୃପକ୍ଷଙ୍କୁ ଭେଟି ତୁରନ୍ତ ରାସ୍ତା ମରାମତି କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା ମରାମତି ନ ହେଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବବୋଲି ଚେତାବନୀ ଦେଇଛନ୍ତି। କାଉନସିଲର ବିଜୟ ଜେନା, କୁନି ହାଁସଦା, ମୋନାଲିସା ସାହୁ, କାଉନସିଲରଙ୍କ ପ୍ରତିନିଧି ଅନୁପ ନାୟକ ଓ ପ୍ରଶାନ୍ତ ଖୁଣ୍ଟିଆ ପ୍ରମୁଖ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଯାଜପୁରଟାଉନ,୨୬।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁରର ବରିଷ୍ଠ ଖବରଦାତା ଅରୁଣ ରାଉତରାୟଙ୍କ ମା’ ବାସନ୍ତିଲତା ରାଉତରାୟ(୯୩)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନଥିଲେ। ବାସନ୍ତିଲତା ଜଣେ ମିଷ୍ଟଭାଷୀ, ସ୍ନେହୀ, ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଯାଜପୁର ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି, ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ନାୟକ, ଆଦିତ୍ୟ ମେକାପ, ଦେବେନ୍ଦ୍ର ମିଶ୍ର, ସମରଜିତ ମହାନ୍ତି, ସନ୍ଦୀପ୍ତ ରାୟ, ସଞ୍ଜିବ ନାୟକ, ଦିଲୀପ ଦାସ, ତପନ ମହାନ୍ତି, ଆଦିତ୍ୟ ମହାନ୍ତି, ଅକ୍ଷୟ ପ୍ରଧାନ, ଅନିଲ ପଣ୍ଡା, ପରମେଶ୍ୱର ବେଉରିଆ, ବିଜୟ ସାହୁ, ଦେବାଶିଷ ସାହୁ, ମହେଶ୍ୱର ସାହୁ, ଏସକେ ମନିରୁଦ୍ଦିନ, ପ୍ରଭାତ ତ୍ରିପାଠୀ, ସମର ବିଜୟ ଶରଣଙ୍କ ସମେତ ବହୁ ଖବରଦାତା ତାଙ୍କ ଶେଷ ଦର୍ଶନ କରିବା ସହ ଅମରଆତ୍ମାର ସଦଗତି କାମନା କରିଥିଲେ। ବିରଜାପୁର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ଅଶୋକ ରାଉତରାୟ ମୁଖାଗ୍ନି ଦେଇଥିଲେ।

# ଅବସରପ୍ରାପ୍ତ କୃଷି ବୈଷୟିକ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

ରସୁଲପୁର,୨୬।୮ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମର ଅବସରପ୍ରାପ୍ତ କୃଷି ବୈଷୟିକ ଅଧିକାରୀ ପର୍ଶୁରାମ ଦେଓଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ କୀର୍ତ୍ତନ ବିହାରୀ ସାହୁ, ପୀତାମ୍ବର ରାଉତ, ବୈକୁଣ୍ଠ ରଥ, ବିମ୍ବାଧର ଓଝା, ରାଜକିଶୋର ଆଏଚ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଧାଂଶୁ ରଞ୍ଜନ ଆଏଚ, ଶଙ୍କର୍ଷଣ ଆଏଚ, ପ୍ରଶାନ୍ତ ଦେଓ, ପ୍ରସନ୍ନ ଦେଓ, ଗୋପାଳ ଚନ୍ଦ୍ର ବିଶ୍ୱାଳ ଓ କାଳନ୍ଦୀ କଣ୍ଟ ପ୍ରମୁଖ ଯୋଗଦେଇ ଦେଓଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ବିଷୟରେ ମତ ରଖିଥିଲେ। କୃଷିରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହ କୃଷି କାର୍ଯ୍ୟକୁ ନେଇ କିଭଳି ଯୁବ ସମାଜ ଆତ୍ମନିର୍ଭରଶୀଳ ହୋଇପାରିବ ସେ ଦିଗରେ ଦେଓ ସର୍ବଦା ଚେଷ୍ଟା କରୁଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ରଘୁନାଥ ପତି ଗୀତାପାଠ କରିଥିଲେ। ଯୁବନେତା ରଞ୍ଜନ ଦେଓ ଧନ୍ୟବାଦ ଦେଇଥିଲେ।

# ବିଜେଡି ଛାଡ଼ିଲେ ଚନ୍ଦ୍ରକାନ୍ତ ଖଣ୍ଡାଇ

ପାଣିକୋଇଲି,୨୬।୮ (ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ଗୋଳିପୁର ପଞ୍ଚାୟତର ଯୁବନେତା ଚନ୍ଦ୍ରକାନ୍ତ ଖଣ୍ଡାଇ ବିଜେଡି ଛାଡିଛନ୍ତି। ୨୦୨୪ ନିର୍ବାଚନରେ କଂଗ୍ରେସରୁ ଆସି ବିଜେଡିରେ ସାମିଲ ହୋଇଥିଲେ। ତେବେ କୋରେଇକୁ ବିକାଶ ବଦଳରେ ଲୁଣ୍ଠନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ପ୍ରଣବ ପ୍ରକାଶ ଦାସ କାର୍ଯ୍ୟ କରୁଥିବାରୁ ଖଣ୍ଡାଇ ଅତିଷ୍ଠ ହୋଇ ଇସ୍ତଫା ଦେଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଚୋରି ମାମଲାରେ ୨ ଗିରଫ

ଯାଜପୁର ଟାଉନ,୨୬।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜଣେ ଅବସରପ୍ରାପ୍ତ ଡିଏସ୍‌ପିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ୫ ହଜାର ଟଙ୍କା ଚୋରି ଘଟଣାରେ ଯାଜପୁର ଟାଉନ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଟାଉନ୍ ଥାନା ସଚ୍ଚମାଧବ ଅଞ୍ଚଳର ବଳରାମ ବେହେରା ଓରଫ୍ ବଳିଆ (୩୬), ମାଧପୁର ଗ୍ରାମର ସୌମେନ୍ଦ୍ର ଜେନା ଓରଫ ବଣ୍ଟନ(୨୮)। ଗିରଫ ଯୁବକଦ୍ୱୟ ଯାଜପୁର ଟାଉନର ତାଙ୍କର ସହଯୋଗୀ ସାହିଲ ଓ ଭୀମାଙ୍କୁ ଚୋରି ସୁନା ଗହଣା ବିକ୍ରି ପାଇଁ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ପୋଲିସ ସାହିଲ ଓ ଭୀମାଙ୍କୁ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ ଗିରଫ ଯୁବକଦ୍ୱୟ ଭୁବନେଶ୍ୱର, ଭଦ୍ରକ, ଯାଜପୁର ଥାନା ଅଞ୍ଚଳର ଅନେକ ଚୋରି, ଛିନ୍‌ତାଇ ଓ ଅନ୍ୟାନ୍ୟ ମାମଲାରେ ସାମିଲ ଅଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ସୁବାସ ଚନ୍ଦ୍ର ମୁଦୁଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର ଅବସରପ୍ରାପ୍ତ ଡିଏସପି ବିରଜା କିଙ୍କର ଘରେ ନ ଥିବାବେଳେ ଚୋରି ହୋଇଥିଲା। ଗତ ୨୦ ତାରିଖରେ ତାଙ୍କ ଘରୋଇ ପୂଜକ ଦିପୁନା ପୂଜା କରିବା ନିମନ୍ତେ ଘରକୁ ଆସିଥିବାବେଳେ ୨ଟି ଆଲମିରାରୁ ଚୋରି ହୋଇଥିବା ଜଣାଇଥିଲେ। ୨୧ ତାରିଖ ଦିନ କିଙ୍କର ଏବଂ ତାଙ୍କ ସ୍ତ୍ରୀ ଆସି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୩୯୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।


ଗିରଫ ୨ ଅଭିଯୁକ୍ତ।

# ଅନନ୍ୟ ମୂର୍ତ୍ତି କାରିଗର ଚନ୍ଦ୍ରମଣି

## ବର୍ଷ ସାରା ଗଢୁଛନ୍ତି ବିଭିନ୍ନ ମୂର୍ତ୍ତି

ଧର୍ମଶାଳା,୨୬।୮ (ବଟକୃଷ୍ଣ ପରିଡ଼ା)


ଗଣେଶ ମୂର୍ତ୍ତିରେ ଶେଷ ସ୍ୱର୍ଶ ଦେଉଛନ୍ତି କାରିଗର।

ଓଡ଼ିଆଙ୍କ ବାର ମାସରେ ତେର ପର୍ବ। ଏହାକୁ ଦୃଷ୍ଟିରେ ରଖି ମୂର୍ତ୍ତିକାରିଗରମାନେ ବିଭିନ୍ନ ମୂର୍ତ୍ତି ଗଢ଼ିବାରେ ଲାଗିପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମର ମୂର୍ତ୍ତି କାରିଗର ଚନ୍ଦ୍ରମଣି ବେହେରା(୪୦) ଅନନ୍ୟ। ଚନ୍ଦ୍ରମଣି ଜଣେ ଉଚ୍ଚକୋଟିର ମୂର୍ତ୍ତି କାରିଗର। ସେ ପିଲାଦିନୁ ମୂର୍ତ୍ତି ଗଢ଼ିବାରେ ଲାଗିଛନ୍ତି। ତାଙ୍କ ବାପା ହରିହର ମଧ୍ୟ ମାଟି ପାତ୍ର ତିଆରି କରନ୍ତି। ଚନ୍ଦ୍ରମଣିଙ୍କ ଭାଇ ମଙ୍ଗୁଳି ମଧ୍ୟ ଜଣେ ମୂର୍ତ୍ତି କାରିଗର। ମୂର୍ତ୍ତି ଗଢ଼ାଯାଉଥିବା ଦେଖି ଚନ୍ଦ୍ରମଣି ପିଲାବେଳୁ ଆକର୍ଷିତ ହୋଇଥିଲେ। ପ୍ରଥମେ ସେ ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ। ପରେ ଭାଇଙ୍କ ସହ ରାଜ୍ୟର ବହୁ ଜିଲାକୁ ଯାଇ ମୂର୍ତ୍ତି ଗଢୁଛନ୍ତି। ୨୦୦୨ରେ ମାଟ୍ରିକ ପାସପରେ ଚନ୍ଦ୍ରମଣି ଘର ପାଖରେ ଏକ ଫାର୍ମ କରି ମୂର୍ତ୍ତି ଗଢୁଛନ୍ତି। ଏବେ ବରାଦ ଅନୁଯାୟୀ ବର୍ଷସାରା ମୂର୍ତ୍ତି ଗଢୁଛନ୍ତି। ସେ ଲକ୍ଷ୍ମୀ ନାରାୟଣ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଖୁଦୁରୁକୁଣୀ ଓଷା(ଭାଲୁକୁଣୀ), ଗଣେଶ, ଦୁର୍ଗା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଓ ହନୁମାନ ମୂର୍ତ୍ତି ଗଢିଥାନ୍ତି। ମୂର୍ତ୍ତି ଗଢ଼ିବା ପାଇଁ ମାଟି, ବାଉଁଶ ବତା, ସୁତୁଲି, କଣ୍ଟା, କାଠ ପଟା, ଝୋଟ ଓ ରଙ୍ଗ ଆଦି କିଣିବାକୁ ପଡ଼ିଥାଏ।

ତାଙ୍କ ମୂର୍ତ୍ତିଗୁଡ଼ିକ ଧର୍ମଶାଳା ଓ ଜାରକା କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ, କେନ୍ଦୁଝର, ଭଣ୍ଡାରିପୋଖରୀ, ପାଣିକୋଇଲି, ଯାଜପୁର ରୋଡ୍, ଚଣ୍ଡିଖୋଲ, ଆରୁହା, ପାଖର, ବ୍ରାହ୍ମଣୀ ବ୍ରିଜ ଓ କାଏମା ଆଦି ଅଞ୍ଚଳରେ ବିକ୍ରି କରାଯାଇଥାଏ। ଦୂରଦୂରାନ୍ତରୁ ଲୋକେ ଆସି ମୂର୍ତ୍ତି ନେଇଥାନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ଚନ୍ଦ୍ରମଣିଙ୍କ ପରିବାର ଚଳେ। ମାତ୍ର ଏବେ ସାମଗ୍ରୀର ମୂଲ୍ୟ ବଢ଼ି ଯାଇଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ମିଳୁନାହିଁ ବୋଲି ଚନ୍ଦ୍ରମଣି କହିଛନ୍ତି। ବୁଧବାର ଗଣେଶ ପୂଜା ହୋଇଥିବାରୁ ଚନ୍ଦ୍ରମଣି ବହୁ ମୂର୍ତ୍ତି ତିଆରି କରିଛନ୍ତି। କିନ୍ତୁ ୮ ଦିନ ହେବ ବର୍ଷା ଲାଗିରହିଛି, ଯଦି ଏହିଭଳି ପାଗ ହୁଏମୂର୍ତ୍ତି ବିକ୍ରିରେ ବାଧା ଉପୁଜିବ ବୋଲି ଚନ୍ଦ୍ରମଣି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଅନେକ ମୂର୍ତ୍ତି କାରିଗର ଅଛନ୍ତି। ଆର୍ଥିକ ଅନଗ୍ରସର ହୋଇଥିବାରୁ ଟଙ୍କା ସୁଧହାରରେ ଆଣି ସେମାନେ ମୂର୍ତ୍ତି ଗଢୁଛନ୍ତି। ମୂର୍ତ୍ତି ବିକ୍ରି ପରେ ସୁଧ ସହ ଟଙ୍କା ଫେରସ୍ତ କରୁଛନ୍ତି। ଯଦି ଅନୁକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି ହୋଇଯାଏ, ପ୍ରତିକୂଳ ପାଗ ହେଲେ ମୂର୍ତ୍ତି ବିକ୍ରିରେ ବାଧା ଉପୁଜେ। ସେହିପରି ଆର୍ଥିକ ସମ୍ବଳ ଭଲ ନ ଥିବାରୁ ଅନେକ ମୂର୍ତ୍ତି କାରିଗର ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଯଦି ସରକାର ମାଟି ମୂର୍ତ୍ତିକାରିଗରଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ସେମାନେ କୌଳିକ ବୃତ୍ତିକୁ ଆପଣାଇ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ମୂର୍ତ୍ତିକାର ସଂଘ ପକ୍ଷରୁ ଆଶା ପୋଷଣ କରାଯାଇଛି। ଏଦିଗରେ ସରକାର ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି।

# କୁଜଙ୍ଗକୁ ଏନ୍‌ଏସି ମାନ୍ୟତା ଦାବିରେ ପ୍ରତିବାଦ

**କୁଜଙ୍ଗ,୨୬।୮ (ମନୋଜ ପ୍ରଧାନ)**

ପୂର୍ବର ବିଜେଡି ସରକାର କୁଜଙ୍ଗକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦେବାର ପ୍ରତିଶ୍ରୁତି ନାରେ ପ୍ରତାରଣା କରିଥିଲା। ଏହାକୁ ଆୟୁଧ କରି ମଙ୍ଗଳବାର କୁଜଙ୍ଗ ସଚେତନ ନାଗରିକ ମଞ୍ଚ ନାମରେ ବହୁ ବ୍ୟକ୍ତି କୁଜଙ୍ଗକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବର ବିଜେଡି ସରକାର ଜନ ଆକ୍ରୋଶରୁ ବର୍ତ୍ତିବା ପାଇଁ ସାଧାରଣ ନିର୍ବାଚନର ପୂର୍ବରୁ କୁଜଙ୍ଗକୁ ଏନ୍‌ଏସି କରାଯିବ ବୋଲି ଘୋଷଣା କରିଥିଲେ। ବାସ୍ତବ କ୍ଷେତ୍ରରେ ସରକାରୀସ୍ତରରେ କୌଣସି ବ୍ୟବସ୍ଥା କରି ନ ଥିବାରୁ ନାଗରିକ ମଞ୍ଚର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ହୃଷୀକେଶ ନାଥ ତାଙ୍କ ବକ୍ତବ୍ୟରେ କୁଜଙ୍ଗ ଲୋକଙ୍କୁ ଭୁଟେଇ ଥିବାରୁ ପୂର୍ବ ସରକାରଙ୍କ ବିରୋଧରେ



କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଠକେଇ ମାମଲା ହେବା ଉଚିତ ବୋଲି କହିଥିଲେ। କେତେଜଣ ବ୍ୟକ୍ତି ବିଶେଷ ପୂର୍ବ ସରକାରଙ୍କ ପ୍ରତାରଣାକୁ ପ୍ରତିଶ୍ରୁତି କହି ସାଧାରଣରେ ଯେଉଁ ରାଜନୈତିକ ରୁଟି ସେକିବାକୁ ଉଦ୍ୟମ କରିଥିଲେ।

ବର୍ତ୍ତମାନର ଭାଜପା ସରକାର ଗତ ୧୬ ତାରିଖରେ ବିଧିବଦ୍ଧ ଭାବେ ୧୨ଟି ନୂଆ ଏନ୍‌ଏସିକୁ ମଞ୍ଜୁରୀ ଦେଇଥିଲେ। ସେଥିରେ କୁଜଙ୍ଗ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ଭାଜପା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଇନଜୀବୀ ସଂଘ ଓ ଗଣମାଧ୍ୟମକୁ ୩ ଦିନ ପୂର୍ବରୁ ସୂଚନା ଦେଇ କହିଛନ୍ତି, ସରକାରୀସ୍ତରରେ ଥିବା ସମସ୍ତ ନୀତିନିୟମ ଅନୁଯାୟୀ ନଥି ପ୍ରସ୍ତୁତି ପରେ କୁଜଙ୍ଗକୁ ଖୁବ୍‌ଶୀଘ୍ର ଏନ୍‌ଏସି ଘୋଷଣା କରାଯିବ। ଏଥିନିମନ୍ତେ ସରକାରୀସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବ ସରକାର ବିଧିବଦ୍ଧ ଭାବେ କୌଣସି ପଦକ୍ଷେପ ନେଇ ନ ଥିଲେ। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ କେତେଜଣ ବ୍ୟକ୍ତି ଏହାକୁ ଆଳ କରି ରାଜନୈତିକ ରୁଟି ସେକିବା ଉଦ୍ୟମ କରିଥିଲେ। ତାହା ଭଣ୍ଡୁର ହୋଇଯାଇଛି। ଜନ ସମର୍ଥନ ନ ମିଳିବାରୁ ବାଧ୍ୟ ହୋଇ ୬୦ରୁ ୭୦ ଜଣ ଲୋକ ଏକ ଶୋଭାଯାତ୍ରାରେ ଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଭିଷେକ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ମଞ୍ଚର ଆବାହକ ରଘୁନାଥ ସାହୁ , ବାବୁରାମ ଚୌଧୁରୀ, ହୃଷୀକେଶ ନାଥ, ପୂର୍ବତନ ସମିତି ସଭ୍ୟ କବି ରଞ୍ଜନ ବେହେରା, କୈଳାସ ଷଡଙ୍ଗୀ, ମନୀନ୍ଦ୍ର ଗୁରୁ, ଶରତ ଜେନା, ପ୍ରିୟମ୍ବଦା ପାଣି, ଜିନ୍ମୟୀ ସାହାଣୀ, ବିଜୟ ଖଟେଇ, ପୀତାମ୍ବର ତରାଇ, ପ୍ରଫୁଲ୍ଲ ମହାପାତ୍ର, ମହେନ୍ଦ୍ର ଦାସ, କୈଳାସ ସେଠୀ, ରାଜକିଶୋର ନାଥ ପ୍ରମୁଖ ସାମିଲ ହୋଇଥିଲେ।

# ପିଡିଙ୍କ ଉପସ୍ଥିତିରେ ସମାଧାନ

## ନିର୍ବାଚିତ ପ୍ରତିନିଧିଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଘଟଣା


ବ୍ଲକ ସମ୍ମିଳନୀ କକ୍ଷରେ ଜନପ୍ରତିନିଧିଙ୍କ ସହ ଆଲୋଚନା ଚାଲିଛି।

**ବାଲିକୁଦା,୨୬।୮ (ତାପସ ସ୍ୱାଇଁ)**

ଜଗତସିଂହପୁର ଜିଲା ବାଲିକୁଦା ବ୍ଲକର ନୂତନ ବିଡିଓ ସାଗର କୁମାର ନନ୍ଦ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ପ୍ରସଙ୍ଗରେ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରୁଥିବାବେଳେ ଦୁର୍ବ୍ୟବହାର କରି ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତଦନ୍ତ କରି ଜିଲାପାଳ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାର ତଦନ୍ତ ଭାର ପିଡି ରବି ନାରାୟଣ ଜେଠିଙ୍କୁ ଜିଲାପାଳ ଜେ ସୋନାଲ ହସ୍ତାନ୍ତର କରିଥିଲେ। ମଙ୍ଗଳବାର ପିଡି ଜେଠି ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକର ସମସ୍ତ ଜନପ୍ରତିନିଧିଙ୍କ ସହ ଏକ ବୈଠକ କରିଥିଲେ। ଯେଉଁଥିରେ ବିଡିଓ ନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ପିଡି ବ୍ଲକର ସମସ୍ତ ବିକାଶ ମୂଳକ କାର୍ଯ୍ୟରେ ଜନପ୍ରତିନିଧିଙ୍କ ସହ ଆଲୋଚନା କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସମସ୍ତ ଜନପ୍ରତିନିଧିଙ୍କୁ ମଧ୍ୟ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପରେ ପିଡି ଜେଠି ପ୍ରତିକ୍ରିୟା ରଖି କହିଛନ୍ତି, ବିଡିଓ ସମ୍ପୂର୍ଣ୍ଣ ଏଠାରେ ନୂଆ ଓ ସେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ସମ୍ପର୍କରେ ଜନପ୍ରତିନିଧିମାନେ ପଚାରିଥିବା ପ୍ରଶ୍ନର ଉତ୍ତରରେ କିଛି ଶବ୍ଦ ପ୍ରକାଶ କରିଥିଲେ। ଯାହା ଜନପ୍ରତିନିଧିଙ୍କୁ ଆଘାତ ଦେଇଥିଲା। ଯେଉଁଥିପାଇଁ ବିଡିଓ ଦୁଃଖ ପ୍ରକାଶ କରିବା ସହିତ କ୍ଷମା ମାଗିଥିଲେ। ଆଲୋଚନା ସଫଳ ଓ ସକାରାତ୍ମକ ହୋଇଛି ଆଗକୁ ଉଭୟ ମିଳିମିଶି ବ୍ଲକର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ସହମତି ପ୍ରକାଶ ପାଇଛି ଓ ସମସ୍ୟାର ସମାଧାନ ହୋଇଛି। ଏ ନେଇ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ କହିଛନ୍ତି, ପିଡି ଯେଉଁ ଆଲୋଚନା କଲେ ଓ ବିଡିଓ ମଧ୍ୟ ତାଙ୍କର ଭୁଲ ବୁଝି ପାରିଲେ। ଏପରିକି ଜନପ୍ରତିନିଧିଙ୍କୁ ନେଇ ହିଁ ବାଲିକୁଦା ବ୍ଲକର ବିକାଶ ସମ୍ଭବ ଆଲୋଚନା ତାହା ଥିଲା। ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ବାଲିକୁଦା ବ୍ଲକର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟ ଓ ସୂଚନା ଫଳକ ସେମାନଙ୍କ ଅଗୋଚରରେ ହୋଇଥିବା ବିଷୟରେ ବିଡିଓଙ୍କୁ ତାଙ୍କ ପ୍ରକୋଷ୍ଠରେ ଜନ ପ୍ରତିନିଧି ପଚାରିଥିଲେ। ହେଲେ ବିଡିଓ ତୁମେ ଏହି ପ୍ରକଳ୍ପ ପ୍ରସଙ୍ଗରେ ପଚାରିବାକୁ ତୁମେ କିଏ ବୋଲି କହି କାର୍ଯ୍ୟାଳୟରୁ ବାହାରି ଯିବାକୁ ଧମକ ଦେଇଥିଲେ। ଯାହା ଜନପ୍ରତିନିଧିମାନଙ୍କୁ ଗଭୀର ଆଘାତ ଦେଇଥିବା ବେଳେ ସେମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତ୍‌ସିଂହପୁର, ୨୬।୮ (ପ୍ରମୋଦ କୁମାର ନାୟକ)**

ଚଳିତ ବର୍ଷର ଜିଲା ଓ ତାଲୁକସ୍ତରୀୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସେପ୍ଟେମ୍ବର ୧୩ ତାରିଖରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହିଦିନ ଜିଲାର ସମସ୍ତ ଅଦାଲତ, ସ୍ଥାନୀୟ ପୌର ପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସମସ୍ତ ତହସିଲ କାର୍ଯ୍ୟାଳୟ ପରିସରରେ ଅଦାଲତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରଧୀନ ମକଦମା ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ ମାମଲା ସମେତ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ ଜଳ ଓ ଅନ୍ୟ ବିଲ ଦେୟଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ ଦେୱାନୀ ମକଦମା ଆଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଏହାବାଦ୍ କଚେରିରେ ଦାୟର ହୋଇ ନ ଥିବା ଅର୍ଥାତ୍ ପ୍ରାକ୍ ମକଦମା, ଚେକ୍ ବାଉନ୍ସ, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ ସମେତ ଅନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଦେୱାନୀ ମକଦମା ଆଦିର ମଧ୍ୟ ସମାଧାନ ହୋଇପାରିବ। ଅଦାଲତର ରାୟ ବୈଧ, ଚୂଡାନ୍ତ ଓ ଅମଳଯୋଗ୍ୟ। ଏଠାରେ ମକଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଯଦି କୌଣସି ବିଚାରାଧୀନ ମକଦମାର ସମାଧାନ ଏହି ଅଦାଲତ ମାଧ୍ୟମରେ ହୁଏ ତେବେ ଆଗରୁ ପୈଠ କୋର୍ଟ ଫି ଫେରସ୍ତ ବ୍ୟବସ୍ଥା ଅଛି। ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦମାର ସହଜ ସମାଧାନ, ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବା ଉଚିତ। ସବିଶେଷ ବିବରଣୀ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି।

# ପାଣି ପାଇପ୍ ପାଇଁ ରାସ୍ତା ଖୋଳିଦେବାରୁ ଲୋକେ ହନ୍ତସନ୍ତ

## ମାସେ ମଧ୍ୟରେ ମରାମତି ନ କଲେ କଂଗ୍ରେସର ଆନ୍ଦୋଳନ ଚେତାବନୀ

**ରଘୁନାଥପୁର,୨୬।୮ (ରାଜେନ୍ଦ୍ର ନାରାୟଣ ସିଂହ)**

ପାଣି ପାଇପ୍ ବିଛାଇବା ପାଇଁ ଏକ ଠିକାସଂସ୍ଥା ବିଭିନ୍ନ ଗାଁର ରାସ୍ତାକୁ ଖୋଳି ଦେଇଛନ୍ତି। ହେଲେ ଏହାର ମରାମତି ନ କରିବାରୁ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏହାକୁ ନେଇ ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ଗସ୍ତ କରି ଅଞ୍ଚଳର ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏସ୍‌ଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ଦୀପାଳିକା ବିଶ୍ୱାଳ ଦାବିପତ୍ର ଗ୍ରହଣ କରିଛନ୍ତି। ଏହାର ମରାମତି କାର୍ଯ୍ୟ ମାସେ ମଧ୍ୟରେ କରିବାକୁ କଂଗ୍ରେସ କର୍ମକର୍ତ୍ତାଙ୍କ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଅଞ୍ଚଳର ଜନତାଙ୍କ ପାଇଁ ବାଧ୍ୟ ହୋଇ ବ୍ଲକ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ବର୍ଷେ ତଳୁ ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ଠିକାସଂସ୍ଥା ପକ୍ଷରୁ ରାସ୍ତା ଖୋଳାଯାଇ ମାଟି ତଳେ ପାଇପ୍ ଲାଇନ ବିଛାଯାଇଛି। ଅଦ୍ୟାବଧି ଖୋଳା ଯାଇଥିବା ସ୍ଥାନ ମରାମତି କରା ନ ଯିବାରୁ ବର୍ଷାଦିନେ ରାସ୍ତାରେ ପାଣି ଜମି ଗ୍ରାମବାସୀଙ୍କ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ଅନେକ ସ୍ଥାନରେ ରାସ୍ତା ଦବି ଖାଲ ହୋଇଯିବା ସହ କେତେକ ସ୍ଥାନରେ ଭୁଶୁଡ଼ି ସଂକୀର୍ଣ୍ଣ ହୋଇପଡ଼ିଛି। ବାଇକ୍‌ରେ ଯାତାୟାତ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଅଙ୍ଗନୱାଡି ଓ ସ୍କୁଲ, କଲେଜ ପିଲାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପାଇଁ ଏହା ଦୈନନ୍ଦିନ ସମସ୍ୟା ହୋଇଛି। ଏପରିକି ଅନେକ ଗ୍ରାମକୁ ଆମ୍ବୁଲାନ୍ସ ପଶି ପାରୁନାହିଁ।


ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବ୍ଲକ କଂଗ୍ରେସ କର୍ମୀମାନେ।

ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ ସମ୍ପୃକ୍ତ ଠିକାସଂସ୍ଥା କର୍ଣ୍ଣପାତ କରୁନାହିଁ। ଦୀର୍ଘଦିନ ଧରି ପାଇପ୍ ବିଛା କାର୍ଯ୍ୟ ସରିଥିବାବେଳେ କୌଣସି ଗ୍ରାମକୁ ଏ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଇ ଦିଆଯାଇନାହିଁ ବୋଲି ବ୍ଲକ କଂଗ୍ରେସ ସଭାପତି ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଗସ୍ତ ସମୟରେ ପୂର୍ବତନ ସଭାପତି ପ୍ରଶାନ୍ତ ଦାସ, ମନୋରଞ୍ଜନ ଜେନା, ତପନ ନାୟକ, ମାନସ ଗୋଛାୟତ, ପ୍ରଭାତ ରାଉତ, କାଶୀନାଥ ପଣ୍ଡା, ଅସୀମ ରାଉତ, ପ୍ରତ୍ୟୁଷ ନାୟକ ପ୍ରମୁଖ ସାମିଲ ଥିଲେ।

# ଶିକ୍ଷାବିତ୍ ରସାନନ୍ଦଙ୍କ ପରଲୋକ

**ତିର୍ତ୍ତୋଲ, ୨୬।୮ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ଇବ୍ରିସିଂ ପଞ୍ଚାୟତ ସିଳନ୍ଦୀ–ଖନ୍ଦୋଳ ଗ୍ରାମର ମୁରବୀ ତଥା ଅବସରପ୍ରାପ୍ତ ଜିଲା ଶିକ୍ଷା ମଣ୍ଡଳାଧୀଶ ରସାନନ୍ଦ ସାହୁଙ୍କ ମଙ୍ଗଳବାର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ତାଙ୍କ ଭୁବନେଶ୍ୱର ବାସଭବନ ପରିସରରେ ଥିବା ବଗିଚାରେ ଚାରା ରୋପଣ କରୁଥିବା ବେଳେ ହଠାତ ପଡ଼ିଯାଇଥିଲେ। ତାଙ୍କୁ ପରିବାର ସଦସ୍ୟ ତୁରନ୍ତ ଡାକ୍ତରଖାନା ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାକିରିରୁ ଅବସର ପରେ ସେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହି ଆସୁଥିଲେ। ପ୍ରମିଳା ମେଧାବୃତ୍ତି କମିଟି, ରଜ ମହୋତ୍ସବ କମିଟି, ଗ୍ରାମ ସୁରକ୍ଷା କମିଟି ସହ ବହୁ ଅନୁଷ୍ଠାନ ଗଢ଼ିବା ସହିତ ସ୍ଥାନୀୟ ଅଧିବାସୀଙ୍କ ସହ ମିଶି ସାମାଜିକ କାର୍ଯ୍ୟ କରୁଥିଲେ। ତାଙ୍କ


ରସାନନ୍ଦ ସାହୁ

ପରଲୋକରେ ରଜ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ ମଞ୍ଜରୀ ଦାସ, ପରିଚାଳନା ସମ୍ପାଦକ ବାବାଜୀ ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଚନ୍ଦ୍ରକାନ୍ତ ବାରିକ, ସରୋଜ ବାରିକ, ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା, ଆଇନଜୀବୀ ସୁଧୀର ଖୁଣ୍ଟିଆ, ଶିକ୍ଷାବିତ୍ ଶରତ ଚନ୍ଦ୍ର ତାରିଣିଆ ପ୍ରମୁଖ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଘରେ ଭଙ୍ଗାରୁଜା ଘଟଣା: ୩ ଗିରଫ

**ଏରସମା, ୨୬।୮ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବୀରକିଶୋରପୁର ଗ୍ରାମରେ ଜମି ବାଡି ବିବାଦରୁ ବିଳମ୍ବିତ ରାତିରେ ଘରେ ପଶି ଭଙ୍ଗାରୁଜା କରିବା ସହିତ ଆକ୍ରମଣ ଅଭିଯୋଗରେ ମଙ୍ଗଳବାର ୩ ଜଣ ଗିରଫ ହୋଇଛନ୍ତି।ସେମାନେ ହେଲେ ଗ୍ରାମର ହରି ଜେନା (୭୩), ସଞ୍ଜୟ ଜେନା (୨୯) ଓ ରବୀନ୍ଦ୍ର ଜେନା (୨୪)। ଥାନା ସୂତ୍ରରୁ ପ୍ରକାଶ, ବସନ୍ତ କୁମାର ଜେନାଙ୍କ ସହିତ ଅଭିଯୁକ୍ତମାନଙ୍କ ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ି ବିବାଦ ଲାଗି ରହିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗତ ୨୪ ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ଅଭିଯୁକ୍ତମାନେ ଟିଭି, ଫ୍ରିଜ ପ୍ରଭୃତି ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ବସନ୍ତଙ୍କ ପରିବାର ସଦସ୍ୟ ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ. ୨୩୮/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ପ୍ରେମଜିତ ଦାସ କହିଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ରାଜସ୍ୱ ଅମଲା

**ରଘୁନାଥପୁର,୨୬।୮ (ରାଜେନ୍ଦ୍ର ନାରାୟଣ ସିଂହ)**

ରାଜ୍ୟରେ ବର୍ତ୍ତମାନ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଅମଲା ସଂଘର ନିଷ୍ପତ୍ତିକ୍ରମେ ଗତ ୧୫ ଦିନ ଧରି ଚାଲିଥିବା କର୍ମଚାରୀଙ୍କ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏହି କ୍ରମରେ ରଘୁନାଥପୁର ତହସିଲ, ବ୍ଲକ ଓ ଆଇସିଡିଏସ୍ କାର୍ଯ୍ୟାଳୟର ୧୨ ଜଣ ରାଜସ୍ୱ ଅମଲା କର୍ମଚାରୀ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ତହସିଲ କାର୍ଯ୍ୟାଳୟର ୮ ଜଣ କର୍ମଚାରୀ ସାମୂହିକ ଭାବେ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଦରଖାସ୍ତ ପ୍ରଦାନ କରିଛନ୍ତି। ଏହାଛଡ଼ା ଗତ ୧୫ ଦିନ ଛୁଟିକୁ ଗ୍ରହଣ କରିନେବାକୁ କର୍ମଚାରୀମାନେ ଲିଖିତ ଭାବେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଗତ ୧୧ ତାରିଖରୁ ରାଜସ୍ୱ କର୍ମଚାରୀମାନେ ୧୦ ଦଫା ଦାବି ନେଇ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇଥିଲେ। ସରକାର ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ମିଳିଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି।

# ଚେତାବନୀ ପରେ ରାସ୍ତା କାମ ହେଲା

## ବିଦ୍ୟୁତ୍ ଖୁଣ୍ଟ ଉଠାଇବା ଦାବିରେ ଆନ୍ଦୋଳନ ବେଳେ ଆହତ ପ୍ରସଙ୍ଗ

**ଜଗତ୍‌ସିଂହପୁର, ୨୬।୮ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ପୁରାତନ ଶ୍ରୀକୃଷ୍ଣ ଏକାଡେମୀ ଖେଳପଡ଼ିଆ ଉପରେ ବିଦ୍ୟୁତ୍ ତାର ସଂଯୋଗ ନେଇ ଟିପିସିଓଡିଏଲ୍ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍) ପକ୍ଷରୁ ପୋତା ଯାଇଥିବା ଖୁଣ୍ଟକୁ ନେଇ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଖୁଣ୍ଟ ସ୍ଥାନାନ୍ତର ଦାବିରେ ଅଗଷ୍ଟ ୧୮ ରେ ଉକ୍ତ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ର ଓ ପୁରାତନ ଛାତ୍ର ସାନବଜାରସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଇଥିଲେ। ମାତ୍ର ଏହି କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆଣ୍ଠୁଏ ପାଣି ସାଙ୍ଗକୁ ବିପଦଜନକ ଭାବେ ଥିବା ଡ୍ରେନ୍ ଯୋଗୁ ଅସୁବିଧା ହୋଇଥିଲା। ବଡ଼କଥା ହେଲା ଆନ୍ଦୋଳନର ଆଗଧାଡିରେ ଥିବା ଆଡଭୋକେଟ ବାସୁଦେବ ସେତେବେଳେ ଡ୍ରେନ୍‌ରେ ପଡି ଆହତ ହୋଇଥିଲେ। ଜିଲା ମୁଖ୍ୟାଳୟର ପ୍ରମୁଖ ସ୍ଥାନ କୁହାଯାଉଥିବା


ରାସ୍ତା ମରାମତି କରାଯାଉଛି।

ଏହି ସ୍ଥାନରେ ଯଦି ରାସ୍ତା ଅବସ୍ଥା ଏଭଳି ହେବ ଏବଂ ଲୋକେ ପାର୍ଶ୍ୱରେ ଥିବା ଡ୍ରେନ୍‌ରେ ପଡ଼ିବେ ତାହା ଅନେକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ତୁରନ୍ତ ରାସ୍ତା କାମ ନ କଲେ ଅଗଷ୍ଟ ୩୦ରେ ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଆଡଭୋକେଟ୍ ବାସୁଦେବ ଶୋଇ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଥିଲେ। ଏଥିସହ ପରିଷଦ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ କାଉନସିଲରଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ତେବେ ୩ ଦିନ ଭିତରେ ରାସ୍ତା କାମ ହୋଇଯିବ ବୋଲି ପରିଷଦ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଏହି ରାସ୍ତା କାମ ହୋଇଯାଇଛି। ଏନେଇ ଆଡଭୋକେଟ୍ ବାସୁଦେବଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ବ୍ୟକ୍ତି ସନ୍ତୋଷବ୍ୟକ୍ତ କରିଛନ୍ତି।

# ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଚିଠି

**ଜଗତ୍‌ସିଂହପୁର, ୨୬।୮ (ପ୍ରମୋଦ କୁମାର ନାୟକ)**

ସମ୍ପ୍ରତି ରାଜ୍ୟବ୍ୟାପୀ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ଏହାର ଅବଧି ଖୁବଶୀଘ୍ର ସରିଯିବ। ବର୍ତ୍ତମାନର ସ୍ଥିତି ଦେଖିଲେ ଜଣାଯାଉଛି ଧାର୍ଯ୍ୟ ସମୟ ମଧ୍ୟରେ ଜଗତ୍‌ସିଂହପୁର ଜିଲାର ବହୁ ସଂଖ୍ୟକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଯିବେ। ଏହାକୁ ଦୃଷ୍ଟିରେ ରଖି ସରକାର ପଞ୍ଜୀକରଣ ଅବଧି ବୃଦ୍ଧି କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀଙ୍କୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଏ ସମ୍ପର୍କରେ ବହୁ ସଂଖ୍ୟକ ଚାଷୀ ବ୍ୟକ୍ତିଗତ ଭାବେ ତାଙ୍କୁ ଅବଗତ କରି ସେମାନଙ୍କ ଅସୁବିଧା କଥା କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ମଧ୍ୟ ପରିସ୍ଥିତି ବିଷୟରେ ଅବଗତ ଥିବା ବିଧାୟକ ଦର୍ଶାଇଛନ୍ତି।

# ଗାଁ ସାଥୀ ସଂଘର ଜିଲାପାଳଙ୍କୁ ସ୍ମାରକପତ୍ର

**କେନ୍ଦ୍ରାପଡ଼ା,୨୬।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇ ଜିଲାପାଳଙ୍କୁ ସମାଧାନ ପାଇଁ ସ୍ମାରକପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସମ୍ପର୍କରେ କମିଟି ସଭାପତି ଅନିଲ କୁମାର ଜେନା ଓ ସମ୍ପାଦକ ରଞ୍ଜନ କୁମାର ବେହେରା କହିଛନ୍ତି, ୨୦୦୮ ମସିହାରୁ ଗାଁ ସାଥୀମାନେ ତୃଣମୂଳସ୍ତରରେ କାର୍ଯ୍ୟ କରିଆସୁଛନ୍ତି। ଏହି ସମୟ ଅବଧି ମଧ୍ୟରେ ସରକାରୀ ବିଧି ବ୍ୟବସ୍ଥାର ବହୁ ବ୍ୟତିକ୍ରମ ଅନୁଭବ ହୋଇଛି। ଗତ ଜୁଲାଇ ଓ ଅଗଷ୍ଟ ମାସରେ ରାଜ୍ୟ ସରକାରର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗାଁ ସାଥୀଙ୍କ ଡାଟା ବେସ୍ ପ୍ରସ୍ତୁତି ଓ ଜିଓ ଟ୍ୟାଗିଂ ପାଇଁ ଚିଠି ହୋଇଥିଲା। ଅଦ୍ୟାବଧି ଜିଲାସ୍ତରରେ ଏହି କାର୍ଯ୍ୟ ସମାପ୍ତ ହୋଇନାହିଁ। ଏ ନେଇ ଗତ ୧୬ ତାରିଖରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ସୁଫଳ ମିଳିଲା ନାହିଁ। ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ନୂତନ ଡାଟା ବେସ୍‌ରେ ଠିକ୍ ଗାଁ ସାଥୀଙ୍କୁ ସାମିଲ କରିବା, ତାଲିମ ବ୍ୟବସ୍ଥା, ସବୁ ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟରେ ଗାଁ ସାଥୀଙ୍କୁ ସାମିଲ କରିବା, ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଏହି ବିକ୍ଷୋଭ ସହ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସେମାନେ କହିଥିଲେ।


ଗାଁ ସାଥୀ ସଂଘର ସଦସ୍ୟମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ଆଳିରେ ୩ୟ ବନ୍ୟା, ବୁଡ଼ିଲା ମାନପୁର-ଘୋଷରା ରାସ୍ତା

**ଆଳି,୨୬।୮ (ବନମାଳୀ ସେନାପତି)**

- ଆଳି-ଧୋୟାଞ୍ଚଳ ଯୋଗାଯୋଗ ବିଚ୍ଛିନ୍ନ
- ୫୦ ହଜାର ଲୋକ ବିପନ୍ନ

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ତୃତୀୟ ବନ୍ୟା ଆସି ଆଳି ଧୋୟାଞ୍ଚଳର ୧୦ ପଞ୍ଚାୟତକୁ ଯୋଗାଯୋଗରୁ ବିଚ୍ଛିନ୍ନ କରିଦେଇଛି। ବନ୍ୟା ଯୋଗୁ ଆଳି ଧୋୟାଞ୍ଚଳର ମୁଖ୍ୟ ଗମନାଗମନ ରାସ୍ତା ମାନପୁରଠାରୁ ଡିମିରିପାଳ ନାରାୟଣପୁର ମଠ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସରକାରୀ ସ୍ତରରେ ଲୋକମାନଙ୍କ ଯାତାୟାତରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ବେସରକାରୀ ଭାବେ ଡଙ୍ଗା ପକାଇ ଲୋକମାନଙ୍କୁ ପାର ଉତାର କରୁଛନ୍ତି। ଡଙ୍ଗା ପାର ହେବା ନିମନ୍ତେ ଲୋକମାନଙ୍କୁ ୨୦୦ ଟଙ୍କା ଦେବାକୁ ପଡୁଛି। ଏହି ବନ୍ୟା ଯୋଗୁ ଆଳି ଧୋୟାଞ୍ଚଳର ଡିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଦେସାହି, କେତୁଆପାଳ, ଏରଡଙ୍ଗ, ପାଳିମି, ପେଟପଡ଼ା ଓ ସଂସିଧା ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ଆଳି ବ୍ଲକ ସଦର ମହାକୁମା ସହ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ଅଞ୍ଚଳବାସୀ ବ୍ଲକ, ତହସିଲ, ଥାନା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ଆସିବାକୁ ହେଲେ ଡଙ୍ଗା ପାର ହେବାକୁ ପଡୁଛି। ନଚେତ୍ ୩୦ କିଲୋମିଟର ଦୂର ରାଜକନିକା ଦେଇ ଆସିବାକୁ ହେଉଛି। ପ୍ରଥମ ବନ୍ୟା ଓ ଦ୍ୱିତୀୟ ବନ୍ୟା ସମୟରେ ଜିଲା ପ୍ରଶାସନ ଡଙ୍ଗା ବ୍ୟବସ୍ଥା କରାଯାଇଛି କହି ଘଟଣାକୁ ଏଡ଼ାଇ ଯାଇଥିଲେ। ବ୍ଲକ ପ୍ରଶାସନ ଡଙ୍ଗା ବ୍ୟବସ୍ଥା କରି ନ ଥିଲେ। ଏବେ ତୃତୀୟ ବନ୍ୟାରେ ବେସରକାରୀ ଡଙ୍ଗା ଚାଳକମାନେ ଯାତ୍ରୀମାନଙ୍କ ନିକଟରୁ ୨୦୦ ଟଙ୍କା ନେଇ ପାର କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ ଦୁଇଟି ବନ୍ୟା ଆସି ଅଞ୍ଚଳର ଚାଷୀମାନଙ୍କ ତଳି ନଷ୍ଟ କରିବା ସହ ସମ୍ପୂର୍ଣ୍ଣ ଚାଷକୁ ପ୍ରଭାବିତ କରିଥିଲା। ବନ୍ୟା ପରେ ଚାଷୀମାନେ ପୁଣି ତଳି କିଣି ରୋଇବା ନିମନ୍ତେ ଅଣ୍ଟା ଭିଡିଥିବାବେଳେ ତୃତୀୟ ବନ୍ୟା ଯୋଗୁ ଚାଷଜମିରେ ପୁନର୍ବାର ବନ୍ୟାପାଣି ମାଡ଼ିଯାଇଛି, ଯାହାଫଳରେ ଚାଷୀମାନେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି।


ରାସ୍ତାରେ ପାଣି ଜମି ରହିଛି।

## ସଂକ୍ଷେପରେ

### ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା
### ବସ୍ ଡ୍ରାଇଭର ଗୁରୁତର

ଗଞ୍ଜାମ,୨୬।୮ (ବିଦ୍ୟାଧର ସାହୁ)

ହୁମା ଓ ଖାଡ଼କୁଦା ମଧ୍ୟସ୍ଥ ଦକ୍ଷିଙ୍ଗ ନିକଟ ୧୬ ନଂ. ଜାତୀୟ ରାଜପଥଠାରେ ମଙ୍ଗଳବାର ପୂର୍ବାହ୍ନରେ ସିରିଜ ଦୁର୍ଘଟଣା ଘଟିଛି। ରାସ୍ତାରେ ଏକ ଗାଈ ଦେଖି ଟ୍ରକ ଡ୍ରାଇଭର ଗାଡିର ବେଗ କମେଇବା ବେଳେ ପଛରେ ଆସୁଥିବା ପିକ୍‌ଅପ ଧକ୍କା ଦେଇଥିଲା। ଠିକ୍ ସେହି ସମୟରେ ପିକଅପ ପଛରେ ଟ୍ରକ୍ ଓ ଟ୍ରକ୍ ପଛରେ ଖମ୍ବେଶ୍ୱରୀ ନାମକ ବସ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ବସ୍ ଡ୍ରାଇଭର ଗୁରୁତର ଥିବା ବେଳେ ଅନ୍ୟ ୨/୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ହୁମା ଫାଣ୍ଡି ପୋଲିସ ସ୍ଥାନୀୟ ଲୋକଙ୍କ ସହ ମିଶି ଆମ୍ବୁଲାନ୍ସ ଯୋଗେ ଆହତ ଡ୍ରାଇଭରଙ୍କୁ ମେଡିକାଲ ପଠାଇଥିଲା। ଅଗ୍ନିଶମ ଗାଡି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳର ପ୍ରଶାନ୍ତ ଛଟେଇ, ଶିବ ପ୍ରଧାନ, ବିଦ୍ୟା ସ୍ୱାଇଁଙ୍କ ସହ ମିଶି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ, ରମ୍ଭାଠାରୁ ପ୍ରାୟ ବ୍ରହ୍ମପୁର ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଶତାଧିକ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଥିସହ ହୁମା ଓ ଗଞ୍ଜାମ ମଧ୍ୟରେ ଜାତୀୟ ରାଜପଥ ଖରାପ ହୋଇ ପଡିଥିବାରୁ ଦୁର୍ଘଟଣା ଘଟୁଛି।

### ନୂଆ ପୋଷ୍ଟ ପିଅନ ନିଯୁକ୍ତି ଦାବି

ଖଜୁରିପଡ଼ା,୨୬।୮ (ବିଦୁର ବେହେରା): ଖଜୁରିପଡ଼ା ପୋଷ୍ଟ ଅଫିସରେ ଥିବା ପୋଷ୍ଟ ପିଅନ କାର୍ଯ୍ୟରେ ଅବହେଳା କରୁଛନ୍ତି। ସେ ଠିକ ସମୟରେ ସରକାରୀ ଦସ୍ତାବିଜ୍, ନିଯୁକ୍ତି ସମ୍ବନ୍ଧୀୟ ଚିଠିପତ୍ର, ଘରୋଇ ଚିଠି ପତ୍ର ପହଞ୍ଚାଉ ନ ଥିବା ଅଭିଯୋଗ ହୋଇଛି। କର୍ତ୍ତବ୍ୟନିଷ୍ଠ ଭାବେ ସେ ଦାୟିତ୍ୱ ପରିଚାଳନା କରୁ ନ ଥିବାରୁ ଡାକ ବିଭାଗ ଉପରୁ ଲୋକଙ୍କ ଭରସା ତୁଟୁଛି। ମଙ୍ଗଳବାର ଖଜୁରୀପଡ଼ା ଅଞ୍ଚଳବାସୀ ଡାକ ବିଭାଗ ନିରୀକ୍ଷକଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଅବହେଳା କରୁଥିବା ପୋଷ୍ଟ ପିଅନଙ୍କୁ ନିଲମ୍ବିତ କରି ନୂତନ ନିଯୁକ୍ତି ପାଇଁ ଦାବି କରିଛନ୍ତି ।

### ୬ ପୁସ୍ତକର ଉନ୍ମୋଚନ ଉତ୍ସବ

ମୋହନା,୨୬।୮ (ମନ୍ମଥ ମିଶ୍ର)

ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସରରେ ବରିଷ୍ଠ ଅଧ୍ୟାପକ ଡ. ପ୍ରଣବାନନ୍ଦ ପାତ୍ରୁସୀଙ୍କ ଲିଖିତ ୬ଟି ପୁସ୍ତକ ଉନ୍ମୋଚନ ହୋଇଛି। ସେଥି ମଧ୍ୟରେ ଗଳ୍ପ ମାୟା ଆଚାର୍ଯ୍ୟ ଓ ଅନ୍ୟାନ୍ୟ ଗଳ୍ପ, ମାୟା ମୋହ, ଇଂଲିଶ ଭାଷାରେ ଲିଖିତ ସମାଲୋଚନାମୂଳକ ପୁସ୍ତକ 'ଦି ସେକେଣ୍ଡ ଟର୍ନ' ଓ ଓଡ଼ିଆରୁ ଇଂଲିଶ ଅନୁବାଦ ପୁସ୍ତକ 'ପୋଏଟ୍ରି ଅଫ ଜହର ଦାସ, ଦି ଅଦର ସେଲଫ, ଦି ଲୋନସମ ବାଉନେ ଅନ୍ୟତମ। ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଏବଂ ଅଧ୍ୟାପକ ଅନିଲ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ପୋଲିଲିମା ଖମ୍ବେୟା ଦୋରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ ଷଡ଼ଙ୍ଗୀ, ମୁଖ୍ୟବକ୍ତା ରୂପେ ଯୁକ୍ତ ୨ ହିଲଟପ କଲେଜର ଅଧ୍ୟାପକ ଭଗବାନ ବିଷୋୟୀ, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଏସ. ରମେଶ ଯୋଗ ଦେଇଥିଲେ। ଡ. ପାତ୍ରୁସୀଙ୍କ ପୁସ୍ତକଗୁଡ଼ିକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୨ ଓ ଯୁକ୍ତ ୩ର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ।

# ୧ରୁ ଧାରଣା ଦେବେ ଅସ୍ଥାୟୀ ବନ ସ୍କ୍ୱାଡ କର୍ମଚାରୀ

ଭଞ୍ଜନଗର,୨୬।୮ (ବାବୁଲା ପ୍ରଧାନ)

ରାଜ୍ୟର ବିଭିନ୍ନ ବନଖଣ୍ଡରେ ବହୁ ସଂଖ୍ୟାରେ ଅସ୍ଥାୟୀ ବନ୍ୟପ୍ରାଣୀ ସ୍କ୍ୱାଡ କର୍ମଚାରୀ କମ ପାରିଶ୍ରମିକରେ ଦୀର୍ଘ ବର୍ଷ ଧରି କାମ କରୁଛନ୍ତି। ସେମାନଙ୍କ କଥା ପୂର୍ବତନ ସରକାର ବୁଝି ନ ଥିଲେ। ଇତିମଧ୍ୟରେ ନୂଆ ସରକାର ଆସି ଏକ ବର୍ଷ ପୂରିଗଲାଣି, ତଥାପି ସେମାନଙ୍କ ସମସ୍ୟା ସମାଧାନ ହେଉନାହିଁ। ଫଳରେ ୭ ଦଫା ଦାବି ନେଇ ଏହି ସ୍କ୍ୱାଡ କର୍ମଚାରୀମାନେ ଆସନ୍ତା ସେପ୍ଟେମ୍ବର ୧ରୁ ଭୁବନେଶ୍ୱର ଅରଣ୍ୟ ଭବନଠାରେ ଧାରଣାରେ ବସିବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଆନ୍ଦୋଳନରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ନିୟୋଜିତ ଥିବା ଅସ୍ଥାୟୀ କର୍ମଚାରୀ ମଧ୍ୟ ସାମିଲ ହେବେ।



ବୈଠକରେ ଉପସ୍ଥିତ କର୍ମଚାରୀମାନେ ଆଲୋଚନା କରୁଛନ୍ତି।

ମଙ୍ଗଳବାର ସଂଘର କର୍ମକର୍ତ୍ତାମାନେ ଏକ ବୈଠକରେ ଏକାଠି ହୋଇ ଆଲୋଚନା କରିଥିଲେ। ସଭାପତି ପ୍ରଶାନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ନୀଳାଚଳ ସେଠୀ, ଉପ ସଭାପତି ରଞ୍ଜନ ନାୟକ, ମାନସ ଦଳବେରା, ସାଧାରଣ ସମ୍ପାଦକ ମିଖାୟଲ ନାୟକ, ତରିଣସେନ ବେହେରା, ଯୁଗ୍ମ ସମ୍ପାଦକ ସଞ୍ଜିତ ଗନ୍ତାୟତ, ପପୁନ ସ୍ୱାଇଁ, ସହ ସମ୍ପାଦକ ପ୍ରମୋଦ ବିଷୋୟୀ, ସୂର୍ଯ୍ୟ ଗୌଡ଼, କୋଷାଧ୍ୟକ୍ଷ ଭିକାରୀ ବିଷୋୟୀ ପ୍ରମୁଖ ଯୋଗଦେଇ ସେମାନଙ୍କ ଦାବିଗୁଡ଼ିକ କିଭଳି ପୂରଣ ହେବ ସେନେଇ ଆଲୋଚନା କରିଥିଲେ। ଏହି କର୍ମଚାରୀମାନେ ପ୍ରତେହ ୧୨ରୁ ୧୫ ଘଣ୍ଟା ମାସସାରା କାର୍ଯ୍ୟ କରୁଛନ୍ତି। ମାତ୍ର ସରକାର ରବିବାର ଦିନ ଦରମା କାଟି ଦେଉଛନ୍ତି। ଏନେଇ ପ୍ରତିବାଦ କଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ ବହିଷ୍କାର କରୁଛନ୍ତି। ମିଳୁଥିବା ଦରମା ମଧ୍ୟ ନିୟମିତ ମିଳୁନାହିଁ। ୪ ମାସକୁ ଥରେ ଦରମା ମିଳୁଛି। ବନ୍ୟପ୍ରାଣୀ ଆକ୍ରମଣରେ କୌଣସି ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର କିଛି ସୁବିଧା ନାହିଁ। ଆଉଟ ସୋର୍ସିଂ କର୍ମଚାରୀଙ୍କୁ ବିଭିନ୍ନ ଛୁଟି ସୁବିଧା ମିଳୁଥିବା ବେଳେ ସେମାନଙ୍କୁ କୌଣସି ସୁବିଧା ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ୨ ଉଚ୍ଚ ବିଦ୍ୟାଳୟ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୋଷଣା

## ଏକାଦଶ ଶ୍ରେଣୀରେ ନାମ ଲେଖାଇ ପାରିବେ ଛାତ୍ରୀଛାତ୍ର

ଦାରିଙ୍ଗବାଡି, ୨୬।୮ (ଅରୁଣ ସାହୁ)

ଦୁର୍ଗମ ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ଏବଂ ଏହି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷା ବ୍ୟବସ୍ଥା କରିଛନ୍ତି ସରକାର। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ତାଲୁଙ୍ଗିଆ ପଞ୍ଚାୟତର ଶିକରମାହା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ କାଟିଙ୍ଗିଆର ମହର୍ଷି ଦୟାନନ୍ଦ ଉଚ୍ଚ ବିଦ୍ୟାଳୟକୁ ସରକାର ଉନ୍ନୀତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଘୋଷଣା କରିଛନ୍ତି। ଚଳିତ ଶିକ୍ଷାବର୍ଷ ୨୦୨୫/୨୦୨୬ରୁ ଏହି ପ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପ୍ରୋଜେକ୍ଟ ଆପ୍ରଭାଲ ବୋର୍ଡ (ପିଏବି) ପକ୍ଷରୁ ରାଜ୍ୟରେ ୧୦୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୋଷଣା ହୋଇଛି। ସେଥିରୁ କନ୍ଧମାଳ ଜିଲାର ୬ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଘୋଷଣା କରାଯାଇଛି। ଉକ୍ତ ୬ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଦାରିଙ୍ଗବାଡିର ୨ଟି, ବାଲିଗୁଡା ବ୍ଲକରେ ୨ଟି, ତୁମୁଡିବନ୍ଧ ଓ କୋଟଗଡ଼ ବ୍ଲକରେ ଗୋଟିଏ ଲେଖାଏ ବିଦ୍ୟାଳୟ ରହିଛି। ଏବେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନେ କଳା, ବାଣିଜ୍ୟ ଏବଂ ବିଜ୍ଞାନରେ ଏକାଦଶ ଶ୍ରେଣୀ ପାଇଁ ନାମ ପଞ୍ଜୀକୃତ କରି ଅନଲାଇନ (କମନ ଆପ୍ଲିକେସନ ଫର୍ମ)ରେ ଆବେଦନ କରି ପାରିବେ। ଫଳରେ ଯେଉଁ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷାରୁ ବାଦ ପଡିଥିଲେ ବର୍ତ୍ତମାନ ସେମାନେ ଅନଲାଇନରେ ଆବେଦନ କରୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ୨୦୭ଟି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା। ବର୍ତ୍ତମାନ ୧୦୨ଟି ବିଦ୍ୟାଳୟକୁ ଅନୁମୋଦନ ମିଳିଛି।

# ବ୍ୟବସାୟୀଙ୍କଠୁ ଲୁଟ୍ ଘଟଣାରେ ୪ ଗିରଫ

## ବାଇକ୍, ୧ ଲକ୍ଷ ଟଙ୍କା, ୩ ମୋବାଇଲ ଜବତ

ଟିକିଟି,ଦିଗପହଣ୍ଡି,୨୬।୮ (ପ୍ରକାଶ ଚନ୍ଦ୍ର ସାହୁ/ଅଶେଷନାଥ ମିଶ୍ର):

କେ. ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ବଳରାମପୁର ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ମାଡ଼ମାରି ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି । ସେମାନେ ହେଲେ କେ ନୂଆଗାଁ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଦୀପକ ଗୌଡ଼, କୁମାରଡ଼ା ଗ୍ରାମର ଜିତେନ୍ଦ୍ର ପ୍ରଧାନ ଓ ନୂଆପଡା ଗ୍ରାମର ନୃସିଂହ ପ୍ରସାଦ ପଣ୍ଡା ଏବଂ ଦିଗପହଣ୍ଡି ଥାନା ଅନ୍ତର୍ଗତ ଲଙ୍ଗଳଦେଇ ଗ୍ରାମର କାଳିଆ ଦାସ। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବାଇକ, ୩ଟି ମୋବାଇଲ ଫୋନ୍, ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଜିତେନ୍ଦ୍ରଙ୍କ ନାଁରେ ପୂର୍ବରୁ ୯ଟି ମାମଲା ରହିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଥିବା କେ ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି । ଶେରଗଡ଼ ଥାନା ଅନ୍ତର୍ଗତ ଧବଳପୁର ଗ୍ରାମର ଗୁଟଖା ବ୍ୟବସାୟୀ କିଶୋର କୁମାର ବିଷୋୟୀ ଟିକିଟି, ଦିଗପହଣ୍ଡି, ପାତ୍ରପୁର ବ୍ଲକ ଅଞ୍ଚଳରେ ବ୍ୟବସାୟ କରି ଫେରୁଥିବା ବେଳେ ଗତ ଜୁଲାଇ ୨୨ ତାରିଖ ରାତିରେ ବଳରାମପୁର ଛକ ନିକଟରେ ଲୁଟର ଶିକାର ହୋଇଥିଲେ। ପିକଅପ ଭ୍ୟାନକୁ ଅଟକାଇ ଅଭିଯୁକ୍ତମାନେ ତାଙ୍କୁ ମାଡ଼ମାରି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ । ଏ ନେଇ କେ. ନୂଆଗାଁ ଥାନାରେ କିଶୋରଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ.୨୪୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଯାଇଥିଲେ। ପୋଲିସ ଟିମ୍ ତାମିଲନାଡୁ, ଗୁଜରାଟର ବିଭିନ୍ନ ସ୍ଥାନରୁ ସେମାନଙ୍କୁ ଗିରଫ କରିଛି।

# ମାଣ୍ଡିଆ ଚାଷ ସମ୍ପର୍କିତ ତାଲିମ

ଫୁଲବାଣୀ,୨୬।୮ (ରାକେଶ କୁମାର ରାଉତ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଟିକାବାଲି ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମର ମିଳିତ ଉଦ୍ୟମରେ ଗଦଗୁଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ ସମ୍ପର୍କିତ ୨ଦିନିଆ ତାଲିମ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ଟିକାବାଲି ବ୍ଲକ କୃଷି ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ କରି ଅଧିକ ଅମଳ କରିବାକୁ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଦିବଂଗତ ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଟିକାବାଲି ବ୍ଲକ ସହାୟକ କୃଷି ଅଧିକାରୀ ଶୁଭସ୍ମିତା ସାହୁ ଚାଷ ପ୍ରଣାଳୀରେ



ସାଇକଲ ଉଇଡର୍‌ର ଗୁରୁତ୍ୱ ବିଷୟରେ ଚାଷୀମାନଙ୍କୁ ବୁଝାଇବା ସହିତ ଏହାକୁ ବ୍ୟବହାର କରି ଅଧିକ ଅମଳ ପାଇବାକୁ କହିଥିଲେ । ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ମାଣ୍ଡିଆ ଚାଷ ଅଧିକ ମାତ୍ରାରେ କରିବା ପାଇଁ ପ୍ରବର୍ତାଇଥିଲେ । ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ମାଣ୍ଡିଆ ଚାଷର ଗୁରୁତ୍ୱ ବିଷୟରେ କହିବାକୁ ଯାଇ ଏହା କିପରି ମନୁଷ୍ୟ ଶରୀରକୁ ରୋଗ ମୁକ୍ତ କରୁଛି ସେ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ସଘନ ପ୍ରଣାଳୀରେ ଚାଷ କରି ଅଧିକ ଅମଳ କରି ଚାଷୀମାନେ କିପରି ଆର୍ଥିକ ସ୍ତରରେ ଉନ୍ନତି କରିପାରିବେ ତାହା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସଂଯୋଜକ ସ୍ୱଧର୍ମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଶ ସାନସେଠ ସହଯୋଗ କରିଥିଲେ ।

### ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପାତ୍ରପୁର ଗସ୍ତ

ପାତ୍ରପୁର, ୨୬।୮ (ଉମା ଚରଣ ନେପାକ)

ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ପାତ୍ରପୁର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି । ସେ ବ୍ଲକର ବୁରାଡାଳ ପଞ୍ଚାୟତର କୁରୁଗଡ଼ ଗାଁରେ ପହଞ୍ଚି ପିଏମ୍ ଜନମନ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଙ୍କୁଲିଠାରୁ ଧୁବାଲିଙ୍ଗି ଯାଏ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ପିଏମ୍ ଜନମନ ରାସ୍ତା କାମର ଅଗ୍ରଗତି ନେଇ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପାନୀୟ ଜଳ ସମସ୍ୟା, ଅଙ୍ଗନୱାଡି ପିଲାଙ୍କ ଖାଦ୍ୟ ନେଇ ସେ ଆଲୋଚନା କରିଥିଲେ। ତଣ୍ଡିପୁର ପଞ୍ଚାୟତର ସାହାସପୁର ଗାଁକୁ ଯାଇ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିର୍ମିତ ପୋଖରୀ କାର୍ଯ୍ୟ ଦେଖିବା ସହ ଉପସ୍ଥିତ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ପାତ୍ରପୁର ବିଡ଼ିଓ ଲକ୍ଷ୍ମଣ ସୋରେନ, ପାନୀୟ ଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ସିଡିପିଓ ନମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଚିହ୍ନଟ ଶିବିର

ଆସିକା,୨୬।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର କାଳଷଣ୍ଢପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଶିବରାମ ବେହେରା ଶିବିର ଉଦ୍‌ଘାଟନ କରିଥିଲେ। ଆସିକା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୯୦ରୁ ଅଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ ନନ୍ଦ, ମନ୍ଦାକିନୀ ରଥ, ଏସ୍. ଉମ୍ବୁରୁ ଦୋରା, ସୀତାକାନ୍ତ ପଣ୍ଡା, ଅଜୟ ସାହୁ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ୫ଟି ବ୍ୟାଟେରିଚାଳିତ ୩ଚକିଆ ସାଇକେଲ, ୫ଟି ସ୍ୱତନ୍ତ୍ର ଚୌକି, ୧୮ଟି ଶ୍ରବଣ ଯନ୍ତ୍ର, ୮ଟି ରୋଲେଟର, ୫୨ଟି ଶିକ୍ଷଣ ସାମଗ୍ରୀ, ୬ଟି ୩ ଚକିଆ ସାଇକେଲ, ୧୭ଟି ହ୍ୱିଲ ଚେୟାର ପ୍ରଦାନ ଲାଗି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା। ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଭୁବନେଶ୍ୱରର ବେଦ ପ୍ରକାଶ ଅଂଶଶର୍ମା, ଶୁଭମ ପାଣିଗ୍ରାହୀ ଓ ଜନ୍ମଜେୟ ମାଝୀ, ପ୍ରବୀଣ ମହାନ୍ତ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଡାକ୍ତରୀ ପରୀକ୍ଷା କରିଥିଲେ।

# ଆଭାସୀରେ ଯୋଡ଼ିହେଲେ ଜିଲାପାଳ




ଉପସ୍ଥିତ ଥିବା ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## 'ଆମ ଶାସନ'ର ଶୁଭାରମ୍ଭ

ଛତ୍ରପୁର,୨୬।୮ (ସନ୍ତୋଷ ପାଢ଼ୀ):

ଜନସେବାକୁ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ 'ଆମ ଶାସନ' ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଛତ୍ରପୁରସ୍ଥିତ ଓସ୍ୱାନ ହଲରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ସହିତ ବିଭିନ୍ନ ଅଧିକାରୀମାନେ ଯୋଗଦେଇଥିଲେ। 'ଆମ ଶାସନ' ହେଉଛି ଏକ ପ୍ରମୁଖ ଉଦ୍ୟମ, ଯେଉଁଥିରେ ସରକାର ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ମାଧ୍ୟମରେ ଲୋକଙ୍କ ଅଭିଯୋଗ, ପ୍ରସ୍ତାବ ଓ ଆବଶ୍ୟକତାକୁ ସିଧାସଳଖ ଶୁଣିବା ଓ ସେ ଦିଗରେ କାମ କରିବା ପାଇଁ ସୁବିଧା ହେବ। ସୂଚନାଯୋଗ୍ୟ, ପୂର୍ବ ବିଜେଡି ସରକାରରେ ୫-ଟି ପ୍ଲାଟଫର୍ମରେ ମୋ ସରକାର କାର୍ଯ୍ୟକ୍ରମରେ ଲୋକଙ୍କୁ ଓ ହିତାଧିକାରୀଙ୍କୁ ତତ୍କାଳୀନ ସରକାରଙ୍କଠାରୁ ଫୋନ ଆସୁଥିଲା। ରାଜ୍ୟରେ ନୂଆ ଭାଜପା ସରକାର ଆସିବାପରେ ତାହା ବନ୍ଦ ହୋଇଯାଇଥିଲା।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିଦିବସ ପାଳିତ

ଛତ୍ରପୁର, ୨୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ )

ଛତ୍ରପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ଉଚ୍ଚ ବିଦ୍ୟାଳୟ ପରିସରରେ ଛତ୍ରପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ନାୟକଙ୍କ ୨୩ତମ ସ୍ମୃତି ଦିବସ ପାଳିତ ହୋଇଛି। ଏଥିରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, କଂଗ୍ରେସ ନେତା ଭାଗୀରଥି ବେହେରା, ଆଇନଜୀବୀ ବାବୁ ନାହାକ, ଛତ୍ରପୁର ପ୍ରେସ୍ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ପୂର୍ବତନ ସରପଞ୍ଚ ଆର. ନରହରି ରେଡ୍ଡୀ, କ୍ରିଷ୍ଣା ରେଡ୍ଡୀ, ଛାତ୍ର ନେତା ମହେଶ ଗୌଡ଼, ଇଜୁ ଅମିନ ଖାନ, ପୂର୍ବତନ ପ୍ରଧାନ ଶିକ୍ଷକ କୁମୁଦ ବେହେରା ଓ ସୁବାସ ଜେନା ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସୌରି ନାହାକ, ଶିକ୍ଷୟିତ୍ରୀ ଧରିତ୍ରୀ ପାଣିଗ୍ରାହୀ, ଆଜିତା ଚୌଧୁରୀ, ଶିକ୍ଷକ ପ୍ରଶାନ୍ତ ମେକାପ, ରବୀନ୍ଦ୍ର ମହାପାତ୍ର, ଗୋଲକ ନାୟକ, ମନୁ ନାୟକ, ସୋମେୟ ପାତ୍ର, ଅଶୋକ ପଟ୍ଟନାୟକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବୁଗୁଡା ବ୍ଲକରେ ୧୦ ପ୍ରଶିକ୍ଷାର୍ଥୀ ଓଏଏସ୍ ତାଲିମ ନେବେ




ପାଙ୍ଗିଡି ପଞ୍ଚାୟତର ଘୁ. ପଙ୍କଳବାଡି ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖୁଛନ୍ତି ଓଏଏସ୍ ପ୍ରଶିକ୍ଷାର୍ଥୀ।

ବୁଗୁଡା,୨୬।୮ (କାଳିଚରଣ ଦାଶ)

ଗଞ୍ଜାମ ଜିଲାପାଳଙ୍କ ପତ୍ର ଅନୁସାରେ ଗଞ୍ଜାମ ଜିଲାର ୮ଟି ବ୍ଲକର ୧୬ଟି ପଞ୍ଚାୟତରେ ୧୬ଟି ଗ୍ରୁପରେ ୮୦ ଜଣ ଓଡିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀ ପ୍ରଶିକ୍ଷାର୍ଥୀ ଭାବେ ୭ ଦିନ ପାଇଁ ସରକାରୀ ଯୋଜନା ଗ୍ରାମାଞ୍ଚଳରେ କିପରି କାର୍ଯ୍ୟକାରୀ ହେଉଛି ସେନେଇ କ୍ଷେତ୍ରାଞ୍ଚଳ ବୁଲି ତାଲିମ ଗ୍ରହଣ କରିବେ। ଏହି ପତ୍ର ଅନୁଯାୟୀ ବୁଗୁଡା ବ୍ଲକକୁ ୧୦ ଜଣ ଓଏଏସ ଅଫିସର ପ୍ରଶିକ୍ଷାର୍ଥୀ ଭାବେ ଆସିଛନ୍ତି। ସେମାନଙ୍କୁ ବୁଗୁଡା ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା। ବୁଗୁଡା ବ୍ଲକର ପାଙ୍ଗିଡି ଓ ତାକରଡା ପଞ୍ଚାୟତରେ ଦୁଇଟି ଗ୍ରୁପରେ ଏହି ୧୦ ଜଣ ଓଏଏସ ଅଫିସର ୭ ଦିନ ପାଇଁ ତାଲିମ ଗ୍ରହଣ କରିବେ। ପାଙ୍ଗିଡି ପଞ୍ଚାୟତରେ ସପ୍ତମ ଗ୍ରୁପରେ ନିବେଦିତା ରାଉତ, ଦୀପ୍ତିରେଖା ବାଗ, ଦୀପ୍ତି ରଞ୍ଜନ ସାହୁ, ସରୋଜ ବେହେରା ଓ ଭବାନୀ ଶଙ୍କର ମହନ୍ତ ପହଞ୍ଚିବା ପରେ ସେମାନଙ୍କୁ ସରପଞ୍ଚ ଭାଗ୍ୟଲତା ବିଷୋୟୀ ସ୍ୱାଗତ କରିଥିଲେ। ସେହିପରି ତାକରଡା ପଞ୍ଚାୟତରେ ଅଷ୍ଟମ ଗ୍ରୁପରେ ଅଭିଷେକ ସ୍ୱାଇଁ, ସତ୍ୟ ପ୍ରକାଶ ମିଶ୍ର, ରାଜେଶ ସାହୁ, ମିତାଲି ମଧୁସ୍ମିତା ମିଶ୍ର ଓ ସିଦ୍ଧାର୍ଥ ଶେଖର ଦାସ ପହଞ୍ଚିବା ପରେ ସେମାନଙ୍କୁ ସରପଞ୍ଚ ଦିଲ୍ଲୀପ ପ୍ରଧାନ ସ୍ୱାଗତ ଜଣାଇଥିଲେ। ବିଡ଼ିଓ ପାତ୍ରଙ୍କ ତତ୍ତ୍ୱାବଧାନରେ ପାଙ୍ଗିଡି ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ସେଠୀ, ପିଇଓ ପ୍ରଫୁଲ୍ଲ ପ୍ରଧାନ ଓ ଏଡିଇଓ ଜ୍ୟୋର୍ତିମୟୀ ସ୍ୱାଇଁ ଏବଂ ତାକରଡା ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ପିଇଓ ସୁବ୍ରତ ଗଡନାୟକ ଓ ଜିଆରଏସ୍ ଶଙ୍କର ମଲ୍ଲିକ ନୋଡାଲ ଅଫିସର ଭାବେ ପ୍ରଶିକ୍ଷାର୍ଥୀ ଓଏଏସ ଅଫିସରମାନଙ୍କୁ ସହଯୋଗ କରିଥିଲେ।

# ନୀର ମଲ୍ଲିକଙ୍କୁ ସମ୍ମାନିତ କଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି,୨୬।୮ (ଗିରିଧାରୀ ପରିଛା)

ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ପଞ୍ଚାୟତର ପଦାଗାଁ ଗ୍ରାମର ନୀର ମଲ୍ଲିକ ଚଳିତ ବର୍ଷ ଏନ୍‌ଇଇଟି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ପ୍ରଥମ କାଉନ୍‌ସେଲିଂରେ ମନୋନୀତ ହୋଇ ପୁରୀସ୍ଥିତ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ପଢିବାକୁ ସୁଯୋଗ ପାଇଛନ୍ତି। ସେ ଏକ ଗରିବ ପରିବାରର ଏବଂ ମାତୃପିତୃହୀନ ଛାତ୍ର। ବହୁ ବାଧାବିଘ୍ନରେ ବଡ଼ ହୋଇଛନ୍ତି ନୀର। ତାଙ୍କ ପରିଶ୍ରମ ଓ ନିଷ୍ଠା ତାଙ୍କୁ ଏନ୍‌ଇଇଟି ପରି ପରୀକ୍ଷାରେ ସଫଳତା ଦେଇଛି। ଏଥିପାଇଁ ମଙ୍ଗଳବାର ଗଜପତି ଜିଲାପାଳ ମଧୁମିତା ନୀରଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମିଶନ ବାତ୍ସଲ୍ୟ କାର୍ଯ୍ୟକ୍ରମର ପରବର୍ତ୍ତୀ ଯତ୍ନରେ ତାଙ୍କୁ ମାସିକ ୪ହଜାର ଲେଖାଏ ଟଙ୍କା



ଜିଲାପାଳ ନୀରଙ୍କୁ ସମ୍ମାନିତ କରୁଛନ୍ତି।

ଦେବା ନେଇ ବ୍ୟବସ୍ଥା କରିଛନ୍ତି । ଏହି ଟଙ୍କା ତାଙ୍କୁ ୨୩ ବର୍ଷ ପୂରଣ ହେବା ପର୍ଯ୍ୟନ୍ତ ମିଳିବ। ଏଥିସହ ନୀରଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରି ଆସନ୍ତା ୫ ବର୍ଷ ତାଙ୍କର ସମ୍ପୂର୍ଣ୍ଣ ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବା ବ୍ୟବସ୍ଥା କରିବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗରିବର ବନ୍ଧୁର କର୍ମକର୍ତ୍ତା, ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଉପଜିଲାପାଳ ଅନୁପ ପଣ୍ଡା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶଙ୍କର କେର୍‌କେଟା, ମୋହନା ପଞ୍ଚାୟତ ସମିତି ଅଧ୍ୟକ୍ଷ, ରଞ୍ଜୀବ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

### ବଜ୍ରପାତରେ ୩ ଛେଳି, ଗୋଟିଏ ବଳଦ ମୃତ

ଖଜୁରୀପଡ଼ା, ୨୬।୮ ( ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ପିରିକୁଡ଼ି ପଞ୍ଚାୟତର ରାଘାପଦର ଗ୍ରାମରେ ମଙ୍ଗଳବାର ବଜ୍ରପାତ ହୋଇ ୩ଟି ଛେଳି ଓ ଗୋଟିଏ ବଦଳଙ୍କ ମୃତ୍ୟୁ ହୋଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ପବିତ୍ର ପ୍ରଧାନଙ୍କ ଗୋଟିଏ ବଳଦ ଏବଂ ମୃତ୍ୟୁଞ୍ଜୟ ଭୋଇଙ୍କ ଦୁଇଟି ଛେଳି ଓ ଅନ୍ତର୍ଯ୍ୟାମୀ ଭୋଇଙ୍କ ଗୋଟିଏ ଛେଳିର ମୃତ୍ୟୁ ହୋଇଛି। ଖବର ପାଇ ଘଟଣା ସ୍ଥଳରେ ଗୁଦାରି ରାଜସ୍ୱ ନିରୀକ୍ଷକ ସପ୍ନା ସାହୁ ଏବଂ ପ୍ରାଣୀଧନ ନିରୀକ୍ଷକ ରମେଶ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରି କ୍ଷତିପୂରଣ ଆକଳନ କରିଛନ୍ତି । ଶୀଘ୍ର କ୍ଷତିପୂରଣ ମିଳିବା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରୋଗୀ ସେବା, ଅନୁଦାନର ସୁବିନିଯୋଗ ଉପରେ ଗୁରୁତ୍ୱ

## ରୋଗୀ କଲ୍ୟାଣ ସମିତି ବୈଠକ

ଧରାକୋଟ,୨୬।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମଭିକେ ଅଶୋକଙ୍କ ଆବାହକତ୍ୱରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ପ୍ରତିନିଧି ହିମାଂଶୁ ଶେଖର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବୈଠକରେ ଫାର୍ମାସିଷ୍ଟ କେଦାରନାଥ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଅତିଥି ରୂପେ ଏମ୍‌ପି ଅନିତା ଶୁଭଦର୍ଶନୀଙ୍କ ପ୍ରତିନିଧି ୟୁ ପାପା ରାଓ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳିଙ୍କ ପ୍ରତିନିଧି ଶିବ ଶଙ୍କର ପାତ୍ର, ଜିପିଇଓ ଦେବରାଜ ନାୟକ, ଆରଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ସୁପର ଭାଇଜର ଭାଗ୍ୟଲତା ମଣ୍ଡଳ, ଏବିଇଓ ବିଭୂତି ଭୂଷଣ ପାତ୍ର, ଏଏସଆଇ ଅନିଲ ଶବର, ମୁରଲୀଧର ରାଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିପିଏମ୍ ଗୋଲକ ନାରାୟଣ ବିବରଣୀ ପାଠ କରିଥିଲେ । ଗ୍ରାମାଞ୍ଚଳରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀଙ୍କୁ ସୁନିଶ୍ଚିତ ସେବା ଯୋଗାଇବା, ପ୍ରତୀକ୍ଷା ଗୃହ ନିର୍ମାଣ,୧୦୮ ଆମ୍ବୁଲାନ୍ସ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରଖିବା ପାଇଁ ପଦକ୍ଷେପ ନେବାକୁ ବିଧାୟକ ପ୍ରତିନିଧି ଦାବି କରିଥିଲେ। ମେଡିକାଲର କର୍ମଚାରୀ ପଦବୀ ପୂରଣ ସହ ଆନୁଷଙ୍ଗିକ ସୁବିଧା ପାଇଁ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଏମ୍‌ପି ପ୍ରତିନିଧି ପ୍ରକାଶ କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଓ ସରକାରୀ ଅନୁଦାନର ସୁବିନିଯୋଗ ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଅଶୋକ ମେଡିକାଲରେ ଜେନେରେଟର ନ ଥିବା, ମହାପ୍ରୟାଣ ଗାଡି, ଏକ୍ସ-ରେ ବ୍ୟବସ୍ଥା ଓ ଏଲଟିପଦବୀ ପୂରଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ନିଃସ୍ୱାର୍ଥପର ରୋଗୀସେବାରେ ସକ୍ରିୟ ସହଯୋଗ ପାଇଁ ଉଦୀୟମାନ ଯୁବକ ମହେଶ୍ୱର ବେହେରାଙ୍କୁ ଉପଢୌକନ,ସିଲ୍, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ । ଗ୍ରାମାଞ୍ଚଳରେ କାର୍ଯ୍ୟରତ ଡା. ଅନୁପମା ମହାପାତ୍ର, ଡା. ସୌମ୍ୟ ଶ୍ରୀକ୍ଷେତ୍ର ଗୌଡ଼, ଡା. ଯୁଧିଷ୍ଠିର ପ୍ରଧାନ, ଡା. ଶଙ୍କର ନାରାୟଣ ବେହେରାଙ୍କୁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାସ୍ଥ୍ୟକର୍ମୀ ଏବଂ ଆଶା କର୍ମୀ ରିତା ସ୍ୱାଇଁ, ସୁସାନ୍ତୀ ଗମାଙ୍ଗ ଓ ଅନୁସୂୟା ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ଚାରାରୋପଣ କରାଯାଇଥିଲା ।



ଖରସ୍ରୋତା, ବୈତରଣୀ ଓ ତା'ର ଶାଖା ନଦୀ ବୁଢ଼ାରେ ଆସିଥିବା ବନ୍ୟାରେ ପରିବା ଫସଲ ବୁଡ଼ିଯାଇଛି ।



ବନ୍ୟାପାଣି ଘରେ ପଶିଥିବାରୁ ଲୋକେ ଛାତ ଉପରେ ଆଶ୍ରୟ ନେଇଛନ୍ତି ।

# ବୈତରଣୀ ବନ୍ୟାରେ ଉଜୁଡ଼ିଲା ଧାନ, ପରିବା ଫସଲ

**ଯାଜପୁରଟାଉନ,୨୬।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଖରସ୍ରୋତା, ବୈତରଣୀ ଓ ତା'ର ଶାଖା ନଦୀ ବୁଢ଼ାରେ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଯାଜପୁର ବ୍ଲକର ସିମିଲିଆ, ପଣସା ଓ ଜାଫରପୁର ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଛି। ବନ୍ୟା ପାଣି ସମ୍ପୂର୍ଣ୍ଣ ଚାଷ ଜମିରେ ମାଡ଼ି ଯିବା ଦ୍ୱାରା ଧାନ ଏବଂ ପରିବା ଚାଷ ଉଜୁଡ଼ି ଯାଇଛି। ଗତ ବନ୍ୟାରେ ଧାନ ଓ ପରିବା ଚାଷ ପ୍ରଭାବିତ ହୋଇଥିବା ବେଳେ ଚାଷୀ ରଖିଥିବା ତଳି ଚାଷ ଜମିରେ ରୋପଣ କରିଥିଲେ। କିନ୍ତୁ ତୃତୀୟ ଥର ବନ୍ୟା ଆସିବା ଦ୍ୱାରା ସେଗୁଡ଼ିକୁ ନଷ୍ଟ କରି ପକାଇଛି। କେତେଜଣ ଚାଷୀ ଲାଭ ଦାୟକ ଭଣ୍ଡା ଚାଷ କରିଥିବାବେଳେ ବୈତରଣୀ ଓ ଖରସ୍ରୋତା ବନ୍ୟାରେ ସେ ମଧ୍ୟ ପ୍ରଭାବିତ ହୋଇଛି।

## ବନ୍ୟାବିପନ୍ନଙ୍କ ଚିନ୍ତା ବଢ଼ାଇଛି ବର୍ଷା

**ଯାଜପୁରଟାଉନ,୨୬।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲାର କାଣୀ ନଦୀରେ ବନ୍ୟା ଆସିବା ଦ୍ୱାରା ଲୋକଙ୍କ ଘରେ ପାଣି ପଶିଯାଇଛି। ବିପନ୍ନ ନିଜ ଘର ଛାଡ଼ି ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଆଉ କେତେକ ବିପନ୍ନ ନିଜ ଘର ଛାତ ଉପରେ ଜରି ପାଲ ଟାଙ୍ଗି ଆଶ୍ରୟ ନେଇଛନ୍ତି। କିନ୍ତୁ ବର୍ଷା ବିପନ୍ନଙ୍କ ଚିନ୍ତା ବଢ଼ାଇଛି। ଲଘୁଚାପଜନିତ ବର୍ଷା ହେବାର ଆଶଙ୍କା ଥିବାରୁ ସେମାନେ ଭୟଭୀତ ହୋଇ ପଡ଼ିଛନ୍ତି।

# ବ୍ରାହ୍ମଣୀରେ ବନ୍ୟାଜଳ ବୃଦ୍ଧି

**ଧର୍ମଶାଳା,୨୬।୮ (ବଟକୃଷ୍ଣ ପରିଡ଼ା):**

ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ରେଙ୍ଗାଲି ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୩୪୪୨ ଘନମିଟର ଜଳ ପ୍ରବେଶ କରୁଛି। ଫଳରେ ଡ୍ୟାମ କର୍ତ୍ତୃପକ୍ଷ ୩ ଗେଟ୍ ଖୋଲା କରିଛନ୍ତି। ତେଣୁ ୩ଟି ଗେଟ୍ ଓ ପାୱାର ଚ୍ୟାନେଲ୍ ଜରିଆରେ ଡ୍ୟାମରୁ ୫୭୦୦ ଘନମିଟର ବନ୍ୟା ଜଳ ନିଷ୍କାସିତ ହେଉଛି। ସୋମବାର ସକାଳ ୭ଟାରେ ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ଖୋଲିଥିବା ୨ଟି ଗେଟ୍ ସହ ୩ନମ୍ବର ଗେଟ୍ ଖୋଲିବାକୁ ବାଧ୍ୟ ହୋଇଥିଲେ। ଏହାରନିମ୍ନରେ ଥିବା ସମଲବ୍ୟାରେଜ୍ ୧୦ଟି ଗେଟ୍ ଖୋଲିବା ଫଳରେ ୬୦୪୪ ଘନମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେଉଛି। ଫଳରେ ବ୍ରାହ୍ମଣୀ ନଦୀର ବନ୍ୟା ଜଳ ପତନ ବୃଦ୍ଧିପାଇଛି। ଜେନାପୁରଠାରେ ମଙ୍ଗଳବାର ସନ୍ଧ୍ୟାସୁଧା ଜଳପତନ ୬୪ଫୁଟ୍‌ରେ ରହିଛି। ଏହା ବୃଦ୍ଧି ପାଇ ୬୬ଫୁଟ୍‌ରେ ପ୍ରବାହିତ ହେବ ବୋଲି ଜାରକା ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସସୂଚନା ଦେଇଛନ୍ତି। ତେଣୁ ନଦୀ ପାର୍ଶ୍ୱ ଗାଁ ଲୋକେ ସତର୍କ ରହିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବନ୍ୟାରେ ଧର୍ମଶାଳା ବ୍ଲକ୍ ଅଞ୍ଚଳର ୧୭୦୦ ହେକ୍ଟର ପାଟ ଜମି ଓ ୫୦ ହେକ୍ଟର ପନିପରିବା ଚାଷ ଜମି ଜଳମଗ୍ନ ହୋଇଛି।



ବ୍ରାହ୍ମଣୀ ବନ୍ୟା ଜଳ ଗୋକର୍ଣ୍ଣେଶ୍ୱର ମନ୍ଦିର ବେଢ଼ାରେ ପ୍ରବେଶ କରିଛି ।

# ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ଦାବି

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କୋରେଇ ବିଧାୟକ

**ଯାଜପୁରରୋଡ୍,୨୬।୮ (ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ନିର୍ବାଚନମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ପାଣିକୋଇଲିକୁ ଏନଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ମାନ୍ୟତା ଦେବା ପାଇଁ ଦାବି ହୋଇଛି। ଏନେଇ କୋରେଇ ବିଧାୟକ ଆକାଶ ଦାସ ନାୟକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ପାଣିକୋଇଲି ଏନଏସି ପାଇଁ ଉପଯୁକ୍ତ ସ୍ଥାନ ବୋଲି ବିଧାୟକ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ଏଠାରେ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ସର୍କଲ କାର୍ଯ୍ୟାଳୟ, ନବୋଦୟ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ରହିଛି। ଏହାବ୍ୟତୀତ ୧୬ ଏବଂ ୨୦ନଂ. ଜାତୀୟ ରାଜପଥର ସଂଯୋଗ ସ୍ଥଳ ରହିଛି। ପାଣିକୋଇଲି, ଗୋଳେଇପୁର ଓ ପଥରପଦା ପଞ୍ଚାୟତକୁ ନେଇ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯାଉ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ୩ଟି ପଞ୍ଚାୟତର ଲୋକସଂଖ୍ୟା ୨୦୧୧ ଜନଗଣନା ଅନୁସାରେ ୨୦ ହଜାରରୁ ଊର୍ଦ୍ଧ୍ୱ ରହିଛି। ପୂର୍ବ ସରକାର ସମୟରେ ପାଣିକୋଇଲିକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ହୋଇଥିଲା। ଏବେ ରାଜ୍ୟ ସରାକର ୧୨ଟି ଅଞ୍ଚଳକୁ ଏନଏସି ଘୋଷଣା କରିଥିବାବେଳେ ଏଥିରୁ ପାଣିକୋଇଲିକୁ ବାଦ ଦିଆଯାଇଛି। ଜନସାଧାରଣଙ୍କ ସ୍ୱାର୍ଥଦୃଷ୍ଟିରୁ ପାଣିକୋଇଲିକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ବିଧାୟକ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## କୃଷକ ବିକାଶ ମଞ୍ଚ ପକ୍ଷରୁ ଚାରାରୋପଣ

**ବିଞ୍ଝାରପୁର,୨୬।୮ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର କୃଷକ ବିକାଶ ମଞ୍ଚ ପକ୍ଷରୁ ସଭାପତି ଧୀରେନ ଦାସଙ୍କ ନେତୃତ୍ୱରେ ଅଳକୁଣ୍ଡ ବାସୁଦେବପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ପ୍ରଧାନଶିକ୍ଷକ କମଳାକାନ୍ତ ସାମଲ, ସୁରେନ୍ଦ୍ର ଶତପଥୀ, ଶେଖ ମମିଁନ ଅଲ୍ଲୀ, ବିକାଶ ଜେନା, ଚନ୍ଦ୍ର ନାରାୟଣ ଦାସ, ଶିକ୍ଷୟିତ୍ରୀ ପ୍ରେମଲତା ଦାସ, ମଧୁଛନ୍ଦା ଦାଶ, ତୃପ୍ତିମୟୀ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇ ସହଯୋଗ କରିଥିଲେ।

# ବ୍ରହ୍ମାକୁମାରୀ ବିକେ ଅଳିଙ୍କ ଦ୍ୱାଦଶାହରେ ରକ୍ତଦାନ ଶିବିର

**ଧର୍ମଶାଳା,୨୬।୮ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳିପାଳ ମୌଜାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜାରକା ଶାଖାର ସଞ୍ଚାଳିକା ବିକେ ଅଳି ଭଉଣୀଙ୍କ(୪୫)ଙ୍କ ଦ୍ୱାଦଶାହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଓଡ଼ିଶା ବ୍ଲଡ୍ ସେଣ୍ଟର ଯାଜପୁର ଟାଉନ ଶାଖା ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲାର ବିଭିନ୍ନ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୪୨ଜଣ ଭଉଣୀଭାଇ ଯୋଗଦେଇ ରକ୍ତଦାନ କରିଥିଲେ। ପରେ ଅଳି ଭଉଣୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଜାରକା ଶାଖାର ବିକେ କୃଷ୍ଣ ଭାଇ, କଳାକାର ଭାଇ, ସରୋଜ ଭାଇ, ଧ୍ରୁବ ଭାଇ, ହେମନ୍ତ ଭାଇ, ବାଙ୍କ ଭାଇ ପ୍ରମୁଖ ରକ୍ତଦାନ ଶିବିରରେ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

# ମହାବିଦ୍ୟାଳୟ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ



ଆନ୍ଦୋଳନରେ ସାମିଲ ହୋଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ।

**କଳିଙ୍ଗନଗର,୨୬।୮ (ଶୁଭାଶିଷ ରାଉତ):**

ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଡାକରାରେ ଚାଲିଥିବା ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଦାନଗଦୀ ବ୍ଲକ ଟୋଲକାନୀସ୍ଥିତ ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ସାମିଲ ହୋଇଛନ୍ତି। ୧୦ ଦିନ ହେବ ୧୨ ଅଧ୍ୟାପିକାଅଧ୍ୟାପକ ମହାବିଦ୍ୟାୟ ଗେଟ ସମ୍ମୁଖରେ ଧାରଣା ଦେଇଛନ୍ତି। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇଏ ଦାବି ସହ ଅନ୍ୟ ଦାବିଗୁଡ଼ିକୁ ସରକାର ପୂରଣ ନ କଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଅଧ୍ୟାପକ ବାମନ ଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ସାହୁ, ଅଜୟ ସାହୁ, ଅଧ୍ୟାପିକା ପାରିଜାତ ମହାନ୍ତି, ଅର୍ପିତା ଦାସ, ବନଜା ମଞ୍ଜରୀ ଶତପଥୀ, ଅବନୀ ମହାରଣା, କିରାଣି ସୁଷମା ପୃଷ୍ଟି, କର୍ମଚାରୀ ନାରାୟଣ ସାହୁ ଓ ସତ୍ୟଭାମା ମୁଖୀ ପ୍ରମୁଖ କହିଛନ୍ତି। ଆନ୍ଦୋଳନ ଯୋଗୁ ପିଲାଙ୍କ ପାଠପଢ଼ା ବନ୍ଦ ରହିଛି। ସରକାର ଦାବି ପୂରଣ କରିବାକୁଛାତ୍ରୀଛାତ୍ରନିବେଦନକରିଛନ୍ତି।

# ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚଢ଼ାଉ, ନାବାଳିକା ଉଦ୍ଧାର

**କାଳିଆପାଣି,୨୬।୮ (ଅସିତ ମହାନ୍ତ):**

ସୁକିନ୍ଦା ଖଣି ଅଞ୍ଚଳର ହୋଟେଲ ଓ ଅନ୍ୟ ଦୋକାନଗୁଡ଼ିକରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଅଭିଯୋଗ ହେବାପରେ ମଙ୍ଗଳବାର ଯାଜପୁର ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଶିଶୁ ସୁରକ୍ଷା ୟୁନିଟ ସୁପରଭାଇର ସସ୍ମିତା ଜେନା, ସଦସ୍ୟ ଅବଦୁଲ ହମିଦ ଖାନ, ଯାଜପୁର ଶ୍ରମ ବିଭାଗର ଏଏଲଓ ସୁଶ୍ରୀ ସଂଗୀତା ଜେନା ଓ କାଳିଆପାଣି ଥାନାର ଏକ ଟିମ୍ ବିଭିନ୍ନ ହୋଟେଲ ଓ ଦୋକାନରେ ଚଢ଼ାଉ କରିଥିଲେ। ହେଲେ କୌଣସି ଶିଶୁ ଶ୍ରମିକକୁ ପାଇ ନ ଥିଲେ। ପରେ କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘଟି ପଞ୍ଚାୟତ ବେଲହରି ଗାଁରେ ଚଢ଼ାଉ କରିଥିଲେ। ଏହି ସମୟରେ ଗାଁରେ ଜଣେ ବ୍ୟକ୍ତି ୨ ନାବାଳକଙ୍କୁ ରଖି ଗାଈ ଓ ଘୁଷୁରି ଚରାଇବା କାର୍ଯ୍ୟରେ ଲଗାଇଥିବା ଜାଣିବାକୁ ପାଇଥିଲେ। ଅଧିକାରୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କୁ ପାଇ ନ ଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ୨ ନାବାଳକ ରଖିଥିବା ସ୍ୱୀକାର କରିଥିଲେ। ଏହାପରେ ଅଧିକାରୀମାନେ ସେହି ଗ୍ରାମର ଜଣେ ନାବାଳିକା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ ନେଇଥିବା ସୁପରଭାଇଜର ସସ୍ମିତା ଜେନା ପ୍ରକାଶ କରିଛନ୍ତି।

# ବିବି ହାଇସ୍କୁଲର ଗଣଧାରଣା ସ୍ଥଗିତ

**ସିଂହପୁର,୨୬।୮ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ଶିକ୍ଷକ ଓ କିରାଣି ନିଯୁକ୍ତି ସହ ଆବଶ୍ୟକ ଶ୍ରେଣୀ ଗୃହ ନିର୍ମାଣ ଦାବିରେ ଦିଆଯାଇଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ୨୭ ନମ୍ବର ଜୋନର ଜଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ମୁକ୍ତିକାନ୍ତ ସାମଲ, ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ଅନନ୍ତ କୁମାର ଯେନା ଓ ସାମାଜିକ କର୍ମୀ ବିଜୟ ବିଶ୍ୱାଳ ଯୋଗଦେଇ ସମର୍ଥନ ଜଣାଇଥିଲେ। ସରକାରୀ ଛୁଟିକୁ ଦୃଷ୍ଟିରେ ରଖି ଆଗାମୀ ରବିବାର ପର୍ଯ୍ୟନ୍ତ ଧାରଣା ସ୍ଥଗିତ ରଖାଯିବା ପାଇଁ ପୁରାତନ ଛାତ୍ର ସଂସଦ ଓ ଅଭିଭାବକଙ୍କ ମିଳିତ ବୈଠକ କ୍ରମେ ନିଷ୍ପତ୍ତି ନିଆଯାଇଥିଲା ବୋଲି ଧୀରେନ୍ଦ୍ର ନାଥ, କୈଳାସ ଚନ୍ଦ୍ର ଯେନା, ସୁଧୀର ଭୂୟାଁ, ମଳୟ ନାୟକ, ନରେନ୍ଦ୍ର ସାହୁ, ଅଭିମନ୍ୟୁ ମହାପାତ୍ର, ମହେଶ ଚନ୍ଦ୍ର ରାଉତ, ଶ୍ରୀକାନ୍ତ ସାହୁ, ପ୍ରମେଥଶ ଦାସ ଓ ନିରଞ୍ଜନ ସାହୁ ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ପ୍ରଶାସନ ଦାବିଗୁଡ଼ିକ ପୂରଣ ନ କଲେ ବିଦ୍ୟାଳୟରେ ତାଲା ପକାଯିବା ସହ ରାସ୍ତାରୋକୋ କରିବାକୁ ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି।



ଧାରଣାରେ ବସିଥିବା ପୁରାତନ ଛାତ୍ରସଂସଦ କର୍ମକର୍ତ୍ତା ଓ ଅନ୍ୟମାନେ ।

# ରାସ୍ତା ନଷ୍ଟ କରୁଛି ଓଭର ଲୋଡିଂ ବାଲିଗାଡ଼ି

**ଦଶରଥପୁର,୨୬।୮ (ସୁଶାନ୍ତ କୁମାର ବେହୁରିଆ):**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଏକାଧିକ ବାଲି ଘାଟରୁ ଓଭରଲୋଡିଂ ବାଲି ପରିବହନ ଯୋଗୁ ରାସ୍ତା ନଷ୍ଟ ହେଉଛି। ପ୍ରମୁଖ ରାସ୍ତାରେ ବାଲି ଜମିରହି ଏକାଧିକ ଦୁର୍ଘଟଣା ଘଟୁଛି। ଖରସ୍ରୋତା ନଦୀବନ୍ଧଠାରୁ ଯାଜପୁର-ବିଞ୍ଝାରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଗୌଡ଼ସାହି ରାସ୍ତା ଏବଂ ବିଞ୍ଝାରପୁର ବ୍ଲକ ଛକଠାରୁ ଦଶରଥପୁର ବ୍ଲକର ମଧୁପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।

ବାଲି ବୋଝେଇ ହାଇୱା ଯାତାୟାତ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଜମା ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଛି। ବ୍ଲକ ସମ୍ମୁଖ ରାସ୍ତାରେ ୨/୩ ଇଞ୍ଚର ବାଲି ଜମା ହେବା ଫଳରେ ଏକାଧିକ ଦୁର୍ଘଟଣା ଘଟୁଛି। ଅନୁମତିଠାରୁ ୨ ଗୁଣା ବାଲି ପରିବହନ କରୁଥିବା ହାଇୱାଗୁଡ଼ିକ ଯୋଗୁ ବହୁ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ଦେଖାଯାଇଛି। ସେହିପରି ଅନେକ ରାସ୍ତା ମଧ୍ୟ ଦବିଯାଉଛି। ପୂର୍ତ୍ତ ବିଭାଗ ଅଧୀନ ରାସ୍ତା ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ଅଞ୍ଚଳର ଲାଇଫଲାଇନ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାସ୍ତା ବୌଳାଙ୍ଗ, ଛତ୍ରପଡ଼ା, ପ୍ରୀତିପୁର ଓ ଅଳକୁଣ୍ଡ ବଜାର ଅତିକ୍ରମ କରି ଯାଜପୁର-ସିଂହପୁର ମୁଖ୍ୟରାସ୍ତାକୁ ବିଞ୍ଝାରପୁର ନିକଟରେ ସଂଯୋଗ କରିଛି।



ରାସ୍ତାରେ ବାଲି ଜମା ହୋଇ ରହିଛି ।

୧୫.୫କି.ମି. ଲମ୍ବ ବିଶିଷ୍ଟ ଏହି ରାସ୍ତାର ୮କି.ମି. ମଙ୍ଗଳପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାବେଳେ ବାକି ୭.୫ କି.ମି. ବିଞ୍ଝାରପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତାକୁ ଲାଗି ଏକାଧିକ ସ୍କୁଲ, କଲେଜ, ହସ୍ପିଟାଲ ସମେତ ଶତାଧିକ ଗ୍ରାମ ରହିଛି। ମାତ୍ର ଅତ୍ୟଧିକ ବାଲି ପରିବହନ ଯୋଗୁ ରାସ୍ତା ମରଣଯନ୍ତା ପାଲଟିଛି। ବିଶେଷ କରି ଅଳକୁଣ୍ଡ ବଜାରଠାରୁ କପିଳା ଛକ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ୨୫ ଟନ ଭାର ସହିବାର କ୍ଷମତା ରହିଥିବାବେଳେ ୫୦ ଟନ ଓଜନର ବାଲି ବୋଝେଇ ହାଇୱା ଯାତାୟାତ କରୁଛି।

ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ପୁନଃ ନିର୍ମାଣ କରା ନ ଯାଇ ପ୍ରତିବର୍ଷ ମରାମତି ନାମରେ ବିପୁଳ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଧର୍ଯ୍ୟ ଅଞ୍ଚଳଠାରୁ ଅଧିକ ବାଲି ଉତ୍ତୋଳନ ଫଳରେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେବା ସହ ନଦୀ ଗତିପଥ ମଧ୍ୟ ପରିବର୍ତ୍ତନର ଆଶଙ୍କା ରହିଛି। ଏନେଇ କିଛି ଦିନ ତଳେ ବିଞ୍ଝାରପୁର ଭାଜପା ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଯାଜପୁର ଖଣିବିଭାଗ ଉପନିର୍ଦ୍ଦେଶକଙ୍କୁ ଭେଟି ବେଆଇନ ବାଲିଚାଲାଣ ରୋକିବାକୁ ଦାବି କରିଥିଲେ। ହେଲେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏ ସମ୍ପର୍କରେ ଖଣି ବିଭାଗ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବର୍ଷା ଋତୁରେ ଅକ୍ଟୋବର ୧୫ ପର୍ଯ୍ୟନ୍ତ ନଦୀରୁ ବାଲିଉଠାଣ କରିବାକୁ ବାରଣ କରାଯାଇଛି। ଏହାକୁ ଯେଉଁମାନେ ଅମାନ୍ୟ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଞ୍ଝାରପୁର ପୂର୍ତ୍ତ ବିଭାଗ ଏସ୍‌ଡିଓ ଦିଲୀପ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଖୁବ୍‌ଶୀଘ୍ର ରାସ୍ତା କାର୍ଯ୍ୟ ନିମନ୍ତେ ପଦକ୍ଷେପ ନିଆଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ପଦକ୍ଷେପ ନିଆଯାଉଛି।

# କୁମ୍ଭୀର ଆତଙ୍କରେ ଥରହର ଧୋୟାଞ୍ଚଳବାସୀ

■ ବ୍ରାହ୍ମଣୀ ନଦୀରେ ୩ୟ ବନ୍ୟା
■ ବ୍ୟାପକ ଅଞ୍ଚଳ ଜଳମଗ୍ନ
■ ସିଂହଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ପଟ୍ଟାମୁଣ୍ଡାଇ, ୨୬।୮ (କଳ୍ପତରୁ ନାୟକ)

ଲଘୁଚାପ ଜନିତ ବର୍ଷା ଯୋଗୁ ରେଙ୍ଗାଲି ପାଣି ଛାଡିବାରୁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ୧୦ଟି ପଞ୍ଚାୟତ ପୌରାଞ୍ଚଳର ୬ଟି ୱାର୍ଡରେ ଚଳିତବର୍ଷ ୩ୟ ଥର ବନ୍ୟା ଜଳ ମଙ୍ଗଳବାର ପ୍ରବେଶ କରିଛି। ଫଳରେ ଲୋକେ ଅସୁବିଧା ଭୋଗ କରୁଛନ୍ତି। ୨ଥର ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ବ୍ୟାପକ ଫସଲହାନୀ ଘଟଇଥିଲା। ଚାଷୀମାନେ ବ୍ୟାପକ କ୍ଷତି ସହିଥିବା ବେଳେ ୩ୟ ବନ୍ୟା ପରିସ୍ଥିତି ସଙ୍ଗୀନ କରି ଦେଇଛି ବୋଲି ଧୋୟାଞ୍ଚଳବାସୀ ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, କୈଳାସ ସେଠୀ ପ୍ରମୁଖ କହିଛନ୍ତି। ବ୍ରାହ୍ମଣୀରେ ବନ୍ୟା ଜଳ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଧୋୟାଞ୍ଚଳର ଲୋକ କୁମ୍ଭୀର ଭୟରେ ଆତଙ୍କିତ ହୋଇପଡିଛନ୍ତି। ଖବର ଲେଖା ହେବା ସୁଦ୍ଧା ଅଳଭାଠାରେ


ଚାଷଜମି ଜଳମଗ୍ନ।

ବନ୍ୟା ଜଳ ପତନ ୧୬ ଫୁଟ ରହିଛି।

ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତରେ ଚଳିତବର୍ଷ ୩ୟ ଥର ବନ୍ୟା ଜଳ ପ୍ରବେଶ କରିବାରୁ ଲୋକେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ପଡିଛନ୍ତି। ସିଂହଗାଁ ପଞ୍ଚାୟତର କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ସେହିପରି ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ ସେଠୀସାହି, ଜେନାସାହି, ପାହାନ୍ତା ସିଂହସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରା ଡିଆ, ପେଣ୍ଟପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ବହୁ ଏକର ଚାଷଜମିରେ ବନ୍ୟା ପାଣି ମାଡି ଯାଇଛି। ସମ୍ପ୍ରତି ବନ୍ୟା ବିପନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ସେହିପରି ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷ ଜମିରେ ବନ୍ୟା ଜଳ ମାଡିଯାଇଛି। ନିକଟରେ ଧୋୟାଞ୍ଚଳର ଚାଷୀମାନେ ଧାନତଳି ଭେଡା ଅଞ୍ଚଳରୁ କିଣି କ୍ଷେତ ରୁଆପୋତା କରିଥିଲେ। ପୁଣି ବ୍ରାହ୍ମଣୀ ନଦୀରେ ୩ୟ ବନ୍ୟା ଆସିବା ଫଳରେ ଧାନ ତଳିରୁଆ ସବୁ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଟା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଳଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି। ବ୍ରାହ୍ମଣୀର ୩ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୫୦ ହଜାର ଓ ପୌରାଞ୍ଚଳର ୨୦ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ଗ୍ରାମ୍ୟ ରାସ୍ତାଗୁଡିକ ପାଣିରେ ବୁଡିଯାଇଛି। ଗୃହପାଳିତ ପ୍ରାଣୀମାନେ ଗୋ ଖାଦ୍ୟ ଅଭାବରୁ ହନ୍ତସନ୍ତ ହେଉଛନ୍ତି। ଚଳିତ ବନ୍ୟାର ସଫଳ ମୁକାବିଲା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନ ସଜାଗ ରହିଛି।

# ଡେରାବିଶକୁ ଗୌରାବାନ୍ୱିତ କଲେ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ବିଦ୍ୟାଶ୍ରୀ

## ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ

ଡେରାବିଶ, ୨୬।୮ (ବେବର୍ତ୍ତା ଅଜୟ ଦାସ)

ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ସୋମବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ଡେରାବିଶର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ବିଦ୍ୟାଶ୍ରୀ ଦାସ କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାରୀ ଅଞ୍ଚଳକୁ ଗୌରାବାନ୍ୱିତ କରିଛନ୍ତି। ଏହି ସଂସ୍ଥା ପକ୍ଷରୁ ଜାତୀୟସ୍ତରୀୟ କୁଇଜ ପ୍ରତିଯୋଗିତା ପାଇଁ ବିଦ୍ୟାଶ୍ରୀ ମନୋନୀତ ହୋଇଛନ୍ତି। ତେବେ ବିଦ୍ୟାଶ୍ରୀଙ୍କ ଏହି ସଫଳତା ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି। ମଙ୍ଗଳବାର ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରୀଛାତ୍ର ବିଦ୍ୟାଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶେଷ କରି ବିଦ୍ୟାଳୟର



ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ, ପରିଚାଳନା କମିଟି ସଦସ୍ୟ ଶରତ କୁମାର କର ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ବିଦ୍ୟାଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୁଚନାଯୋଗ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଭଦ୍ରା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଶ୍ରୀ ଏହି ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହୋଇଥିଲେ।

# ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

## ବ୍ରାହ୍ମଣୀରେ ୩ୟ ବନ୍ୟା

ରାଜନଗର, ୨୬।୮ (ଭାସ୍କର ରାଉତରାୟ)

ବ୍ରାହ୍ମଣୀ ନଦୀରେ ୩ୟ ଥର ବନ୍ୟା ଆସିବା ଯୋଗୁ ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣିଘେରରେ ରହିଛି। ସୋମବାର ରାତିରୁ ବନ୍ୟାପାଣି ବଢୁଥିବାରୁ ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଓସ୍ତିଆ-ନଗଡ଼ ରାସ୍ତା ଉପରେ ବନ୍ୟାପାଣି ପ୍ରବାହିତ ହେଉଛି। ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତା ଉପରେ ୨ ଫୁଟର ପାଣି ଚାଲୁଛି। ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣଡେିଲା, ଫିଙ୍ଗିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ପାଣିଘେରରେ ରହିଛି। ବିଶେଷକରି ବନ୍ୟା ଅଞ୍ଚଳରେ ଥିବା ଚାଷ ଜମିଗୁଡିକ ବନ୍ୟାପାଣିରେ ବୁଡ଼ିଯାଇଛି। ପ୍ରଥମ ବନ୍ୟା ପରେ ବିପନ୍ନ ଅଣ୍ଟା ସଳଖି ଛିଡା ହୋଇ ନ ଥିବା ବେଳେ ଜୁଲାଇ ଶେଷ ସପ୍ତାହରେ ଦ୍ୱିତୀୟ ବନ୍ୟା ଓ ଏବେ ପୁଣି ଚଳିତବର୍ଷ ୩ୟ ଥର ବନ୍ୟା ଆସିବା ଯୋଗୁ ବିପନ୍ନମାନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ସବୁଠୁ ବଡ଼ କଥା ହେଲା ବନ୍ୟାଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି।

# ସ୍ୱାଧୀନତାର ୭୯ବର୍ଷ ପରେ ଗାଁକୁ ରାସ୍ତା ନାହିଁ



ଧାରଣାରେ ବସିଥିବା ନହଙ୍ଗ ୧୩ ନଂ. ୱାର୍ଡବାସୀ।

## ଜିଲାପାଳଙ୍କୁ ନହଙ୍ଗ ୧୩ ନଂ. ୱାର୍ଡବାସୀଙ୍କ ଗୁହାରି

ଡେରାବିଶ, ୨୬।୮ (ବେବର୍ତ୍ତା ଅଜୟ ଦାସ)

ଦେଶରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତର ୧୩ ନଂ. ୱାର୍ଡର ଅନୁସୂଚିତ ସାହିବାସୀଙ୍କ ପାଇଁ ପକ୍କା ରାସ୍ତା ନିର୍ମାଣ ସ୍ୱପ୍ନ ସାଜିଛି। ଏହି ଗାଁରେ ୮୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରି ଆସୁଛନ୍ତି। ସେମାନଙ୍କୁ ସାଧାରଣ ମୌଳିକ ସମସ୍ୟା ରାସ୍ତାଟିଏ ନିର୍ମାଣ ପାଇଁ ଦୀର୍ଘବର୍ଷ ହେବ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳ, ସ୍ଥାନୀୟ ଲୋକପ୍ରତିନିଧିଙ୍କ ନିକଟରେ ବାରମ୍ବାର ଗୁହାରି କରି ଆସୁଛନ୍ତି। ମାତ୍ର ଏହି ସମସ୍ୟାର ସମାଧାନ କେବଳ ପ୍ରତିଶ୍ରୁତି ମଧ୍ୟରେ ରହିଯାଇଛି ବୋଲି ଗାଁର ଶିବ ପ୍ରସାଦ ମଲିକ କହିଛନ୍ତି। ଶେଷରେ ମଙ୍ଗଳବାର ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ ସହ ଧାରଣା ଦେଇଥିଲେ।

ଦାବିପତ୍ରରେ ୧୩ ନଂ. ୱାର୍ଡସ୍ଥିତ ଉକ୍ତ ଗ୍ରାମ୍ୟ ରାସ୍ତା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମସଭା ଅନୁମୋଦନକ୍ରମେ ଆମ ଗ୍ରାମ ଆମ ବିକାଶ ଯୋଜନାରେ ୩ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି ବୋଲି ଉଲ୍ଲେଖ କରାଯାଇଛି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ରାସ୍ତା ନିର୍ମାଣ ଅଯଥା ବିଳମ୍ବ ହେବାରେ ଲାଗିଛି। ଏହା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ କର୍ଦ୍ଦମାକ୍ତ ହୋଇ ପଡିଥିବାରୁ ଗ୍ରାମକୁ କୌଣସି ଜରୁରୀକାଳୀନ ସେବା ଗାଡି ଯତାୟାତ କରିପାରୁନାହିଁ। ଏପରିକି ଅସରାଏ ବର୍ଷା ହେଲେ ଗ୍ରାମବାସୀ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। କାଦୁଅ ପଚପଚ ରାସ୍ତା ପାଇଁ ଗ୍ରାମବାସୀ ଘର ବାହାରକୁ ବାହାରିବା ସମ୍ଭବପର ହେଉନାହିଁ। ପଞ୍ଚାୟତ ସରପଞ୍ଚ ବିଳାସିନୀ ସେଠୀ ଏହି ରାସ୍ତା ନିର୍ମାଣ ପାଇଁ ସୁପାରିଶ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ନେଇ ଗ୍ରାମବାସୀ। ଅଭିଯୋଗରେ ଦର୍ଶାଇଛନ୍ତି। ଏହି ପ୍ରତିନିଧି ଦଳରେ ଗ୍ରାମର ରଜନୀକାନ୍ତ ମଲିକ, ମମତା ଦାସ, ମଞ୍ଜୁଲା ଦାସ, ମଞ୍ଜୁଲତା ମଲିକ, ସବିତା ଦାସ, ବସୁଧା ଦସା, ସ୍ୱର୍ଣ୍ଣଲତା ଦାସ, କାଞ୍ଚନ ଦାସ ଓ ନିଗମାନନ୍ଦ ଦାସ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।

# ଭାଜପା ନେତ୍ରୀଙ୍କୁ ଆଇଆଇସିଙ୍କ ଅଶାଳୀନ ବ୍ୟବହାର: ଗୃହ ବିଭାଗରେ ଅଭିଯୋଗ

କେନ୍ଦ୍ରାପଡ଼ା, ୨୬।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକ ଭାଜପା ନେତ୍ରୀ ସୁଜାତା ବାରିକଙ୍କୁ ଅଶାଳୀନ ବ୍ୟବହାର ଦେଖାଇଛନ୍ତି। ଥାନାଧିକାରୀ ମଲ୍ଲିକଙ୍କ ଏ ପ୍ରକାର ଆଚରଣରେ ଭାଜପା ନେତ୍ରୀ ବାରିକ ଗୃହ ବିଭାଗ ସଚିବଙ୍କୁ ଏ ନେଇ ମଙ୍ଗଳବାର ଅଭିଯୋଗପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ହଇରାଣ ହରକତ କରିବା ଓ ତାଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ଯୁବକଙ୍କୁ ମୁଣ୍ଡ ଫଟାଇ ଦେଇଥିବା ଘଟଣାର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଆଇସିଙ୍କୁ ସେ ଫୋନରେ ନିବେଦନ କରିଥିଲେ। ତେବେ ଆଇଆଇସ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଗୃହ ସଚିବ ସତ୍ୟବ୍ରତ ସାହୁ ଡିଜିପିଙ୍କୁ ଚିଠି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ମଲ୍ଲିକଙ୍କୁ ପଚାରିବାରେ ଭାଜପା ନେତ୍ରୀ ବାରିକ ଫୋନ କରିବା ସତ୍ୟ। ତେବେ କୌଣସି ଅଶାଳୀନ ବ୍ୟବହାର ସେ ଦେଖାଇନାହାନ୍ତି। ଅପରପକ୍ଷରେ ସମ୍ପୃକ୍ତ ଅନୁସୂଚିତ ଜାତିର ମହିଳା ଜିଲାପାଳ ରଘୁରାମ ଆର. ଆୟାରଙ୍କ ନିକଟରେ ଆଇଆଇସଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

# ପୁରୁଣା ପାଇଖାନାକୁ ନୂଆ ଦେଖାଇ ବିଲ୍

## କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟ



ରାଜନଗର, ୨୬।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୁରୁଣ୍ଟିସ୍ଥିତ କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଥିବା ପୁରୁଣା ପାଇଖାନାକୁ ନୂଆ ଦର୍ଶାଇ ସରକାରୀ ଅର୍ଥ ଲୁଟିବାକୁ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଏ ନେଇ ରାଜନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ଥିବା କାର୍ଯ୍ୟାଦେଶକୁ ବଦଳାଇ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ କରି ସରକାରୀ ଅର୍ଥ ଲୁଟି ନେବାକୁ ଫଲ୍‌ସ ବିଲ କରାଯାଇଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ମୁତାବକ, କୁରୁଣ୍ଟିସ୍ଥିତ କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ୨୦୧୯ରେ ପାଇଖାନା ନିର୍ମାଣ ହୋଇଥିଲେ ମଧ୍ୟ କବାଟ ଲାଗି ନ ଥିଲା। ୨୦୨୧ -୨୨ରେ ଏ ନେଇ ଅର୍ଥ ଯୋଗାଇ ଦିଆଯାଇଥିଲା, ମାତ୍ର ସେ ଅର୍ଥରେ କାମ ହୋଇ ନ ଥିଲା। ୬ ମାସ ତଳେ ପୁରୁଣା ପାଇଖାନାରେ ୨ଟି କବାଟ, ୨ଟି ଇଣ୍ଡିଆନ୍ ପ୍ୟାନ ଲଗାଇ, ଅଳ୍ପ ଟାଇଲ ବିଛାଇ ରଙ୍ଗ ମରାଯାଇଥିଲା। ମାତ୍ର ୨ଟି ସମ୍ପୂର୍ଣ୍ଣ ନୂଆ ପାଇଖାନା ନିର୍ମାଣ ହୋଇଥିବା ଦର୍ଶାଇ ୧ ଲକ୍ଷ ୭୮ ହଜାର ଟଙ୍କା ବିଲ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ତଦନ୍ତ କରି ଫଲ୍‌ସ ବିଲ୍ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ବ୍ଲକ ସମ୍ମୁଖରେ ଛୋଟ ପିଲାଙ୍କୁ ନେଇ ଧାରଣାରେ ବସିବୁ ବୋଲି ତ୍ରିଲୋଚନ ଖଟୁଆ, ପ୍ରମିଳା ସେଠୀ, ସ୍ନେହଲତା ଜେନା, ମୀନାକ୍ଷୀ ଜେନା, କବିତା ଜେନା ପ୍ରମୁଖ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ପାକ୍ସରେ ବନ୍ଦ ହେଲା ପଞ୍ଜୀକରଣ, ଚାଷୀଙ୍କ ଅସନ୍ତୋଷ

ରାଜନଗର, ୨୬।୮ (ଭାସ୍କର ରାଉତରାୟ)

ଖରିଫ ଋତୁ ଧାନକିଣା ଚାଷୀ ପଞ୍ଜୀକରଣ ଅଗଷ୍ଟ ୨୫ ପରିବର୍ତ୍ତେ ୩୦ଯାଏ ଚାଲିବ ବୋଲି ସରକାର ଘୋଷଣା କରିଥିଲେ। ମାତ୍ର ସୋମବାର ରାତିରେ ଚାଷୀ ପଞ୍ଜୀକରଣ ହଠାତ୍ ବନ୍ଦ କରି ଦିଆଯାଇଛି। ଫଳରେ ଶତାଧିକ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରି ନ ପାରି ହତାଶ ହୋଇଛନ୍ତି। ରାଜନଗର ବ୍ଲକର ୧୫ଟି ସେବା ସମବାୟ ସମିତି(ପାକ୍ସ)ର ପ୍ରାୟ ୩୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରି ପାରି ନ ଥିବା ଜଣାଯାଇଛି। ମଙ୍ଗଳବାର ରାଜନଗର ପାକ୍ସରେ ଚାଷୀମାନେ ପଞ୍ଜୀକରଣ କରିବାକୁ ଆସି ପଞ୍ଜୀକରଣ କରି ନ ପାରି ଫେରିଛନ୍ତି। ମଦନମୋହନ ରାଉତ ୧୩ ଏକର ଜମିରେ ଖରିଫ ଧାନଚାଷ କରିଛନ୍ତି। ମଙ୍ଗଳବାର କାଗଜପତ୍ର ଧରି ରାଜନଗର ପାକ୍ସରେ ଖରିଫ ଧାନ ବିକିବାକୁ ପଞ୍ଜୀକରଣ କରିବାକୁ ଆସିଥିଲେ। ମାତ୍ର ସୋମବାର ରାତିରେ ପଞ୍ଜୀକରଣ ବନ୍ଦ ହୋଇଯାଇଥିବା ଜାଣି ନିରାଶରେ ଫେରିଛନ୍ତି। ତାଙ୍କ କହିବା କଥା ହେଲା, ସରକାର ବିହନ ଯୋଗାଇ ଦେଲେନି, ବାହାରୁ ବିହନ କିଣିଲୁ, ଧାନ ରୋଇବା ପରେ ସାର ଦେଲେନି, ଖୋଲା ବଜାରରୁ ଦୁଇଗୁଣ ଦରରେ କିଣିଲୁ, ଏବେ ଧାନ ବିକିପାରିବୁ ନାହିଁ, ଶାଗ ମାଛ ଦରରେ ଧାନ ବିକିବୁ ବୋଲି କ୍ଷୋଭର ସହ କହିଛନ୍ତି। କେବଳ ମଦନମୋହନ ନୁହନ୍ତି, ରଞ୍ଜୁଲତା ରାଉତ, ମାଧବାନନ୍ଦ ଦାସ, ଦୀପ୍ତିମୟୀ ରାଉତ, ଗୋଲେଖ ରାଉତ, ଅଞ୍ଜନ ପ୍ରଧାନ, ସୁଧୀର ଚରଣ ପ୍ରଧାନ, ଅଞ୍ଜନ ବଳ, ମାଧବାନନ୍ଦ ଭୂୟାଁ, ପ୍ରଭାକର ଭୂୟାଁ, ଅନାଦି ବଳ, ଗୌତମ ରାଉତ, ଅଜୟ ରାଉତ, ମହେଶ୍ୱର ଭୂୟାଁ ପ୍ରମୁଖ ସେମାନଙ୍କ ଚାଷୀଙ୍କ ନାମ ପଞ୍ଜୀକରଣ କରି ନ ପାରି ନିରାଶରେ ପାକ୍ସରୁ ଫେରିଛନ୍ତି। ସରକାର ପ୍ରଥମେ ୨୦ରୁ ୨୫ ତାରିଖ ଓ ପରେ ୨୫ରୁ ୩୦ ତାରିଖ ଯାଏ ପଞ୍ଜୀକରଣ ଅବଧି ବଢ଼ାଇଥିଲେ। ଏଣୁ ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପୁଣି ପଞ୍ଜୀକରଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ବାର୍‌ହା ପଲଙ୍କ ଆକ୍ରମଣରେ ମତ୍ସ୍ୟଜୀବୀ ଗୁରୁତର

ମହାକାଳପଡ଼ା, ୨୬।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ଗାଁର ମଙ୍ଗଳବାର ମତ୍ସ୍ୟଜୀବୀ ଅଭିନାଶ ରାଉତ (୩୭)ଙ୍କୁ ବାର୍‌ହା ପଲଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟାରେ ଏହି ଗ୍ରାମର ମହାନଦୀ ଶାଖା ଗୁପ୍ତଗିରୀ ନଦୀକୂଳରେ ଅବିନାଶ ଭଉଁରୀ ଜାଲ ପକାଇ ମାଛ ଧରିଥିଲେ। ହଠାତ ବାର୍‌ହା ପଲ ହାବୁଡ଼ରେ ପଡ଼ିଥିଲେ। ଫଳରେ ଅଭିନାଶଙ୍କୁ ବାର୍‌ହା ଘେରି ଯାଇଥିଲେ। ପରେ ବାର୍‌ହା ପଲ ଅବିନାଶଙ୍କ ଶରୀର ହାତ, ଗୋଡ, ଜଂଘ, ବେକ ଅଣ୍ଟା, ପିଠି କାମୁଡି ଗଭୀର କ୍ଷେତ କରି ଦେଇଥିଲେ। ସ୍ଥାନୀୟ ଲୋକ ଖବରପାଇ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲାମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ସଂକ୍ରାନ୍ତରେ ଜମ୍ବୁ ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ମହିମା ଆଶ୍ରମରେ ନୂଆଖାଇ ପର୍ବ

ଡେରାବିଶ, ୨୬।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଖାନନଗର ମହିମା ଆଶ୍ରମରେ ମଙ୍ଗଳବାର ନୂଆଖାଇ ପର୍ବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମନ୍ଦିରରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ ଓ ସାଧୁ ମିଳନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଦୂରଦୂରାନ୍ତରୁ ଆସିଥିବା ଶତାଧିକ ଭକ୍ତଙ୍କ ଗହଣରେ ଆଶ୍ରମ ପରିସରରେ ନୂଆଖାଇ ପର୍ବ ପାଳିତ ହେଉଥିଲା। କିଶୋର ଚନ୍ଦ୍ର ବାବା ଏହି ପର୍ବକୁ ନିରନ୍ତର



ଭାବେ ପାଳନ କରି ଆସୁଛନ୍ତି। ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ପରିବେଶରେ ପାଳିତ ଏହି ପର୍ବ ଯୋରଦାର ପରମ୍ପରାକୁ ସ୍ମରଣ କରାଯାଉଛି।

# ଚାଷୀଙ୍କୁ ମିଳୁନି ରିହାତି ସାର

## ଚଢ଼ାଦରରେ ବିକ୍ରି କରୁଛନ୍ତି ବ୍ୟବସାୟୀ

ମହାକାଳପଡ଼ା, ୨୬।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କୃଷି ଓ କୃଷକର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ତୃଣମୂଳସ୍ତରରେ ଚାଷୀଙ୍କ ଦୁଃଖ ଦ୍ୱିଗୁଣିତ ହେଉଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସରକାରୀ ରିହାତି ଦରରେ ବିହନ, ସାର, ଔଷଧ, ସ୍ପ୍ରେ ମେଶିନ, କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ ବିପୁଳ ଅର୍ଥ ବ୍ୟୟବରାଦ ରହିଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ଚାଷୀଙ୍କୁ ସରକାରୀ ରିହାତି ଦରରେ ସାର, ଔଷଧ ମିଳୁନି ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଖରିଫ ଋତୁରେ ଚାଷୀମାନେ ସରକାରୀ ସାର ନ ଥିବାରୁ ବାଧ୍ୟ ହୋଇ ଖୋଲା ବଜାରରୁ ବିଭିନ୍ନ କିସମ ସାର ଚଢ଼ାଦରରେ କିଣୁଛନ୍ତି। ଗ୍ରୋମର ୧୯୦୦ରୁ ୨୦୦୦ ଟଙ୍କା, ଡିଏପି ୧୬୦୦, ୟୁରିଆ ପ୍ୟାକେଟ ପିଛା ୫୦୦ରୁ ୬୦୦ ଟଙ୍କା ଦେଇ କିଣୁଥିବା ଦେଖିବାକୁ ମିଳୁଛି। ତେବେ କୃଷି ବିଭାଗ ଉପରିସ୍ଥ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଚାଷୀମାନେ



ମୁଣ୍ଡରେ ହାତ ଦେଇ ବସିଲେଣି ବୋଲି ହରି ଗୋଚ୍ଛାୟତ, ପାଣ୍ଡବ ବେହେରା, ସଦାଶିବ ରାଉତ, ବାବାଜି ସେଠୀ, ଜଗବନ୍ଧୁ ରାଉତ, ଶିଶିର ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। କୃଷି ବିଭାଗ ଅଧିକାରୀମାନେ ସମ୍ପୃକ୍ତ ଚାଷୀମାନଙ୍କ ପ୍ରତି ଧାନ ଦେବାକୁ କୁହାଯାଇଛି।

ମହାକାଳପଡ଼ା ବ୍ଲକରେ ୨୮ ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ସହିତ ଅନ୍ୟ ଫସଲ ଅମଳ ହେଉଛି। ସେଥିମଧ୍ୟରୁ ୭ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଛି। ହେଲେ ଚାଷଜମି ଶେଷମୁଣ୍ଡରେ କେନାଲ ଜଳ ପହଞ୍ଚି ପାରୁନି ବୋଲି ଚାଷୀମାନେ କହିଛନ୍ତି। ଏବେ ଲଘୁଚାପ ବର୍ଷା ଯୋଗୁ ଉଚ୍ଚ ଓ ଖାଲୁଆ ଜମିରେ ପାଣି ରହିଛି। ବର୍ଷା ଛାଡ଼ିବା ପରେ ସାର କେଉଁଠୁ ଆଣି ଜମିରେ ପକାଇବେ ବୋଲି ଚାଷୀମାନଙ୍କୁ ଚିନ୍ତା ଘାରିଛି। ଏ ନେଇ ସାଧନ ମଣ୍ଡଳ, ପରିତୋଷ ମଣ୍ଡଳ, କୃଷ୍ଣପଦ ଗାୟନ, ଲକ୍ଷ୍ମଣ ଗିରି, ବ୍ରଜବନ୍ଧୁ ସାହୁ, ସନ୍ନ୍ୟାସୀ ବିଶ୍ୱାସ ପ୍ରମୁଖ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଚାଷୀମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଚାଷୀମାନଙ୍କ ସହ ଚାଷୀ ସଙ୍ଗଠନ ଜିଲା ସଭାପତି ଅଙ୍କୁର ପଲାଇ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ଅତିରିକ୍ତ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ଦାସଙ୍କୁ ପଚାରିବାରେ ଅଦ୍ୟାବଧି ସାର ଆମଦାନୀ କମ୍ ରହିଛି। ବିଭାଗ ପକ୍ଷରୁ ସାର ସଙ୍କଟକୁ ଦୂର କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପ୍ରତି ବିଭାଗ ଯତ୍ନବାନ ଅଛି ବୋଲି ସେ କହିଛନ୍ତି।

# ବଢୁଛି ବିରୂପା ଜଳସ୍ତର, ନଦୀକୂଳିଆବାସୀ ଭୟଭୀତ

ଡେରାବିଶ, ୨୬।୮ (ବେବର୍ତ୍ତା ଅଜୟ ଦାସ)

ରେଙ୍ଗାଲି ଡ୍ୟାମରୁ ଛଡାଯାଇଥିବା ଲଘୁଚାପଜନୀତ ବର୍ଷା ଜଳ ପାଇଁ ବ୍ରାହ୍ମଣୀ ନଦୀରେ ୩ୟ ଥର ପାଇଁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଫଳରେ ଏହାର ଶାଖା ନଦୀ ବିରୂପାର ଜଳସ୍ତର ମଙ୍ଗଳବାର ଦ୍ରୁତଗତିରେ ବଢି ଚାଲିଛି। ଫଳରେ ବିରୂପା ନଦୀରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଏଥିପାଇଁ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆବାସୀ ସମ୍ଭାବ୍ୟ ବନ୍ୟା ଆଶଙ୍କାରେ ଭୟଭୀତ ହୋଇ ପଡ଼ିଛନ୍ତି।

ମଙ୍ଗଳପୁର ପଞ୍ଚାୟତର ଘେରି ଅଞ୍ଚଳରେ ରହିଥିବା ସେଠୀସାହିରେ ଗତ ବନ୍ୟାରେ ବନ୍ୟାଜଳ ପଶି ଥିଲା। ପୁଣି ବନ୍ୟା ସମ୍ଭାବନାକୁ ଦୃଷ୍ଟିରେ ରଖି ସେମାନେ ଉଚ୍ଚସ୍ଥାନରେ ଆଶ୍ରା ନେବାକୁ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ମଙ୍ଗଳବାର ବିରୂପା ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜିଲା ଜଳସମ୍ପଦ ବିଭାଗ



ଅଧୀନ ଛତା ଉପଖଣ୍ଡ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇଛନ୍ତି। ଜୁନ ମାସ ବନ୍ୟାରେ ଏହି ୩ ପଞ୍ଚାୟତ ଅଞ୍ଚଳରେ ପନିପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁଣି ବନ୍ୟା ହେଲେ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ ହେବାର ସମ୍ଭାବନା ରହିଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ବନ୍ୟା ନିୟନ୍ତ୍ରଣ କକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ରେଙ୍ଗାଲିରେ ଖୋଲା ଯାଇଥିବା ୩ଟି ଗେଟ ଦେଇ ନିଷ୍କାସିତ ହୋଇଥିବା ଜଳ ସମଲ ବ୍ୟାରେଜରେ ପ୍ରବେଶ କରିବାରୁ ବୃଦ୍ଧି ପାଉଥିବା ଜଳସ୍ତର ନିୟନ୍ତ୍ରଣ ପାଇଁ ୧୦ଟି ଗେଟ ଦେଇ ମଙ୍ଗଳବାର ୪ଟାରେ ସେକେଣ୍ଡ ପ୍ରତି ୨ଲକ୍ଷ ୧୫ ହଜାର ଘନଫୁଟ ବନ୍ୟାଜଳ ଛଡ଼ାଯାଉଛି। ଅପରପକ୍ଷେ ପୁଣି ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଆଗାମୀଦିନରେ ଅଧିକ ବର୍ଷା ହେବାର ଆଶଙ୍କା ରହିଛି। ଏଥିଯୋଗୁ ବ୍ରାହ୍ମଣୀ ନଦୀରେ ଅଧିକ ପାଣି ଛଡା ଯିବାର ସମ୍ଭାବନା ରହିଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ କହିଛନ୍ତି। ଏହା ହେଲେ ବିରୂପା ଅଧିକ ବନ୍ୟା ଜଳ ଆସିବ। ଅପରପକ୍ଷରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟ, ଗୋପାଳପୁର ସେକସନର ସହକାରୀ ଯନ୍ତ୍ରୀ ନବୀନ କୁମାର ପାଣିଗ୍ରାହୀ ଓ ଇନ୍ଦୁପୁର ସେକସନର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ଶତପଥୀ ଏବଂ କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ସଜାଗ ରହି ବନ୍ୟା ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଜଣାଯାଇଛି।

# ସାର କଳାବଜାର ଉପରେ ଲଗାମ ନାହିଁ

■ସରକାରୀ ଦରରେ ସାର ପାଉନାହାନ୍ତି ଚାଷୀ
■ଦୋକାନରେ ଝୁଲୁନି ଦର ତାଲିକା
■ବିଲ୍ ମାଗିଲେ ବି ଦେଉ ନାହାନ୍ତି ବିକ୍ରେତା
■ଜିଲା, ବ୍ଲକ୍‌ସ୍ତରୀୟ ସ୍କ୍ୱାଡ୍‌ର ନାହିଁ ଚଢ଼ାଉ

ନୟାଗଡ଼, ୨୬।୮ (ଲୋକନାଥ ମିଶ୍ର)



ଜଣେ ଚାଷୀ ବିଲରେ ସାର ପକାଉଛନ୍ତି।

ନୟାଗଡ଼ ଜିଲାରେ ସାର କଳାବଜାର ବଢ଼ୁଥିଲେ ମଧ୍ୟ ଏହାକୁ ରୋକିବାରେ କୃଷି ବିଭାଗ ଅସମର୍ଥ ହୋଇଛି। କୃଷି ବିଭାଗ ପକ୍ଷରୁ ଜିଲା ଓ ବ୍ଲକସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ ଚଢ଼ାଉ ନାହିଁ। ଜିଲାର ବିଭିନ୍ନ ସ୍ଥାନରେ ସରକାରୀ ମୂଲ୍ୟଠାରୁ ୨୩୦ରୁ ୩୩୦ ଟଙ୍କା ଅଧିକ ଦରରେ ସାର ବିକ୍ରି ହେଉଛି। ସାରର ସରକାରୀ ଦର କେତେ ସେନେଇ ତାଲିକା ସାର ବିକ୍ରୟ କେନ୍ଦ୍ରରେ ଝୁଲୁନି କି ବିଲ୍ ମାଗିଲେ ମିଳୁନି ବୋଲି ଅଭିଯୋଗ ହୋଇଛି।

ସାର ଅଭାବୀ ବିକ୍ରୀ ଓ ସାର କଳାବଜାରକୁ ଅନୁଧ୍ୟାନ କଲେ ଜିଲାରେ ସରକାରୀ ଦରରେ ସାର ବିକ୍ରୀ ହେଉ ନ ଥିବା ସ୍ପଷ୍ଟ ହେଉଛି। ସାର ଅଭାବୀ ବିକ୍ରୀ ଓ ସାର କଳାବଜାରକୁ ନେଇ ପ୍ରତିବର୍ଷ ଚାଷୀମାନେ ଆପତ୍ତି, ଅଭିଯୋଗ, ଆନ୍ଦୋଳନ କରି ଆସୁଛନ୍ତି। ହେଲେ ଚାଷୀଙ୍କ ଅଭିଯୋଗକୁ ଅଣଦେଖା କରାଯାଉଥିବାରୁ ସବୁ ବର୍ଷ ସାର କଳାବଜାରରେ ବିକ୍ରୀ ହୋଇ ଆସୁଛି। ଜିଲାରେ ଧାନରୁଆ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ସାରର ଆବଶ୍ୟକତା ରହିଛି। ହେଲେ ଚାଷୀମାନେ ସୋସାଇଟିରୁ ସାର ପାଉ ନାହାନ୍ତି। ଏନେଇ ଚାଷୀ ନେତା ରଣଜିତ ଦଳବେହେରା କୁହନ୍ତି, ସାର ଦୁର୍ନୀତି ପ୍ରତିବର୍ଷ ହୋଇଛି। ଚାଷୀମାନେ କଳାବଜାରରେ ଅଧିକ ଦର ଦେଇ ସାର କିଣୁଛନ୍ତି। ସାର ଦୁର୍ନୀତର ତଦନ୍ତ ପାଇଁ ଗଠିତ ସ୍କ୍ୱାଡ୍ ଲୋକ ଦେଖାଣିଆ। ସେମାନଙ୍କ ଚଢ଼ାଉ ନାହିଁ। ସାର କଳାବଜାର କରୁଥିବା ଲେକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ପ୍ରତିବର୍ଷ ଚାଷୀଙ୍କୁ ଲୁଟିବାକୁ ପ୍ରତିଯୋଗିତା ଚାଲିଛି। ମୁଁ କୃଷି ବିଭାଗ ନିକଟ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରୁ ଡିଏଭି ସାର ଆଣିଲି। ୫୦ କେଜି ଡିଏଭି ସାରର ଦାମ ୧୩୫୦ ଟଙ୍କା ରହିଛି। ମୋଠାରୁ ୧୪୦୦ ଟଙ୍କା ନେଲେ। ବିଲ୍ ମାଗିବାରୁ ମେଶିନ ଖରାପ କହି ଚୁପ ରହିଲେ। ଅଧିକ ୫୦ ଟଙ୍କା କାହିଁକି ନେଉଛ ପଚାରିବାରୁ କିଛି ନ କହି ଏଡାଇ ଯାଇଥିଲେ। ନୂଆଗାଁର ଧର୍ମେନ୍ଦ୍ର ପ୍ରଧାନ କୁହନ୍ତି, ୟୁରିଆ ୪୫ କେଜି ସାର ବସ୍ତାର ଦାମ ୨୬୬.୫୦ ଟଙ୍କା ରହିଥିବାବେଳେ ୫୦୦ରୁ ୬୦୦ ଟଙ୍କାରେ କିଣିବାକୁ ପଡୁଛି। ସୋସାଇଟିରୁ ସାର ମିଳୁନି। ଡିଏଭି ମଧ୍ୟ କଳାବଜାରରୁ କିଣିବାକୁ ପଡୁଛି। ଗଣିଆର ଉଲ୍ଲାସ ନାୟକ, ଓଡ଼ଗାଁର ତାପସ ସ୍ୱାଇଁ, ଖଣ୍ଡପଡ଼ାର ରମେଶ ସ୍ୱାଇଁ କୁହନ୍ତି, ସାର ଦୁର୍ନୀତିରେ ଜଡିତ କେତେଜଣ ଲୋକଙ୍କ ଏକ ର୍ୟାକେଟ କରିଛି। ଏଥିରେ ତଳସ୍ତରରୁ ଉପରସ୍ତର ଲୋକମାନେ ସାମିଲ ଥିବାରୁ ତଦନ୍ତ ହେଉନି। ପ୍ରତିବର୍ଷ ଚାଷୀ ସାର ସରକାରୀ ଦରରେ ପାଉ ନ ଥିବାରୁ ବାହାରୁ ଅଧିକ ଦରରେ କିଣୁଛି। ଏନେଇ ଅଭିଯୋଗ କଲେ ସୁଫଳ ମିଳେନା ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି। ଦଶପଲ୍ଲାର ଚାଷୀ ଶରତ ସାହୁ କୁହନ୍ତି, ଚାଷୀ କିପରି ସାର ନେଇ ବିଲରେ ପକାଇବ ସେନେଇ ସେ ତରବର ହେଉଛି। ଧାନ ଚାଷ ପଛୁଆ ହେଲେ ସବୁ ପ୍ରକାରର ଅବ୍ୟବସ୍ଥା ହେବ। ସାର ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିବାକୁ ଆମ ପାଖରେ ସମୟ କାହିଁ। ଚାଷୀମାନେ ଯଦି ସାର କିଣିବାକୁ, ବିଲ୍ ମାଗିବାକୁ, ଆପତ୍ତି ଅଭିଯୋଗ କରିବାକୁ ଅପେକ୍ଷା କରିବେ ଚାଷ କାମ କେମିତି ହେବ। ଚାଷୀର ସମସ୍ୟା କୃଷି ବିଭାଗ ନ ବୁଝି କେବଳ ଅଭିଯୋଗ କରିବାକୁ ପରାମର୍ଶ ଦେବା କେତେଦୂର ଠିକ୍ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ କୁହନ୍ତି, ସାର ଦୁର୍ନୀତି ନେଇ ଅଭିଯୋଗ ଆସିଲେ ଚଢ଼ାଉ କରାଯାଉଛି। ମୁଁ ମଙ୍ଗଳବାର ଶରଣକୁଳକୁ ଯାଇ ତଦନ୍ତ କରି ଫେରିଛି। ପ୍ରତିଦିନ ତଦନ୍ତରେ ଯାଉଛି। ସରକାରୀ ସାର ବିକ୍ରୟ କେନ୍ଦ୍ରରେ ଦର ତାଲିକା ଝୁଲାଇବାକୁ ଓ ଚାଷୀଙ୍କୁ ବିଲ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛ। ଯେଉଁଠି ଅବ୍ୟବସ୍ଥା ହେଉଛି ଆମକୁ ଅଭିଯୋଗ କଲେ ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର କୁହନ୍ତି, ସାରର ଅଭାବ ନାହିଁ। ଝୁମ୍ପୁଡି ମାର୍କଫେଡ ଗୋଦାମରେ ୭୦୦ ବସ୍ତା ସାର ଅଛି। ସୋସାଇଟିମାନେ ଅଧିକ ସାର ଉଠାନ୍ତୁ। ପୁଣି ୩୦ ଟନ ସାର ବୁଧବାର ଆସିବାର ରହିଛି। ଯେଉଁଠି ସାର ଯୋଗାଣରେ ଅନିୟମିତତା ହେଉଛି ତୁରନ୍ତ ଅଭିଯୋଗ କଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

# ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରୁଛନ୍ତି ପରିବା ଚାଷୀ ମାନସ



ମାନସ ପରିଡ଼ା

ଦଶପଲ୍ଲା, ୨୬।୮ (ପ୍ରକାଶ କୁମାର ପାଣି)

ପରିଶ୍ରମ ଓ ବୃଦ୍ଧିବଳରେ ନିଜ ଗୋଡ଼ରେ ଛିଡ଼ା ହେବା ସହିତ ସ୍ଥାନୀୟ କେତେଜଣ ଯୁବକଙ୍କୁ ସ୍ୱାବଲମ୍ବୀ କରି ପାରିଛନ୍ତି ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗାଁର ମାନସ ପରିଡ଼ା। ପିଲାଦିନୁ ଚାଷ ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା। ତେଣୁ ସ୍କୁଲ ପାଠ ସାରିବା ପରେ ଚାଷ କାର୍ଯ୍ୟରେ ନିଜକୁ ସକ୍ରିୟ କରିଥିଲେ। ଉଭୟ ଜୈବିକ ଓ ରାସାୟନିକ ପଦ୍ଧତିରେ ବିଭିନ୍ନ ପନିପରିବା ଚାଷ କରି ଭଲ ୨ ପଇସା ରୋଜଗାର କରିବା ସହିତ ଯୁବପୀଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ସେ। ଗାଁ ନିକଟସ୍ଥ ନଦୀପଠାରେ ମାନସ ଲଗାଇଛନ୍ତି ବିଭିନ୍ନ ପନିପରିବା। ଏବେ ତାଙ୍କ ଜମିରେ ବାଇଗଣ, ପୋଟଳ, କଲରା, କୋବି, ଲଙ୍କା, ବିଲାତି ଭଳି ବିଭିନ୍ନ ପରିବା ଫଳିଛି। ଘୋଳାହାଣ୍ଡି ପଞ୍ଚାୟତ ହାଇସ୍କୁଲରୁ ୨୦୦୨-୨୦୦୩ ମସିହାରେ ୧୦ମ ଶ୍ରେଣୀ ପରୀକ୍ଷା ଦେଇ ସାରିବା ପରେ ଚାକରୀ ପଛରେ ଗୋଡ଼ାଇ ନ ଥିଲେ ସେ। ଚାଷ କାର୍ଯ୍ୟକୁ ନିଜର ଜୀବିକା ଭାବେ ବାଛି ନେଇଥିଲେ ମାନସ। ତାଙ୍କୁ ଦେଖି ସେହି ଅଞ୍ଚଳର କେତେଜଣ ଲୋକଙ୍କୁ ଦିନ ମଜୁରିଆ ଭାବେ ନିଜ ଚାଷ କାମରେ ନିୟୋଜିତ କରାଇ ସେମାନଙ୍କୁ ମଧ୍ୟ ସ୍ୱାବଲମ୍ବୀ କରିପାରିଛନ୍ତି ସେ। ଅଧିକାଂଶ ସମୟରେ ବହୁ ପରିବା ବେପାରୀ ମାନସଙ୍କ ଚାଷ ଜମିକୁ ଆସି ପରିବା ସଂଗ୍ରହ କରି ବିଭିନ୍ନ ସହରକୁ ପଠାଉଥିଲେ। ମାନସ ନିଜେ ମଧ୍ୟ ନିକଟସ୍ଥ ଦଶପଲ୍ଲା ବଜାରରେ ଥିବା ପରିବା ହାଟ ଓ ଦୋକାନକୁ ପରିବା ଯୋଗାଇଦେଇଥାନ୍ତି। ମାନସଙ୍କ ସଫଳତାର କାହାଣୀ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି। ଖାଲି ସେତିକିରେ ମାନସଙ୍କ କାର୍ଯ୍ୟ ଏତିକିରେ ସୀମିତ ନୁହଁ। ବରଂ ସ୍ଥାନୀୟ ଅଞ୍ଚଳରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରି ଦର୍ଶକଙ୍କ ମନକୁ ସେ କିଣି ପାରିଛନ୍ତି ।

# ଜୀବନକୁ ଭଲପାଅ, ଆତ୍ମହତ୍ୟାରୁ ନିବୃତ୍ତ ହୁଅ

ନୀଳମାଧବ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୬।୮ (ଅଜୟ କୁମାର ମହାରଣା)



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ।

ସାଂପ୍ରତିକ ସମାଜରେ କ୍ରମଶଃ ବିଭିନ୍ନ କାରଣରୁ ଆତ୍ମହତ୍ୟା ବଢ଼ିଛି। ବିଶେଷ କରି ମହିଳାମାନେ ବିଭିନ୍ନ କାରଣରୁ ଅଧିକ ଆତ୍ମହତ୍ୟା କରୁଛନ୍ତି। ଏହାକୁ ନିୟନ୍ତ୍ରଣରେ ଆଣିବା ସହିତ ମହିଳାମାନେ କିପରି ନିଜକୁ ସୁରକ୍ଷିତ ରଖିବେ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ନୟାଗଡ଼ ଜିଲା ପୋଲିସ ପ୍ରଶାସନର ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟ ସଭା ଗୃହରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସେବା ସଂସ୍ଥାର ମୁଖ୍ୟ ଲେନିନ ସୁବୁଦ୍ଧି ଯୋଗ ଦେଇଥିବା ବେଳେ ଖଣ୍ଡପଡ଼ା ଥାନା ଉପଖଣ୍ଡ ଅଧିକାରୀ ମଦନ ମୋହନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନାରୀ ସୁରକ୍ଷା ଦିଗର ଭିତ୍ତି ଭୂମି ଓ ନିରାକରଣ ଦିଗରେ ଆଲୋକ ପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ନନ୍ଦିତା ବାରିକ ଅଧ୍ୟକ୍ଷତା କରି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଜୀବନକୁ ଭଲପାଅ, କୌଣସି ପରିସ୍ଥିତିରେ ହେଉ ଅବା ଚାପରେ ପଡି ଦୁର୍ବଳମନା ହୁଅନ୍ତି। ଅନ୍ୟପକ୍ଷେ ଆତ୍ମହତ୍ୟାକୁ ଆପଣେଇ ମୂଲ୍ୟବାନ ଜୀବନକୁ ନଷ୍ଟ ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର କଲେଜର ସୁନାମ ବଜାୟ ରଖିବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ କଣ୍ଟିଲୋ ଜିଲା ପରିଷଦ ଜୋନ ସଭ୍ୟା ଉଜ୍ୱଳ ମହାରଣା ଓ ସରପଞ୍ଚ ଶ୍ରୀୟାରାଣୀ ବେହେରା ଯୋଗ ଦେଇ ନାରୀର ମହନୀୟତା ଓ ସୁରକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରିଥିଲେ ।

ମୁଖ୍ୟ ଅତିଥି ତଥା ସାମାଜିକ କର୍ମୀ ସୁବୁଦ୍ଧି ନିଜର ଅତୀତ କଥା ବର୍ଣ୍ଣନା କରିବା ସହିତ ସେହିଦିନଠାରୁ ମହିଳାମାନଙ୍କ ସୁରକ୍ଷା ଦିଗରେ ନିଜକୁ ଏହି ସେବା ଅନୁଷ୍ଠାନ ମାଧ୍ୟମରେ ଆଗେଇ ଆସିବାକୁ କହିବା ସହ ଆତ୍ମହତ୍ୟା ଠାରୁ ଦୁରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଛିଡ଼ା ହୋଇ ଈଶ୍ୱରଙ୍କ ନାମରେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ଦାସ ସଂଯୋଜନା କରିଥିଲା ବେଳେ ଖଣ୍ଡପଡା ଆଇଆଇସି ନିହାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପୁରାତନ କୂପର ପୁନରୁଦ୍ଧାର ଦାବି

ଖଣ୍ଡପଡ଼ା, ୨୬।୮ (ଅଜୟ କୁମାର ମହାରଣା)

ଗ୍ରାମାଞ୍ଚଳ ଲୋକମାନେ ଦୀର୍ଘ ବର୍ଷ ହେଲା ଗ୍ରାମରେ ଥିବା କୂପର ପାଣିକୁ ପ୍ରତ୍ୟହ ବ୍ୟବହାର କରୁଥିବା ବେଳେ ସେଗୁଡିକର ରକ୍ଷଣାବେକ୍ଷଣ ପ୍ରତି ସ୍ଥାନୀୟ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ପରିପ୍ରେକ୍ଷୀରେ ମହାନଦୀ ପାର୍ଶ୍ୱବର୍ତ୍ତୀ ରତନପୁର ଗ୍ରାମବାସୀ ସେମାନଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ଗ୍ରାମରେ ଥିବା ଏକ ପୁରାତନ କୂପର ପାଣି ବ୍ୟବହାର କରୁଛନ୍ତି। ଖଣ୍ଡପଡା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନ ରତନପୁର ଗ୍ରାମରେ ଥିବା ପୁରାତନ କୂପର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ କୂପର ପାଣିକୁ ସ୍ଥାନୀୟ ବାସିନ୍ଦା ବ୍ୟବହାର କରି ଆସୁଛନ୍ତି। କୂପରୁ ପଙ୍କ ଉଦ୍ଧାର ସହ କୂପର ଚତୁଃପାର୍ଶ୍ୱରୁ ଅନାବନା ଗଛଲତା ସଫା କରି, କୂପର ଚାନ୍ଦିନୀ ମରାମତି କରିବା ଦିଗରେ ବଡବାଣପୁର ପଞ୍ଚାୟତ ଅଧିକାରୀ ଓ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ବର୍ଷ ତମାମ ଗ୍ରାମବାସୀ ଉକ୍ତ କୂପର ପାଣିକୁ ବ୍ୟବହାର କରୁଛନ୍ତି। କେତେକ ବ୍ୟକ୍ତି ବିଦ୍ୟୁତ ଚାଳିତ ପମ୍ପ ସହାୟତାରେ କୂପର ପାଣିକୁ ପାଇପ୍ ଯୋଗେ ଘରକୁ ନେଉଛନ୍ତି। ହେଲେ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ କୂପର ଚାନ୍ଦିନୀ ସାରା ଫାଟ ସୃଷ୍ଟି ହୋଇଛି। କୂପର ପୁନଃରୁଦ୍ଧାର ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ରତନପୁର ଗ୍ରାମବାସୀ ଦାବି କରିଛନ୍ତି।

# ନୀଳମାଧବଙ୍କ ପୀଠରେ ବାଲି ତୃତୀୟା ବ୍ରତ

ଖଣ୍ଡପଡ଼ା, ୨୬।୮ (ଅଜୟ କୁମାର ମହାରଣା)

ଭାଦ୍ର ଶୁକ୍ଳପକ୍ଷ ତୃତୀୟା ତିଥି ମଙ୍ଗଳବାର କଣ୍ଟିଲୋ ନୀଳମାଧବ ପୀଠ ସମେତ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ବାଲି ତୃତୀୟା ଉତ୍ସବ ପାରମ୍ପରିକ ରୀତିରେ ପାଳନ ହୋଇଯାଇଛି । ବ୍ରାହ୍ମଣ ସମ୍ପ୍ରଦାୟର ମହିଳାମାନେ ଏହି ବ୍ରତ କରିଛନ୍ତି । ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ତଥା ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାଆନ୍ତି। କେତେକ ସ୍ଥାନରେ ଅବିବାହିତ ଝିଅମାନେ ସର୍ବଗୁଣସମ୍ପନ୍ନ ସ୍ୱାମୀ ପାଇବା ପାଇଁ ଏହି ବ୍ରତ ପାଳନ କରନ୍ତି । ବ୍ରତ ଧାରିଣୀମାନେ ମଙ୍ଗଳବାର ତୃତୀୟା ସୂର୍ଯ୍ୟୋଦୟଠାରୁ ଉପବାସ ରହି ଏହି ବ୍ରତ ପାଳୁଥିବା ବେଳେ ବୁଧବାର ସକାଳ ପର୍ଯ୍ୟନ୍ତ ଉପବାସ ରହିବେ। ଏହି ସମୟରେ ବ୍ରତ ଧାରିଣୀମାନେ ଜଳପାନ ଏପରିକି ଛେପ ଢୋକିବାକୁ ବାରଣ କରାଯାଇଥାଏ ।

କିମ୍ବଦନ୍ତୀ ଅନୁଯାୟୀ ମା' ପାର୍ବତୀ ଶିବଙ୍କୁ ପତି ରୁପେ ପାଇବା ପାଇଁ କୈଳାସ ପର୍ବତରେ ନିଜ ଚାରି ପାଖରେ ଅଗ୍ନି ସଂଯୋଗ କରି କଠୋର ତପସ୍ୟା କରିଥିଲେ । ଏଥିରେ ଶିବ ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ସେହି ଅନୁଯାୟୀ ନାରୀମାନେ ବାଲି ତୃତୀୟା ସକାଳେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ସାତ ମୁଠା ବାଲି ଆଣିଥାଆନ୍ତି । ସେହି ବାଲିରେ ଜଳାଶୟ କୂଳରେ ଶିବ ଲିଙ୍ଗ ସ୍ଥାପନା କରି ରାତିରେ ପୂଜା କରିଥିଲେ । ମଙ୍ଗଳବାର ଅପରାହ୍ନରେ ନଦୀରେ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ଘର ଅଗଣା ତୁଳସୀ ଚଉରା ମୂଳେ ବାଲିରେ ଶିବ ଲିଙ୍ଗ ସ୍ଥାପନା କରିଥିଲେ । ପରେ ବ୍ରତଧାରୀ ମହିଳାମାନେ ବିଭିନ୍ନ ପୂଜା ସାମଗ୍ରୀ ରଖି ନିଷ୍ଠାର ସହ ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ । ଆଜିର ପୂଜାକୁ ପ୍ରଦୀପ କୁମାର କର ପରିଚାଳନା କରିଥିଲେ । ବୁଧବାର ସକାଳୁ ସେହି ମହିଳାମାନେ ନଦୀରେ ବାଲୁକା ବିସର୍ଜନ କରି ସ୍ନାନ ଶେଷ କରିବା ପରେ ବ୍ରତକୁ ଉଦ୍‌ଯାପନ କରିବେ ବୋଲି ବିଧି ରହିଛି।



ମହିଳାମାନେ ବାଲି ତୃତୀୟା ପୂଜା କରୁଛନ୍ତି।

# ୫ ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଦାୟିତ୍ୱ ନେଲେ ଶିକ୍ଷକ ଦମ୍ପତି

ଓଡ଼ଗାଁ, ୨୬।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଶିକ୍ଷକ ଦମ୍ପତି ସନ୍ତୋଷ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ଆରତୀ ସାହୁ ରୋହିବାଙ୍କ ପଞ୍ଚାୟତ ରୋହିବାଙ୍କରେ ରହୁଥିବା ମାଙ୍କିଆ କେଲା ସମ୍ପ୍ରଦାୟର ୫ ଜଣ ପିଲାଙ୍କ ଶିକ୍ଷା ଦାୟିତ୍ୱ ବହନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପିଲାମାନଙ୍କୁ ୧୮ ବର୍ଷ ହେଲା ପର୍ଯ୍ୟନ୍ତ ସେମାନଙ୍କ ସମସ୍ତ ପାଠ୍ୟ ଉପକରଣ, ପୋଷାକ, ଟ୍ୟୁସନ ଖର୍ଚ୍ଚ ଏହି ଦମ୍ପତି ବହନ କରିବେ। ମଙ୍ଗଳବାର ଏହି ଦମ୍ପତି ସେମାନଙ୍କ ଘରକୁ ଯାଇ ଖାତା, ପେନ, ପେନସିଲ ସହିତ ଅଣ୍ଡା, ବିସ୍କୁଟ, ଫଳ ଆଦି ପ୍ରଦାନ କରି ଭଲମନ୍ଦ ପଚାରି ବୁଝିଥିଲେ। କୃଷ୍ଣ ପ୍ରଧାନ, ବର୍ଷା ପ୍ରଧାନ, ସୁମିତ୍ରା ପ୍ରଧାନ, ବାବୁ ପ୍ରଧାନ, ପୂଜା ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର ଏହି ଦମ୍ପତିଙ୍କ ସ୍ନେହ ଆଦର ପାଇ ଖୁସିବ୍ୟକ୍ତ କରିଛନ୍ତି।



ଶିକ୍ଷକ ଦମ୍ପତିଙ୍କ ସହ ଆଦିବାସୀ ଛାତ୍ରୀଛାତ୍ର।

# ପରିଶ୍ରମ ତୁଳନାରେ ମିଳୁନି ପାରିଶ୍ରମିକ

ଦୁଃଖରେ ମୂର୍ତ୍ତି କାରିଗରଙ୍କ ପରିବାର

ଖଣ୍ଡପଡ଼ା, ୨୬।୮ (ଅଜୟ କୁମାର ମହାରଣା)



ମୂର୍ତ୍ତି ନିର୍ମାଣରେ ବେସ୍ତ ଥିବା କାରିଗର।

ବୁଧବାର ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କ ପୂଜା। ଏଥି ପାଇଁ ମୂର୍ତ୍ତି କାରିଗରମାନେ ଶ୍ରୀଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଷ ଦେଇଛନ୍ତି। ଆଗକୁ ଆସୁଛି ପାର୍ବଣର ଋତୁ। ଏଥିପାଇଁ ପୁରପଲ୍ଲୀ ଉତ୍ସବମୁଖର ହେବ। ପାର୍ବଣ ଋତୁରେ ମୂର୍ତ୍ତି କାରିଗରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର ମୂର୍ତ୍ତି କାରିଗରମାନଙ୍କ ଦ୍ୱାରା ଏବେ ବିଶ୍ୱକର୍ମାଙ୍କ ସମେତ ମା'ଦୂର୍ଗା ଓ କାଳୀଙ୍କ ଶତାଧିକ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପାଇଁ ଆରମ୍ଭ ହୋଇଛି। କାରିଗର ପରିବାର ଦିନରାତି ଏକାକାର କରି ଏ ସବୁ ମୂର୍ତ୍ତି ନିର୍ମାଣରେ ଲାଗି ପଡିଛନ୍ତି। ଖଣ୍ଡପଡ଼ା ସହରର କୁମ୍ଭାର ସାହି, କଣ୍ଟିଲୋର ଖୁଦବେହେରା ପାଟଣା ଓ ଫକୀର ଅତବୁଦ୍ଧି ପାଟଣା ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି। ଗତ ୧ ମାସ ତଳେ ମୂର୍ତ୍ତି ନିର୍ମାଣ ପାଇଁ କାରିଗରମାନେ ମହାନଦୀ, କମେଇ ଓ କୁସୁମୀ ନଦୀ ପଠାରୁ ଆବଶ୍ୟକ ଚିକିଟା ମାଟି ସଂଗ୍ରହ କରିଥିଲେ। ହେଲେ ବହୁ ବର୍ଷ ଧରି ମାଟି ମୂର୍ତ୍ତି ଗଢି ବିକ୍ରୀ କରୁଥିବା ଏହି ପରିବାରର ସମସ୍ୟା କହିଲେ ନସରେ। ପରିବାର ପ୍ରତିପୋଷଣ ପାଇଁ ପୁରା କାରିଗର ପରିବାର ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଥାଆନ୍ତି। ହେଲେ ପରିଶ୍ରମ ବଦଳରେ ଉଚିତ ପାରିଶ୍ରମିକ ମିଳୁ ନ ଥିବା ଖଣ୍ଡପଡ଼ାର ମୂର୍ତ୍ତି କାରିଗର ବିନୋଦ କୁମାର ମହାପାତ୍ର, ଗୋବିନ୍ଦ ମହାପାତ୍ର, କାଳିନ୍ଦୀ ମହାପାତ୍ର, ଗୋବର୍ଦ୍ଧନ ମହାପାତ୍ର, ରମେଶ ମହାପାତ୍ର ଏବଂ କଣ୍ଟିଲୋ ଅଞ୍ଚଳର ଯୁବ ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ, କିଶୋର କୁମାର ବେହେରା ପ୍ରମୁଖ କହିଛନ୍ତି। ପ୍ରଶାସନିକସ୍ତରରୁ ପ୍ରୋତ୍ସାହନର ଅଭାବ ଯୋଗୁ ଅନେକ କାରିଗର ପରିବାର କୌଳିକ ବୃତ୍ତିରୁ ଦୁରେଇ ଯାଇଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର କାରିଗରମାନଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତିର ଆଦର ଓ ଚାହିଦା ବିଭିନ୍ନ ସ୍ଥାନରେ ରହିଛି। ଏହି କାରିଗରମାନେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନ ସହିତ ଅନ୍ୟ ରାଜ୍ୟକୁ ଯାଇ ମାଟି ଓ କାଠରେ ତିଆରି ମୂର୍ତ୍ତି ନିର୍ମାଣ କରିଥାଆନ୍ତି। କୁଶଳୀ କାରିଗରମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିଥିଲେ ହେଁ ଏହି ସବୁ ଯୋଜନାରୁ ଏହି କାରିଗର ପରିବାର ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଧର୍ମ ପରିବର୍ତ୍ତନକରି ଯୁବତୀଙ୍କୁ ୫ ମାସ ଗଣବଳାତ୍କାର ଅଭିଯୋଗ

## ସୁଧାର ଗୃହକୁ ଗଲେ ପୀଡ଼ିତା

ଭୋଗରାଇ, ୨୬।୮ (ପ୍ରଦୀପ ଦାସ)

ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିବା ସହିତ ଧର୍ମ ପରିବର୍ତ୍ତନ କରି ୫ମାସ ଧରି ଗଣବଳାତ୍କାର କରାଯାଇଛି। ବାଲେଶ୍ୱର ଜିଲା ଭୋଗରାଇ ଥାନାରେ ମଙ୍ଗଳବାର ପୀଡ଼ିତା ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପୀଡ଼ିତାଙ୍କୁ ସନ୍ଧ୍ୟାରେ ବାଲେଶ୍ୱର ନାରୀ ସୁରକ୍ଷା ସମିତି ସୁଧାର ଗୃହକୁ ପଠାଇ ଦିଆଯାଇ ପୋଲିସ ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ବୁଧବାର ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ପରେ ଅଭିଯୁକ୍ତଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

ସୂଚନାନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ପୀଡ଼ିତା ଯୁବତୀ ଜଣେ କବାଡ଼ି ଖେଳାଳି। ବାଲେଶ୍ୱର ସଦର ଥାନା ଅଧୀନ ମାଝୀଚକ ଗ୍ରାମର ଅବଦୁଲ ଗଫରଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା। ଯୁବତୀଙ୍କ ଘରଲୋକେ ଝିଅଙ୍କୁ ଅନ୍ୟତ୍ର ବିବାହ ଦେବା ଲାଗି ପ୍ରସ୍ତୁତ ହେଉଥିବାବେଳେ ଗତ ମାର୍ଚ୍ଚ ୧ତାରିଖରେ ଯୁବତୀ ଜଣକ ୪ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ନେଇ ପ୍ରେମିକଙ୍କ ସହ ଘରୁ ପଳାଇଥିଲେ। ଝିଅଙ୍କୁ ଅପହରଣ ନେଇ ତାଙ୍କ ମା' ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ବିଏନ୍ଏସ୍ ଦଫା ୧୪୦(୩), ୩୧୬(୨) ଏବଂ ୩(୫)ରେ ଏକ ମାମଲା(୭୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ହଠାତ୍ ପୀଡ଼ିତା ତାଙ୍କ ମାତାପିତା ଓ ଆଇନଜୀବୀଙ୍କ ସହ ଭୋଗରାଇ ଥାନାରେ ପହଞ୍ଚିଥିଲେ। ଯୁବତୀଙ୍କୁ ଏକ ଘରେ ନଜରବନ୍ଦୀ କରି ଧର୍ମ ପରିବର୍ତ୍ତନ ସହ ଗଣବଳାତ୍କାର କରାଯାଇଥିବା ପୋଲିସ ଓ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବୟାନ ଅନୁଯାୟୀ ତାଙ୍କୁ ତାଙ୍କ ଘରପାଖ ଯୁବକମାନେ ପ୍ରେମିକଙ୍କ ସହିତ ମିଶି ଘରୁ ଅପହରଣ କରିନେଇଥିଲେ। ପ୍ରଥମେ ଯୁବତୀଙ୍କୁ ବାରିପଦାରେ ରଖି ଗଣବଳାତ୍କାର କରିବା ପରେ ବୈଶିଙ୍ଗାରେ ୧ ମାସ ଓ ପରେ ପ୍ରେମିକଙ୍କ ଘର ମାଝିଚକରେ ରଖିଥିଲେ। ସେଠାରେ ଅବଦୁଲ ଗଫର, ତାଙ୍କ ପିତା ଫକୀର ଖାଁ, ଭିଣୋଇ, ମାମୁ ସହ ଅନ୍ୟମାନେ ଗଣବଳାତ୍କାର କରିବା ସହିତ ଘରୁ ଗୋଡ଼ କାଢ଼ିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଘରେ କେହି ନ ଥିବା ଅବସ୍ଥାରେ ଯୁବତୀଜଣକ କୌଶଳକ୍ରମେ ସେଠାରୁ ଖସି ଆସି ଘରେ ପହଞ୍ଚିବା ପରେ ମାତାପିତାଙ୍କୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ପୀଡ଼ିତା କହିଛନ୍ତି।

# ଯୁବକଙ୍କ ତୀର ମାଡ଼ରେ ୩ ଗୁରୁତର

ନୂଆପଡ଼ା, ୨୬।୮ (ମକାରୁ ବେମାଲ)

## ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ନିଆଗଲା



ଆହତମାନଙ୍କୁ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଛି।

ନୂଆପଡ଼ା ଜିଲା କୋମନା ଥାନା ସୁନାବେଡ଼ା ପଞ୍ଚାୟତ ଗଡଭଟା ଯୋଗୀମୁଣ୍ଡା ଗାଁରେ ମଙ୍ଗଳବାର ଜଣେ ଯୁବକଙ୍କ ତୀର ମାଡ଼ରେ ମହିଳା, ନାବାଳକଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଉକ୍ତ ଗ୍ରାମର ମଙ୍ଗଲୁ ପହରିଆ (୪୬), ମହିଳା ଶୁକ୍ରବାରୀ ପହରିଆ (୪୫) ଓ ନାବାଳକ ସନ୍ତୋଷ ପହରିଆ (୧୪)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୩ଟା ସମୟରେ ଯୋଗୀମୁଣ୍ଡା ଗ୍ରାମର ଲାଲଧର ପହରିଆ (୪୫) ହାତରେ ଧନୁତୀର ଧରି ଜଙ୍ଗଲ ପଟୁ ଘରକୁ ଫେରୁଥିଲେ। ସେହି ସମୟରେ ଶୁକ୍ରବାରୀ ନିଜ ଘରୁ ବାହାରୁଥିବା ବେଳେ ଲାଲଧର ତାଙ୍କୁ ତୀରରେ ଆକ୍ରମଣ କରିଥିଲେ। ପରେ ମଙ୍ଗଲୁ ସାମ୍ନାକୁ ଆସିଯିବାରୁ ତାଙ୍କୁ ମଧ୍ୟ ତୀର ମାଡ଼ କରିଥିଲେ। ସେ ସମୟରେ ମା'ବାପାଙ୍କୁ ହରାଇ ଜେଜେମା'ଙ୍କ ପାଖରେ ଆଶ୍ରୟ ନେଉଥିବା ନାବାଳକ ସନ୍ତୋଷ ପାଇଖାନାରୁ ଫେରୁଥିବା ସମୟରେ ତାଙ୍କୁ ମଧ୍ୟ ତୀର ମାଡ଼ କରି ଲାଲଧର ଫେରାର ହୋଇଯାଇଥିଲେ। ସେଠାରେ କୌଣସି ଗାଡ଼ି ବା ଆମ୍ବୁଲାନ୍ସ ସେବା ନ ଥିବାରୁ ସୁନାବେଡା ଗାଁର କେତେଜଣ ଯୁବକ ସମସ୍ତ ଗୁରୁତରଙ୍କୁ ଖଟିଆରେ ବୋହି ୩ କି.ମି. ଦୂର ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶୁକ୍ରବାରୀ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଯାଇଛନ୍ତି। ଗୁରୁତର ମଙ୍ଗଲୁ ଓ ସନ୍ତୋଷଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ସୁଦ୍ଧା ମଙ୍ଗଲୁଙ୍କ ଶରୀରରୁ ତୀର ବାହାର କରାଯାଇଥିବା ବେଳେ ସନ୍ତୋଷଙ୍କ ପେଟରୁ ତୀର ବାହାରିପାରି ନାହିଁ। ତୀର ମାଡ଼ର କାରଣ ଜଣାପଡ଼ି ନଥିବାବେଳେ ଗାଁ ଲୋକଙ୍କ କହିବା ଅନୁଯାୟୀ ନିଶାସକ୍ତ ଅବସ୍ଥାରେ ମଦ୍ୟପାନ କରି ଜଙ୍ଗଲ ପଟୁ ଆସି ଏଭଳି କାଣ୍ଡ ଘଟାଇଛନ୍ତି। ଖବରପାଇ କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

# ୪ ଡକାୟତଙ୍କ ସମେତ ସୁନା ଦୋକାନୀ ଗିରଫ

ବାସୁଦେବପୁର, ୨୬।୮
(ନାରାୟଣ ପ୍ରସାଦ ବାରିକ୍)

## ୨ ବନ୍ଧୁକ, ମାରଣାସ୍ତ୍ର ସହ ଅଳଙ୍କାର ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଥାନାଧିକାରୀ ଲୋପାମୁଦ୍ରା ନାୟକ ସୂଚନା ଦେଉଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ଓ ପଡୁଆଁ ଗ୍ରାମରୁ ଡକାୟତି ମାମଲାରେ ପୋଲିସକୁ ସଫଳତା ମିଳିଛି। ୨ଲୁଟ୍ ମାମଲାର ପର୍ଦ୍ଦାଫାସ କରିବା ସହ ଡକାୟତ ଗ୍ୟାଙ୍ଗର ୪ଜଣଙ୍କ ସମେତ ସେମାନଙ୍କଠାରୁ ସୁନା ଅଳଙ୍କାର କିଣିଥିବା ଜଣେ ସୁନା ଦୋକାନୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ଶଙ୍ଖୁଡ଼ା ଗ୍ରାମର ପ୍ରସନ୍ନ ଜେନା(୪୪), କୋହ୍ଲ ଗ୍ରାମର ଜୟପ୍ରକାଶ ପତି(୪୨), ଭଣ୍ଡାରିପୋଖରୀ ଥାନା ଚନ୍ଦ୍ରଭାନୁପୁର ଗ୍ରାମର ଅନନ୍ତ ଚରଣ ନାୟକ(୩୦), ବାସୁଦେବପୁର ଥାନା ତେନ୍ତୁଳିଆ ଗ୍ରାମର ବଳରାମ ମଲ୍ଲିକ(୨୩) ଓ ସୁନା ଦୋକାନୀ ବାଂଶଡ଼ା ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମର ପିଣ୍ଟୁ ପୋଥାଳ(୨୧)। ସେମାନଙ୍କଠାରୁ ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା, ୨ କେଜି ରୁପା ଅଳଙ୍କାର ଓ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ପୋଲିସ ଉଦ୍ଧାର କରିଛି। ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଖେଳନା ବନ୍ଧୁକ, ଗୋଟିଏ ରାଇଡର୍ ବାଇକ୍, ୨ କଟୁରି, ୨ଟି ସ୍କ୍ରୁ ଡାଇଭର, ୫ ମୋବାଇଲ, କିଛି ଦଉଡ଼ି, ଗୋଟିଏ ବ୍ୟାଗ୍ ଜବତ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ବାସୁଦେବପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଏନେଇ ସୂଚନା ଦେଇଛନ୍ତି। ପ୍ରସନ୍ନଙ୍କ ନାମରେ ଜିଲା ଓ ଜିଲା ବାହାରେ ୩୯ଟି ମାମଲା, ଅନନ୍ତଙ୍କ ନାମରେ ୨ଟି, ବଳରାମଙ୍କ ନାମରେ ୨ଟି ଏବଂ ଜୟପ୍ରକାଶଙ୍କ ନାମରେ ୨ଟି ମାମଲା ଥିବାବେଳେ ସୁନା ଦୋକାନୀ ପିଣ୍ଟୁ ବିଭିନ୍ନ ସମୟରେ ସେମାନଙ୍କଠାରୁ ସୁନା କିଣୁଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ଏସ୍‌ଡିପିଓ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଲୋପାମୁଦ୍ରା ନାୟକ, ଏସ୍‌ଆଇ ପୁନମଦେବୀ ବେହେରା, ଅଧିକାରୀ ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଯୋଡ଼ା, ୨୬।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଏବେ ଗର୍ଭବତୀ ଥିବା ବେଳେ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଝର ଅଞ୍ଚଳର ହରି ମହାକୁଡ଼।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଯୁବକ ବିଲେଇପଦା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏବେ ନାବାଳିକା ଦୁଇ ମାସର ଅନ୍ତଃସତ୍ତ୍ୱା ଥିବା ବେଳେ ଯୁବକ ତାଙ୍କୁ ବିବାହ କରିବାକୁ ମନାକରୁଛନ୍ତି। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୩୨/୨୫) ରୁଜୁ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରି ତଦନ୍ତ ଚଳାଇଛି।

# ଲକ୍ଷାଧିକ ଟଙ୍କାର ବଜ୍ରକାପ୍ତା କାତି ଜବତ, ବେପାରୀ ଗିରଫ

ଭୁବନେଶ୍ୱର, ୨୬।୮ (ସତ୍ୟଜିତ୍ ରାଉତ)

## ରାଜଧାନୀରେ ଏସ୍‌ଟିଏଫ୍ ଚଢ଼ାଉ





ଗିରଫ ଅଭିଯୁକ୍ତ ସ୍ୱାଭିମାନ ନାୟକ ଓ ଜବତ ବଜ୍ରକାପ୍ତା କାତି।

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱରରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବଜ୍ରକାପ୍ତା କାତି ଜବତ କରିଛି। ଏହାକୁ ଚାଲାଣ କରିବା ଅଭିଯୋଗରେ ସମ୍ପୃକ୍ତ ବେପାରୀ ଧରାପଡ଼ିଛନ୍ତି। ସେ ହେଲେ ବୌଦ୍ଧ ଜିଲା ଗୋଛାବାଡ଼ର ସ୍ୱାଭିମାନ ନାୟକ (୨୧)। ଜବତ ବଜ୍ରକାପ୍ତା କାତିଗୁଡ଼ିକର ଓଜନ ପ୍ରାୟ ଏକ କେଜି ହେବ ବୋଲି ସୂଚନା ଦିଆଯାଇଛି। ଏହି ଘଟଣାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଅଭିଯୁକ୍ତ ସ୍ୱାଭିମାନଙ୍କୁ ବନବିଭାଗକୁ ହସ୍ତାନ୍ତର କରିଥିଲା। ଚନ୍ଦକା ରେଞ୍ଜ୍ ପକ୍ଷରୁ ଏକ ମାମଲା (ଓଆର୍ ନଂ.୦୧/୨୦୨୫-୨୬) ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତ ସ୍ୱାଭିମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସ୍ୱାଭିମାନ ସୋମବାର ରାତିରେ ଚନ୍ଦ୍ରଶେଖରପୁର ଥାନା ଠାରୁ ମାତ୍ର ୩୦୦ ମିଟର ଦୂର ରାସ୍ତାରେ ବଜ୍ରକାପ୍ତା କାତି ଧରି ଜଣେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏନେଇ ସୂଚନା ମିଳିବା ପରେ ଡିଲ୍ ହେବା ପୂର୍ବରୁ ଏସ୍‌ଟିଏଫ୍ ସେଠାରେ ଚଢ଼ାଉ କରିଥିଲା। ସ୍ୱାଭିମାନ ଏହି କାତି କେଉଁଠାରୁ ଆଣିଲେ ଓ କାହାକୁ ଦେଇଥାନ୍ତେ, ସେନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି। ବଜ୍ରକାପ୍ତା କାତିର ଅନ୍ତର୍ଜାତୀୟ ବଜାରରେ ବହୁ ଚାହିଦା ରହିଥିବାବେଳେ ବନ୍ୟପ୍ରାଣୀ ଶିକାରୀମାନେ ଏହାକୁ ଚାଲାଣ କରୁଛନ୍ତି।

BUSINESS

# ଡିଜିଟାଲ ବିଜ୍ଞାପନର ଚାହିଦା ବୃଦ୍ଧି

## ୨୦୨୯ ସୁଦ୍ଧା ଜିଡିପିରେ ୦.୫% ଯୋଗଦାନ

ଭୁବନେଶ୍ୱର, ୨୬।୮ (ଅନୁରାଧା ମହାରଣା)

ଦେଶର ବିଜ୍ଞାପନ ବଜାର ୨୦୨୪ରେ ପ୍ରାୟ ୧୬-୧୮ ବିଲିୟନ ଡଲାର ମୂଲ୍ୟରେ ପହଞ୍ଚିଛି, ଯାହା ଦେଶର ଜିଡିପିରେ ୦.୪% ଯୋଗଦାନ କରୁଛି। ଆଗାମୀ ସମୟରେ ଏହା ପ୍ରାୟ ୧୦-୧୫% ବାର୍ଷିକ ମିଶ୍ରିତ ବୃଦ୍ଧି ହାର (ସିଏଜିଆର) ସହ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଫଳରେ ୨୦୨୯ ସୁଦ୍ଧା ଏହା ଜିଡିପିରେ ୦.୫% ଯୋଗଦାନ କରିବ। ଡିଜିଟାଲ ବିଜ୍ଞାପନର ଅଂଶ ୫୦-୬୦% ଭାରତର ମୋଟ ବିଜ୍ଞାପନ ଖର୍ଚ୍ଚର ପ୍ରାୟ ୫୦-୬୦% ଡିଜିଟାଲ ବିଜ୍ଞାପନ ଅଧିକାର କରିଛି। ୨୦୨୯ ସୁଦ୍ଧା ଏହା ୧୭-୧୯ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି, ଯାହା ୧୫% ସିଏଜିଆର ସହ ବୃଦ୍ଧି ପାଇବ। ଏହି ଦ୍ରୁତ ବୃଦ୍ଧିର ମୁଖ୍ୟ କାରଣ ହେଉଛି ବୃଦ୍ଧି ପାଉଥିବା ବ୍ୟକ୍ତିଗତ ଖର୍ଚ୍ଚ, ଡିଜିଟାଲ କଣ୍ଟେଣ୍ଟର ଚାହିଦା, ଓଟିଟି ପ୍ଲାଟଫର୍ମର ଦ୍ରୁତ ବିସ୍ତାର ଏବଂ ଉଚ୍ଚ-ଗତି ଇଣ୍ଟରନେଟ କଭରେଜରେ ବୃଦ୍ଧି। ଭାରତର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସଏମଇ) ଏବଂ ଡାଇରେକ୍ଟ-ଟୁ-କଞ୍ଜୁମର (ଡି୨ସି) ବ୍ରାଣ୍ଡଗୁଡ଼ିକ ଡିଜିଟାଲ ବିଜ୍ଞାପନର ମୁଖ୍ୟ ଚାଳକ ହେଉଛନ୍ତି। ୨୦୨୦ରେ ଏମାନଙ୍କର ଡିଜିଟାଲ ବିଜ୍ଞାପନ ଖର୍ଚ୍ଚ ୩୫% ଥିବା ବେଳେ ୨୦୨୪ରେ ଏହା ୩୭%କୁ ବୃଦ୍ଧି ପାଇଛି। ୨୦୨୯ ସୁଦ୍ଧା ଏହା ୪୦-୪୨% ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବେନ ଆଣ୍ଡ କମ୍ପାନୀର ପାର୍ଟନର ପ୍ରଭାବ କଶ୍ୟପଙ୍କ ମତରେ, ମୋବାଇଲ ବ୍ୟବହାରରେ ବୃଦ୍ଧି, ଭିଡିଓ ଫର୍ମାଟର ଲୋକପ୍ରିୟତା ଏବଂ ପ୍ରତ୍ୟେକ ସ୍ତରରେ AIର ସମନ୍ୱୟ ବ୍ରାଣ୍ଡ ଓ ଗ୍ରାହକଙ୍କ ମଧ୍ୟରେ ସମ୍ପର୍କର ପଦ୍ଧତିକୁ ବଦଳାଇ ଦେଉଛି। ବିଶ୍ୱ ସ୍ତରରେ ମଧ୍ୟ ଡିଜିଟାଲ ବିଜ୍ଞାପନ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ୨୦୨୯ ସୁଦ୍ଧା ଏହା ମୋଟ ବିଜ୍ଞାପନ ଖର୍ଚ୍ଚର ୮୦-୮୫% ଅଧିକାର କରିବ। ଏକ ରିପୋର୍ଟ ଅନୁସାରେ, ବିଶ୍ୱ ବିଜ୍ଞାପନ ବଜାର ମଧ୍ୟ ଏକ ଐତିହାସିକ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି। ୨୦୨୯ ସୁଦ୍ଧା ଡିଜିଟାଲ ବିଜ୍ଞାପନ ମୋଟ ବିଜ୍ଞାପନ ଖର୍ଚ୍ଚର ୮୦-୮୫% ପର୍ଯ୍ୟନ୍ତ ପହଞ୍ଚିବ। ରିପୋର୍ଟରେ କୁହାଯାଇଛି, ୨୦୨୪ରେ ୧ ଟ୍ରିଲିୟନ ଡଲାର ମୂଲ୍ୟର ବିଶ୍ୱ ବଜାର ୨୦୨୯ ସୁଦ୍ଧା ବିଶ୍ୱ ମୋଟ ଘରୋଇ ଉତ୍ପାଦର ୧% ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଗ୍ରାହକମାନେ ବିଭିନ୍ନ ଡିଭାଇସ ଓ ପ୍ଲାଟଫର୍ମରେ ଅଧିକ ସମୟ ବିତାଉଛନ୍ତି। ୨୦୨୩ରେ ଭାରତରେ ପ୍ରତି ବ୍ୟକ୍ତି ଦୈନିକ ୪.୮ ଘଣ୍ଟା ମୋବାଇଲରେ ବିତାଇଛନ୍ତି, ଯାହା ୨୦୧୯ରେ ୩.୭ ଘଣ୍ଟା ଥିଲା। ଏହା ଡିଜିଟାଲ ବିଜ୍ଞାପନକୁ ପ୍ରୋତ୍ସାହିତ କରୁଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୨୬।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୪୯.୩୭ ପଏଣ୍ଟ ହ୍ରାସ ଘଟି ୮୦,୭୮୬.୫୪ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୫.୭୦ ପଏଣ୍ଟ କମି ୨୪,୭୧୨.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଓଆକନ୍‌ର ୬ଷ୍ଠ ବାର୍ଷିକ ସମ୍ମିଳନୀ




ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧିତ ଚିକିତ୍ସକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୨୬।୮

ରାଜ୍ୟର ପ୍ରମୁଖ ଡାକ୍ତରୀ ସଂଘ ତଥା ଓଡ଼ିଶା ଆର୍ଥୋପ୍ଲାଷ୍ଟି ଆସୋସିଏଶନ କନ୍‌ଫରେଶନ (ଓଆକନ୍-୨୦୨୫)ର ୬ଷ୍ଠ ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସର୍ବଭାରତୀୟ ସ୍ତରର ୨୦୦ରୁ ଅଧିକ ଅସ୍ଥିଶଲ୍ୟ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ମଣିପାଲ ହସ୍ପିଟାଲ୍ସର ଏମ୍‌ଡି ତଥା ସିଇଓ ଦିଲୀପ ଜୋସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଏହି ବିଶାଳ ସମ୍ମିଳନୀରେ ଭୁବନେଶ୍ୱରର ମଣିପାଲ ହସ୍ପିଟାଲ ସକ୍ରିୟ ଭାବେ ଅଂଶଗ୍ରହଣକରି ଅର୍ଥୋପେଡିକ ସେବା କ୍ଷେତ୍ରରେ ମଣିପାଲ ହସ୍ପିଟାଲର ଅଭିଜ୍ଞାତ ଓ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଓ ଆଭିମୁଖ୍ୟ ପ୍ରତି ପ୍ରକାଶ କରିଥିଲା।

ଏ ନେଇ ଜୋସ୍ କହିଛନ୍ତି, ଗୋଟିଏ ସ୍ଥାନରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଡାକ୍ତରଙ୍କ ସମେତ ଏକତ୍ରିତ ହେବା ନିଶ୍ଚିତଭାବେ ଏକ ଗର୍ବର ବିଷୟ। ଏହି ସମ୍ମିଳନୀ ଫଳରେ ନିଶ୍ଚିତ ଭାବେ ଆର୍ଥୋପ୍ଲାଷ୍ଟି ସର୍ଜରି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟିକରିବା ଦିଗରେ ଏହା ବେଶ୍ ସାହାଯ୍ୟ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏସ୍‌ସିଆଇ ସହ ଏସ୍‌ଟିଏଲ୍‌ର ବୁଝାମଣା

ଭୁବନେଶ୍ୱର, ୨୬।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ସେଲ୍‌ୱିନ ଟ୍ରେଡର୍ସ ଲିମିଟେଡ୍ (ଏସ୍‌ଟିଏଲ୍) ଏବଂ ଶିବମ କଷ୍ଟ୍ରାକଟିଂ ଇନକ (ଏସ୍‌ସିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ କମ୍ପାନୀ ମଧ୍ୟରେ ହୋଇଥିବା ଏହି ରଣକୌଶଳାତ୍ମକ ଇକ୍ୱିଟି ସଂଯୁକ୍ତ ସହଭାଗିତା ଗଠନ କରିବାକୁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅଧୀନରେ ଏସ୍‌ଟିଏଲ୍ ସମ୍ପ୍ରତି ଏସ୍‌ସିଆଇର ଚାଲିଥିବା ଏବଂ ଭବିଷ୍ୟତର ପ୍ରକଳ୍ପଗୁଡିକରେ ଅଂଶଗ୍ରହଣ କରିବାକୁ ୬ନିୟୁତ ଆମେରିକୀୟ ଡଲାର (ପ୍ରାୟ ୫୨ କୋଟି ଟଙ୍କା) ପର୍ଯ୍ୟନ୍ତ ନିବେଶ କରିବାକୁ ନୀତିଗତ ଭାବେ ରାଜି ହୋଇଛି। ସେହିଭଳି ଉଭୟ କମ୍ପାନୀଙ୍କ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ରର ସର୍ତ୍ତାବଳୀ ଅନୁଯାୟୀ ଏସ୍‌ଟିଏଲ୍-ଏସ୍‌ସିଆଇରେ ୬୦% ଇକ୍ୱିଟି ଅଂଶ ଅଧିଗ୍ରହଣ କରିପାରିବ ଏବଂ ସହମତିଭିତ୍ତିକ ମୂଲ୍ୟରେ ଏସ୍‌ଟିଏଲ୍ ପକ୍ଷରୁ ଶେୟାର ଇସ୍ୟୁ ଜରିଆରେ ଅଧିଗ୍ରହଣ ପ୍ରକ୍ରିୟା ସମାହିତ ହୋଇପାରିବ। ଏହା ପ୍ରତି ଶେୟାର ପିଛା ୧୮ଟଙ୍କାରୁ କମ୍ ହେବ ନାହିଁ। ଏହି ଚୁକ୍ତି ନିମନ୍ତେ ଏସ୍‌ସିଆଇର ଏକ ମୂଲ୍ୟାୟନ ପତ୍ର ୨୦୨୫ ଡିସେମ୍ବର ୩୧ ସୁଦ୍ଧା କରାଯିବ। ସ୍ୱାକ୍ଷରିତ ତାରିଖଠାରୁ ୧୨ମାସ ପର୍ଯ୍ୟନ୍ତ ଏହି ବୁଝାମଣାପତ୍ର ବୈଧ।

ଏ ସମ୍ପର୍କରେ ଏସ୍‌ଟିଏଲ୍‌ର ନିର୍ଦ୍ଦେଶକ ମୋନିଲ ଭୋରା କହିଥିଲେ, ଆମେ ଆମର ଅଭିବୃଦ୍ଧି-କେନ୍ଦ୍ରିକ ଦୂରଦୃଷ୍ଟିକୁ ପୁନଃ ସୁଦୃଢ କରି ଏକ ରୂପାନ୍ତରଣକାରୀ ବୈଶ୍ୱିକ ସହଭାଗିତା ଦିଗରେ ଯାତ୍ରା ଆରମ୍ଭ କରିବା ନେଇ ଉଲ୍ଲସିତ ଅନୁଭବ କରୁଛୁ। ଏସ୍‌ସିଆଇରେ ୬ ନିୟୁତ ଆମେରିକୀୟ ଡଲାର ଇକ୍ୱିଟି-ସଂଯୁକ୍ତ ନିବେଶ ଆକର୍ଷଣୀୟ ରିଟର୍ନ ଏବଂ ୨ ବର୍ଷ ମଧ୍ୟରେ ନିଶ୍ଚିତ ପାଣ୍ଠି ପ୍ରତ୍ୟାବର୍ତ୍ତନ ସହ ଆମେରିକାର ସଂରଚନା କ୍ଷେତ୍ରରେ ଆମର ଉପସ୍ଥିତିକୁ ସୁଦୃଢ କରୁଛି। ତତ୍‌ସହିତ ଦୁବାଇସ୍ଥିତ ଜିଏମ୍‌ଆଇଟିର ଯୋଜନାବଦ୍ଧ ନିୟନ୍ତ୍ରଣକାରୀ ଅଧିଗ୍ରହଣ ଉପସାଗରୀୟ ଆଇଟି ସେବା ବଜାରରେ ଆମର ଉପସ୍ଥିତିକୁ ବହୁଗୁଣିତ କରୁଛି। ଏହା ୫୧% ଇକ୍ୱିଟି ହାସଲ ନିମନ୍ତେ ଲକ୍ଷ୍ୟ ରଖିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦମ୍‌ଦାର ପ୍ରଦର୍ଶନ ବଳରେ ତ୍ୱରାନ୍ୱିତ ମୂଲ୍ୟ ସୃଷ୍ଟି ନିମନ୍ତେ ଆମେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ ଅଛୁ।

# ହାଇଟେକ୍ ମେଡିକାଲରେ ବିରଳ ଅସ୍ତ୍ରୋପଚାର



ଅସ୍ତ୍ରୋପଚାର ପରେ ହାଇଟେକ୍ ମେଡିକାଲର ଡାକ୍ତରୀଦଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୨୬।୮ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ହାଇଟେକ୍ ମେଡିକାଲରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପୂର୍ଣ୍ଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ବଲାଙ୍ଗୀରର ଅରୁଣ କୁମାର ସାହୁ (୭୬ ବର୍ଷ ) ଅତି ଜରୁରୀ ସ୍ୱାସ୍ଥ୍ୟ ଅବସ୍ଥାରେ ହାଇଟେକ୍ ମେଡିକାଲକୁ ଆସିଥିଲାବେଳେ ହାଇଟେକ୍‌ର ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ ଡା. ପି.କେ. ଦାଶଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଏପରିକି ତାଙ୍କ ହାର୍ଟରେ ୪ଟି ଭଲ୍‌ବରୁ ଗୋଟିଏ ଭଲ୍‌ବ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇସାରିଥିଲା। ସେଥିପାଇଁ ତାଙ୍କର ମସ୍ତିଷ୍କକୁ ରକ୍ତ ପ୍ରବାହ ହେଉ ନ ଥିଲା। ଏହି ପରିପ୍ରେକ୍ଷୀରେ ହାଇଟେକ୍ ମେଡିକାଲର ଡାକ୍ତରୀ ଦଳ ତାଙ୍କ ସହ କଥାବାର୍ତ୍ତା ପରେ ଆବଶ୍ୟକ ଚିକିତ୍ସା ଆରମ୍ଭ ହୋଇଥିଲା।

ସେହିପରି ଡା ଦାଶଙ୍କ ତତ୍ତ୍ୱାବଧାନରେ କାର୍ଡିଆକ୍ ଆନାସ୍ଥେଟିଷ୍ଟ ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ସିଟିଭିଏସ୍ ଡା. ସ୍ମୃତିରଞ୍ଜନ ସାହୁ, ଡା. ଶିବଶଙ୍କର କର, ଡା. ସୁମିତ ତାଙ୍କର ଭଲ୍‌ବକୁ ପୁନଃ ସ୍ଥାପନ କରାଇଥିଲେ। ଫଳରେ ତାଙ୍କ ମସ୍ତିଷ୍କକୁ ରକ୍ତ ପ୍ରବାହ ଠିକ୍ ରୂପେ ଚାଲିଥିବାବେଳେ ରୋଗୀ ଜଣଙ୍କ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଏ ନେଇ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ହାଇଟେକ୍ ମେଡିକାଲ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି ବୋଲି ଉଭୟ ମତପ୍ରକାଶ କରିଛନ୍ତି।

ଏପରିକି ସମସ୍ତ ଡାକ୍ତରଙ୍କର ତୁରନ୍ତ ଓ ଅନବରତ ଚିକିତ୍ସାସେବା ରୋଗୀଙ୍କୁ ଏକ ନୂଆ ଜୀବନ ଦେଇଥିବାରୁ ଉଭୟ ପାଣିଗ୍ରାହୀ ସମସ୍ତଙ୍କୁ ମହାପ୍ରଭୁ କଲ୍ୟାଣକରନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି।

# ସିଏସ୍‌ଆର୍ କ୍ଷେତ୍ରକୁ ୮୦୧ କୋଟିର ପାଣ୍ଠି ଆବଣ୍ଟନ

ଭୁବନେଶ୍ୱର, ୨୬।୮

ଆଇସିଆଇସିଆଇ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ବାର୍ଷିକ ରିପୋର୍ଟ କାର୍ଡକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ବ୍ୟାଙ୍କ ପକ୍ଷରୁ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରାଯାଇଛି। ଏହା ଉପରେ ବ୍ୟାଙ୍କର ପରିବେଶ, ସମାଜ ଓ ଗଭର୍ନାନ୍ସ (ଇଏସଜି) ରିପୋର୍ଟ ୨୦୨୪-୨୫ ବର୍ଷରେ ଆଲୋକପାତ କରାଯାଇଛି। ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଓ ପରିବେଶ ସ୍ଥାୟିତ୍ୱ ଆଦି ଉପରେ ସାମାଜିକ ପ୍ରଭାବ ଅଭିଯାନକୁ ସମ୍ପ୍ରସାରଣ କରାଯାଇଛି। ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୧.୮୯ କୋଟି ଲୋକଙ୍କ ପାଖରେ ପହଞ୍ଚିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ ପାଇଁ ୮୦୧ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷର ୫୧୯ କୋଟି ଟଙ୍କା ତୁଳନାରେ ପ୍ରାୟ ୩୫% ଅଧିକ ବୋଲି କୁହାଯାଉଛି। ଏହା ଦୀର୍ଘକାଳୀନ ଗୋଷ୍ଠୀ ବିକାଶ ପ୍ରତି ବ୍ୟାଙ୍କର ବର୍ଦ୍ଧିତ ପ୍ରତିବଦ୍ଧତାକୁ ଦର୍ଶାଉଛି। ୨୦୨୪-୨୫ରେ ଆଇସିଆଇସିଆଇ ବ୍ୟାଙ୍କର ଇଏସ୍‌ଜି ପ୍ରୟାସଗୁଡିକ ମଜଭୁତ ସାମାଜିକ ଭିତ୍ତିଭୂମି ସୁବିଧା ଗଠନ, ମୌଳିକ ସେବା ପହଞ୍ଚାଇବାରେ ଉନ୍ନତି ଏବଂ ଭାରତରେ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସାମାଜିକ, ପରିବେଶଗତ ଏବଂ ଶାସନ କାରକଗୁଡ଼ିକୁ ଏହାର ମୁଖ୍ୟ କାର୍ଯ୍ୟପ୍ରଣାଳୀରେ ସମନ୍ୱିତ କରି ବ୍ୟାଙ୍କ କେବଳ ଏହାର ହିତାଧିକାରୀଙ୍କ ପାଇଁ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରୁନାହିଁ ବରଂ ଭାରତର ଭିତ୍ତିଭୂମି ବିକାଶକୁ ସମର୍ଥନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରୁଛି।

# ନଦୀରେ ଭାସିଗଲା ଟ୍ରକ୍: ଚାଳକ ନିଖୋଜ

ବଡ଼ଗାଁ, ୨୬।୮ (ଅଶୋକ ଷଡ଼ଙ୍ଗୀ)



ସଫେଇ ନଦୀରେ କୋଇଲା ବୋଝେଇ ଟ୍ରକ୍ ଭାସିଯାଇଛି।

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ଖଣ୍ଡେଲବୁଡ଼ ଗାଁ ନିକଟ ସଫେଇ ନଦୀରେ ମଙ୍ଗଳବାର ସକାଳେ ଏକ ଟ୍ରକ୍ ଭାସିଯାଇଛି। ଟ୍ରକ୍ ଚାଳକ ସୁଜିତ ଆଇନ୍ଦ ନିଖୋଜ ହୋଇଯାଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳିନାହିଁ। ଟ୍ରକ୍‌କୁ ମଧ୍ୟ ନଦୀ ଭିତରୁ ଉଦ୍ଧାର କରାଯାଇପାରିନାହିଁ। ସୁଜିତଙ୍କ ଘର ଖଣ୍ଡେଲବୁଡ଼ ଗାଁରେ। ସେ ସୁନ୍ଦରଗଡ଼ ଜିଲ୍ଲାର କଲୁଙ୍ଗାସ୍ଥିତ ଏକ କାରଖାନାକୁ କୋଇଲା ନେଇ ଗଲାବେଳେ ଟ୍ରକ୍ ସହ ଗାଁକୁ ଆସିଥିଲେ। କଲୁଙ୍ଗାରେ କୋଇଲା ଅନ୍‌ଲୋଡ୍ କରିବାରେ ସାହାଯ୍ୟ ପାଇଁ ଗ୍ରାମର ଅବିନାଶ ବାର୍ଲାଙ୍କୁ ଡାକିଥିଲେ। ଅବିନାଶଙ୍କୁ ଧରି ସୁଜିତ ଟ୍ରକ୍ ସହ ଗ୍ରାମ୍ୟ ରାସ୍ତାରେ ଫେରୁଥିଲେ। ସଫେଇ ନଦୀ ପାରିହେବା ପାଇଁ ବହୁ କମ୍ ଉଚ୍ଚତାର ଏକ ପୋଲ ରହିଛି। ନଦୀରେ ଅଳ୍ପ ପାଣି ଆସିଲେ ବି ଏହି ପୋଲ ବୁଡ଼ିଯାଇଥାଏ। ପୋଲ ବୁଡ଼ିଗଲେ ବି ଅନେକ ଅନୁମାନ ଲଗାଇ ପାରି ହୁଅନ୍ତି। କିନ୍ତୁ ଏବେ ଏହି ପୋଲ ଉପରେ ଅଧିକ ପାଣି ଥିଲେ ମଧ୍ୟ ସୁଜିତ ଟ୍ରକ୍ ନେଇ ପାରି ହୋଇଯିବାକୁ ପ୍ରୟାସ କରିଥିଲେ। କେତେଜଣ ଏହିଭଳି ଦୁଃସାହସ କରିବାକୁ ମନା କରିଥିଲେ। କିନ୍ତୁ ସୁଜିତ ନ ମାନି କୋଇଲା ବୋଝେଇ ଟ୍ରକ୍‌କୁ ନଦୀ ପାରି କରିବାକୁ ଚେଷ୍ଟା କଲାବେଳେ ଭାସିଯାଇଥିଲା। ପାଖରେ ଥିବା ଲୋକେ ଏହା ଦେଖି ଦୌଡ଼ିଯାଇଥିଲେ। ଅବିନାଶ ବାର୍ଲାଙ୍କୁ ଲୋକେ ଉଦ୍ଧାର କରିଥିବାବେଳେ ସୁଜିତଙ୍କ ପତ୍ତା ମିଳିନାହିଁ। ଏହି କମ୍ ଉଚ୍ଚତା ପୋଲ ବର୍ଷାଋତୁରେ ସବୁବେଳେ ବୁଡ଼ି ରହୁଥିବାରୁ ଲୋକେ ବର୍ଷା ସମୟରେ ନଦୀ ପାରି ହୋଇପାରନ୍ତି ନାହିଁ। ଏହା ପାଖରେ ଆଉ ଏକ ଅଧିକ ଉଚ୍ଚତାର ପୋଲ ନିର୍ମାଣ ହେଉଛି । କିନ୍ତୁ ୫ ବର୍ଷ ଧରି ନିର୍ମାଣ କାମ ଶେଷ ହେଉ ନ ଥିବାରୁ ଲୋକେ ନାନା ହଇରାଣ ହେଉଛନ୍ତି।

## ନୀହାରଙ୍କ ଜାମିନ ଆବେଦନ ଖାରଜ

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

କଟକ,୨୬।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲ୍ଲା ଜଜ୍ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ କରିଦେଇଛନ୍ତି। ପ୍ରକାଶ ଯେ, ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ କଟକ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ମାମଲାର ଶୁଣାଣି ଗତ ୧୮ ତାରିଖରେ ହେବାକୁ ଥିବା ବେଳେ ତାହାକୁ ସ୍ଥଗିତ ରଖାଯାଇ ଅଗଷ୍ଟ ୨୨କୁ ଘୁଞ୍ଚାଇ ଦିଆଯାଇଥିଲା। ଅଗଷ୍ଟ ୨୨ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିଲା। ତେବେ ଅଭିଯୁକ୍ତମାନେ ଜେଲରେ ରହିବା ସହ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ସାପ କାମୁଡ଼ାରେ ଭଉଣୀଭାଇ ମୃତ

ଲହୁଣୀପଡ଼ା, ୨୬।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ପଞ୍ଚାୟତ ଖିରପାଣି ଗ୍ରାମରେ ସୋମବାର ରାତିରେ ବିଷାକ୍ତ ସାପ କାମୁଡ଼ିବାରୁ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ଏଗ୍ରୋଲିନ ଏକ୍କା (୬) ଓ ତାଙ୍କ ଭଉଣୀ ଆବଲିନ (୮)। ସେମାନଙ୍କ ବାପା ରାତିରେ ଇସାକ ଏକ୍କା। ରାତିରେ ଭଉଣୀଭାଇ ଖାଇସାରି ମା'ବାପାଙ୍କ ସହ ଶୋଇଥିଲେ। ରାତି ପ୍ରାୟ ୧୧ରେ ଏକ ସାପ ଭଉଣୀଭାଇଙ୍କୁ କାମୁଡ଼ିଦେଇଥିଲା। ପରିବାର ଲୋକେ ଦୁହିଁଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ନେଇଥିଲେ। ରାତି ପ୍ରାୟ ୩ଟାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


## OFFICE OF THE PATTAMUNDAI MUNICIPALITY, PATTAMUNDAI

**QUOTATION CALL NOTICE NO. 2524, DATE:22.08.25**

No.C-954: The Executive Officer, Pattamundai Municipality on behalf of Municipal Council, Dist.-Kendrapara invites sealed quotations in double cover system from the Registered firm for supply and installation of different equipment to Pattamundai Municipality for setup of e-Library.

The interested firm wish to participate in the short quotation call notice must submit filled in quotation alongwith GST Registration Certificate, PAN Card, all other document as per DTCN, Paper Cost of Rs.2000.00 to be drawn in the shape of Demand Draft duly pledged in favour or Executive Officer and EMD amount of Rs.5000.00 to be drawn in the shape of DD/TDR duly pledged in favour of Executive Officer, Pattamundai Municipality payable at Pattamundai. The quotation must reach on or before 4 PM 29.08.2025 and will be opened on same day at 5 PM.

The undersigned has to rights to accept, cancel or reject any or all the quotations without assigning any reason thereof.

**Sd./- Executive Officer**
**Pattamundai Municipality**

OIPR-13220/11/0020/2526

Government of Odisha "e" Procurement Notice
INVITATION FOR BIDS (IFB)

## OFFICE OF THE DISTRICT PROJECT OFFICE, SAMAGRA SHIKSHA DHENKANAL

**Bid Identification No.SS/DKL/01/2025-2026**
**Letter No.1497/ Dt.25.08.2025**

No.n-134:The District Project Coordinator, Samagra Shiksha, Dhenkanal on behalf of Governor of Odisha invites Percentage Rate bids in double cover system to be received in **ONLINE MODE** from eligible contractors for building works as detailed below.

1. Name of the Work : Building Works
2. No. of Works : 01 (One) No.
3. Amount put to tender : Rs.1.35 Crore **(as given in column no.03 of table)**
4. Cost of Tender Paper : Rs.10,000.00
5. Class of Contractor : 'B' & 'A' Class **(as given in column no.07 of table)**
6. Period of Completion : 09 (Nine Calendar Months) **(as given in column no.08 of table)**
7. Date of time of availability of the bid documents in the website : 10.00 AM on dt.02.09.2025 to 5.30 PM on dt.16.09.2025.
8. Date of Opening (Technical Bid) : 17.09.2025 at 11.00 AM

The bidders have to participate in ONLINE bidding only, further details can be seen from the e-Procurement Portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./-District Project Coordinator**
**Samagra Shiksha, Dhenkanal**

OIPR-27210/11/0001/2526

## ODISHA PUBLIC SERVICE COMMISSION

**NOTICE**

**No. 6124/PSC., Dt. 25.08.2025**
**(2PG-03-2025/26) (DR-I)**

**Odisha Civil Services (Preliminary) Examination-2024**
**Advt. No. 07 of 2024-25**

**No.D-185** : In continuation to this Office Notice No.3207/PSC, dt-15.05.2025, it is for information of all concerned that, the Commission has decided to conduct the Odisha Civil Services (Preliminary) Examination-2024, pursuant to Advt. No.07 of 2024-25 on **12.10.2025 (Sunday)**. The detailed Programme of the said examination shall be notified later.

2. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0299/2526 **Sd./- Secretary**

## GOVERNMENT OF ODISHA
## HEALTH & FAMILY WELFARE DEPARTMENT

**NOTICE**

**File No.PT1-HFW-FW-FWMISC-0095-2022-24955/H&F.W.**

No.E-The Counselling of 686 numbers of MPHW(M)s Level-II (erstwhile MPHW(M)s), who have been recommended by OSSSC vide their Notice No.IIE-09/2025-1315/OSSSC dated 16.06.2025 pursuant to advertisement No. IIE-39/2023-906(C)/OSSSC dated 15.12.2023, will be held through online mode w.e.f. 28.08.2025 to 31.08.2025. Accordingly, the concerned MPHW(M)s Level-II (erstwhile MPHW(M)s shall have to participate in the online counselling and to lock their choices in order of preference through the proforma to be made available on the website https://jcportal.odisha.gov.in. The instruction manual to be followed during the choice locking is enclosed for the reference of the candidates.

Hence, all the 686 selected candidates are hereby requested to participate in the online counselling with effect from 28.08.2025 to 31.08.2025

**Sd./- Additional Secretary to Government**

OIPR-10001/11/0078/2526

## GOVERNMENT OF ODISHA
## Sports & Youth Services Department

**Kalinga Stadium, Bhubaneswar-751012**
**Email: deptsportsodisha@gmail.com**
**No. SYS-COACHI-CC-0003-2025-20870/SYS, Dated 25.08.2025**

**REQUEST FOR PROPOSAL**

No.TT-12:Sports and Youth Services Department, Government of Odisha invites bids from reputed agencies for the RFP for **"Engagement of Event Management Agency For 28th ITTF-ATTU Asian Table Tennis Team Championships 2025 At Kalinga Stadium, Bhubaneswar".** The details of the document are available at the below mentioned website.

**Website:** https://tendersodisha.gov.in & https://sports.odisha.gov.in

Interested firms / parties / agencies are advised to study the RFE document carefully before submitting their bid.

**Important Dates & Information:**
**Date of Publication of RFP: 25th August, 2025**
**Last Date and Time For Submission of Pre-Bid Queries: 28th August, 2025, 06:00 PM**
**Pre-Bid Meeting: 30th August, 2025,12:00 PM**
**Last Date and Time For Submission of Bid: 09th September, 2025, 05:00 PM**
**Opening of Financial Bid: To be informed to the Technically Qualified Bidders only**

OIPR-29001/11/0104/2526 **Sd./- Director Sports**

## Odisha Lift Irrigation Corporation Ltd

**(A Govt. of Odisha Undertaking)**

## OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK

**E-mail:eelidbdk@gmail.com,**
**Ph.No.06784-240601**
**Bid Identification No.3086/Dated 25.08.2025**

**1st Corrigendum to Tender Call Notice No. 01/2025-26 (3047)/ OLIC (BDK) dt.14.08.2025**

No.CAD-This is for information to all concerned that with reference to the above cited Tender Call Notice published in the NEWS Papers the following modifications has been made due to technical Problem.

**NOTICE**

1. **Date and Time of Publication** : 01.09.2025 at 11.00 AM
2. **Date and Time of closing with Seeking Clarification** : 10.09.2025 upto 05.00 PM
3. **Date and Time of Opening of BID** : 11.09.2025 at 11.00 AM

All other terms and conditions are remaining unchanged.

**Sd./- Executive Engineer**

OIPR-32239/11/0004/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNDARGARH

No.O-652

**AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com**

**No. Tender Online - RWCCESNG - 12 of 2025-26, Letter No. 2050 / Dtd. 22.08.2025**

**e-Procurement NOTICE**

1. Type of the Work : Road work (PR), 2. Class of Contractor : As specified in the column-7 of the Annexure, 3. Time of Completion : As specified in the column-6 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-5 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 12 of 2025-26 | 03.09.2025 11:00 A.M. | 17.09.2025 5:00 P.M. | 16.09.2025 5:00 P.M. | 18.09.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

**Sd./- Chief Construction Engineer**
**Rural Works Circle, Sundargarh**

OIPR-25133/11/0063/2526

GOVERNMENT OF ODISHA "e" PROCUREMENT NOTICE

## OFFICE OF THE SUPERINTENDING ENGINEER, PURI (R&B) DIVISION, PURI

**WORKS DEPARTMENT**
**SHORT TENDER CALL NOTICE**
**E-mail: eerbpuri@yahoo.co.in**
**Bid Identification No.SE (R&B) Puri-26/2025-26**

**No.B-451:**The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **single cover system** in ONLINE MODE from the eligible class of contractors registered with the State Governments and contractors of equivalent Grade/ Class registered with Central Government/ Railways.

1. Nature of Works : Electrical Works
2. No. of Works : 1 No.
3. Tender Cost : Rs.6000.00 (On-Line)
4. Class of Bidders : Authorised dealer of Blue Star/ Authorisation letter of OEM of Blue Star/MOU with OEM of Blue Star having valid license issued from ELBO (MV/HT)
5. Available of Bid document in of the website: : From 10.00 AM of Dt.30.08.2025 to 05.00 PM Dt.08.09.2025
6. Last date of receipt of tender : Dt.08.09.2025 upto 05.00 PM
7. Date of Opening of Bid : Dt.09.09.2025 at 12.00 Noon
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any addendum/ corrigendum/cancellation of tender can also be seen in the said website.

**Sd./-Superintending Engineer,**
**Puri (R&B) Division, Puri**

OIPR-34064/11/0038/2526

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଷଣ୍ଢପୁର, ଜଟଣୀ, ଖୋର୍ଦ୍ଧା
## ODISHA ADARSHA VIDYALAYA, SANDHAPUR

**At-Sandhapur, P.O.-Jatni, Block-Jatni, Dist-Khordha-752050**
**Contact No.9438914299, 8249309237, Email:jatni@oav.edu.in**

**ADVERTISEMENT**

No.n-131: Applications are invited from deserving candidates for different supporting staff for both Boys' & Girls' Hostels at Odisha Adarsha Vidyalaya, Sandhapur, Jatni, Khordha as per the vacancies mentioned below in the table.

| Sl. No. | Name of the Post | Qualification | Age | Remuneration | Vacancy Position | | |
|---|---|---|---|---|---|---|---|
| | | | | | Boys' Hostel | Girls' Hostel | Total |
| 1 | Warden | B.A./ B.Sc. | 30-60 Yrs | Rs.21,175/- | 01 | 01 | 02 |
| 2 | Chowkidar-cum-Sweeper | HSC | 21-32 Yrs | Rs.7500/- | 01 | 01 | 02 |
| 3 | Head Cook | | 30-40 Yrs | Rs.9000/- | 01 | 01 | 02 |
| 4 | Assistant Cook | | 21-32 Yrs | Rs.6750/- | 02 | 02 | 04 |

Application and other details can be downloaded from the district website (www.khordha.odisha.gov.in). Interested candidates fulfilling the eligibility criteria may apply by registered/Speed Post only **(DONT SUBMIT THE APPLICATION FORMS ON HAND IN THE VIDYALAYA OFFICE OR BY MAIL)** to Odisha Adarsha Vidyalaya Sandhapur, At-Sandhapur, P.O-Jatni, Dist-Khordha, Pin-752050 by date:10.09.2025. The application forms received after due date shall be summarily rejected. The authority will not be responsible for any postal delay. Further the authorities reserve the right to cancel any or all the application without any reason thereof.

**By Order of Collector-cum-Chairman**
**Sd/- PRINCIPAL**

OIPR-27098/11/0001/2526

# ODISHA PUBLIC SERVICE COMMISSION CUTTACK

**NOTICE**

**No. 6114 / P.S.C., Dt. 25.08.2025**
**(2PG-02-25/26, DR-I)**

**Programme of Document Verification & Personality Test for OCSE-2023**
**Advt. No. 20 of 2023-24**

**No.D-184** : It is for information of all 806 (293-w) provisionally qualified candidates of OCS Main (Written) Examination-2023 that, the **Document Verification & Personality Test** of Odisha Civil Services, 2023, pursuant to Advt. No. 20 of 2023-24 will be held from **06.09.2025 to 18.09.2025 (except 13.09.2025)** in the Office of Commission, at 19, Dr. P.K. Parija Road. Cuttack-753001 as per the programme detailed below:-

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 1. | 100331, 100334, 100485, 100923, 100984, 101399, 101990, 102298, 102448, 102641, 103022, 103125, 103254, 103256, 103379, 103411, 103486, 103887, 103924, 103966, 103985, 104196, 104802, 105738, 105792, 106065, 106170, 106243, 106425, 107417, 107477, 107591, 200136, 200483, 200542, 200637, 200806, 201037, 201094, 201166, 201750, 202442, 202716 = **44 candidates** | 06.09.2025 | Forenoon session |
| | 202756, 202904, 203082, 203314, 203423, 203487, 203515, 203751, 203761, 203876, 204106, 204620, 204675, 204868, 204928, 205080, 205229, 205344, 205838, 206088, 206157, 206321, 206627, 206682, 207120, 207386, 207532, 207686 = **28 candidates** | | Afternoon session |
| 2 | 207689, 207990, 208391, 300110, 300129, 300158, 300219, 300319, 300357, 300422, 300473, 300510, 300609, 300715, 300775, 300878, 300886, 300924, 300951, 300952, 300967, 300982, 301111, 301292, 301306, 301317, 301340, 301346, 301461,301464, 302096, 302275, 302313, 302414, 302674, 302739, 302804, 302905, 302931, 302934, 302943, 302982, 303043, 303106 = **44 candidates** | 07.09.2025 | Forenoon session |
| | 303210, 303259, 303371, 303375, 303405, 303479, 303511, 303518, 303665, 303765, 303905, 304019, 304030, 304064, 304144, 304205, 304210, 304254, 304265, 304270, 304277, 304289, 304313, 304374, 304419, 304504, 304551, 304565 = **28 candidates** | | Afternoon session |
| 3 | 304593, 304605, 304610, 304612, 304694, 304841, 304854, 304879, 304938; 304995, 305032, 305248, 305269, 305332, 305460, 305549, 305566, 305628, 305659, 305666, 305679, 305923, 306028, 306113, 306205, 306623, 306857, 306882, 306883, 306925, 306936, 306943, 306956, 307028, 307107, 307157, 307365, 307349, 307391, 307537, 307555, 307629, 307639, 307681 = **44 candidates** | 08.09.2025 | Forenoon session |
| | 307874, 307912, 307955, 307974, 308034, 308049, 308090, 308250, 308274, 308286, 308398, 308453, 308500, 308542, 308554, 308666, 308908, 308967, 309016, 309031, 309055, 309211, 309246, 309398, 309456, 309533, 309800, 309832 = **28 candidates** | | Afternoon session |
| 4 | 309898, 310039, 310070, 310129, 310141, 310193, 310227, 310252, 310278, 310604, 310688, 310785, 310816, 311104, 311293, 311297, 311465, 311510, 311636, 311652, 311930, 312047, 312150, 312156, 312260, 312270, 312324, 312366, 312383, 312524, 312618, 312691, 312715, 312746, 312881, 312952, 313218, 313285, 313432, 313567, 313731, 313837, 313862, 313877 = **44 candidates** | 09.09.2025 | Forenoon session |
| | 313931, 313960, 313977, 314064, 314090, 314096, 314099, 314146, 314268, 314377, 314443, 314472, 314478, 314497, 314507, 314567, 314598, 314635, 314767, 314778, 314898, 315176, 315178, 315310, 315390, 315593, 315628, 315885 = **28 candidates** | | Afternoon session |
| 5 | 315886, 315905, 315917, 315963; 315975, 316085, 316225, 316373, 316382, 316498, 316680, 316878, 316911, 316923, 316958, 316973, 317133, 317192, 317229, 317257, 317306, 317494, 317501, 317601, 317646, 317703, 317773, 317819, 317822, 317952, 318028, 318075, 318129, 318137, 318227, 318251, 318296, 318336, 318468, 318701, 318802, 319016, 319122, 319263 = **44 candidates** | 10.09.2025 | Forenoon session |
| | 319284, 319288, 319303, 319316, 319369, 319400, 319418, 319432, 319434, 319472, 319480, 319558, 319566, 319568, 319601, 319660, 319807, 319837, 319864, 319924, 319925, 319980, 320015, 320093, 320145, 320157, 320479, 320597 = **28 candidates** | | Afternoon session |
| 6 | 320685, 320689, 320697, 320729, 320762, 320821, 320913; 321162, 321624, 321726, 321748, 321787, 321805, 321851, 321992, 321994, 322173, 322191, 322239, 322259, 322287, 322461, 322465, 322527, 322582, 322743, 322925, 323059, 323085, 323096, 323170, 323240, 323308, 323331, 323362, 323439, 323489, 323514, 323543, 323585, 323713, 323733, 323814, 323860 = **44 candidates** | 11.09.2025 | Forenoon session |
| | 323919, 324035, 324135, 324205, 324350, 324365, 324374, 324387, 324430, 324504, 324539, 324540, 324687, 324822, 324862, 324963, 325004, 325009, 325096, 325239, 325249, 325257, 325478, 325559, 325575, 325633, 325702, 325951 = **28 candidates** | | Afternoon session |
| 7 | 326093, 326158, 326206, 326315, 326353, 326366, 326411, 326652, 326659, 326740, 327159, 327166, 327281, 327349, 327366, 327375, 327386, 327438, 327474, 327493, 327907, 327991, 328001, 328125, 328169, 328186, 328205, 328209, 328479, 328483, 328516, 328527, 328546, 328639, 328884, 328945, 328963, 329049, 329084, 329197, 329207, 329223, 329321 329378 = **44 candidates** | 12.09.2025 | Forenoon session |
| | 329382, 329499, 329543, 329662, 330247, 330256, 330263, 330310, 330417, 330432, 330436, 330464, 330472, 330851, 330871, 330885, 330898, 330926, 330941, 330969, 331001, 331026, 331029, 331080, 331108, 331109, 331158, 331196 = **28 candidates** | | Afternoon session |
| 8 | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818; 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 = **44 candidates** | 14.09.2025 | Forenoon session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081 334092, 334311 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 candidates** | | Afternoon session |
| 9 | 334836, 334892, 334952, 335111, 335159, 335195, 335201, 335254, 335260, 335325, 335342, 335498, 335564, 335744, 335787, 335789, 335795, 335802, 335937, 336171, 336203, 336222, 336466, 336485, 336525, 336611, 336747, 336863, 336869, 336908, 337031, 337271, 337279, 337454, 337614, 337942, 338317, 338569, 338593, 338807, 338883, 339048, 339082, 339306 = **44 candidates** | 15.09.2025 | Forenoon session |
| | 339315, 339500, 339577, 339796, 339828, 340173, 340243, 340244, 340345, 340414, 340453, 340522, 340562, 340592, 340602, 340629, 340741, 340839, 340859, 341024, 341026, 341068, 400071, 400111, 400118, 400128, 400180, 400373 = **28 candidates** | | Afternoon session |
| 10 | 400400, 400449, 400895, 401181, 401182, 401234, 401281, 401387, 401562, 401746, 401813, 401905, 401951, 402031, 402122, 402285, 402304, 402351, 402481, 403131, 403199, 403421, 403669, 403798, 403871, 403997, 404208, 404402, 404617, 405091, 405149, 405351, 405368, 405798, 405800, 406026, 406052, 406084, 406842, 407452, 407563, 407668, 407681, 407754 = **44 candidates** | 16.09.2025 | Forenoon session |
| | 407794, 407811, 408012, 408137, 408223, 408397, 408433, 408532, 408938, 408968, 409009, 409334, 409353, 409354, 409536, 409579, 409984, 410055, 410067, 410202, 410234, 410420, 410596, 410649, 410697, 410760, 410781, 410852 = **28 candidates** | | Afternoon session |
| 11 | 410894, 410933, 410985, 411093, 411516, 411545, 411751, 411826, 411886, 412188, 412199, 412259, 412290, 412454, 412520, 500042, 500151, 500453, 500489, 500713, 500789, 500979, 501191, 501221, 501230, 501257, 501572, 501631, 501716, 501970, 501986, 502111, 502373, 502577, 502783, 502793, 502796, 502954, 503234, 503641, 503814, 504012, 504066, 505102 = **44 candidates** | 17.09.2025 | Forenoon session |
| | 505219, 505331, 505411, 505813, 505875, 505887, 506113, 506292, 506641, 506681, 506906, 506911, 507198, 507286, 507862, 507999, 508237, 508272, 508982, 509155, 509498, 509507, 509521, 509530, 509655, 510321, 510597, 510682 = **28 candidates** | | Afternoon session |
| 12 | 510757, 511334, 511983, 512435, 512652, 512806, 512915, 513234, 513551, 513881, 514350, 514375, 514750, 515018 = **14 candidates** | 18.09.2025 | Forenoon session |

**N.B.:- The Time of reporting, Time of Document Verification &Time of Personality Test in respect of Forenoon session and Afternoon session are mentioned below:**

| Session | Time of reporting | Time of Document verification | Time of Personality Test |
|---|---|---|---|
| Forenoon session | 08.00 A.M. | 08.30 A.M. | 10.30 A.M. |
| Afternoon session | 12.00 P.M. | 12.30 P.M. | 2.30 P.M. |

The candidates are required to produce the following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form, Bio Data form.**
(To be downloaded from the website of the Commission)
3. **H.S.C. Or Equivalent Certificate** in support of declaration of age.
4. **Intermediate/+2 Examination Certificate** issued by the concerned **Board/ Council**.
5. **Bachelor's Degree Certificate** issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. **Odia Test Pass Certificate.**
7. **Caste Certificate by Birth** in support of claim as SC/ST/SEBC issued by the Competent Authority within the closing date of Online Application. SEBC Certificate must be issued within the last three years from the closing date for submission of Online Application Form.
8. **Sports Certificate** issued by Director of Sports, Odisha, if any.
9. **Permanent Disability Certificate** (including Percentage of Disability i.e. 40% or more) issued by the concerned Medical Board, wherever applicable.
10. **Discharge Certificate** issued by the Commanding Officer of the Unit last served in case of Ex-servicemen candidates.

Further, Ex-Servicemen candidates must submit an affidavit in the format annexed at Annexure-A, undertaking that he/she has not been appointed against a civil post after retirement from military service.

11. A **declaration** regarding the number of attempts exercised by the candidates in the OCS Examination in the format annexed at Annexure-B.
12. **Four recent passport size photographs**, which have been uploaded with the Online Application Form.
13. **No Objection Certificate** (in case of in-service candidates), wherever applicable.
14. **Any document in support of identity**. (Aadhaar/DL/Pan Card/ Voter ID card).
15. **Any other relevant documents as per Para-09 of the Advertisement**.

The candidates are required to mention **"Submitted by me and Certified as genuine and has not been cancelled"** and put their full signature and date on the same.

**OIPR-12002/11/0301/2526** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଗ ନେବେ ପୂଜାସ୍ୱିନୀ



ପୂଜାସ୍ୱିନୀ ନାୟକଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚେକ୍ ପ୍ରଦାନ କରୁଛନ୍ତି।

**ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୬।୮ (ଅନାଦି କର)

ଆସନ୍ତା ୨ରୁ ୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ଇଚ୍ଚାନ-ସିରେ ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଆ ହ୍ୱିଲଚେୟାର ଫେନସିଂ ଖେଳାଳି ପୂଜାସ୍ୱିନୀ ନାୟକଙ୍କୁ ମନୋନୀତ କରାଯାଇଛି। ଗତ ୫ ବର୍ଷରେ ପୂଜାସ୍ୱିନୀ ଜାତୀୟ ସ୍ତରରେ ୩୩ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ତାଙ୍କୁ ଅନ୍ତର୍ଜାତୀୟ ମାନକ ଫିଏ ଅନୁମୋଦିତ ହ୍ୱିଲଚେୟାର ଫେନ୍‌ସିଂ ଉପକରଣ କିଣିବା ଲାଗି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିବି ଏସ୍‌ଏ ଯୋଜନା ଅଧୀନରେ ୧,୮୭,୦୩୧ ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି।

# ସିଫ୍ଟ କୌରଙ୍କୁ ଡବଲ ସ୍ୱର୍ଣ୍ଣ

ଶିମ୍‌କେଣ୍ଟ, ୨୬।୮ (ପି.ଟି.)

ଅଲିମ୍ପିଆନ ସିଫ୍ଟ କୌର ସାମରା ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍ ବ୍ୟକ୍ତିଗତ ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହାଛଡ଼ା ଦେଶକୁ ଟିମ୍ ଇଭେଣ୍ଟରେ ଟାଇଟଲ ବିଜୟୀ କରାଇବାରେ ତାଙ୍କର ଅବଦାନ ରହିଛି। ଫଳରେ ଚାମ୍ପିୟନଶିପ୍‌ରେ ଏହି ମଙ୍ଗଳବାର ଭାରତ ପାଇଁ ସ୍ମରଣୀୟ ହୋଇ ରହିବ। ବିଶ୍ୱରେକର୍ଡ ଅଧିକାରିଣୀ ସାମରା ଫାଇନାଲରେ ୪୫୯.୨ ସ୍କୋର ସହ ଚାଇନାର ୟାଙ୍ଗ୍ ୟୁଜି (୪୫୮.୮)ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିବା ବେଳେ ସାମରା, ଷ୍ଟଲୱାର୍ଟ ଅଞ୍ଜୁମ ମୋଦଗିଲ ଓ ଆଶି ଚୋକ୍‌ସି ଏଗ୍ରିଗେଟ୍ ୧୭୫୩ ପଏଣ୍ଟ ସହ ପୋଡିୟମ ଶୀର୍ଷରେ ରହି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସାମରାଙ୍କର ଏହା ହେଉଛି ଚତୁର୍ଥ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ। କ୍ୱାଲିଫାଇଂରେ ସେ ୫୮୯ ସ୍କୋର ସହ ନମ୍ବର-୧ ସ୍ଥାନରେ ରହିଥିଲେ।



ସିଫ୍ଟ କୌର

ଅନ୍ୟ ଜଣେ ଭାରତୀୟ ଶ୍ରୀୟଙ୍କା ଷଡ଼ଙ୍ଗୀ କ୍ୱାଲିଫିକେଶନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମାତ୍ର ସେ 'ର୍‍ୟାଙ୍କିଙ୍ଗ ପଏଣ୍ଟ ଓନ୍‌ଲି'(ଆରପିଓ) ପାଇଁ ଭାଗ ନେଇଥିବାରୁ ଫାଇନାଲ ପାଇଁ ଯୋଗ୍ୟ ନ ଥିଲେ। ନିୟମାନୁସାରେ ଆରପିଓ ଶୁଟରମାନେ ପଦକ ପାଇଁ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ସାମରା ନିଲିଙ୍ଗ୍ ଓ ପ୍ରୋନ୍ ପୋଜିଶନରେ ୧୫୧.୦. ୧୫୬.୨ ସ୍କୋର କରିଥିଲେ। ଷ୍ଟାଣ୍ଡିଂ-ଏଲିମିନେଶନ ରାଉଣ୍ଡରେ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ମାତ୍ର ସେ ଭାରତୀୟ ଶୁଟରଙ୍କଠାରୁ ୦.୪ ପଏଣ୍ଟ ପଛରେ ରହିଥିଲେ। ଜାପାନର ନୋବାତା ମିସାକି (୪୪୮.୨) ବ୍ରୋଞ୍ଜ ପଦକ ପାଇଥିଲେ। ଚୋକ୍‌ସି ଚତୁର୍ଥ ସ୍ଥାନ ଅଧିକାର କରି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ସେ ୪୦୨.୮ ପଏଣ୍ଟ ସହ ୭ମ ହୋଇଥିଲେ। ୪୧ଜଣ ଦକ୍ଷ ଶୁଟରଙ୍କୁ ନେଇ ପ୍ରତିଯୋଗିତାରେ ଦୁଇଥର ଅଲିମ୍ପିଆନ ଅଞ୍ଜୁମ ୨୨ତମ ସ୍ଥାନରେ ରହିଥିଲେ। ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଟିମ୍ ଇଭେଣ୍ଟରେ ସାମରା ୫୮୯ ସ୍କୋର କରିଥିବା ବେଳେ ଆଶି ୫୮୬ ଏବଂ ଅଞ୍ଜୁମ ୫୭୮ ସ୍କୋର କରି ଜାପାନ (୧୭୫୦) ଓ ଦକ୍ଷିଣ କୋରିଆ (୧୭୪୫)ଠାରୁ ଆଗରେ ରହିଥିଲେ। ସୋମବାର ଜାତୀୟ କ୍ରୀଡ଼ା ଚାମ୍ପିୟନ ନୀରୁ ଧଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତିଥିଲେ।

**ଏସିଆ କପ୍**

# ଭାରତୀୟ ବଂଶୋଦ୍ଭବ ଯତୀନ୍ଦରଙ୍କୁ ଓମାନ ଦଳର ନେତୃତ୍ୱ

ଦୁବାଇ, ୨୬।୮

ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ ଲାଗି ୧୭ ଜଣିଆ ଓମାନ ଦଳ ଘୋଷଣା କରାଯାଇଛି। ଭାରତୀୟ ବଂଶୋଦ୍ଭବ ଯତୀନ୍ଦର ସିଂଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଓମାନ ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ ଓ ୟୁଏଇ ସହ ସ୍ଥାନ ପାଇଛି। ଗତ ବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ଖେଳିଥିବା ଓମାନ ଦଳରେ ଖୁବ୍ ପରିବର୍ତ୍ତନ କରାଯାଇଛି। ଦଳରେ ନୂଆ ଚେହେରା ଭାବେ ସୁଫ୍ୟାନ ୟୁସୁଫ, ଜିକ୍ରିୟା ଇସ୍ଲାମ, ଫୈଜଲ ଶାହ ଓ ନଦୀମ ଖାନ୍‌ଙ୍କୁ ସାମିଲ କରାଯାଇଛି। ଲୁଧିଆନାରେ ଜନ୍ମିତ ଯତୀନ୍ଦର ଏପର୍ଯ୍ୟନ୍ତ ଓମାନ ପାଇଁ ୩୯ଟି ଟି୨୦ ଓ ୩୩ ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

# ସର୍ଫରାଜଙ୍କ କ୍ରମାଗତ ଦ୍ୱିତୀୟ ଶତକ

ଚେନ୍ନାଇ, ୨୬।୮

ଭାରତୀୟ ଦଳର ଟେଷ୍ଟ ସିଜନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ବ୍ୟାଟର ସର୍ଫରାଜ ଖାନ କ୍ରମାଗତ ଶତକ ହାସଲ କରି ଫୁଲ ଫର୍ମରେ ଥିବା ଦର୍ଶାଇଛନ୍ତି। ହରିୟାଣା ବିପକ୍ଷରେ ଖେଳାଯାଉଥିବା ତୃତୀୟ ତଥା ଅନ୍ତିମ ବୁଚି ବାବୁ ଟୁର୍ନାମେଣ୍ଟର ମ୍ୟାଚ୍‌ରେ ସର୍ଫରାଜ ୧୦୯ ବଲରେ ୧୦୯ ରନର ଅପରାଜିତ ଇନିଂସ ଖେଳିଛନ୍ତି। ତାଙ୍କ ଇନିଂସରେ ୯ ଚୌକା ଓ ୫ ଛକା ସାମିଲ ଥିଲା।

# ୩୯ ପଦକ ସହ ଓଡ଼ିଶା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୨୬।୮ (ବିଜୟ ରଣା)

**ଜାତୀୟ ଶକ୍ତିଉତ୍ତୋଳନ**

ଝାଡଖଣ୍ଡ ରାଜ୍ୟର ଜାମଶେଦପୁରଠାରେ ଜାତୀୟ ସିନିୟର ଶକ୍ତିଉତ୍ତୋଳନ ଏବଂ ବେଞ୍ଚ୍‌ପ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୪୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡିଶା ଦଳ ଏହି ପ୍ରତିଯୋଗିତାରେ ୨୩ ସ୍ୱର୍ଣ୍ଣ, ୯ରୌପ୍ୟ, ୭ ବ୍ରୋଞ୍ଜ ପଦକ ସମେତ ମୋଟ ୩୯ଟି ପଦକ ହାସଲ କରି ଦଳଗତ ଚାମ୍ପିୟନ ହୋଇପାରିଛି। ସୁନ୍ଦରଗଡ଼ ଜିଲାର ବନାନୀ ବିଶ୍ୱାସ ମହିଳା ବର୍ଗରେ ଜାତୀୟ ଷ୍ଟ୍ରଙ୍ଗ ଓମେନ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଦଳ।

**ବୁଚି ବାବୁ କ୍ରିକେଟ୍**

# ଧୂପରଙ୍କ ଶତକ: ଓଡ଼ିଶା ୩୧୪

ଭୁବନେଶ୍ୱର, ୨୬।୮ (ଅନାଦି କର): ଚେନ୍ନାଇରେ ଚାଲିଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଓଡ଼ିଶା ତୃତୀୟ ମ୍ୟାଚ୍‌ରେ ଜମ୍ମୁ-କଶ୍ମୀରକୁ ଭେଟିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିନ ୮୭.୫ ଓଭରରେ ୩୧୪ ରନ କରି ଅଲଆଉଟ୍ ହୋଇଯାଇଛି। ଦଳ ପାଇଁ ରାଜେଶ ଧୂପର ୧୦୪ ରନର ଶତକୀୟ ପାଳି ଖେଳିଥିବାବେଳେ ଗୋବିନ୍ଦ ପୋଦାର ୭୪ ଓ କାର୍ତ୍ତିକ ବିଶ୍ୱାଲ ୫୩ ରନ କରିଥିଲେ। ପ୍ରତିପକ୍ଷ ଜମ୍ମୁ-କଶ୍ମୀର ପାଇଁ ବଂଶଜ ଶର୍ମା ଓ ଆବିଦ ମୁସ୍ତାକ ୪ ଲେଖାଏ ଉଇକେଟ ନେଇଥିଲେ।

**ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍**

# କୋଚିଂ କ୍ୟାମ୍ପରେ ୯ ଓଡ଼ିଆ

ଭୁବନେଶ୍ୱର, ୨୬।୮ (ଅନାଦି କର): କ୍ରିକେଟ୍ ଆସୋସିଏଶନ୍ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାବି) ଓ ସମର୍ଥନମ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଏକ ୧୨ ଦିନିଆ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଯାଇଛି। ଏହି କ୍ୟାମ୍ପରେ ୫୬ ଦୃଷ୍ଟି ବାଧିତା ମହିଳା କ୍ରିକେଟରଙ୍କୁ ଆସନ୍ତା ନଭେମ୍ବରରେ ହେବାକୁ ଥିବା ଉଦ୍‌ଘାଟନୀ ମହିଳା ଟି୨୦ ବିଶ୍ୱକପ୍ ଲାଗି ପ୍ରଶିକ୍ଷଣ ପ୍ରଦାନ କରାଯିବ। କ୍ୟାମ୍ପରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ୯ ଓଡ଼ିଆ ରହିଛନ୍ତି। ସେମାନେ ହେଲେ ମାମିନା ନାୟକ, ପଦ୍ମିନୀ ଗୁଡ୍ଡୁ, ଜମୁନାରାଣୀ ଗୁଡ୍ଡୁ, ରଚନା ଜେନା, ପାର୍ବତୀ ମାର୍ଣ୍ଡି, ବାସନ୍ତୀ ହାଂସଦା, ସୁକାନ୍ତି ଦଳପତି, ଫୁଲ ସରେନ, ଝିଲି ବିରୁଆ।

**ହକି ଏସିଆ କପ୍**

# ମାଗଣା ଦେଖି ପାରିବେ ଦର୍ଶକ

ରାଜଗିର୍, ୨୬।୮ (ପି.ଟି.)

ଏସିଆ କପ୍ ହକି ପ୍ରତିଯୋଗିତା ଅଗଷ୍ଟ ୨୯ରୁ ଆରମ୍ଭ ହେଉଛି। ଖେଳ ଦେଖିବାକୁ ଦର୍ଶକଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଖେଳପ୍ରେମୀଙ୍କୁ ଡବ୍ଲ୍ୟୁଡବ୍ଲ୍ୟୁ ଡଟ୍, ଟିକେଟଜେନି ଡଟ୍ ଇନ୍ କିମ୍ବା ହକି ଇଣ୍ଡିଆ ଆପ୍‌ର ସହାୟତାରେ ଭର୍ଚୁଆଲ ଟିକେଟ ସଂଗ୍ରହ କରିବାକୁ ପଡ଼ିବ। ହିରୋ ପୁରୁଷ ଏସିଆ କପ୍‌ରେ ଭାରତ, ଜାପାନ, ଚାଇନା, କାଜାଖସ୍ତାନ, ମାଲେସିଆ, କୋରିଆ, ବାଂଲାଦେଶ ଓ ଚାଇନିଜ ତାଇପେ ଭାଗନେବେ। ଇଭେଣ୍ଟକୁ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ବିବେଚନା କରାଯାଉଛି।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Wanted suitable bride for Handsome (41,11/5) Khandayat Divorcee, B.tech, MBA working in MNC at Bangalore in high position. Father retired Government Servant based at Bhubaneswar. Tel.- 7077277888. D-76078

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଅବଶ୍ୟକ। **7326056138.** D-1714


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

Commercial cum residential Plot, Gharabari with Compound wall touching to N.H 316 road(Nakhara to Niali) 10km from Nakhara & 15km to Bhubaneswar 80x30= 2400sft high land from road level @2750/- persft. 7809525452. D-76485




5-Story Building for Rent Approx 10,000sqft./- Palasuni, Bhubaneswar Spacious 1BHK & 2BHK units available. Ideal Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 7205010464. D-1762




Newly open Jyoti Spa positively heath benefits (Expert therapist). Contact- 8458067955. D-76933

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 17.06.2025, I SRI BULU GOUDA, Manish Khala, BJB Nagar, Badagada, PIN- 751014, declare that I have changed the name of my son's NAME FROM SAI GOUDA to CHITA RANJAN GOUDA. Henceforth, he shall be known as CHITA RANJAN GOUDA for all purposes. SRI BULU GOUDA, FATHER OF MINOR SAI GOUDA. D-1764

By virtue of an affidavit before Notary Public, Kantabanji bearing No.- 2150 on 26.08.2025 that before marriage I known as Chumki Jhankar, D/o- Harsa Jhankar which is mentioned in my Bank account and Aadhaar Card, after marriage to Aman Jani I known as Chumki Jani, W/o- Aman Jani of Village/P.O.- Khagsa, P.S.- Kantabanji, Dist.- Balangir (Odisha) which is also updated in my Aadhaar Card whereas Chumki Jhankar and Chumki Jani, W/o-Aman Jani is same and one person. D-1765

By virtue of an affidavit sworn before Executive Magistrate, Bhubaneswar, dated 08.08.25, I, PRACHI PRATYUSHEE, Address: E- 302, Basant Villa, Bomikhal declare that I have changed my name from Aj Prachi Pratyushee to Prachi Pratyushee. Henceforth, I shall be known as Prachi Pratyushee for all purposes.
Prachi Pratyushee D-1766


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By virtue of an affidavit regd. No.- 2310, before the Executive Magistrate, Bari on dated- 25.08.2025 I, KADAMBINI SWAIN, W/o- SUSANT KUMAR NAYAK, At/P.O.- Madhusudanpur, P.S.- Binjharpur, Dist.- Jajpur, PIN- 755004 declare that I have changed my minor son's name from SATYASUNDAR NAYAK to SOUMYA RANJAN NAYAK. Henceforth, he will known as SOUMYA RANJAN NAYAK for all purpose. D-1751

By virtue of an affidavit sworn before Executive Magistrate, Baripada, Mayurbhanj, date 10.05.2025, I, Sura Sing, Address/ At- Astia, P.O.- Baunshada, P.S.- Jharpokharia, Dist.- Mayurbhanj, PIN- 757031 declare that I have changed the name of my daughter from Mancinin Sing to Nandini Sing. Henceforth, she shall be known as Nandini Sing for all purpose.
Sura Sing D-1763

By virtue of an affidavit No.- 76AA272895, dt.- 20.08.25, I, Rashmi Ranjan Swain, S/o- Late Prafulla Kumar Swain, Vill- Orei, P.S.- Konark, Dist.- Puri, PIN- 752116 declare that I have changed my name from Rashmi Ranjan Swain to Rasmi Ranjan Swain. Now I am identified as Rasmi Ranjan Swain in all official documents. Rashmi Ranjan Swain and Rasmi Ranjan Swain both are same and one person.
Rasmi Ranjan Swain D-1761

**LEGAL NOTICE**

**उत्तराधिकार प्रमाण पत्र की प्राप्ति हेतु**
**( आदेश - 5, नियम-20 एवं 151 व्यवहार प्रक्रिया संहिता )**
**न्यायालय:- भूपेश कुमार बसंत, द्वितीय व्यवहार न्यायाधीश वरिष्ठ श्रेणी, रायपुर छ.ग.**

उत्तराधिकार प्र.क. - 29 / 2025 प्रो०क० 677 पेशी तारीख 26.08.2025
श्रीमती रत्ना ओग्रे वगै.
- आवेदकगण
-बनाम-
आम जनता वगै.
-अनावेदकगण

प्रति,
**आम जनता जिसका इस केस से संबंध हो अनावेदकगण**

जो कि आवेदकगण के मृतक पति / पिता अमरजीत सिंग सलूजा के संबंध में उत्तराधिकार प्रमाण पत्र प्राप्ति हेतु इस न्यायालय में पेशी 26.09.2025 को दिन प्रात: 11 बजे दावे का उत्तर देने के लिए उपसंजात हाजिर होने के लिए समंस किया जाता है।
आप इस न्यायालय में स्वयं या किसी ऐसे प्लीडर द्वारा उपसंजात हो सकते है जिसके सम्यक अनुदेश दिये गये हो और जो इस वाद से संबंधित सभी सारवान प्रश्नों का उत्तर दे सकें। आपको यह भी निर्देश दिया जाता है कि आप उस दिन सभी दस्तावेजों को प्रस्तुत करें जिस पर आपकी प्रतिरक्षा या प्रतिदावा आधारित है।
अत: आप उपर बताई गई तारीख को इस न्यायालय में हाजिर नहीं होंगे तो दावे की सुनवाई और उसका निपटारा आपकी अनुपस्थिति में किया जावेगा ।
नोट :- यदि किसी कारणवश आगामी तिथि को अवकाश हो जाता है या कार्य स्थगित हो जाता है या पीठासीन अधिकारी अवकाश पर हो तो प्रकरण की सुनवाई ठीक अगले कार्य दिवस पर किया जावेगा।
यह आज तारीख 20.08.2025 को मेरे हस्ताक्षर से अधिकरण की मुद्रा लगा कर दिया गया है।
रायपुर छ०ग०
दिनांक 20.08.2025
(भूपेश कुमार बसत)
द्वितीय व्यवहार न्यायाधीश वरिष्ठ श्रेणी, रायपुर (छ. ग.)
D-1768

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଚିତ୍ରାନନ୍ଦ ନନ୍ଦ**

ନିମାପଡ଼ା ପୂର୍ଣ୍ଣେଶ୍ୱରୀ ସାହି, ନିମାପଡ଼ା, ପୁରୀ
ଆବିର୍ଭାବ: ଡା୦୨।୦୧।୧୯୪୪
ତିରୋଧାନ: ଡା୦୫।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଆପଣଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଆପଣଙ୍କର ପୁତ୍ର ସତ୍ୟନାରାୟଣ, ଜୟନାରାୟଣ, ପୁତ୍ରବଧୂ ବିଷ୍ଣୁପ୍ରିୟା, ଜୟନ୍ତୀ ଓ ପରିବାରବର୍ଗ।
ଧ-୧୭୬୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଧିକ ଅମଳକ୍ଷମ ଟମାଟୋ ବିହନ



**ଅ**ଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨, ନୀଳାଦ୍ରି,ସଦାବାହାର,ମାଧୁରୀ, ମହାରଥି,ମର୍ନିସନ୍,ରଶ୍ମି,ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X-୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ପନିପରିବା ଚାଷ କରୁଥିଲେ...



**ଉ**ଚ୍ଚ ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସାକରି ଘାସ ବାଛି ସାର ଦିଅନ୍ତୁ। ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକି ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର୍ ଅକ୍ସିକ୍ଲୋରାଇଡ୍ (୧ ଲିଟର ପାଣିରେ ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତ କରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।

# ଫସଲ ଉତ୍ପାଦନରେ କ୍ଲୋରିନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

''ମାଟିରେ କ୍ଲୋରାଇଡ୍ ଅସ୍ଥାୟୀ । ଏହା ପାଣିରେ ଦ୍ରବୀଭୂତ । ଏହା ଶୀଘ୍ର ଧୋଇହୋଇ ଭୂଗର୍ଭକୁ ଚାଲିଯାଏ । ବାଷ୍ପୀକରଣ ପ୍ରକ୍ରିୟା ଦ୍ୱାରା ଦ୍ରବୀଭୂତ କ୍ଲୋରାଇଡ୍ ଭୂପୃଷ୍ଠକୁ ଶୀଘ୍ର ଆସିଥାଏ । ଏହାବ୍ୟତୀତ ଭୂତଳ ଜଳସ୍ତର ବଢ଼ିଲେ ମାଟିର କୌଶିକ ଛିଦ୍ର ଦେଇ କ୍ଲୋରାଇଡ୍ ଭୂପୃଷ୍ଠକୁ ଆସିଥାଏ । ସମୁଦ୍ର, ହ୍ରଦ ଏବଂ ନଦୀକୂଳ ମାଟିରେ କ୍ଲୋରାଇଡ୍, ସୋଡିୟମ ଏବଂ ପୋଟାସିୟମ ସହ ମିଶି ସୋଡିୟମକ୍ଲୋରାଇଡ୍ (ଖାଇବାଲୁଣ) ଏବଂ ପୋଟାସିୟମ କ୍ଲୋରାଇଡ୍ ଆକାରରେ ଅଧିକ ଥାଏ । ଚେର ମାଧ୍ୟମରେ ଫସଲ କ୍ଲୋରାଇଡ୍‌କୁ ଗ୍ରହଣ କରେ । ପୋଟାସିୟମ କ୍ଲୋରାଇଡ୍ ସାର ଭାବେ ଫସଲ ପାଇଁ ବ୍ୟବହାର କରାଯାଏ । ବଜାରରେ ପୋଟାସିୟମ୍ କ୍ଲୋରାଇଡ୍ ମ୍ୟୁରେଟ ଅଫ୍ ପଟାସ୍ ନାମରେ ବିକ୍ରି ହୁଏ ।''



**ଫ**ସଲର ୮ଗୋଟି ଅଣୁଖାଦ୍ୟ ଉପାଦାନ ମଧ୍ୟରୁ କ୍ଲୋରିନ୍‌ର ସ୍ଥାନ ୭ ନମ୍ବର। ବ୍ରୟର ଆଦି ୪ ଜଣ ଆମେରିକୀୟ ଉଦ୍ଭିଦ ଶରୀରତତ୍ତ୍ୱବିତ୍ ୧୯୫୪ ମସିହାରେ ବିଭିନ୍ନ ପରୀକ୍ଷା ନିରୀକ୍ଷାକରି ପ୍ରମାଣକଲେ ଯେ କ୍ଲୋରିନ୍ ଫସଲ ପାଇଁ ଏକ ଅଣୁଖାଦ୍ୟ ଉପାଦାନ। କ୍ଲୋରିନ୍ ଏକ ଗ୍ୟାସ୍ । ଫସଲ ଏହାକୁ ସିଧାସଳଖ ଗ୍ୟାସ୍ ଭାବେ ଗ୍ରହଣ କରିପାରେ ନାହିଁ । ଫସଲ କ୍ଲୋରିନ୍‌କୁ କ୍ଲୋରାଇଡ୍ ମାଧ୍ୟମରେ ଆନୟନ ଭାବେ ଗ୍ରହଣ କରେ । ଉଦ୍ଭିଦ ଶରୀରରେ କ୍ଲୋରାଇଡ୍ ରାସାୟିନକ ବିଭାଜନ ଘଟି କ୍ଲୋରିନ୍ ନିର୍ଗତ ହୋଇଥାଏ । କ୍ଲୋରାଇଡ୍ ଆନୟନ ସୋଡିୟମ କିମ୍ବା ପୋଟାସିୟମ କାଟାୟନ ସହ ସଂଲଗ୍ନ ହୋଇ ରହିଥାଏ। ସୋଡିୟମ କିମ୍ବା ପୋଟାସିୟମ କ୍ଲୋରାଇଡ୍ ଧାତବ ଲବଣରୁ ଫସଲ କ୍ଲୋରିନ୍ ପାଇଥାଏ।

ଫସଲ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ସମୟରେ ଅଙ୍ଗାରକ୍ଳାମ ବାଷ୍ପ ବାୟୁମଣ୍ଡଳରୁ ଗ୍ରହଣକରି ଅମ୍ଳଜାନ ବାଷ୍ପ ତ୍ୟାଗ କରିଥାଏ । ଏହି ସମୟରେ କ୍ଲୋରିନ୍ ଅମ୍ଳଜାନ ବାଷ୍ପ ବାୟୁମଣ୍ଡଳକୁ ନିଷ୍କାସନ କରିବାର ତୀବ୍ରତା ବଢ଼ାଇବାରେ ସାହାଯ୍ୟକରି ଗଛର ଅଭିବୃଦ୍ଧି ଘଟାଏ । ଗଛର କୋଷରେ ଭ୍ୟାକୁଲ ବା ରସଧାନୀ ନାମକ ଏକ ଅଙ୍ଗରେ ଏକ ତରଳ ଜୈବିକ ପଦାର୍ଥ ଥାଏ । ରସଧାନୀରେ ଉକ୍ତ ତରଳ ପଦାର୍ଥ କମିଗଲେ, ଫସଲ ଶୁଷ୍କ ଦେଖାଯାଏ । କ୍ଲୋରିନ୍ ରସଧାନୀରେ ଉକ୍ତ ଜୈବିକ ତରଳ ପଦାର୍ଥକୁ ସର୍ବଦା ପରିପୂର୍ଣ୍ଣ କରିବାରେ ସାହାଯ୍ୟ କରେ। ଫସଲ ମଞ୍ଜିରେ କ୍ଲୋରିନ୍ ରହି ମଞ୍ଜିକୁ ପରିପକ୍ୱ କରିବାରେ ସାହାଯ୍ୟ କରିଥାଏ। ଫସଲରେ ଥିବା ବିବିଧ ଏନ୍‌ଜାଇମ୍‌କୁ କ୍ଲୋରିନ୍ କାର୍ଯ୍ୟକାରୀ କରେ । ଫସଲରେ ଥିବା ଇଣ୍ଡୋଲଏସିଟିକ୍ ଅମ୍ଳ ନାମକ ହରମୋନକୁ କ୍ରିୟାଶୀଳ କରି ଫସଲର ଅଭିବୃଦ୍ଧି ଘଟାଇବା କ୍ଲୋରିନ୍‌ର ଅନ୍ୟ ଏକ କାମ । ଫଳରେ ମଞ୍ଜି ସୃଷ୍ଟିହେବା ସମୟରେ, ମଞ୍ଜିରେ କ୍ଲୋରିନ୍‌ର ହିମିକୁ ପରିପୁଷ୍ଟ କରେ । ଏହାଦ୍ୱାରା ମଞ୍ଜି ଶତପ୍ରତିଶତ ଗଜା ହୁଏ। କ୍ଲୋରିନ୍, ମାଟିରେ ଥିବା ଉପକାରୀ ଅଣୁଜୀବମାନଙ୍କର କାର୍ଯ୍ୟଦକ୍ଷତାକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ।

କ୍ଲୋରିନ୍ ଅଭାବରେ ଗଛର ପତ୍ର ତମ୍ବା ଧାତୁର ରଙ୍ଗ ପରି ଦେଖାଯାଏ। କେତେକ ଗଛର ପତ୍ରରେ ପୋଡ଼ା ଦାଗମାନ ଦେଖାଯାଏ । କ୍ଲୋରିନ୍ ଅଭାବରେ ନଡ଼ିଆର ପାଣି ପରିମାଣ କମିଯାଏ । ନଡ଼ିଆ ପାଣିର ସ୍ୱାଦ ମିଠା ନ ହୋଇ ଖାରିଆ ଲାଗେ । ନଡ଼ିଆ ଗୋଟାମା ଛୋଟ ହୁଏ ଏବଂ ଅସମୟରେ ଝଡ଼ି ପଡ଼େ । ନଡ଼ିଆ ପରି ଗୁଆ ଏବଂ ଲଙ୍କା ଆମ୍ବର ଆକାର ଛୋଟ ହୁଏ।

ମାଟିରେ କ୍ଲୋରାଇଡ୍ ଅସ୍ଥାୟୀ । ଏହା ପାଣିରେ ଦ୍ରବୀଭୂତ । ଏହା ଶୀଘ୍ର ଧୋଇହୋଇ ଭୂଗର୍ଭକୁ ଚାଲିଯାଏ। ବାଷ୍ପୀକରଣ ପ୍ରକ୍ରିୟା ଦ୍ୱାରା ଦ୍ରବୀଭୂତ କ୍ଲୋରାଇଡ୍ ଭୂପୃଷ୍ଠକୁ ଶୀଘ୍ର ଆସିଥାଏ । ଏହାବ୍ୟତୀତ ଭୂତଳର ଜଳସ୍ତର ବଢ଼ିଲେ ମାଟିର କୌଶିକ ଛିଦ୍ର ଦେଇ କ୍ଲୋରାଇଡ୍ ଭୂପୃଷ୍ଠକୁ ଆସିଥାଏ । ସମୁଦ୍ର, ହ୍ରଦ ଏବଂ ନଦୀକୂଳ ମାଟିରେ କ୍ଲୋରାଇଡ୍, ସୋଡିୟମ ଏବଂ ପୋଟାସିୟମ ସହ ମିଶି ସୋଡିୟମକ୍ଲୋରାଇଡ୍ (ଖାଇବାଲୁଣ) ଏବଂ ପୋଟାସିୟମ କ୍ଲୋରାଇଡ୍ ଆକାରରେ ଅଧିକ ଥାଏ । ଚେର ମାଧ୍ୟମରେ ଫସଲ କ୍ଲୋରାଇଡ୍‌କୁ ଗ୍ରହଣ କରେ । ପୋଟାସିୟମ କ୍ଲୋରାଇଡ୍ ସାର ଭାବେ ଫସଲ ପାଇଁ ବ୍ୟବହାର କରାଯାଏ। ବଜାରରେ ପୋଟାସିୟମ୍ କ୍ଲୋରାଇଡ୍ ମ୍ୟୁରେଟ ଅଫ୍ ପଟାସ୍ ନାମରେ ବିକ୍ରି ହୁଏ। କିନ୍ତୁ ସୋଡିୟମ କ୍ଲୋରାଇଡ୍ ବା ଖାଇବାଲୁଣ ଫସଲ ପାଇଁ କ୍ଷତିକାରକ । ସମୁଦ୍ର ଏବଂ ନଦୀକୂଳ ମାଟିରୁ ଫସଲ ଅଧିକ କ୍ଲୋରାଇଡ୍ ପାଇଥାଏ। ଏହାବ୍ୟତୀତ ସବୁ ଫସଲ ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ସହ ପୋଟାସିୟମ ଅଧିକ ଆବଶ୍ୟକ କରିଥାଏ, ଏହାଦ୍ୱାରା ଫସଲ ପୋଟାସିୟମ କ୍ଲୋରାଇଡ୍ ମାଧ୍ୟମରେ କ୍ଲୋରିନ୍ ପାଇଥାଏ । ମାତ୍ରାଧିକ କ୍ଲୋରାଇଡ୍ ଚାହୁଁଥିବା ଫସଲ ମଧ୍ୟରେ ନଡ଼ିଆ, ତାଳ, ଗୁଆ, ଲଙ୍କାଆମ୍ବ ଆଦି ମୁଖ୍ୟ । ଏହିସବୁ ଫସଲରେ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ ହେଲେ ମଧ୍ୟ ସମୟେ ସମୟେ କ୍ଲୋରାଇଡ୍‌ର ଅଭାବ ଦେଖାଯାଏ। ଉପରୋକ୍ତ ଫସଲରେ ଏକ ସମୟରେ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ ନ କରି ୪ ମାସ ଅନ୍ତରରେ ୨ଥରରେ ପୋଟାସିୟମ କ୍ଲୋରାଇଡ୍‌କୁ ଉପରୋକ୍ତ ଗଛରମୂଳଠାରୁ ୩ ଫୁଟ ଦୂରରେ ୧୦ ଇଞ୍ଚ ଗଭୀରରେ ମନ୍ଦା କରି ୫୦୦ ଗ୍ରାମ ଖତ ମିଶାଇ ପ୍ରୟୋଗ କରିବା ଉଚିତ। ଜୁନ୍ ଏବଂ ସେପ୍ଟେମ୍ବର ମାସ, ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗର ଉତ୍କୃଷ୍ଟ ସମୟ ।

ଆଭ୍ୟନ୍ତରୀଣ ଜିଲାରେ କ୍ଲୋରାଇଡ୍ ଅଭାବରେ ନଡ଼ିଆ ଗଛ ଭଲ ବଢ଼ିପାରେ ନାହିଁ । କ୍ଲୋରାଇଡ୍ ଅଭାବ ଦୂର ପାଇଁ କେତେଜଣ ଚାଷୀ ନଡ଼ିଆ ଗଛ ମୂଳରେ ସୋଡିୟମ କ୍ଲୋରାଇଡ୍ ବା ଲୁଣ ପ୍ରୟୋଗ କରିଥାନ୍ତି। ଅବଶ୍ୟ ଲୁଣ ମାଟିକୁ ଶୋଧନକରେ । ନଡ଼ିଆ ଚାରାମୂଳରେ ଅଧିକାଂଶ ସମୟରେ ଉଇ ଲାଗିଥାଏ। ଲୁଣ ଚାରାକୁ ଉଇ ଆକ୍ରମଣରୁ ରକ୍ଷାକରେ। କିନ୍ତୁ ଚାରା ପ୍ରତି ଏହା କ୍ଷତିକାରକ । ଉଇ ପ୍ରତିକାର ପାଇଁ ଚାରା ମୂଳରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରାଯାଇ ପାରେ । ନଡ଼ିଆ ଚାରା ରୋପଣ ସମୟରେ ଲୁଣ ବଦଳରେ ପୋଟାସିୟମ କ୍ଲୋରାଇଡ୍ ବା ମୁରେଟ୍ ଅଫ୍ ପଟାସକୁ ଚାରା ପ୍ରତି ୨୦୦ ରୁ ୨୫୦ ଗ୍ରାମ ପ୍ରୟୋଗ କରିବା ଉଚିତ୍। ଏହାସହ ଡିଏପି ସାର ୮୦ ଗ୍ରାମରୁ ୧୦୦ ଗ୍ରାମ ପର୍ଯ୍ୟନ୍ତ ପ୍ରୟୋଗ କରାଯାଏ । ଏହାବ୍ୟତୀତ ବର୍ଷରେ ଦୁଇଥର ଅର୍ଥାତ୍, ଜୁନ୍ ଏବଂ ସେପ୍ଟେମ୍ବର ମାସରେ ନଡ଼ିଆ ଗଛ ମୂଳରେ ପ୍ରତିବର୍ଷ ଯବକ୍ଷାରଯାନ ଏବଂ ଫସ୍‌ଫରସ୍ ସହିତ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରାଯାଏ। ପ୍ରତିବର୍ଷ ପୋଟାସିୟମ କ୍ଲୋରାଇଡ୍‌ର ପରିମାଣ ବଢ଼ାଯାଏ । ପ୍ରଥମ ବର୍ଷ ୨୧୬ ଗ୍ରାମ, ଦ୍ୱିତୀୟବର୍ଷ ୪୪୫ ଗ୍ରାମ, ତୃତୀୟବର୍ଷ ୮୬୫ଗ୍ରାମ ଏବଂ ଚତୁର୍ଥ ବର୍ଷ ୧୨୮୦ ଗ୍ରାମ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରାଯାଏ । ପଞ୍ଚମ ବର୍ଷଠାରୁ ପ୍ରତିବର୍ଷ ୨ କିଲୋଗ୍ରାମ ପୋଟାସିୟମ କ୍ଲୋରାଇଡ୍‌କୁ ୨ ଭାଗକରି ଜୁନ୍ ଏବଂ ସେପ୍ଟେମ୍ବର ମାସରେ ପ୍ରୟୋଗ କରିବା ଉଚିତ । ସେହିପରି ଗୁଆ ଗଛ ମୂଳରେ ପ୍ରତିବର୍ଷ ୧୦ କିଲୋ ଗୋବରଖତ ସହ ୨୫୦ ଗ୍ରାମ ପୋଟାସିୟମ କ୍ଲୋରାଇଡ୍ ଦୁଇଥରରେ ଅର୍ଥାତ୍ ଜୁନ୍ ଏବଂ ସେପ୍ଟେମ୍ବରରେ ପ୍ରୟୋଗ କରାଯାଏ । ଲଙ୍କାଆମ୍ବ ଗଛରେ ପ୍ରଥମ ବର୍ଷ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରା ନ ଯାଇ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବର୍ଷ ଯଥାକ୍ରମେ ୧୦୦,୨୦୦ ଏବଂ ୨୫୦ଗ୍ରାମ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରାଯାଏ। ଏହାସହ ପ୍ରତିବର୍ଷ ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ପାଇଁ ଅନୁମୋଦିତ ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ପ୍ରୟୋଗ କରିବାକୁ ପଡିବ ।



ନଡ଼ିଆ, ଗୁଆ ଏବଂ ଲଙ୍କାଆମ୍ବ ଚାଷୀ ଉପରୋକ୍ତ ବୈଜ୍ଞାନିକ ପ୍ରଣାଳୀରେ ଚାଷକଲେ ଏହିସବୁ ଅର୍ଥକରୀ ଫସଲରୁ ଅଧିକ ଲାଭବାନ୍ ହେବେ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ଆଖୁଚାଷରେ ପୋକ ଦମନ




**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହାଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% + ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

# ଗୋଣି ରଖନ୍ତୁ




**ବ**ର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗୋରୁ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ସମ୍ଭାବନା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ହାଇବ୍ରିଡ୍ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ। ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋ ଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ କୁକୁଡାଙ୍କୁ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ା ଘର ଭିତରକୁ ବର୍ଷା ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତ ଗୁଣ୍ଡ ପକାନ୍ତୁ।

# କପାଚାଷରେ କୋଡ଼ାଖୁସା



**କ**ପା ଚାଷ କରିଥିଲେ କୋଡ଼ାଖୁସାକରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପା ଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।

# ଡାଲିଜାତୀୟ ଫସଲ ୩ସପ୍ତାହର ହୋଇଯାଇଥିଲେ...



**ମୁ**ଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫସ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲ୍ୟୁପି + କାର୍ବେଣ୍ଡାଜିମ୍ ୧୨% ଡବ୍ଲ୍ୟୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଧାନଚାଷରେ ସାର ପ୍ରୟୋଗ

**ଢି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗକରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ- ଖଣ୍ଡଗିରି, ପାରିଜାତ, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୭/୨୦୨୫ Bhubaneswar, Wednesday, August 27/ 2025





# ଦ୍ୱିତୀୟ ରାଉଣ୍ଡରେ ଅଲକାରାଜ, ରୁଡ୍

**ନ୍ୟୁୟର୍କ,୨୬।୮**

ୱାର୍ଲ୍ଡ ନଂ-୨ ପୁରୁଷ ସିଙ୍ଗଲ୍ସ ଖେଳାଳି କର୍ଲୋସ ଅଲକାରାଜ ଚଳିତ ଟେନିସ୍ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ନବମ ସିଡ୍ କାରେନ ଖାଚାନୋଭ, ୧୧ତମ ସିଡ୍ ହୋଲଗର ରୁନ, ୧୨ତମ ସିଡ କାସ୍ପର ରୁଡ୍ ଓ ୧୫ତମ ସିଡ୍ ଆଣ୍ଡ୍ରେ ରୁବଲେଭ ମଧ୍ୟ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

**ୟୁଏସ୍ ଓପନ**

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡର ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଅଲକାରାଜ ୬-୪, ୭-୫, ୬-୪ ସେଟ୍‌ରେ ରେଲି ଓପେଲ୍କାଙ୍କୁ ପରାସ୍ତ କରିଛନ୍ତି। ତାଙ୍କ ଭଳି ଖାଚାନୋଭ ୬-୭(୫/୭), ୬-୩, ୭-୫, ୬-୧ ସେଟ୍‌ରେ ନିଶେଶ ବାସାଭାରେଡ୍ଡୀଙ୍କୁ, ରୁଡ୍ ୬-୧, ୬-୨, ୭-୬ (୭/୫) ସେଟ୍‌ରେ ସେବାଷ୍ଟିଆନ ଅଫନରଙ୍କୁ, ରୁବଲେଭ ୬-୪, ୬-୪, ୬-୪ ସେଟ୍‌ରେ ଡିନୋ ପ୍ରିଜମିକଙ୍କୁ, ୩୧ତମ ସିଡ୍ ଗାବ୍ରିଏଲ ଡିଆଲୋ ୭-୬(୭/୪), ୪-୬, ୭-୫, ୭-୫ ସେଟ୍‌ରେ ଡାମିର ଜୁମହୁରଙ୍କୁ, ରୁନ ୬-୩, ୭-୬ (୭/୪), ୭-୬ (୭/୨) ସେଟ୍‌ରେ ନେଦରଲାଣ୍ଡର ବୋଟିକ ଭାନ ଡି ଝଣ୍ଡସ୍କୁପଙ୍କୁ, ଫ୍ରାନ୍ସେସ ଟିଆଫୋ ୬-୩, ୭-୬ (୮/୬), ୬-୩ ସେଟ୍‌ରେ ୟୋଶିହିତୋ ନିଶିଓକାଙ୍କୁ, ଆମେରିକାର ଟ୍ରିଷ୍ଟାନ ବୟର ୬-୩, ୭-୫, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜେମ୍ସ ଡକଓ୍ୱର୍ଥଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ଶଟ୍ ଖେଳିବା ଅବସରରେ କାର୍ଲୋସ୍ ଅଲ୍‌କାରାଜ।

## ରାଉଣ୍ଡ-୨ରେ ଆଣ୍ଡ୍ରିଭା; ଭେନସ, ସ୍ୱିତୋଲିନା ବିଦା

ପଞ୍ଚମ ସିଡ୍ ମୀରା ଆଣ୍ଡ୍ରିଭା ଓ ୧୧ ତମ ସିଡ୍ କାରୋଲିନା ମୁଚୋଭା ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୭ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭେନସ ୱିଲିୟମ୍ସ ଓ ୧୨ତମ ସିଡ୍ ଏଲିନା ସ୍ୱିତୋଲିନା ପରାଜୟ ସହ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆଣ୍ଡ୍ରିଭା ୬-୦, ୬-୧ ସେଟ୍‌ରେ ଆଲିସିଆ ପାର୍କ୍ସଙ୍କୁ ଓ ମୁଚୋଭା ୬-୩, ୨-୬, ୬-୧ ସେଟ୍‌ରେ ଭେନସଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ସ୍ୱିତୋଲିନା ୨-୬, ୪-୬ ସେଟ୍‌ରେ ହଙ୍ଗେରୀର ଆନ୍ନା ବୋଣ୍ଡାରଙ୍କଠାରୁ ପରାସ୍ତ ହୋଇଥିବା ବେଳେ ମାରିଆ ସାକାରି ୬-୩, ୬-୨ ସେଟ୍‌ରେ ଟାଟଜାନା ମାରିଆଙ୍କୁ, ଏଲସା ଜ୍ୟାମେମୋଟ ୬-୪, ୬-୩ ସେଟ୍‌ରେ ମାରି ବୋଜକୋଭାଙ୍କୁ ଓ ୧୫ତମ ସିଡ୍ ଡାରିଆ କାସଟକିନା ୭-୫, ୬-୧ ସେଟ୍‌ରେ ଏଲେନା ଗାବ୍ରିଏଲା ରୁସେଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।



କୋର୍ଟରେ କ୍ୱିଟୋଭାଙ୍କୁ ସମ୍ମାନିତ କରାଯାଉଛି।

# ପେଟ୍ରା କ୍ୱିଟୋଭାଙ୍କ ଅବସର

**ନ୍ୟୁୟର୍କ,୨୬।୮**

ଦୁଇ ଥରର ୱିମ୍ବେଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ମଙ୍ଗଳବାର ୟୁଏସ୍ ଓପନର ପ୍ରଥମ ରାଉଣ୍ଡରେ ପରାଜୟ ପରେ ଟେନିସକୁ ବିଦାୟ ଜଣାଇଛନ୍ତି। ୩୫ ବର୍ଷୀୟ ଚେକ୍ ଗଣରାଜ୍ୟର ଖେଳାଳି ୧୭ ମାସର ମାତୃତ୍ୱ ଛୁଟି ପରେ ଚଳିତ ସିଜନରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ୱିମ୍ବେଲଡନ ଚାମ୍ପିୟନଶିପ୍ ପୂର୍ବରୁ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ କ୍ୟାରିୟର ଶେଷ କରିବେ ବୋଲି କହିଥିଲେ। ଦୁଇ ଦଶନ୍ଧି ଲମ୍ବା କ୍ୟାରିୟରରେ ସେ ମୋଟ ୩୧ଟି ଟାଇଟଲ ଜିତିଥିଲେ। ଏଥିରେ ୨୦୧୧ ଓ ୨୦୧୪ ୱିମ୍ବେଲଡନ ଟାଇଟଲ ସାମିଲ ରହିଛି। ସେ ୧-୬, ୦-୬ ସେଟ୍‌ରେ ଫ୍ରାନ୍ସର ଡିଆନ ପାରିଙ୍କଠାରୁ ପରାଜିତ ହେବା ପରେ କାନ୍ଦି ପକାଇଥିଲେ। ତାଙ୍କୁ କୋର୍ଟରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଜ୍ଞାନନ୍ଦ ମିଳିତ ଅଗ୍ରଣୀ

**ସେଣ୍ଟ ଲୁଇସ୍, ୨୬।୮ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶ ବିଶେଷ ଏଠାରେ ଚାଲିଥିବା ସିଙ୍କ୍‌ଫିଲ୍ଡ କପରେ ଫ୍ରେଞ୍ଚ ଖେଳାଳି ଅଲିରେଜା ଫିରୋଜାଙ୍କୁ ପରାସ୍ତ କରି ୭ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଏକାଧିକ ଗେମ୍‌ରେ ଡ୍ର' ରଖିବା ପରେ ତାଙ୍କର ଏହା ଥିଲା ଦ୍ୱିତୀୟ ବିଜୟ। ଏଥିସହିତ ସେ ୪.୫ ପଏଣ୍ଟ ଅର୍ଜନ କରି ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନାଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ୭ମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି. ଗୁକେଶ ଆମେରିକାର ୱେସ୍‌ଲି ସୋ'ଙ୍କଠାରୁ ତାଙ୍କ ଗେମ୍ ହାରିଯାଇଛନ୍ତି। ପ୍ରଜ୍ଞାନନ୍ଦ ଓ କାରୁଆନାଙ୍କ ପରେ ଲେଭନ ଆରୋନିଆନ ଓ ୱେସ୍‌ଲି ସୋ ପ୍ରତ୍ୟେକ ୪ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମାକ୍ସିମ ଭାଚିର-ଲାଗ୍ରେଭ, ପୋଲାଣ୍ଡର ଡୁଡା ଜାନ୍ କ୍ରିଜଟଫ୍ ଓ ଆମେରିକାର ସାମୁଏଲ୍ ସେଭିଆନ ୫୦ ପ୍ରତିଶତ ସ୍କୋର ସହ ମିଳିତ ୫ମ ସ୍ଥାନରେ ଅଛନ୍ତି। ସେମାନଙ୍କ ପଛରେ ପ୍ରତ୍ୟେକ ୩ ପଏଣ୍ଟ ସହ ଗୁକେଶ ଓ ଅଲିରେଜା ରହିଥିବା ବେଳେ ନୋଦିରବେକ୍ ଅବ୍‌ଦୁସାତୋରୋଭ ମାତ୍ର ୧.୫ ପଏଣ୍ଟ ସହ ଟେବୁଲର ଅନ୍ତିମ ସ୍ଥାନରେ ଅଛନ୍ତି।

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

# ମୀନାଙ୍କୁ ସ୍ୱର୍ଣ୍ଣ, ସ୍ନେହାଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୬।୮ (ଅନାଦି କର)**

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶା ଏଚ୍‌ପିସି (ହାଇ ପରଫର୍ମାନ୍ସ ସେଣ୍ଟର)ର ମୀନା ସାନ୍ତା ସ୍ୱର୍ଣ୍ଣ ଜିତିଥିବା ବେଳେ ସ୍ନେହା ସୋରେନ ରୌପ୍ୟ ପଦକ ହାତେଇଛନ୍ତି।

ଜୁନିୟର ମହିଳା ବିଭାଗରେ ୫୮ କେଜି ବର୍ଗରେ ଭାଗ ନେଇଥିବା ମୀନା ସ୍ନାଚରେ ୮୪ କେଜି ଓ କ୍ଲିନ ଆଣ୍ଡ୍ ଜର୍କରେ ୧୦୧ କେଜି ଭାର ଉଠାଇଥିଲେ। ମୋଟ ଉପରେ ୧୮୫ କେଜି ଉଠାଇ ସେ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି। ସେହିଭଳି ସ୍ନେହା ସିନିୟର ମହିଳା ବିଭାଗର ୫୩ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ନାଚ୍‌ରେ ୮୧ କେଜି ଓ କ୍ଲିନ ଆଣ୍ଡ୍ ଜର୍କରେ ୧୦୪ କେଜି ଭାର ଉଠାଇଥିଲେ। ଏଭଳି ସେ ମୋଟ ୧୮୫ କେଜି ଓଜନ ଉଠାଇ ପୋଡିୟମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ଉଭୟ ମୀନା ଓ ସ୍ନେହାଙ୍କୁ ଓଡ଼ିଶା ୱେଟ୍‌ଲିଫ୍ଟିଂ ଆସୋସିଏଶନ (ଓଡବ୍ଲୁଏ) ପକ୍ଷରୁ ଅଭିନନ୍ଦନ ଦିଆଯାଇଛି। ଦୁହିଁଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଏମାନଙ୍କ ପୂର୍ବରୁ ପ୍ରୀତିସ୍ମିତା ଭୋଇ ୟୁଥ୍ ବାଳିକା ୪୪ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରକାଶଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରତିସ୍ମିତା, ମୀନା ଓ ସ୍ନେହାଙ୍କ ସହିତ ଟିଙ୍କି ମୋହିନୀ ମଲିକ (ୟୁଥ୍-୬୩ କେଜି), ବିଦ୍ୟୁସ୍ମିତା ଭୋଇ (ଜୁନିୟର ୬୩ କେଜି) ଓ ହୃଦାନନ୍ଦ ଦାସ (ଜୁନିୟର ପୁରୁଷ ୮୮ କେଜି) ଆଦି ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।





ସ୍ୱର୍ଣ୍ଣପଦକ ସହ ମୀନା ସାନ୍ତା ଓ ରୌପ୍ୟ ପଦକ ସହ ସ୍ନେହା ସୋରେନ।

# କିସ୍-ବିକାଶ ରେସିଡେନ୍ସିଆଲ ସେମିରେ

**ଭୁବନେଶ୍ୱର, ୨୬।୮ (ଅନାଦି କର):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇଥିବା ମଦର ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ପ୍ରଥମ କ୍ୱାର୍ଟର ଫାଇନାଲରେ କିସ ୧୧-୦ ଗୋଲରେ ବିଜେଇଏମ୍ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ସୋନାରାମ ସୋରେନ ଓ ଉପେନ୍ଦ୍ର ଅମନତ୍ୟା ୩ ଲେଖାଏ ଓ ବଇନ ପୁର୍ତି ଦୁଇଟି ସ୍କୋର କରିଥିଲେ। ମହେଶ୍ୱର ସମିକ, ବୋଇପାଇ ଓ ଇଶାନ ଡିଗି ଗୋଟିଏ ଲେଖାଏ ଗୋଲ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସୋନାରାମ ସୋରେନଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ସତ୍ୟଜିତ ମିଶ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ରେସିଡେନସିଆଲ ୭-୦ ଗୋଲରେ ମଦର ପବ୍ଲିକ ସ୍କୁଲକୁ ପରାସ୍ତ କରିଛି। ଦଳ ପାଇଁ ଆର୍ଯ୍ୟନ ଲେନି ୩ ଗୋଲ କରିଥିବା ବେଳେ ସାହିଲ ଭକ୍ତ, ଦୁଲବ ଗୋସ୍ୱାମୀ, ଆଶାଇ ପ୍ରସାଦ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଅତିଥି ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମ ନାଭ ବେହେରା ଯୋଗ ଦେଇ ଆର୍ଯ୍ୟନ ଲେନିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ଗ୍ରହଣ କରୁଛନ୍ତି ସୋନାରାମ ସୋରେନ୍।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ